# ସକାଳ THE SAKALA

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-333 ♦MONDAY ♦1 JUNE 2026 ♦PAGE-12 ♦₹ 7.00 | PANIKOILI | ♦ବର୍ଷ-୪୩ ♦ସଂଖ୍ୟା-୩୩୩ ♦ସୋମବାର ♦୧ ଜୁନ୍ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦




ଶକ୍ତିଶାଳିନୀ ସୁଟିଂ ସରିଲା

▶ପୃଷ୍ଠା ୧୨ ଦେଖନ୍ତୁ...

## ଆଡମିରାଲ କ୍ରିଷ୍ଣା ସ୍ୱାମୀନାଥନ ନୌସେନା ମୁଖ୍ୟ

■ ନୂଆଦିଲ୍ଲୀ, ୩୧।୫ (ଏଜେନ୍ସି): ଆଡମିରାଲ କ୍ରିଷ୍ଣା ସ୍ୱାମୀନାଥନ ରବିବାର ଆନୁଷ୍ଠାନିକ ଭାବେ ଭାରତର ୨୭ତମ ନୌସେନା ମୁଖ୍ୟ ଭାବେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ନୌସେନାର ସର୍ବୋଚ୍ଚ ପଦବୀ ସମ୍ଭାଳିବା ପୂର୍ବରୁ ଆଡମିରାଲ ସ୍ୱାମୀନାଥନ ପଶ୍ଚିମ ନୌସେନା କମାଣ୍ଡର ମୁଖ୍ୟ ଭାବେ କାର୍ଯ୍ୟ କରୁଥିଲେ। ଦାୟିତ୍ୱ ଗ୍ରହଣ କରିବା ପରେ ଆଡମିରାଲ ସ୍ୱାମୀନାଥନ ପ୍ରତିରକ୍ଷା କ୍ଷେତ୍ରରେ ସ୍ୱଦେଶୀ ଜ୍ଞାନକୌଶଳର ବ୍ୟବହାର ଏବଂ 'ଆତ୍ମନିର୍ଭର ଭାରତ' ଅଭିଯାନକୁ ଆଗକୁ ବଢ଼ାଇବା ଉପରେ ବିଶେଷ ଗୁରୁତ୍ୱ ଦେଇଛନ୍ତି। ୧୯୮୭ ଜୁଲାଇ ୧ରେ ଭାରତୀୟ ନୌସେନାରେ ଯୋଗ ଦେଇଥିବା ଆଡମିରାଲ ସ୍ୱାମୀନାଥନ ଜଣେ ଯୋଗାଯୋଗ ଏବଂ ଇଲେକ୍ଟ୍ରୋନିକ ୱାର୍‌ଫେୟାର ବିଶେଷଜ୍ଞ। ପ୍ରାୟ ଚାରି ଦଶନ୍ଧିର କ୍ୟାରିୟର ମଧ୍ୟରେ ସେ ଯୁଦ୍ଧଜାହାଜ ଆଇଏନଏସ ବିଦ୍ୟୁତ, ଆଇଏନଏସ ବିନାଶ, ଆଇଏନଏସ କୁଲିଶ, ଆଇଏନଏସ ମହୀଶୂର ଏବଂ ବିମାନବାହୀ ଯୁଦ୍ଧପୋତ 'ଆଇଏନଏସ ବିକ୍ରମାଦିତ୍ୟ'ର ସଫଳ କମାଣ୍ଡିଂ ଅଫିସର ଭାବେ ଦାୟିତ୍ୱ ତୁଲାଇଛନ୍ତି। ତାଙ୍କର ଅସାଧାରଣ ସେବା ପାଇଁ ସେ 'ପରମ ବିଶିଷ୍ଟ ସେବା ପଦକ' (ପିଭିଏସ୍‌ଏମ୍), 'ଅତି ବିଶିଷ୍ଟ ସେବା ପଦକ' (ଏଭିଏସ୍‌ଏମ୍) ଏବଂ 'ବିଶିଷ୍ଟ ସେବା ପଦକ' (ଭିଏସ୍‌ଏମ୍)ରେ ସମ୍ମାନିତ ହୋଇଛନ୍ତି।



## ଜେନେରାଲ ଏସ୍‌ଏସ୍ ସୁବ୍ରମଣି ପ୍ରତିରକ୍ଷା ମୁଖ୍ୟ

■ ନୂଆଦିଲ୍ଲୀ, ୩୧।୫ (ଏଜେନ୍ସି): ଜେନେରାଲ ଏନଏସ ରାଜା ସୁବ୍ରମଣି ରବିବାର ଆନୁଷ୍ଠାନିକ ଭାବେ ଭାରତର ନୂତନ ପ୍ରତିରକ୍ଷା ମୁଖ୍ୟ (ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍) ଭାବେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଏହି ଅବସରରେ ଜେନେରାଲ ସୁବ୍ରମଣିଙ୍କୁ ତିନି ସେବା ବାହିନୀ (ସ୍ଥଳ, ନୌ ଏବଂ ବାୟୁ ସେନା) ପକ୍ଷରୁ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଇଛି। ଦାୟିତ୍ୱ ଗ୍ରହଣ କରିବା ପରେ ନୂତନ ପ୍ରତିରକ୍ଷା ମୁଖ୍ୟ କହିଛନ୍ତି ଯେ, ସଶସ୍ତ୍ର ବାହିନୀର ଆଧୁନିକୀକରଣ ଏବଂ ତିନି ସେବା ମଧ୍ୟରେ ସମନ୍ୱୟ ରକ୍ଷା କରିବା ପାଇଁ ସାଂଗଠନିକ ସଂସ୍କାର ଆଣିବା ତାଙ୍କର ମୁଖ୍ୟ ଲକ୍ଷ୍ୟ ହେବ। ଏଥି ସହିତ ସେନା ବାହିନୀରେ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଅସ୍ତ୍ରଶସ୍ତ୍ରର ସାମିଲକରଣ ପ୍ରକ୍ରିୟାକୁ ଆହୁରି ତ୍ୱରାନ୍ୱିତ କରାଯିବ। ଜେନେରାଲ ସୁବ୍ରମଣିଙ୍କର ପ୍ରାଥମିକ କାର୍ଯ୍ୟ ହେବ ଭାରତୀୟ ସେନାର ମିଳିତ ସାମରିକ କମାଣ୍ଡ ଯୋଜନାକୁ କାର୍ଯ୍ୟକାରୀ କରିବା ଏବଂ ସ୍ଥଳ, ନୌ ଓ ବାୟୁ ସେନା ମଧ୍ୟରେ ରଣନୈତିକ ସମନ୍ୱୟକୁ ଆହୁରି ସୁଦୃଢ଼ କରିବା। ଚୀନ ଏବଂ ପାକିସ୍ତାନ ସମ୍ପର୍କିତ ସାମରିକ ରଣନୀତିରେ ବିଶେଷ ଦକ୍ଷତା ରଖିଥିବା ଜେନେରାଲ ସୁବ୍ରମଣି ପୂର୍ବରୁ ସ୍ଥଳ ସେନାର ଉପମୁଖ୍ୟ ଭାବେ କାର୍ଯ୍ୟ କରିଥିଲେ। ସେ ଜାତୀୟ ସୁରକ୍ଷା ପରିଷଦ ସଚିବାଳୟରେ ସାମରିକ ପରାମର୍ଶଦାତା ଭାବେ ସେବା ପ୍ରଦାନ କରିଛନ୍ତି।



## ଶୁଖିଲା ପଡ଼ିଛି ଦେଶର ୧୫ ପ୍ରମୁଖ ଜଳଭଣ୍ଡାର

# ଜଳସଙ୍କଟ ଜଳଜଳ

■ ନୂଆଦିଲ୍ଲୀ, ୩୧।୫ (ଏଜେନ୍ସି): ପ୍ରଚଣ୍ଡ ଖରା, ଭୟଙ୍କର ଉତ୍ତାପ ସାରା ଦେଶରେ ଜଳସଙ୍କଟ ସୃଷ୍ଟି କରିଛି। କୂଅ, ପୋଖରୀ, ନଦୀ ଶୁଷ୍କ ହେବାରେ ଲାଗିଛି। ଭୂତଳ ଜଳ ହ୍ରାସ ଯୋଗୁଁ ନଳକୂଅ ଅଚଳ ହୋଇ ପଡ଼ିଛି। ଏହି ସମୟରେ କେନ୍ଦ୍ରୀୟ ଜଳ ଆୟୋଗଙ୍କ ସଦ୍ୟତମ ତଥ୍ୟ ଆଗାମୀ ଦିନ ପାଇଁ ସତର୍କ ଘଣ୍ଟି ପରି ହୋଇଛି। ମେ ମାସ ଶେଷ ସୁଦ୍ଧା ଦେଶର ୧୬୬ଟି ପ୍ରମୁଖ ଜଳଭଣ୍ଡାରରେ ଜଳଧାରଣ କ୍ଷମତାର ମାତ୍ର ୨୪.୭୫% ଜଳ ମହଜୁଦ୍ ଥିବା ସଂକ୍ରାନ୍ତ ରିପୋର୍ଟ ଅନେକଙ୍କ ଆଖିରୁ ନିଦ ହଜାଇ ଦେଇଛି। ଜଳଭଣ୍ଡାରରେ କମ୍ ଜଳର ଉପଲବ୍ଧି ଓ ମୌସୁମୀରେ କମ୍ ବର୍ଷା ନେଇ ପାଣିପାଗ ବିଭାଗର ଆକଳନ ଆଗାମୀ ଦିନରେ ପରିସ୍ଥିତି ଗୁରୁତର ହୋଇପାରେ ବୋଲି ଆକଳନ କରାଯାଉଛି।

ଜଳ ଆୟୋଗଙ୍କ ରିପୋର୍ଟ ଅନୁସାରେ ଅତ୍ୟଧିକ ଗରମ ଏବଂ ଜଳର ଅଧିକ ବ୍ୟବହାର ଯୋଗୁଁ ମାତ୍ର ଏକ ମାସ ମଧ୍ୟରେ ଜଳାଶୟଗୁଡ଼ିକରୁ ପ୍ରାୟ ୨୧.୪୧୧ ବିଲିୟନ ଘନ ମିଟର ପାଣି ହ୍ରାସ, ଯାହା ଜଳ ସୁରକ୍ଷା ପ୍ରତି ଏକ ବଡ଼ ବିପଦ ସୃଷ୍ଟି କରିଛି। ମେ ମାସ ଆରମ୍ଭରେ ଏହି ସମସ୍ତ ଜଳଭଣ୍ଡାରଗୁଡ଼ିକରେ ୩୬.୪୧ ପ୍ରତିଶତ ଜଳ ଥିଲା, ଯାହା ମାସ ଶେଷ ବେଳକୁ ହ୍ରାସ ପାଇ ୪୫.୪୧୯ ବିଲିୟନ କ୍ୟୁବିକ ମିଟରରେ ପହଞ୍ଚିଛି। ପାଣିପାଗ ବିଭାଗ ପୂର୍ବରୁ ହିଁ ମରୁଡ଼ି ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା କରାଯାଇଥିବା ବେଳେ ବର୍ତ୍ତମାନ ୧୫ଟି ପ୍ରମୁଖ ଜଳଭଣ୍ଡାରରେ ପାଣିର ସ୍ତର ସ୍ୱାଭାବିକଠାରୁ ଅଧାକୁ ଖସି ଆସିଛି। ମଇ ମାସ ଆରମ୍ଭରେ ୧୧ଟି ବନ୍ଧ ସଙ୍କଟଜନକ ସ୍ଥିତିରେ ଥିବା ବେଳେ ଗରମ ବଢ଼ିବା ଯୋଗୁଁ ଏହି ସଂଖ୍ୟା ୧୫କୁ ବୃଦ୍ଧି ପାଇଛି। ଦେଶର କେତେକ ବଡ଼ ଜଳଭଣ୍ଡାର, ଯେପରିକି ମହାରାଷ୍ଟ୍ରର ଭୀମା ଉଜ୍ଜୟନୀ ବନ୍ଧ ଏବଂ ବିହାରର ଚନ୍ଦନ ବନ୍ଧ ସମ୍ପୂର୍ଣ୍ଣ ରୂପେ ଶୁଖି ଯାଇଥିବା ରେକର୍ଡ କରାଯାଇଛି। ବିଶେଷ କରି ଦକ୍ଷିଣ ଭାରତର ରାଜ୍ୟଗୁଡ଼ିକରେ ଏହି ଜଳାଶୟ ସଙ୍କଟ ସବୁଠାରୁ ଭୟଙ୍କର ରୂପ ଧାରଣ କରିଛି। କର୍ଣ୍ଣାଟକ ଏବଂ ଆନ୍ଧ୍ରପ୍ରଦେଶ ଭଳି ରାଜ୍ୟଗୁଡ଼ିକରେ ଜଳସ୍ତର ମେ ମାସ ଆରମ୍ଭରେ ୨୬.୮୩ ପ୍ରତିଶତ ଥିବା ବେଳେ ମାସ ଶେଷ ସୁଦ୍ଧା ତାହା ମାତ୍ର ୧୭.୫୫ ପ୍ରତିଶତକୁ ▶ପୃଷ୍ଠା-୭



▶ ଗଚ୍ଛିତ ଜଳ ପରିମାଣ ମାତ୍ର ୨୪.୭୫ ପ୍ରତିଶତ

▶ ଏଲ୍‌ନିନୋ ଯୋଗୁଁ ଚଳିତବର୍ଷ କମ୍ ବର୍ଷା ଆକଳନ

▶ ପ୍ରଭାବିତ ହେବ ଜଳ ଯୋଗାଣ, ବିଜୁଳି ଉତ୍ପାଦନ

## ଲଘୁଚାପକୁ ଅନେଇଛି ଦୁର୍ବଳ ମୌସୁମୀ

■ ଭୁବନେଶ୍ୱର, ୩୧।୫ (ସମିସ): କେରଳରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁର ଆଗମନ ପୂର୍ବ ଆକଳନ ଅପେକ୍ଷା ଆହୁରି ବିଳମ୍ବ ହେବାରେ ଲାଗିଛି। ଭାରତୀୟ ପାଣିପାଗ ବିଭାଗ ପ୍ରଥମେ ମେ ୨୬ ତାରିଖ ଆଖପାଖରେ ମୌସୁମୀ ଆସିବା ନେଇ ପୂର୍ବାନୁମାନ କରିଥିଲା। ଏହାପରେ ଆଜି ସୁଦ୍ଧା ମୌସୁମୀ ଆଗମନ ନେଇ କୌଣସି ଆନୁଷ୍ଠାନିକ ଘୋଷଣା କରାଯାଇ ନାହିଁ। ବିଶ୍ୱସ୍ତରୀୟ ଏସେମ୍ବଲ୍ ମଡେଲ୍ ଏବଂ ଚଳିତ ପାଣିପାଗ ସ୍ଥିତିର ସମୀକ୍ଷା ଅନୁଯାୟୀ ବର୍ତ୍ତମାନ ମୌସୁମୀ ଛୁଇଁବାର ସମ୍ଭାବ୍ୟ ସମୟ ଜୁନ୍ ୧ ରୁ ୪ ତାରିଖ ମଧ୍ୟରେ ରହିଛି। ବାୟୁମଣ୍ଡଳୀୟ ସଂରଚନା ଯଦି ଏହିପରି ମନ୍ଥର ରହେ, ତେବେ ଏହା ଜୁନ୍ ୫ ରୁ ୬ ତାରିଖ ପର୍ଯ୍ୟନ୍ତ ମଧ୍ୟ ଘୁଞ୍ଚିଯାଇପାରେ ବୋଲି ବରିଷ୍ଠ ପାଣିପାଗ ବିଜ୍ଞାନୀ ଡ. ସୁରେନ୍ଦ୍ର ନାଥ ପଶୁପାଳକ ଆକଳନ କରିଛନ୍ତି।

ଡ. ପଶୁପାଳକଙ୍କ ଅନୁଯାୟୀ ଏହି ବିଳମ୍ବର କାରଣ ବର୍ଷାର ଅଭାବ ନୁହେଁ। କେରଳ, ଲାକ୍ଷାଦ୍ୱୀପ ଏବଂ ସଂଲଗ୍ନ ଆରବ ସାଗର ଅଞ୍ଚଳରେ ପୂର୍ବରୁ ହିଁ ବ୍ୟାପକ ବର୍ଷା, ଘନ ମେଘମାଳା, ଝଟ୍‌କା ପବନ ଏବଂ ଦିନର କମ୍ ତାପମାତ୍ରା ଅନୁଭୂତ ହେଉଛି। ତେବେ, ମୌସୁମୀର ଆନୁଷ୍ଠାନିକ ଘୋଷଣା କେବଳ ବର୍ଷା ଉପରେ ନିର୍ଭର କରେନାହିଁ, ଏଥିପାଇଁ ବାୟୁମଣ୍ଡଳରେ ଏକ ସମ୍ପୂର୍ଣ୍ଣ ସୁସଂଗଠିତ ମୌସୁମୀ ପ୍ରବାହ ସୃଷ୍ଟି ହେବା ଆବଶ୍ୟକ। ପାଣିପାଗ ବିଭାଗର ମାପଦଣ୍ଡ ଅନୁଯାୟୀ ପଶ୍ଚିମା ବାୟୁର ପ୍ରବାହ ବାୟୁମଣ୍ଡଳର ୬୦୦ଏଚପିଏ ସ୍ତର (ସମୁଦ୍ର ପତନଠାରୁ ପ୍ରାୟ ୪ ରୁ ୪.୫ କିଲୋମିଟର ଉଚ୍ଚତା) ପର୍ଯ୍ୟନ୍ତ ନିରନ୍ତର ଓ ଗଭୀର ହେବା ଆବଶ୍ୟକ। ବର୍ତ୍ତମାନ ବାୟୁମଣ୍ଡଳର ନିମ୍ନ ଭାଗରେ ପଶ୍ଚିମା ବାୟୁ ସକ୍ରିୟ ଥିଲେ ମଧ୍ୟ, ଏହାର ଗଭୀରତା ଏବଂ ନିରନ୍ତରତା ଏକ ସମ୍ପୂର୍ଣ୍ଣ ପ୍ରତିଷ୍ଠିତ ମୌସୁମୀ ପରି ସୁସଂଗଠିତ ହୋଇପାରି ନାହିଁ ▶ପୃଷ୍ଠା-୭

**କେରଳ ଛୁଇଁବା ହୋଇପାରେ ବିଳମ୍ବ**

## ୨୦୩୪କୁ ଘୁଞ୍ଚିବ ଏକ ଦେଶ, ଏକ ନିର୍ବାଚନ

■ ନୂଆଦିଲ୍ଲୀ, ୩୧।୫ (ଏଜେନ୍ସି): ଦେଶରେ 'ଏକ ଦେଶ, ଏକ ନିର୍ବାଚନ' ବ୍ୟବସ୍ଥାକୁ କାର୍ଯ୍ୟକାରୀ କରିବା ପାଇଁ କେନ୍ଦ୍ର ସରକାର ଏକ ଦୁଇ-ପର୍ଯ୍ୟାୟ ବିଶିଷ୍ଟ ଯୋଜନା ଉପରେ ବିଚାର କରୁଛନ୍ତି। ରାଜ୍ୟ ବିଧାନସଭାଗୁଡ଼ିକର କାର୍ଯ୍ୟକାଳରେ ସମସ୍ୟା ଏବଂ ବାରମ୍ବାର ନିର୍ବାଚନକୁ ଏଡ଼ାଇବା ପାଇଁ ଏହି ପଦକ୍ଷେପ ନିଆଯାଉଛି। ମିଳିତ ସଂସଦୀୟ କମିଟିର ସୂତ୍ର ଅନୁଯାୟୀ ସମଗ୍ର ଦେଶରେ ଏକାଥରକେ ନିର୍ବାଚନ ନ କରି ୨୦୨୯ ଓ ୨୦୩୪ ମସିହା ମଧ୍ୟରେ ଦୁଇଟି ପର୍ଯ୍ୟାୟରେ ଏହାକୁ ଶେଷ କରାଯିବ।

### ୨୦୨୯ରେ ୨୦ ବିଧାନସଭା ଓ ଲୋକସଭା ନିର୍ବାଚନ

ସୂଚନା ଅନୁସାରେ ୨୦୨୯ ମସିହା ସାଧାରଣ ନିର୍ବାଚନ ସହିତ ଦେଶର ପ୍ରାୟ ୨୦ଟି ରାଜ୍ୟର ବିଧାନସଭା ନିର୍ବାଚନକୁ ଏକତ୍ର କରାଯିବ। ଅବଶିଷ୍ଟ ରାଜ୍ୟଗୁଡ଼ିକୁ ୨୦୩୪ ମସିହା ସୁଦ୍ଧା ଏହି ସମାନ ନିର୍ବାଚନ ପ୍ରକ୍ରିୟା ମଧ୍ୟକୁ ଅଣାଯିବ ଓ ଯାହାଦ୍ୱାରା ସମଗ୍ର ଦେଶରେ ଏକ ସମାନ ନିର୍ବାଚନ ବ୍ୟବସ୍ଥା ପ୍ରତିଷ୍ଠା ହୋଇପାରିବ। ଏହି ପ୍ରସ୍ତାବ ଉପରେ ଅଧ୍ୟୟନ କରୁଥିବା ମିଳିତ ସଂସଦୀୟ କମିଟିର କାର୍ଯ୍ୟକାଳକୁ ୨୦୨୬ ମସିହା ମୌସୁମୀ ଅଧିବେଶନ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଅଧିବେଶନର ଶେଷ ସପ୍ତାହର ପ୍ରଥମ ଦିନରେ କମିଟିର ସୁପାରିସ ଉପରେ ସଂସଦରେ ଆଲୋଚନା ହେବ। ଭାରତରେ ୧୯୫୨ ରୁ ୧୯୬୭ ମସିହା ମଧ୍ୟରେ ପ୍ରଥମ ଚାରୋଟି ନିର୍ବାଚନ ଚକ୍ରରେ ଏକ ସଙ୍ଗେ ଲୋକସଭା ଏବଂ ବିଧାନସଭା ନିର୍ବାଚନ ହୋଇଥିଲା। ମାତ୍ର ବିଭିନ୍ନ ରାଜ୍ୟ ସରକାର ଭାଙ୍ଗିବା ଯୋଗୁଁ ଏହି ବ୍ୟବସ୍ଥା ବନ୍ଦ ହୋଇଯାଇଥିଲା।

## କେମିକାଲ ଗୋଦାମରେ ଭୟାବହ ଅଗ୍ନିକାଣ୍ଡ

# ସୁପରଭାଇଜର ଜୀବନ୍ତ ଦଗ୍ଧ



■ ବାଲେଶ୍ୱର/ଧାମନଗର, ୩୧।୫ (ସମିସ): ଶନିବାର ବିଳମ୍ବିତ ରାତି ପାଖାପାଖି ୧ଟା ବେଳେ ବାଲେଶ୍ୱର ଶିଳ୍ପାଞ୍ଚଳ ଥାନାରେ ଅଧୀନରେ ଥିବା 'ବାୟୋ ସେମ୍' କେମିକାଲ ଗୋଦାମରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଏଥିରେ ଗୋଦାମର ସୁପରଭାଇଜର୍ ଉତ୍ତପ୍ତ କେମିକାଲରେ ପଡ଼ି ଜୀବନ୍ତ ଜଳିଯାଇଥିବା ବେଳେ ଅନ୍ୟ ଜଣେ କର୍ମଚାରୀ ପାରେରି ଡେଇଁ ନିଜ ଜୀବନ ବଞ୍ଚାଇଛନ୍ତି। ମୃତ ସୁପରଭାଇଜର୍ ହେଉଛନ୍ତି, ଭଦ୍ରକ ଧାମନଗର ଅଞ୍ଚଳର କୈଳାସ ଚନ୍ଦ୍ର ବେହେରା (୫୫)। ଦୁର୍ଘଟଣାରୁ ବର୍ତ୍ତିଯାଇଥିବା ଅନ୍ୟ ଜଣେ କର୍ମଚାରୀ ହେଲେ ରବୀନ୍ଦ୍ର ସେଠୀ। ଖବର ପାଇ ପୁଲିସ ଓ ଦମକଳବାହିନୀ ଘଟଣାସ୍ଥଳରେ ପହଞ୍ଚି ଦୀର୍ଘ ସମୟ ପରେ ନିଆଁକୁ ଆୟତ୍ତ କରିବାକୁ ସକ୍ଷମ ହୋଇଥିଲେ। ଅନ୍ୟପଟେ ଏହି ଦୁର୍ଘଟଣା ପରେ ପୁଲିସ ଏକ ମାମଲା ରୁଜୁ କରିବା ସହ ସୁପରଭାଇଜର୍‌ଙ୍କ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି।

ସୂଚନାନୁସାରେ, ବାଲେଶ୍ୱର ଶିଳ୍ପାଞ୍ଚଳ ଥାନା ଅଧୀନରେ ବାୟୋ ସେମ (ମିଶ୍ର ଲାଇମ୍ସ) ନାମକ ଏକ ଚୂନ ଓ କେମିକାଲ ଗୋଦାମ ରହିଛି। ଶନିବାର ବିଳମ୍ବିତ ରାତି ପ୍ରାୟ ଗୋଟାଏ ବେଳେ ଏହି ରଙ୍ଗ ଗୋଦାମରେ କୌଣସି କାରଣରୁ ନିଆଁ ଲାଗିଥିଲା। ଗୋଦାମରୁ ପ୍ରବଳ ଧୂଆଁ ବାହାରୁଥିବା ଦେଖି ସ୍ଥାନୀୟ କିଛି ଯୁବକ ସେଠାକୁ ଯାଇ କର୍ମଚାରୀମାନଙ୍କୁ ଡାକିବା ସହ ଦମକଳବାହିନୀକୁ ଖବର ଦେଇଥିଲେ। ହେଲେ, ସେତେବେଳକୁ ନିଆଁ ଭୟଙ୍କର ରୂପ ଧାରଣ କରିସାରିଥିଲା। ଗୋଦାମରେ କାର୍ଯ୍ୟରତ ଥିବା ଜଣେ ସୁପରଭାଇଜର ଏବଂ ଅନ୍ୟ ଜଣେ କର୍ମଚାରୀ ପ୍ରାଣ ବିକଳରେ ନିଜ ଜୀବନକୁ ବଞ୍ଚାଇବା ପାଇଁ ଦୌଡ଼ିଥିଲେ। ଜଣେ କର୍ମଚାରୀ କୌଣସି ପ୍ରକାର ପାରେରି ଡେଇଁ ନିଜକୁ ସୁରକ୍ଷିତ କରିଥିବା ▶ପୃଷ୍ଠା-୭

## ପେଟ୍ରୋଲ, ଡିଜେଲ, ଏଟିଏଫ୍‌ରୁ ରପ୍ତାନି ଶୁଳ୍କ ହ୍ରାସ

# ତେଲ କମ୍ପାନୀ ଆଶ୍ୱସ୍ତ, ଖାଉଟି ନିରାଶ

■ ନୂଆଦିଲ୍ଲୀ, ୩୧।୫ (ଏଜେନ୍ସି): ଦେଶରେ ପେଟ୍ରୋଲ ଏବଂ ଡିଜେଲର ମୂଲ୍ୟ ଆକାଶଛୁଆଁ ହେବାରେ ଲାଗିଛି। ଦେଶର ଅଧିକାଂଶ ସହରରେ ପେଟ୍ରୋଲ ଏବଂ ଡିଜେଲ ଲିଟର ପିଛା ୧୦୦ ଟଙ୍କା ଉପରେ ରହିଛି। ଠିକ୍ ଏହି ସମୟରେ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦରରେ ବୃହତ୍ ହ୍ରାସ ଘଟିଛି। ଏହି ନିଷ୍ପତ୍ତି ପରେ ସରକାର ପେଟ୍ରୋଲ, ଡିଜେଲ ଏବଂ ଏଟିଏଫ୍ (ବିମାନ ଇନ୍ଧନ) ଉପରୁ ରପ୍ତାନି ଶୁଳ୍କ ହ୍ରାସ କରିଛନ୍ତି। ଫଳରେ ପେଟ୍ରୋଲ ଉପରେ ରପ୍ତାନି ଶୁଳ୍କ ଲିଟର ପିଛା ୧.୫ ଟଙ୍କା, ଡିଜେଲ ଉପରେ ୧୩.୫ ଟଙ୍କା ଏବଂ ଏଟିଏଫ୍ ଉପରେ ୯.୫୦ ଟଙ୍କା ହ୍ରାସ ହୋଇଛି। ତେବେ ଏଠାରେ ସମସ୍ତଙ୍କ ମନରେ ପ୍ରଶ୍ନ ଉଠୁଛି ଯେ, ଉଭୟ ତୈଳର ରପ୍ତାନି ଶୁଳ୍କରେ ଏହି ହ୍ରାସ ପରେ ଘରୋଇ ବଜାରରେ ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟରେ କମିବ କି। ତେବେ ବାସ୍ତବ କଥା ହେଉଛି, ଉଭୟ ତୈଳ ଉପରେ ଟିକସ ହ୍ରାସ ପରେ ଘରୋଇ ବଜାରରେ ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟରେ କୌଣସି ହ୍ରାସ ଘଟିବ ନାହିଁ। କାରଣ ସରକାର ଘରୋଇ ସ୍ତରରେ ଟିକସରେ କୌଣସି ପରିବର୍ତ୍ତନ କରିନାହାଁନ୍ତି। ସରକାରଙ୍କ ଏହି ନିଷ୍ପତ୍ତିରେ ବରଂ ବଡ଼ ବଡ଼ ସରକାରୀ ଏବଂ ଘରୋଇ ତୈଳ କମ୍ପାନୀ ଲାଭବାନ୍ ହେବେ। ଏ କ୍ଷେତ୍ରରେ ତେଲ କମ୍ପାନୀଙ୍କୁ ଆଶ୍ୱସ୍ତି ମିଳିବ ହେଲେ, ଉଚ୍ଚ ତୈଳ ଦର ସହ ଯୁଝୁଥିବା ସାଧାରଣ ଖାଉଟିଙ୍କୁ ଏଥିରୁ କୌଣସ ଆଶ୍ୱସ୍ତି ମିଳିବ ନାହିଁ।

ସରକାରୀ ବିଜ୍ଞପ୍ତି ଅନୁଯାୟୀ, ପେଟ୍ରୋଲ ରପ୍ତାନି ଉପରେ ପ୍ରତି ଲିଟର ୧.୫୦ ଟଙ୍କାର ଏକ ସ୍ୱତନ୍ତ୍ର ଅତିରିକ୍ତ ଉତ୍ପାଦ ଶୁଳ୍କ ରହିବ ଏବଂ ଏଥିରେ ସଡ଼କ ଏବଂ ଭିତ୍ତିଭୂମି ସେସ୍ ପ୍ରଯୁଜ୍ୟ ▶ପୃଷ୍ଠା-୭



ନୂଆ ଟିକସ ହାର ଜୁନ୍‌ରୁ ଲାଗୁ









# ଅଧାବାଟରେ ଅଟକିଲା ଆମେରିକା-ଇରାନ ଚୁକ୍ତି

ୱାସିଂଟନ,୩୧।୫(ଏଜେନ୍ସି):

ଇରାନ ସହିତ ହେବାକୁ ଥିବା ଏକ ସମ୍ଭାବ୍ୟ ଶାନ୍ତି ଚୁକ୍ତିକୁ ନେଇ ଆମେରିକାର ହ୍ୱାଇଟ ହାଉସରେ ଅନୁଷ୍ଠିତ ହୋଇଥିବା ଏକ ଉଚ୍ଚସ୍ତରୀୟ ବୈଠକ କୌଣସି ନିଷ୍କର୍ଷ ବିନା ଶେଷ ହୋଇଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏହି ଦୁଇ ଘଣ୍ଟିଆ ଗୁରୁତ୍ୱପୂର୍ଣ୍ଣ ବୈଠକକୁ ମଝିରୁ ଛାଡ଼ି ଚାଲିଯାଇଛନ୍ତି। ରାଷ୍ଟ୍ରପତିଙ୍କ ଏଭଳି ଆଭିମୁଖ୍ୟ ଯୋଗୁଁ ଦୁଇ ଦେଶ ମଧ୍ୟରେ ଚାଲିଥିବା ଚୁକ୍ତି ପ୍ରକ୍ରିୟା ବର୍ତ୍ତମାନ ଅନିଶ୍ଚିତତା ମଧ୍ୟକୁ ଠେଲି ହୋଇଯାଇଛି। ଆମେରିକା ପକ୍ଷରୁ ରଖାଯାଇଥିବା କଠୋର ସର୍ତ୍ତକୁ ଇରାନ ଗ୍ରହଣ ନକରିବା ଯୋଗୁଁ ଏହି ଅଚଳାବସ୍ଥା ସୃଷ୍ଟି ହୋଇଛି। ଏହି ବୈଠକ ପୂର୍ବରୁ ରାଷ୍ଟ୍ରପତି ଟ୍ରମ୍ପ ସାମାଜିକ ଗଣମାଧ୍ୟମରେ ସ୍ପଷ୍ଟ କରିଥିଲେ ଯେ, ଯଦି ଇରାନ ଯୁଦ୍ଧବିରତିର ଅବଧି ବଢ଼ାଇବାକୁ ଚାହୁଁଛି, ତେବେ ତାକୁ ବିବାଦୀୟ ହର୍ମୁଜ

**ଗୁରୁତ୍ୱପୂର୍ଣ୍ଣ ବୈଠକ ଛାଡ଼ି ଚାଲିଗଲେ ଟ୍ରମ୍ପ**

ପ୍ରଣାଳୀକୁ ଅନ୍ତର୍ଜାତୀୟ ଜଳପଥ ପାଇଁ ସମ୍ପୂର୍ଣ୍ଣ ଭାବେ ଖୋଲିବାକୁ ହେବ ଏବଂ ସେଠାରେ ବିଛାଯାଇଥିବା ସମସ୍ତ ସାମୁଦ୍ରିକ ବୋମାକୁ ନଷ୍ଟ କରିବାକୁ ପଡ଼ିବ। ଏହା ସହିତ ଇରାନ କେବେ ମଧ୍ୟ ପରମାଣୁ ବୋମା ତିଆରି କରିବ ନାହିଁ ଏବଂ ନିଜ ପାଖରେ ଥିବା ସମୃଦ୍ଧ ୟୁରାନିୟମକୁ ଆମେରିକା ଦ୍ୱାରା ହଟାଇବାକୁ ଅନୁମତି



ଦେବ ବୋଲି ଆମେରିକା ମୁଖ୍ୟ ସର୍ତ୍ତ ରଖିଛି। ଆମେରିକାର ଅଧିକାରୀଙ୍କ କହିବା ଅନୁଯାୟୀ, ଟ୍ରମ୍ପ କେବଳ ସେହି ଚୁକ୍ତିରେ ସ୍ୱାକ୍ଷର କରିବେ ଯାହା ଇରାନର ପରମାଣୁ ଆକାଂକ୍ଷାକୁ ସମ୍ପୂର୍ଣ୍ଣ ରୂପେ ରୋକିପାରିବ।

ଅପରପକ୍ଷରେ, ଇରାନ ଏହି ଚୁକ୍ତିକୁ ନେଇ କ୍ଷୋଭ ପ୍ରକାଶ କରିଛି। ଇରାନର ଜଣେ ଅଧିକାରୀ କହିଛନ୍ତି ଯେ କେବଳ ପ୍ରତିଶ୍ରୁତି ବା କଥାରେ ସେମାନଙ୍କର କୌଣସି ବିଶ୍ୱାସ ନାହିଁ। ବିଗତ ବର୍ଷ ମଧ୍ୟରେ ପରମାଣୁ ଆଲୋଚନା ଚାଲିଥିବା ସମୟରେ ହିଁ ଆମେରିକା ଏବଂ ଇସ୍ରାଏଲ ଦୁଇ ଦୁଇ ଥର ଇରାନ ଉପରେ ଆକ୍ରମଣ କରିଥିବାରୁ ସେମାନେ ଆମେରିକାକୁ ସହଜରେ ବିଶ୍ୱାସ କରିପାରୁନାହାନ୍ତି। ଇରାନର ସାମରିକ ବିଶେଷଜ୍ଞମାନେ ଆମେରିକା ଉପରେ କୂଟନୀତିକୁ ପ୍ରତାରଣା କରୁଥିବା ଅଭିଯୋଗ ଆଣିଛନ୍ତି। ଅନ୍ୟପଟେ ଆମେରିକାର ପ୍ରତିରକ୍ଷା ବିଭାଗ ପକ୍ଷରୁ ଚେତାବନୀ ଦିଆଯାଇଛି ଯେ, ଯଦି ଚୁକ୍ତି ସଫଳ ନହୁଏ, ତେବେ ଇରାନ ଉପରେ ପୁନର୍ବାର ସାମରିକ ଆକ୍ରମଣ କରିବା ପାଇଁ ଆମେରିକା ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛି। ଆମେରିକା ଏବଂ ଇରାନ ମଧ୍ୟରେ ବଢୁଥିବା ଅବିଶ୍ୱାସ ଏବଂ କଠୋର ଆଭିମୁଖ୍ୟ ଯୋଗୁଁ ପଶ୍ଚିମ ଏସିଆରେ ଶାନ୍ତି ପ୍ରତିଷ୍ଠା ଆଶା ଆଉ ସୁଦୂରପରାହତ ମନେହେଉଛି। ଯଦିଓ ଉଭୟ ଦେଶ ମଧ୍ୟରେ ଯୁଦ୍ଧବିରତିର ଅବଧିକୁ ୬୦ ଦିନ ବଢ଼ାଇବା ପାଇଁ ଏକ ପ୍ରାଥମିକ ସହମତି ପ୍ରକାଶ ପାଇଥିଲା, ତଥାପି ଶୀର୍ଷ ସ୍ତରରେ ରହିଥିବା ମତଭେଦ ସମଗ୍ର ପ୍ରକ୍ରିୟାକୁ ଅଟକାଇ ଦେଇଛି। ଏହି ଆଲୋଚନା ବିଫଳ ହେଲେ ଆଗାମୀ ଦିନରେ ଏହି ଅଞ୍ଚଳରେ ଏକ ବଡ଼ ଧରଣର ସାମରିକ ସଂଘର୍ଷର ଆଶଙ୍କାକୁ ଏଡ଼ାଇ ଦିଆଯାଇନପାରେ, ଯାହା ବିଶ୍ୱ ଅର୍ଥନୀତି ଏବଂ ସୁରକ୍ଷା ପାଇଁ ଚିନ୍ତାଜନକ ହେବ।

## ଦିଲ୍ଲୀରେ ପାଞ୍ଚ ମହଲା କୋଠା ଭୁଶୁଡ଼ିଲା

# ୪ ମୃତ, ୧୦ ଆହତ



ନୂଆଦିଲ୍ଲୀ,୩୧।୫(ଏଜେନ୍ସି): ରାଜଧାନୀ ଦିଲ୍ଲୀର ସାକେତ ଅଞ୍ଚଳରେ ଶନିବାର ସନ୍ଧ୍ୟାରେ ଏକ ବଡ଼ ଧରଣର ଦୁର୍ଘଟଣା ଘଟିଛି। ଏଠାରେ ଏକ ପାଞ୍ଚ ମହଲା ବିଶିଷ୍ଟ କୋଠା ହଠାତ୍ ଭୁଶୁଡ଼ି ପଡ଼ିବା ଫଳରେ ୪ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୧୦ ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି। ଆହତମାନଙ୍କୁ ଚିକିତ୍ସା ପାଇଁ ତୁରନ୍ତ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି, ଯେଉଁଥିରୁ ୩ ଜଣଙ୍କ ଅବସ୍ଥା ଅତ୍ୟନ୍ତ ସଙ୍କଟାପନ୍ନ ଥିବା ସୂଚନା ମିଳିଛି। ସ୍ଥାନୀୟ ପୁଲିସ ଅଧିକାରୀଙ୍କ ସୂଚନା ଅନୁଯାୟୀ, ଭୁଶୁଡ଼ି ପଡ଼ିଥିବା କୋଠାଟି ମେଡିକାଲ ଛାତ୍ରଛାତ୍ରୀଙ୍କ ଦ୍ୱାରା ବ୍ୟବହାର କରାଯାଉଥିବା ଏକ କ୍ୟାଣ୍ଟିନ ଥିଲା। ଦୁର୍ଘଟଣା ପରେ ତୁରନ୍ତ ଆହତମାନଙ୍କୁ ଡାକ୍ତରଖାନା ପହଞ୍ଚାଇବା ପାଇଁ ପ୍ରଶାସନ ପକ୍ଷରୁ ଏକ ସ୍ୱତନ୍ତ୍ର ସବୁଜ ପଥ (ଗ୍ରୀନ୍ କରିଡର) ପ୍ରସ୍ତୁତ କରାଯାଇଥିଲା। ବର୍ତ୍ତମାନ ସୁଦ୍ଧା ଧ୍ୱଂସାବଶେଷ ତଳୁ ପ୍ରାୟ ୧୨ ଜଣଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି। ଏନ୍‌ଡିଆରଏଫ ଏବଂ ଦମକଳ ବାହିନୀ ପକ୍ଷରୁ ଯୁଦ୍ଧକାଳୀନ ଭିତ୍ତିରେ ସେଠାରେ ରିଲିଫ ଓ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ରବିବାର ସକାଳେ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ଘଟଣାସ୍ଥଳରେ ପହଞ୍ଚି ସ୍ଥିତିର ସମୀକ୍ଷା କରିଛନ୍ତି।

## ରୁଷ ପରମାଣୁ କେନ୍ଦ୍ର ଉପରେ ୟୁକ୍ରେନର ଡ୍ରୋନ୍ ମାଡ଼

ମସ୍କୋ/କିଭ୍,୩୧।୫(ଏଜେନ୍ସି): ରୁଷ ନିୟନ୍ତ୍ରଣରେ ଥିବା ୟୁରୋପର ସବୁଠାରୁ ବଡ଼ ପରମାଣୁ ଶକ୍ତି କେନ୍ଦ୍ର 'ଜାପୋରିଜିଆ' ଉପରେ ୟୁକ୍ରେନ୍‌ର ଏକ ଡ୍ରୋନ୍ ଆକ୍ରମଣ ହୋଇଥିବା ରୁଷ ଦାବି କରିଛି। ରୁଷର ସରକାରୀ ପରମାଣୁ ଶକ୍ତି ସଂସ୍ଥା 'ରୋସାଟମ୍' ପକ୍ଷରୁ କୁହାଯାଇଛି ଯେ, ଶନିବାର ଅପରାହ୍ଣରେ ଏକ ୟୁକ୍ରେନର କାମିକାଜେ (ଆତ୍ମଘାତୀ) ଡ୍ରୋନ୍ ପରମାଣୁ କେନ୍ଦ୍ରର ୬ ନମ୍ବର ପାୱାର ୟୁନିଟ୍‌ର ଟରବାଇନ୍ ହଲ୍ ଉପରେ ମାଡ଼ ହୋଇଛି। ଏହି ବିସ୍ଫୋରଣ ଯୋଗୁଁ ମୁଖ୍ୟ ଯନ୍ତ୍ରପାତିର କୌଣସି କ୍ଷତି ହୋଇନଥିଲେ ମଧ୍ୟ ଟରବାଇନ୍ ହଲ୍‌ର କାନ୍ଥରେ ଏକ ବଡ଼ ଗାତ ସୃଷ୍ଟି ହୋଇଛି। ଅପରପକ୍ଷରେ, ୟୁକ୍ରେନ୍ ସେନା ରୁଷର ଏହି ଅଭିଯୋଗକୁ ସମ୍ପୂର୍ଣ୍ଣ ରୂପେ ପ୍ରତ୍ୟାଖ୍ୟାନ କରିବା ସହ ଏହାକୁ କେବଳ ଏକ ମିଥ୍ୟା ପ୍ରଚାର ବୋଲି କହିଛି। ୟୁକ୍ରେନ୍ ସେନା ପକ୍ଷରୁ ଜାରି ବାର୍ତ୍ତାରେ କୁହାଯାଇଛି ଯେ, ସେମାନଙ୍କ ସୈନିକମାନେ ଅନ୍ତର୍ଜାତୀୟ ମାନବୀୟ ଆଇନ ଅନୁଯାୟୀ କାର୍ଯ୍ୟ କରନ୍ତି ଏବଂ ପରମାଣୁ କେନ୍ଦ୍ର ଉପରେ ଆକ୍ରମଣର ଭୟାବହ ପରିଣାମ ବିଷୟରେ ସେମାନେ ସମ୍ପୂର୍ଣ୍ଣ ସଚେତନ ଅଛନ୍ତି।

## ଭିଏତନାମ ପରେ ବ୍ରହ୍ମୋସ୍ କିଣିବ ଇଣ୍ଡୋନେସିଆ

ନୂଆଦିଲ୍ଲୀ,୩୧।୫(ଏଜେନ୍ସି): ପ୍ରତିରକ୍ଷା ରପ୍ତାନି କ୍ଷେତ୍ରରେ ଭାରତକୁ ଆଉ ଏକ ବଡ଼ ସଫଳତା ମିଳିଛି। ଭିଏତନାମ ପରେ ଏବେ ଇଣ୍ଡୋନେସିଆ ମଧ୍ୟ ଭାରତର ସୁପରସୋନିକ କ୍ରୁଜ୍ କ୍ଷେପଣାସ୍ତ୍ର 'ବ୍ରହ୍ମୋସ୍' କିଣିବାକୁ ଯାଉଛି। ସିଙ୍ଗାପୁରରେ ଅନୁଷ୍ଠିତ ଏକ ପ୍ରତିରକ୍ଷା ସମ୍ମିଳନୀ ଅବସରରେ ଭାରତର ପ୍ରତିରକ୍ଷା ସଚିବ ରାଜେଶ କୁମାର ସିଂ ଏହି ଗୁରୁତ୍ୱପୂର୍ଣ୍ଣ ସୂଚନା ଦେଇଛନ୍ତି। ଭିଏତନାମ ସହିତ ପ୍ରାୟ ୫,୮୦୦ କୋଟି ଟଙ୍କାର ଚୁକ୍ତି ସ୍ୱାକ୍ଷରିତ ହୋଇସାରିଥିବା ବେଳେ ଇଣ୍ଡୋନେସିଆ ସହ ଆଲୋଚନା ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଦକ୍ଷିଣ ଚୀନ ସାଗରରେ ଚୀନ ସହିତ ସାମୁଦ୍ରିକ ବିବାଦ ଲାଗି ରହିଥିବା ଯୋଗୁଁ ନିଜର ସାମୁଦ୍ରିକ ସୁରକ୍ଷାକୁ ସୁଦୃଢ଼ କରିବା ପାଇଁ ଦକ୍ଷିଣ-ପୂର୍ବ ଏସିଆର ଦେଶଗୁଡ଼ିକ ଭାରତୀୟ କ୍ଷେପଣାସ୍ତ୍ର ପ୍ରତି ଅଧିକ ଆଗ୍ରହ ପ୍ରକାଶ କରୁଛନ୍ତି। ଏହା ପୂର୍ବରୁ ଫିଲିପାଇନ୍ସ ଭାରତଠାରୁ ଏହି କ୍ଷେପଣାସ୍ତ୍ର କିଣିବାରେ ପ୍ରଥମ ବିଦେଶୀ ଦେଶ ସାଜିଥିଲା। ବର୍ତ୍ତମାନ ମାଲେସିଆ ଏବଂ ଥାଇଲ୍ୟାଣ୍ଡ ଭଳି ଦେଶ ମଧ୍ୟ ବ୍ରହ୍ମୋସ୍ କିଣିବା ପାଇଁ ଭାରତ ସହ ଯୋଗାଯୋଗରେ ଅଛନ୍ତି।

## ପଶ୍ଚିମବଙ୍ଗ, ଆସାମ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ହେବ

କୋଲକାତା/ଗୌହାଟୀ, ୩୧।୫ (ଏଜେନ୍ସି): ପଶ୍ଚିମବଙ୍ଗ ଓ ଆସାମର ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ହେବ ଓ ଏ ନେଇ ଦୁଇ ରାଜ୍ୟର ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ରବିବାର ଦିନ ନିଜ ସରକାରର ଏକ ବଡ଼ ଧରଣର ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ନେଇ ଘୋଷଣା କରିଛନ୍ତି। ସୋମବାର ପୂର୍ବାହ୍ନ ୧୧ଟା ସମୟରେ ରାଜ୍ୟ ସଚିବାଳୟ ନବାନ୍ନଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ସମୁଦାୟ ୩୫ ଜଣ ନେତା ମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିବେ। ସେହିପରି ଆସାମର ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମା ରବିବାର ଦିନ ରାଜ୍ୟ ମନ୍ତ୍ରିମଣ୍ଡଳର ସମ୍ପ୍ରସାରଣ ନେଇ ଘୋଷଣା କରିଛନ୍ତି। ଆସନ୍ତା ଜୁନ୍ ୫ ତାରିଖରେ ରାଜ୍ୟର ମନ୍ତ୍ରୀ ପରିଷଦର ସମ୍ପ୍ରସାରଣ କରାଯିବ ବୋଲି ସେ ସାମାଜିକ ଗଣମାଧ୍ୟମ ଆକାଉଣ୍ଟ ମାଧ୍ୟମରେ ସୂଚନା ଦେଇଛନ୍ତି। ସୂତ୍ର ଅନୁଯାୟୀ, ଏହି ସମ୍ପ୍ରସାରଣରେ ପ୍ରାୟ ୮ ରୁ ୯ ଜଣ ବିଧାୟକଙ୍କୁ କ୍ୟାବିନେଟ୍ ମନ୍ତ୍ରୀ ଭାବେ ସାମିଲ କରାଯିବାର ସମ୍ଭାବନା ରହିଛି ଏବଂ ଏହା ସହିତ ଦୁଇ ଜଣଙ୍କୁ ରାଷ୍ଟ୍ରମନ୍ତ୍ରୀ ପଦ ମିଳିପାରେ। ବର୍ତ୍ତମାନ ଆସାମ ମନ୍ତ୍ରିମଣ୍ଡଳରେ ମୁଖ୍ୟମନ୍ତ୍ରୀଙ୍କୁ ମିଶାଇ ମାତ୍ର ୫ ଜଣ ସଦସ୍ୟ ରହିଛନ୍ତି।

# ଅଭିଷେକଙ୍କ ପରେ କଲ୍ୟାଣ ବାନାର୍ଜୀଙ୍କୁ ଆକ୍ରମଣ

କୋଲକାତା,୩୧।୫(ଏଜେନ୍ସି): ପଶ୍ଚିମବଙ୍ଗର ହୁଗୁଳି ଜିଲ୍ଲାରେ ରବିବାର ଦିନ ଏକ ବଡ଼ ଧରଣର ରାଜନୈତିକ ସଂଘର୍ଷ ଦେଖିବାକୁ ମିଳିଛି। ଚଣ୍ଡୀତଲା ଥାନା ବାହାରେ ଚାଲିଥିବା ଏକ ବିକ୍ଷୋଭ ପ୍ରଦର୍ଶନ ସମୟରେ ତୃଣମୂଳ କଂଗ୍ରେସର ବରିଷ୍ଠ ନେତା ତଥା ସାଂସଦ କଲ୍ୟାଣ ବାନାର୍ଜୀଙ୍କ ଉପରକୁ ମାରାତ୍ମକ ଆକ୍ରମଣ ହୋଇଛି। ଏହି ଆକ୍ରମଣରେ ସାଂସଦଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଛି। ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ଘଟଣାସ୍ଥଳରେ ବହୁ ସଂଖ୍ୟାରେ ପୁଲିସ ଏବଂ କେନ୍ଦ୍ରୀୟ ସୁରକ୍ଷା ବଳ ମୁତୟନ କରାଯାଇଛି। ଗିରଫ ହୋଇଥିବା ନିଜ ଦଳର କର୍ମୀମାନଙ୍କୁ

**ହୁଗୁଳିରେ ପ୍ରବଳ ଉତ୍ତେଜନା**

ମୁକ୍ତ କରିବା ଦାବିରେ ତୃଣମୂଳ କଂଗ୍ରେସ ସମର୍ଥକମାନେ ଚଣ୍ଡୀତଲା ଥାନା ଅଭିମୁଖେ ଏକ ଶୋଭାଯାତ୍ରା କରୁଥିଲେ। ଏହି ସମୟରେ ସେଠାରେ ବିରୋଧୀ ଦଳର କର୍ମୀମାନେ ଏକାଠି ହୋଇ ସେମାନଙ୍କୁ ଚୋର ବୋଲି କହି ପ୍ରତିବାଦ କରିଥିଲେ। ଦେଖୁଦେଖୁ ଦୁଇ ପକ୍ଷ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ସାଂସଦ କଲ୍ୟାଣ ବାନାର୍ଜୀ ଯେତେବେଳେ ଦାବିପତ୍ର ଦେବା ପାଇଁ ଥାନା ଆଡ଼କୁ ଯାଉଥିଲେ, ସେତେବେଳେ କିଛି ଦୁର୍ବୃତ୍ତ ତାଙ୍କ ଉପରକୁ



ପଥର ମାଡ଼ କରିଥିଲେ। ଏହି ଘଟଣା ପରେ ସାଂସଦ ନିଜ ଆହତ ମୁଣ୍ଡରେ ଓଦା ରୁମାଲ ଜାକି ଥାନା ବାହାରେ ଧାରଣାରେ ବସି ରହିଥିଲେ ଏବଂ ଏହାକୁ ଗଣତନ୍ତ୍ର ଉପରେ ଏକ ଯୋଜନାବଦ୍ଧ ଆକ୍ରମଣ ବୋଲି ଅଭିହିତ କରିଛନ୍ତି।

ଏହି ଆକ୍ରମଣ ଘଟଣାକୁ ନେଇ ରାଜ୍ୟରେ ଶାସକ ଏବଂ ବିରୋଧୀ ଦଳ ମଧ୍ୟରେ କାଦୁଅ ଫିଙ୍ଗାଫିଙ୍ଗି ଆରମ୍ଭ ହୋଇଯାଇଛି। ତୃଣମୂଳ କଂଗ୍ରେସର ମୁଖ୍ୟ ଏହି ଆକ୍ରମଣକୁ ତୀବ୍ର ନିନ୍ଦା କରିବା ସହ ବିରୋଧୀ ଦଳ ଗଣତନ୍ତ୍ରକୁ ହତ୍ୟା କରୁଛି ବୋଲି ଅଭିଯୋଗ କରିଛନ୍ତି। ଏହାର ଦିନକ ପୂର୍ବରୁ ଦଳର ଅନ୍ୟ ଜଣେ ପ୍ରମୁଖ ସାଂସଦ ଅଭିଷେକ ବାନାର୍ଜୀଙ୍କ ଉପରକୁ ମଧ୍ୟ ଅନୁରୂପ ଭାବେ ଆକ୍ରମଣ ହୋଇଥିଲା। ଅପରପକ୍ଷରେ, ବିରୋଧୀ ଦଳ ଏହି ସମସ୍ତ ଅଭିଯୋଗକୁ ପ୍ରତ୍ୟାଖ୍ୟାନ କରିଛି। ସାଂସଦ କଲ୍ୟାଣ ବାନାର୍ଜୀଙ୍କୁ କୌଣସି ଆଘାତ ଲାଗିନାହିଁ ଏବଂ ସେ ଜନସାଧାରଣଙ୍କ ସହାନୁଭୂତି ସାଉଁଟିବା ପାଇଁ ଏଭଳି ନାଟକ କରୁଛନ୍ତି ବୋଲି ବିରୋଧୀ ଦଳ ପାଲଟା ଦାବି କରିଛି। ନିର୍ବାଚନ ପରବର୍ତ୍ତୀ ସମୟରେ ପଶ୍ଚିମବଙ୍ଗରେ ରାଜନୈତିକ ହିଂସା କମିବା ପରିବର୍ତ୍ତେ ଦିନକୁ ଦିନ ବଢ଼ିବାରେ ଲାଗିଛି। ଜନପ୍ରତିନିଧି ତଥା ସାଂସଦମାନଙ୍କ ଉପରକୁ ପରପର ଦୁଇ ଦିନ ଧରି ହୋଇଥିବା ଆକ୍ରମଣ ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତି ଉପରେ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଗଣତାନ୍ତ୍ରିକ ବ୍ୟବସ୍ଥାରେ ହିଂସାର କୌଣସି ସ୍ଥାନ ନାହିଁ ଏବଂ ପରିସ୍ଥିତିକୁ ଶାନ୍ତ କରିବା ପାଇଁ ପ୍ରଶାସନ ତରଫରୁ ତୁରନ୍ତ କଠୋର ପଦକ୍ଷେପ ନିଆଯିବା ଆବଶ୍ୟକ।

## ଅଭିଷେକ ବାନାର୍ଜୀଙ୍କୁ ଆକ୍ରମଣ ଘଟଣାରେ ୫ ଗିରଫ

କଲକାତା,୩୧।୫(ଏଜେନ୍ସି): ତୃଣମୂଳ କଂଗ୍ରେସ ସାଂସଦ ଅଭିଷେକ ବାନାର୍ଜୀଙ୍କ ଉପରକୁ ହୋଇଥିବା ଆକ୍ରମଣ ମାମଲାରେ ପଶ୍ଚିମବଙ୍ଗ ପୁଲିସ ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଭିଡିଓ ଚିତ୍ର ଆଧାରରେ ପୁଲିସ ବିଳମ୍ବିତ ରାତିରେ ଚଢ଼ାଉ କରି ୫ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଦକ୍ଷିଣ ସୋନାରପୁର ଅଞ୍ଚଳରେ ନିର୍ବାଚନ ପରବର୍ତ୍ତୀ ହିଂସାର ଶିକାର ହୋଇଥିବା ଦଳୀୟ କର୍ମୀଙ୍କୁ ଭେଟିବାକୁ ଯାଇଥିବା ସମୟରେ ଅଭିଷେକଙ୍କ ଗାଡ଼ିକୁ ଘେରି

**ହେଲମେଟ ଯୋଗୁଁ ଜୀବନ ବଞ୍ଚିଲା: ମମତା**

ସେଠାରେ ଉତ୍ତ୍ୟକ୍ତ ଲୋକେ ପଥର ଏବଂ ଅଣ୍ଡା ମାଡ଼ କରିଥିଲେ। ସୁରକ୍ଷା କର୍ମୀମାନେ ତାଙ୍କୁ ଏକ ସୁରକ୍ଷିତ ହେଲମେଟ ପିନ୍ଧାଇ ସେଠାରୁ ଉଦ୍ଧାର କରିଥିଲେ। ଏହି ଘଟଣାକୁ ନେଇ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏହା ଏକ ଗଭୀର ଚକ୍ରାନ୍ତ ବୋଲି ଅଭିହିତ କରିଛନ୍ତି। ହସ୍ପିଟାଲରେ ଅଭିଷେକଙ୍କୁ ଭେଟିବା ପରେ ସେ କହିଛନ୍ତି ଯେ ଯଦି ସେହି ସମୟରେ ହେଲମେଟ ନଥାନ୍ତା, ତେବେ ସାଂସଦଙ୍କ ଜୀବନ ଚାଲିଯାଇଥାନ୍ତା। ଏହା ସହିତ ସେ ଅଭିଯୋଗ କରିଛନ୍ତି ଯେ ବିରୋଧୀ ଦଳ ଏବଂ ପୁଲିସର କିଛି ଅଧିକାରୀଙ୍କ ଚାପ ଯୋଗୁଁ ଡାକ୍ତରମାନେ ଅଭିଷେକଙ୍କୁ ସମ୍ପୂର୍ଣ୍ଣ ସୁସ୍ଥ ହେବା ପୂର୍ବରୁ ହସ୍ପିଟାଲରୁ ଛାଡ଼ିଦେଇଛନ୍ତି।

## ଗାଜିଆବାଦ୍ ଏନ୍‌କାଉଣ୍ଟର | ସାଙ୍ଗକୁ ଛୁରାମାଡ଼ କରିଥିବା ମୁଖ୍ୟ ଅଭିଯୁକ୍ତ ଅସଦ୍ ନିହତ

ଗାଜିଆବାଦ୍, ୩୧।୫ (ଏଜେନ୍ସି): ଉତ୍ତର ପ୍ରଦେଶର ଗାଜିଆବାଦ୍‌ରେ ଜଣେ ୧୭ ବର୍ଷୀୟ ନାବାଳକକୁ ସଂଘବଦ୍ଧ ଭାବେ ଛୁରାମାଡ଼ କରି ହତ୍ୟା କରିବା ଘଟଣାର ମୁଖ୍ୟ ଅଭିଯୁକ୍ତ ଅସଦ୍‌କୁ ପୁଲିସ ଏନକାଉଣ୍ଟର କରିଛି। ଶନିବାର ବିଳମ୍ବିତ ରାତିରେ ଖୋଡ଼ା ଏବଂ ଇନ୍ଦିରାପୁରମ୍ ଥାନା ପୁଲିସର ମିଳିତ ଅପରେସନ ବେଳେ ହୋଇଥିବା ଗୁଳିବିନିମୟରେ ଅସଦ୍‌ର ମୃତ୍ୟୁ ହୋଇଛି। ଏହି ସଂଘର୍ଷ ସମୟରେ ଜଣେ ପୁଲିସ ଅଧିକାରୀ ମଧ୍ୟ ଗୁଳିମାଡ଼ରେ ଆହତ ହୋଇଛନ୍ତି। ପୁଲିସ ସୂଚନା ଅନୁଯାୟୀ, ଗତ ମେ ୨୮ ତାରିଖ ବକରୀ ଇଦ୍ ଦିନ ଖୋଡ଼ା ଅଞ୍ଚଳରେ ସୂର୍ଯ୍ୟ ପ୍ରତାପ ଚୌହାନ ନାମକ ଜଣେ ଯୁବକଙ୍କୁ ଅସଦ୍ ଏବଂ ତାର ସହଯୋଗୀମାନେ ନିର୍ମମ ଭାବେ ଛୁରାମାଡ଼ କରିଥିଲେ, ଯାହା ଫଳରେ ଚିକିତ୍ସାଧୀନ ଅବସ୍ଥାରେ ସୂର୍ଯ୍ୟଙ୍କର ମୃତ୍ୟୁ ଘଟିଥିଲା। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା ଏବଂ ଅଭିଯୁକ୍ତମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଦାବିରେ ବିଭିନ୍ନ ସଂଗଠନ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଘଟଣା ପରଠାରୁ ଅସଦ୍ ଫରାର ଥିଲା ଏବଂ ତାକୁ ଗିରଫ କରିବା ପାଇଁ ପୁଲିସ ପକ୍ଷରୁ ୫୦,୦୦୦ ଟଙ୍କାର ପୁରସ୍କାର ରାଶି ଘୋଷଣା କରାଯାଇଥିଲା। ଗତକାଲି ରାତିରେ ଅସଦ୍ ନିଜ ସହଯୋଗୀ ସହ ମୋଟରସାଇକେଲ୍‌ରେ ପଳାଇବାକୁ ଚେଷ୍ଟା କରୁଥିବା ବେଳେ ପୁଲିସ ତାକୁ ଅଟକାଇବାକୁ ଚେଷ୍ଟା କରିଥିଲା। ଏହି ସମୟରେ ଅଭିଯୁକ୍ତ ପୁଲିସ ଉପରକୁ ଗୁଳି ଚଳାଇଥିଲା ଏବଂ ଜବାବୀ କାର୍ଯ୍ୟାନୁଷ୍ଠାନରେ ପୁଲିସ ଗୁଳିରେ ସେ ଗୁରୁତର ହୋଇ ପ୍ରାଣ ହରାଇଥିଲା। ତେବେ ତାର ଅନ୍ୟ ଜଣେ ସହଯୋଗୀ ଘଟଣାସ୍ଥଳରୁ ଫରାର ହୋଇଯାଇଥିବାରୁ ପୁଲିସ ବର୍ତ୍ତମାନ ସ୍ଥାନୀୟ ଅଞ୍ଚଳରେ କମ୍ବିଂ ଅପରେସନ ଜାରି ରଖିଛି। ଏହି ମାମଲାରେ ପୂର୍ବରୁ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇ ସାରିଛି।

### ବିବାହ ପ୍ରସ୍ତାବ ପ୍ରତ୍ୟାଖ୍ୟାନ

## ମହିଳାଙ୍କ ବର୍ଷକର ଶିଶୁକୁ ହତ୍ୟା: ଅଭିଯୁକ୍ତକୁ ପୁଲିସର ଏନକାଉଣ୍ଟର

ଫିରୋଜାବାଦ, ୩୧।୫ (ଏଜେନ୍ସି): ଉତ୍ତର ପ୍ରଦେଶର ଫିରୋଜାବାଦରେ ଏକ ଅତି ଅମାନୁଷିକ ଘଟଣା ସାମ୍ନାକୁ ଆସିଛି। ଜଣେ ମହିଳା ବିବାହ ପ୍ରସ୍ତାବ ପ୍ରତ୍ୟାଖ୍ୟାନ କରିବାରୁ ଜିତେନ୍ଦ୍ର ପାଠକ ଓରଫ୍ ବିରାଜ ନାମକ ଜଣେ ଯୁବକ ତାଙ୍କର ଦେଢ଼ ବର୍ଷର ଶିଶୁପୁତ୍ରକୁ ତଳେ ବାରମ୍ବାର କଚାଡ଼ି ହତ୍ୟା କରିଛି। ଏହି ଘଟଣା ପରେ ପୁଲିସ ସହ ହୋଇଥିବା ଏକ ଏନକାଉଣ୍ଟରରେ ଅଭିଯୁକ୍ତ ଗୋଡ଼ରେ ଗୁଳି ବାଜିବା ପରେ ତାକୁ ଗିରଫ କରାଯାଇଛି। ପୀଡ଼ିତା ମହିଳା ରତିଙ୍କୁ ବିରାଜ କ୍ରମାଗତ ଭାବେ ବିବାହ ପାଇଁ ଚାପ ପ୍ରୟୋଗ କରୁଥିଲା। ମାତ୍ର ନିଜର ଏକ ସନ୍ତାନ ଥିବା ଦର୍ଶାଇ ରତି ଏହି ପ୍ରସ୍ତାବକୁ ମନା କରିଦେଇଥିଲେ। ଏଥିରେ ଜୋର ଜବରଦସ୍ତ ବିବାହ କରିବା ପାଇଁ ବିରାଜ ଶିଶୁପୁତ୍ର ଆରଭକୁ ରାସ୍ତାରୁ ହଟାଇବାକୁ ଯୋଜନା କରିଥିଲା। ସେ ଶିଶୁଟିକୁ ନେଇଯାଇ ବାରମ୍ବାର ଭୂଇଁରେ କଚାଡ଼ି ହତ୍ୟା କରିବା ପରେ ଫେରାର ହୋଇଯାଇଥିଲା। ଅଭିଯୁକ୍ତ ଲୁଚି ରହିଥିବା ଖବର ପାଇ ପୁଲିସ ସେହି ଅଞ୍ଚଳକୁ ଘେରିଯାଇଥିଲା ଓ ବିରାଜ ପୁଲିସ ଉପରକୁ ଗୁଳି ଚଳାଇଥିଲା। ପୁଲିସର ପାଲଟା ଗୁଳିମାଡ଼ରେ ବିରାଜର ଗୋଡ଼ରେ ଗୁଳି ବାଜିଥିଲା ଏବଂ ସେ ସେଠାରେ ପଡ଼ିଯିବା ପରେ ତାକୁ ଗିରଫ କରାଯାଇଥିଲା।

## ଘରୋଇ ବିମାନ ଯାତ୍ରୀଙ୍କ ସଂଖ୍ୟା ୪.୨% ହ୍ରାସ

ନୂଆଦିଲ୍ଲୀ,୩୧।୫(ଏଜେନ୍ସି): ଦେଶର ଘରୋଇ ବିମାନ ଚଳାଚଳ କ୍ଷେତ୍ରରେ ଏପ୍ରିଲ ମାସରେ ମାନ୍ଦାବସ୍ଥା ପରିଲକ୍ଷିତ ହୋଇଛି। ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ (ଡିଜିସିଏ) ତଥ୍ୟ ଅନୁଯାୟୀ, ମାର୍ଚ୍ଚ ତୁଳନାରେ ଏପ୍ରିଲରେ ଯାତ୍ରୀଙ୍କ ସଂଖ୍ୟା ୪.୨% ହ୍ରାସ ପାଇଛି। ବର୍ଦ୍ଧିତ ଖର୍ଚ୍ଚ ଏବଂ ଯାତ୍ରା ପାଇଁ କମ୍ ଚାହିଦା ଯୋଗୁଁ ଏହି ସ୍ଥିତି ଉପୁଜିଥିବା କୁହାଯାଉଛି। ଡିଜିସିଏ ରିପୋର୍ଟ ଅନୁସାରେ, ଏପ୍ରିଲରେ ବିଭିନ୍ନ ବିମାନ ସଂସ୍ଥା ମାଧ୍ୟମରେ ମୋଟ ୧.୩୮ କୋଟିରୁ ଅଧିକ ଯାତ୍ରୀ ଯାତ୍ରା କରିଛନ୍ତି, ଯାହା ଗତ ବର୍ଷ ଏହି ସମୟ ତୁଳନାରେ ୩.୪୭% କମ୍। ଗତ ବର୍ଷ ଏପ୍ରିଲରେ ୧.୪୩ କୋଟି ଏବଂ ଚଳିତ ବର୍ଷ ମାର୍ଚ୍ଚରେ ୧.୪୪ କୋଟି ଯାତ୍ରୀ ଯାତ୍ରା କରିଥିଲେ। ୨୦୨୬ ଜାନୁଆରୀରୁ ଏପ୍ରିଲ ମଧ୍ୟରେ ମୋଟ ୫୭୫.୪୯ ଲକ୍ଷ ଯାତ୍ରୀ ଯାତ୍ରା କରିଛନ୍ତି, ଯାହା ପୂର୍ବ ବର୍ଷ ତୁଳନାରେ ମାତ୍ର ୦.୦୬% ଅଧିକ।

## ନେପାଳ ପ୍ରଧାନମନ୍ତ୍ରୀଙ୍କ ସୀମା ବିବାଦ ବୟାନକୁ ନେଇ ଝଡ଼

କାଠମାଣ୍ଡୁ, ୩୧।୫ (ଏଜେନ୍ସି): ନେପାଳ ପ୍ରଧାନମନ୍ତ୍ରୀ ବାଲେନ ଶାହ ରବିବାର ନେପାଳ ସଂସଦରେ ଭାରତ ଓ ନେପାଳ ପରସ୍ପରର ଜମି ଦଖଲ କରି ରଖିଛନ୍ତି ବୋଲି କହିଛନ୍ତି। ତାଙ୍କର ଏହି ମନ୍ତବ୍ୟକୁ ନେଇ ଏବେ ଉଭୟ ଭାରତ ଓ ନେପାଳ ମଧ୍ୟରେ ରାଜନୈତିକ ତଥା କୂଟନୈତିକ ମହଲରେ ଚର୍ଚ୍ଚା ଜୋର ଧରିଛି। କାଲାପାନି, ଲିପୁଲେଖ ଏବଂ ଲିମ୍ପିୟାଧୁରା ଅଞ୍ଚଳକୁ ନେଇ ଦୁଇ ଦେଶ ମଧ୍ୟରେ ଦୀର୍ଘ ଦିନରୁ ବିବାଦ ରହିଛି। ଉତ୍ତରାଖଣ୍ଡର ଏହି ଅଞ୍ଚଳଗୁଡ଼ିକୁ ନେପାଳ ନିଜର ବୋଲି କହିଆସୁଛି। ଶାହ ସଂସଦରେ କହିଛନ୍ତି ଯେ, ଭାରତ କେବଳ ନେପାଳର ଅଞ୍ଚଳ ଦଖଲ କରିନାହିଁ, ବରଂ ନେପାଳ ମଧ୍ୟ ଭାରତୀୟ ସୀମା ମାଡ଼ି ବସିଛି। ଏହାପରେ ଶାହ ଦୁଇ ଦେଶ ବନ୍ଧୁ ଭାବରେ ବସି ଏହି ପ୍ରସଙ୍ଗର ସମାଧାନ କରିବା ଉଚିତ ବୋଲି କହିଛନ୍ତି। ନେପାଳ ସରକାର ଏହି ବିଷୟରେ ଭାରତକୁ ଏକ କୂଟନୈତିକ ପ୍ରସ୍ତାବ ଦେଇଛି। ଏହା ବ୍ୟତୀତ ନେପାଳ ଏହି ପ୍ରସଙ୍ଗରେ ଚୀନ୍ ଏବଂ ବ୍ରିଟେନ ସହିତ ମଧ୍ୟ କୂଟନୈତିକ ଆଲୋଚନା କରିଛି।

## ଲେବାନନ୍‌ର ୯୦୦ ବର୍ଷର ପୁରୁଣା ଦୁର୍ଗ ଦଖଲ କଲା ଇସ୍ରାଏଲ

ବେରୁଟ,୩୧।୫(ଏଜେନ୍ସି): ଜାତିସଂଘ ଓ ବିଶ୍ୱ ସମୁଦାୟର ମଧ୍ୟସ୍ଥତାରେ ହୋଇଥିବା ଯୁଦ୍ଧବିରତି ଚୁକ୍ତି ସତ୍ତ୍ୱେ ଇସ୍ରାଏଲ ସେନା ଦକ୍ଷିଣ ଲେବାନନରେ ଏକ ବଡ଼ ସାମରିକ ସଫଳତା ହାସଲ କରିଛି। ରବିବାର ଇସ୍ରାଏଲ ସେନା ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ, ସେମାନେ ଲେବାନନରେ ଥିବା ପ୍ରାୟ ୯୦୦ ବର୍ଷର ପୁରୁଣା ଐତିହାସିକ 'ବୋଫୋର୍ଟ ଦୁର୍ଗ' ଏବଂ ଏହାର ଆଖପାଖ ପାର୍ବତ୍ୟ ଅଞ୍ଚଳକୁ ନିଜ ନିୟନ୍ତ୍ରଣକୁ ନେଇଛନ୍ତି। ଇସ୍ରାଏଲ ଏହି ଦୁର୍ଗକୁ ସନ୍ତ୍ରାସବାଦୀ ସଂଗଠନ ହିଜବୁଲ୍ଲାର ଏକ ପ୍ରମୁଖ ଗଡ଼ ବୋଲି ଅଭିହିତ କରିଛି। ବୋଫୋର୍ଟ ଦୁର୍ଗ ଏକ ଉଚ୍ଚ ପାହାଡ଼ ଉପରେ ଅବସ୍ଥିତ। ଏହାକୁ ଦଖଲ କରିବା ଦ୍ୱାରା ଇସ୍ରାଏଲ ସେନାକୁ ସମଗ୍ର ଦକ୍ଷିଣ ଲେବାନନ ଏବଂ ଉତ୍ତର ଇସ୍ରାଏଲର ସୀମାନ୍ତ ଅଞ୍ଚଳ ଉପରେ ନଜର ରଖିବା ପାଇଁ ଏକ ସୁବିଧାଜନକ ସ୍ଥାନ ମିଳିଛି। ହିଜବୁଲ୍ଲା ଏହି ସ୍ଥାନରୁ ଇସ୍ରାଏଲର ଆବାସିକ ଅଞ୍ଚଳକୁ ଲକ୍ଷ୍ୟ କରି ଶତାଧିକ ରକେଟ୍ ମାଡ଼ କରୁଥିଲା।

**ପୁଟିନଙ୍କ ୨.୪୭ ଲକ୍ଷ କୋଟିର ପ୍ରକଳ୍ପ**

# ଘୁଷୁରି ଦେହରେ ତିଆରି ହେବ ମଣିଷ ଅଙ୍ଗ

ମସ୍କୋ,୩୧।୫(ଏଜେନ୍ସି):

ରୁଷିଆ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ନିଜ ଦେଶରେ ବାର୍ଦ୍ଧକ୍ୟ ଏବଂ ଶାରୀରିକ ଦୁର୍ବଳତାକୁ ରୋକିବା ପାଇଁ ଏକ ବଡ଼ ସରକାରୀ ଯୋଜନା ଆରମ୍ଭ କରିଛନ୍ତି। ଏହି ପ୍ରକଳ୍ପ ପାଇଁ ପ୍ରାୟ ୨୬ ବିଲିୟନ ଡଲାର ଅର୍ଥାତ୍ ଭାରତୀୟ ମୁଦ୍ରାରେ ପ୍ରାୟ ୨.୪୭ ଲକ୍ଷ କୋଟି ଟଙ୍କା ବ୍ୟୟ କରାଯାଉଛି। 'ନୂତନ ସ୍ୱାସ୍ଥ୍ୟ ସଂରକ୍ଷଣ ପ୍ରଯୁକ୍ତିବିଦ୍ୟା' ନାମକ ଏହି କାର୍ଯ୍ୟକ୍ରମ ଅଧୀନରେ ବିଶେଷ ପ୍ରଜାତିର ଛୋଟ ଘୁଷୁରି ଶରୀର ମଧ୍ୟରେ ମଣିଷର ବିଭିନ୍ନ ଅଙ୍ଗ ପ୍ରସ୍ତୁତ କରାଯିବ। ବୈଜ୍ଞାନିକମାନଙ୍କ ଅନୁଯାୟୀ, ଏହାଦ୍ୱାରା ବାର୍ଦ୍ଧକ୍ୟ ପ୍ରକ୍ରିୟାକୁ ଧିମା କରାଯାଇପାରିବ ଏବଂ ଭବିଷ୍ୟତରେ ଅଙ୍ଗ ପ୍ରତିରୋପଣ ପାଇଁ ଦେଖାଦେଉଥିବା ସମସ୍ୟାର

**ବୟସ ବଢ଼ିବା ପ୍ରକ୍ରିୟା ହେବ ମନ୍ଥର**

ସମାଧାନ ହୋଇପାରିବ। ଏହି ପ୍ରକଳ୍ପ ମାଧ୍ୟମରେ ରୁଷିଆ ସରକାର ଚଳିତ ଦଶନ୍ଧି ଶେଷ ସୁଦ୍ଧା ପ୍ରାୟ ୧.୭୫ ଲକ୍ଷ ଲୋକଙ୍କ ଜୀବନ ରକ୍ଷା କରିବାକୁ ଲକ୍ଷ୍ୟ ରଖିଛନ୍ତି। ଏଥିରେ ଜିନ ଗବେଷଣା ଏବଂ



ମାନବ କୋଷଗୁଡ଼ିକର ବାର୍ଦ୍ଧକ୍ୟ ରୋକିବା ପାଇଁ ବିଭିନ୍ନ ଆଧୁନିକ ଚିକିତ୍ସା ପଦ୍ଧତିର ବ୍ୟବହାର କରାଯାଉଛି। ରିପୋର୍ଟ ଅନୁଯାୟୀ, ୭୩ ବର୍ଷୀୟ ପୁଟିନ ନିଜକୁ ସୁସ୍ଥ ଏବଂ ଯୁବକ ରଖିବା ପାଇଁ ଦୀର୍ଘ ସମୟ ଧରି ଅତ୍ୟନ୍ତ କମ୍ ତାପମାତ୍ରା ବିଶିଷ୍ଟ ବିଶେଷ ଚିକିତ୍ସା ପଦ୍ଧତିର ସାହାଯ୍ୟ ନେଉଛନ୍ତି। ଏହି ପ୍ରକଳ୍ପର ଦାୟିତ୍ୱ ପୁଟିନଙ୍କ ଡାକ୍ତର କନ୍ୟା ମାରିଆ ଭୋରୋଣ୍ଟସୋଭା ଏବଂ ସେଠାକାର କିଛି ପ୍ରମୁଖ ବୈଜ୍ଞାନିକଙ୍କ ହାତରେ ନ୍ୟସ୍ତ କରାଯାଇଛି। ତେବେ ଏହି ଆଧୁନିକ ଗବେଷଣାକୁ ନେଇ କେତେକ ଅନ୍ତର୍ଜାତୀୟ ବୈଜ୍ଞାନିକ ପ୍ରଶ୍ନବାଚୀ ସୃଷ୍ଟି କରିଛନ୍ତି। ସେମାନଙ୍କ କହିବା ଅନୁଯାୟୀ, ପାଶ୍ଚାତ୍ୟ ଦେଶଗୁଡ଼ିକର କଟକଣା ଯୋଗୁଁ ରୁଷିଆର ବୈଜ୍ଞାନିକମାନେ ବିଶ୍ୱ ଗବେଷଣା ସମୁଦାୟଠାରୁ ଅଲଗା ହୋଇ ରହିଛନ୍ତି। ତେଣୁ ଏହି ଦାବିଗୁଡ଼ିକ କେତେଦୂର ସତ୍ୟ, ତାହା ଅନ୍ତର୍ଜାତୀୟ ପତ୍ରିକାରେ ପ୍ରକାଶ ନହେବା ପର୍ଯ୍ୟନ୍ତ ସ୍ପଷ୍ଟ ଭାବେ କହିବା ମୁସ୍କିଲ। ଅନ୍ୟପଟେ ଚୀନ ରାଷ୍ଟ୍ରପତିଙ୍କ ସହ ଏକ ବୈଠକ ସମୟରେ ମଧ୍ୟ ପୁଟିନ ମଣିଷର ଆୟୁଷକୁ ୧୫୦ ବର୍ଷ ପର୍ଯ୍ୟନ୍ତ ବଢ଼ାଇବା ସମ୍ପର୍କରେ ଆଲୋଚନା କରିଥିବା ଜଣାପଡ଼ିଛି।

ଶୃଙ୍ଖଳା ବିଭାଗରେ ବିଶୃଙ୍ଖଳା

# କାହିଁକି ବିଗୁଡ଼ୁଛି ପୁଲିସର ଭାବମୂର୍ତ୍ତି

ଭୁବନେଶ୍ୱର,୩୧।୫(ବରୁଣ ସାହୁ):

ଆଇନଶୃଙ୍ଖଳା ରକ୍ଷା କରିବା, ଅପରାଧ ନିୟନ୍ତ୍ରଣ କରିବାଠାରୁ ଆରମ୍ଭ କରି ଜନସାଧାରଣଙ୍କ ଜୀବନ ଓ ସମ୍ପତ୍ତି ସୁରକ୍ଷା ସୁନିଶ୍ଚିତ କରିବା ହେଉଛି ପୁଲିସର ଦାୟିତ୍ୱ। ଏହାସହ ଥାନାକୁ ଆସୁଥିବା ଲୋକଙ୍କୁ ଉତ୍ତମ ବ୍ୟବହାର ସହ ସେମାନଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନ ଦିଗରେ କାମ କରିବାକୁ ଉଚ୍ଚ ଅଧିକାରୀମାନେ ସବୁବେଳେ ନିର୍ଦ୍ଦେଶ ଦେଇ ଆସୁଛନ୍ତି। ନାଗରିକ ସେବାକୁ ଅଧିକ କ୍ରିୟାଶୀଳ କରିବା ଲାଗି ପ୍ରତ୍ୟେକ ଥାନାକୁ ପ୍ରତି ମାସରେ ଟଙ୍କା ମଧ୍ୟ ଦିଆଯାଉଛି। ଏତେ ସବୁ ପରେ ମଧ୍ୟ ମଧ୍ୟ ଶୃଙ୍ଖଳା ବିଭାଗରେ ବିଶୃଙ୍ଖଳା ବଢ଼ିଚାଲିଛି। କେଉଁଠି ନ୍ୟାୟ ପାଇଁ ଥାନାର ଦ୍ୱାରସ୍ଥ ହୋଇଥିବା ମାଆ-ପୁଅଙ୍କୁ ପୁଲିସ ଅମାନୁଷିକ ଭାବେ ମାଡ଼ ମାରୁଛି ତ ଆଉ କେଉଁଠି ମିଛ ବୟାନ ଦେବାକୁ ବାଧ କରି ଯୁବକଙ୍କୁ ଥାର୍ଡ ଡିଗ୍ରିର ଯନ୍ତ୍ରଣା ଦେଉଛି। କେବଳ ସେତିକି ନୁହେଁ, ବିବାଦର ସମାଧାନ ଆଶାରେ ଥାନାକୁ ଯାଇଥିବା ମହିଳାଙ୍କ ହାତ ଭାଙ୍ଗି ଦେଉଛି ପୁଲିସ। ଗତ କିଛି ମାସ ମଧ୍ୟରେ ରାଜ୍ୟର ବିଭିନ୍ନ ଥାନାରେ ଥାର୍ଡ ଡିଗ୍ରି ଭଳି ବ୍ରିଟିସ୍ ଅମଳର କୁତ୍ସିତ ପରମ୍ପରାର ଚିତ୍ର ସାମ୍ନାକୁ ଆସିଛି। ଠିକଣା ସମୟରେ ଏହାକୁ ନେଇ ପୁଲିସର ଆଚରଣ ସଂହିତା ଉପରେ ପ୍ରଶ୍ନ ଉଠିଛି।

ଚଣ୍ଡିପ୍ରସାଦ ଗାଁର ରାକେଶ ବେହେରା ନିଜ ପତ୍ନୀ ନିଖୋଜ ଥିବା ନେଇ ବାରଙ୍ଗ ଥାନାରେ ଅଭିଯୋଗ କରିଥିଲେ। ପରବର୍ତ୍ତୀ ସମୟରେ କାଠଯୋଡ଼ି ନଦୀପଠାରୁ ଜଣେ ମହିଳାଙ୍କ ମୃତଦେହ ମିଳିଥିଲା। ସେହି ମୃତଦେହଟି ତାଙ୍କ ପତ୍ନୀର ବୋଲି ସ୍ୱୀକାର କରିବାକୁ ପୁଲିସ ଚାପ ପକାଇଥିଲା। ହେଲେ ରାକେଶ ରାଜି ନହେବାରୁ ପୁଲିସ ଜଙ୍ଗଲକୁ ଟେକି ନେଇ ଦୀର୍ଘ ୪ ଦିନ ଧରି ନିର୍ମମ ଭାବେ ପିଟିଥିଲା। ରାକେଶ ଚେତାଶୂନ୍ୟ ହୋଇଯିବା ପରେ ତାଙ୍କୁ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲା।

ସେପଟେ, କେନ୍ଦ୍ରାପଡ଼ା ଜିଲ୍ଲା ଗିରିଆପାହି ଗ୍ରାମର ପବନ ମଣ୍ଡଳ ତାଙ୍କ ପତ୍ନୀ ଅନ୍ନପୂର୍ଣ୍ଣା ଓ ପୁଅ ଅନନ୍ତଙ୍କ ବିରୋଧରେ ତାଳଚୁଆ ସାମୁଦ୍ରିକ ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାଆ-ପୁଅଙ୍କୁ ଡକାଇଥିଲା। ଅନ୍ନପୂର୍ଣ୍ଣା ତାଙ୍କ ସ୍ୱାମୀ ପବନଙ୍କ ବିରୋଧରେ ପାଲଟା ଅଭିଯୋଗ ଦେବାରୁ ଥାନାଧିକାରୀ ସନ୍ଧ୍ୟାରାଣୀ ଜେନା ରାଗି ଯାଇଥିଲେ। ଅନ୍ନପୂର୍ଣ୍ଣାଙ୍କ ଚୁଟି ଟାଣି ଘୋଷାଡ଼ିବା ସହ



(ଏ.ଆଇ ଫଟୋ)

ପୁଅ ସାମ୍ନାରେ ତାଙ୍କୁ ଅର୍ଦ୍ଧ-ଉଲଗ୍ନ କରି ମାଡ଼ ମାରିଥିଲେ। ଏମିତିକି, ମଥାରୁ ସିନ୍ଦୂର ପୋଛି ଦେଇ ବିଧବା ସଜାଇବା ଭଳି କୁକର୍ମ କରିବାକୁ ପଛାଇନଥିଲେ। ପୁଅ ଅନନ୍ତ ପ୍ରତିବାଦ କରିବାରୁ ସନ୍ଧ୍ୟା ଓ ଜଣେ କନେଷ୍ଟବଳ ମିଶି ପୁଅ ଅନନ୍ତଙ୍କୁ ପାଇଖାନା ଭିତରେ ପୂରାଇ ନିସ୍ତୁକ ପିଟିଥିଲେ। ତାଙ୍କ ତଣ୍ଟି ଚିପି ହତ୍ୟା କରିବାକୁ ମଧ୍ୟ ଉଦ୍ୟମ କରାଯାଇଥିବା ନେଇ ସେ ଅଭିଯୋଗ କରିଛନ୍ତି। ଥାର୍ଡ ଡିଗ୍ରୀ ଅଭିଯୋଗ ଆସିବା ପରେ ଥାନା ଅଧିକାରୀ ସନ୍ଧ୍ୟାରାଣୀ ଜେନାଙ୍କୁ ନିଲମ୍ବନ କରିଥିଲେ ପୁଲିସ ଡିଜି।

ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ସନ୍ଧ୍ୟାରାଣୀଙ୍କ ନାମରେ ଏହା ପ୍ରଥମ ଅଭିଯୋଗ ନୁହେଁ। ସେ ପୂର୍ବରୁ ମଧ୍ୟ ୨ଥର ନିଲମ୍ବନ ହୋଇଛନ୍ତି। କେନ୍ଦୁଝର ଜିଲ୍ଲାର ପାଟଣା ଥାନାରେ କାର୍ଯ୍ୟରତ ଥିବା ବେଳେ ସନ୍ଧ୍ୟା ଜଣେ ଯୁବକଙ୍କୁ ନିର୍ଘାତ ମାଡ଼ ମାରି ନିଲମ୍ବନ ହୋଇଥିଲେ। ଦୁଇବର୍ଷ ପାଇଁ ତାଙ୍କୁ ଥାନାରେ ପୋଷ୍ଟିଂ ନକରିବା ପାଇଁ ମାନବାଧିକାର କମିସନ ନିର୍ଦ୍ଦେଶ ଦେଇଥିଲେ। ସେହିପରି, ଲଖନପୁର ଥାନା ଅଧିକାରୀ ଭାବେ କାର୍ଯ୍ୟ କରୁଥିବା ବେଳେ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ୩ ଜଣଙ୍କ ମୃତଦେହକୁ ନିଜ ଥାନା ପରିସୀମାରୁ ନେଇ ନିକଟବର୍ତ୍ତୀ ଥାନା ପରିସୀମାରେ ଫିଙ୍ଗି ଦେଇଥିଲେ। ଘଟଣା ପଦାକୁ ଆସିବା ପରେ ତାଙ୍କୁ ପୁଣିଥରେ ନିଲମ୍ବନ କରାଯାଇଥିଲା। ଏତେଥର ବିଶୃଙ୍ଖଳା ଘଟାଇବା ସହ ବାରମ୍ବାର ନିଲମ୍ବନ ହେଉଥିବା ସନ୍ଧ୍ୟାରାଣୀଙ୍କୁ

- ତଦନ୍ତ ଆଳରେ ବ୍ରିଟିଶ୍ ଅମଳର ଥାର୍ଡ ଡିଗ୍ରୀ
- ବାରମ୍ବାର ନିଲମ୍ବିତ ଅଧିକାରୀଙ୍କୁ ସୁରକ୍ଷା କାହିଁକି?
- କାମ ଚାପରେ ଚେପା ଓଡ଼ିଶା ପୁଲିସ
- ୧୮ ଘଣ୍ଟା କାମ, କାଉନସେଲିଂ ବ୍ୟବସ୍ଥା ନାହିଁ

କାହା ସ୍ୱାର୍ଥରେ ବାରମ୍ବାର ଥାନାରେ ନିୟୋଜିତ କରାଯାଉଛି, ତାକୁ ନେଇ ଏବେ ପ୍ରଶ୍ନ ଉଠିଛି।

ସମ୍ବେଦନଶୀଳ ପ୍ରସଙ୍ଗ ହେଉଛି, ଜଣେ ପୁଲିସ ଅଧିକାରିଣୀ ବାରମ୍ବାର ନିଲମ୍ବନର ସମ୍ମୁଖୀନ ହେବା ସତ୍ତ୍ୱେ ତାଙ୍କ ବିରୋଧରେ ପୁଣି ସମାନ ପ୍ରକାରର ଅଭିଯୋଗ ଆସୁଥିବାରୁ ପୁଲିସ ବିଭାଗର ଆଭ୍ୟନ୍ତରୀଣ ନିରୀକ୍ଷଣ (ବିଭାଗୀୟ ତଦନ୍ତ)କୁ ନେଇ ପ୍ରଶ୍ନ ଉଠିଛି। ଯଦି ଜଣେ ଅଧିକାରିଣୀ ପୂର୍ବରୁ ଦଣ୍ଡିତ ହେବା ପରେ ମଧ୍ୟ ଆଚରଣରେ ପରିବର୍ତ୍ତନ ନ ଆଣିବା ବ୍ୟବସ୍ଥାଗତ ତ୍ରୁଟିକୁ ସ୍ପଷ୍ଟ ଇଙ୍ଗିତ କରୁଛି। ଏପରିସ୍ଥଳେ ନିଜ ବିଭାଗୀୟ ଅଧିକାରୀଙ୍କ ବିରୋଧରେ ଆସିଥିବା ଅଭିଯୋଗର ତଦନ୍ତ କରୁଥିବା ଉଚ୍ଚ ଅଧିକାରୀମାନେ ଅଭିଯୋଗର ଅନୁସନ୍ଧାନ କରିବା ପରିବର୍ତ୍ତେ ଅନୁକମ୍ପା ଦେଖାଉଥିବା ପ୍ରମାଣିତ ହେଉଛି।

ଅପରପକ୍ଷେ, କେବଳ ସନ୍ଧ୍ୟା ନୁହନ୍ତି, ପୂର୍ବରୁ ଅନେକ ବରିଷ୍ଠ ପୁଲିସ ଅଧିକାରୀ ମଧ୍ୟ ସମାନ ଢଙ୍ଗରେ କାର୍ଯ୍ୟ କରୁଥିଲେ। ଅର୍ଥାତ୍ ବ୍ରିଟିଶ୍ ଅମଳର କୁତ୍ସିତ ଥାର୍ଡ ଡିଗ୍ରି ନିର୍ଯାତନାକୁ ଆପଣାଉଥିଲେ। ଏହି ତାଲିକାରେ ବରିଷ୍ଠ ଆଇପିଏସ୍ ଅଧିକାରୀମାନେ ମଧ୍ୟ ସାମିଲ ଅଛନ୍ତି। ଯେଉଁଥିପାଇଁ କମିସନରେଟ୍ ପୁଲିସଠାରୁ ଆରମ୍ଭ କରି ବିଭିନ୍ନ ଜିଲ୍ଲାସ୍ତରୀୟଗୁଡ଼ିକରେ ଅନେକ ସମୟରେ ହାଜତ ମୃତ୍ୟୁ ଭଳି ସଙ୍ଗୀନ ମାମଲା ସାମ୍ନାକୁ ଆସିଛି। ତେବେ ପ୍ରତିଦିନ ସାଧାରଣଲୋକଙ୍କ ସହ ଯୋଡ଼ି ହେଉଥିବା ପୁଲିସ ବାବୁମାନଙ୍କର କାର୍ଯ୍ୟକଳାପରେ ଯଦି ସୁଧାର ନ ଆସିବ, ତେବେ ଲୋକେ ନ୍ୟାୟିକ ବ୍ୟବସ୍ଥା ଉପରୁ ଭରସା ହରାଇବେ ଏବଂ ପ୍ରତି କ୍ଷେତ୍ରରେ ସୌମ୍ୟ ଭଳି ଭିଡ଼ହିଂସା ଓ କଙ୍ଗାରୁ କୋର୍ଟ ଦେଖିବାକୁ ମିଳିବ ବୋଲି ବୁଦ୍ଧିଜୀବୀମହଲରେ ମତ ପ୍ରକାଶ ପାଇଛି।

ଅନ୍ୟପଟେ, ଅନ୍ୟ ରାଜ୍ୟ ତୁଳନାରେ ଓଡ଼ିଶା ପୁଲିସ କର୍ମଚାରୀମାନେ ଅଧିକ ସମୟ କାମ କରୁଥିବା ଏକ ସର୍ଭେରୁ ଜଣାପଡ଼ିଥିଲା। ଦେଶର ଅନ୍ୟ ପୁଲିସ କମ୍ ସମୟ କାମ କରୁଥିବା ବେଳେ ଓଡ଼ିଶାର ପୁଲିସ ପ୍ରାୟ ୧୮ଘଣ୍ଟା ଡ୍ୟୁଟି କରୁଥିବା ରିପୋର୍ଟରେ ଉଲ୍ଲେଖ ରହିଥିଲା। ଦୀର୍ଘ ସମୟ ଡ୍ୟୁଟି, କର୍ମଚାରୀ ଅଭାବ, ତଦନ୍ତ ଚାପ ଓ ବ୍ୟକ୍ତିଗତ ଜୀବନ ପାଇଁ ସମୟର ଅଭାବ ଯୋଗୁଁ ପୁଲିସର ମାନସିକ ଚାପ ବଢ଼ୁଥିବା ଅନେକ ସମୟରେ ବିଶେଷଜ୍ଞମାନେ ସ୍ୱୀକାର କରିଛନ୍ତି। ହେଲେ ପୁଲିସ କର୍ମଚାରୀଙ୍କ ପାଇଁ ନିୟମିତ କାଉନସେଲିଂ, ମାନବାଧିକାର ପ୍ରଶିକ୍ଷଣ ଓ ଚାପ ପରିଚାଳନା ବ୍ୟବସ୍ଥା କରାଯାଉନାହିଁ। ଯାହା ବିଭାଗୀୟ ସ୍ତରରେ ଆଉ ଏକ ଗୁରୁତର ତ୍ରୁଟି ବୋଲି ବିବେଚନା କରାଯାଉଛି।

ପ୍ରେମ ନେଇଗଲା ଜୀବନ

## ନବବଧୂଙ୍କୁ ହତ୍ୟା କରି ଟାଙ୍ଗିଦେଲେ!

ବାଲେଶ୍ୱର, ୩୧।୫ (ସମିସ): ଯେଉଁ ପ୍ରେମକୁ ହାସଲ କରିବାକୁ ଜନ୍ମ କଲା ମା'-ବାପାକୁ ବି ସାତପର କରିବାକୁ ପଛାଇ ନଥିଲେ, ସେଇ ପ୍ରେମିକ ନିଜ ଘରଲୋକଙ୍କ ସହ ମିଶି ଶେଷରେ ଜୀବନ ନେଇଗଲା। ବାଲେଶ୍ୱର ଜିଲ୍ଲା ଶିଳ୍ପାଞ୍ଚଳ ଥାନାରୁ ବଧୂହତ୍ୟା ଭଳି ଏକ ଚାଞ୍ଚଲ୍ୟକର ଘଟଣା ପଦାକୁ ଆସିଛି। ମୃତ ମହିଳାଜଣଙ୍କ ହେଲେ, ମୟୂରଭଞ୍ଜ ଜିଲ୍ଲା ଉଦଳା ଥାନା ଅନ୍ତର୍ଗତ ଆଗପାଳ ଅଞ୍ଚଳର ଦୀନେଶ ନାୟକଙ୍କ ଏକମାତ୍ର ଝିଅ ଚର୍ଚ୍ଚିତା। ପୁଲିସ ଚର୍ଚ୍ଚିତାଙ୍କ ବେଡ୍‌ରୁମ୍‌ରୁ ତାଙ୍କ ଝୁଲନ୍ତା ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଦୀନେଶଙ୍କ ଅଭିଯୋଗ ଆଧାରରେ ନମ୍ବର ୧୮୧/୨୬ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଏହି ଘଟଣାରେ ପୁଲିସ୍ ଅଭିଯୁକ୍ତ ସ୍ୱାମୀ ଜଗଦୀଶକୁ ଅଟକ ରଖି ପଚରାଉଚରା କରୁଛି।

ସୂଚନାନୁଯାୟୀ, ମାଟ୍ରିକ୍ ପରେ ଚର୍ଚ୍ଚିତା ବାଲେଶ୍ୱରର ଏକ କଲେଜରେ ପାଠ ପଢ଼ୁଥିଲେ। ସେହି କଲେଜରେ ପିଅନ ଭାବେ କାର୍ଯ୍ୟରତ ଶିଳ୍ପାଞ୍ଚଳ ଥାନା ଅଞ୍ଚଳର ଛଣପୁର ଗ୍ରାମର କୁନ୍ଦୁରି ଚରଣ ମହାନ୍ତିଙ୍କ ପୁଅ ଜଗଦୀଶଙ୍କ ସହ ତାଙ୍କ ପ୍ରେମ ସଂପର୍କ ଗଢ଼ି ଉଠିଥିଲା। ପରିବାରଲୋକ ଏହାକୁ ବିରୋଧ କରିବାରୁ ଚର୍ଚ୍ଚିତା ପ୍ରେମ ପାଇଁ ନିଜ ଜନ୍ମକଲା ବାପା-ମା'ଙ୍କୁ ମଧ୍ୟ ପର କରିଦେଇଥିଲେ। ଗତବର୍ଷ ଦୁହେଁ ଲୁଚି ପଳାଇ ବାଲେଶ୍ୱରର ଝାଡ଼େଶ୍ୱର ନାଥ ଶିବ ମନ୍ଦିରରେ ବିବାହ କରିଥିଲେ। ସେତେବେଳେ ଚର୍ଚ୍ଚିତାଙ୍କୁ ମାତ୍ର ୧୮ ବର୍ଷ ୨ମାସ ହୋଇଥିଲା। ପରିବାରଲୋକେ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଦୁହିଁଙ୍କୁ ଥାନାକୁ ଆଣିଥିଲା। ହେଲେ ଝିଅ ପ୍ରେମିକ ସହ ଯିବାକୁ ଜିଦ୍ ଧରିବାରୁ ବାପା-ମା' ନିରାଶ ହୋଇ ଫେରିଥିଲେ ଏବଂ ସମ୍ପର୍କ ବିଚ୍ଛିନ୍ନ କରିଦେଇଥିଲେ। ଗତକାଲି ଚର୍ଚ୍ଚିତାଙ୍କ ୨୦ ତମ ଜନ୍ମଦିନ ଥିଲା। ସେ କେକ୍ କାଟି ଖୁସି ମନାଇବା ସହ ସୋସିଆଲ ମିଡିଆରେ ଫଟୋ ଓ ଷ୍ଟାଟସ୍ ମଧ୍ୟ ପୋଷ୍ଟ କରିଥିଲେ। ହେଲେ ରାତିରେ କୌଣସି କଥାକୁ ନେଇ ଶ୍ୱଶୁର ଘରଲୋକଙ୍କ ସହ ତାଙ୍କର ପାଟିତୁଣ୍ଡ ହୋଇଥିଲା ଏବଂ ଏଥିରେ ଉତ୍‌କ୍ଷିପ୍ତ ହୋଇ ସେମାନେ ଚର୍ଚ୍ଚିତାଙ୍କୁ ନିର୍ଘାତ ମାଡ଼ ମାରିବା ସହ ତଣ୍ଟି ଚିପି ହତ୍ୟା କରିଛନ୍ତି ବୋଲି ଥାନାରେ ଅଭିଯୋଗ ହୋଇଛି। ଆଜି ସକାଳେ ଝିଅର ମୃତ୍ୟୁ ଖବର ପାଇ ବାପା ଓ ପରିବାର ଲୋକେ ମେଡିକାଲରେ ପହଞ୍ଚିବା ପରେ ଝିଅର ଶରୀରରେ ନିର୍ଯାତନାର ସ୍ପଷ୍ଟ ଚିହ୍ନ ଦେଖିବାକୁ ପାଇଥିଲେ।

ଦୀନେଶଙ୍କ ଅଭିଯୋଗ ଅନୁଯାୟୀ, ଜ୍ୱାଇଁ ଜଗଦୀଶ ମହାନ୍ତି, ଶ୍ୱଶୁର କୃଷ୍ଣଚନ୍ଦ୍ର, ଶାଶୂ, ନଣନ୍ଦ ଓ ଦିଅର ମିଳିମିଶି ତାଙ୍କ ଝିଅକୁ ଯୌତୁକ କିମ୍ବା ଅନ୍ୟ କୌଣସି କାରଣରୁ ନିର୍ମମ ଭାବେ ମାଡ଼ ମାରିବା ସହ ତଣ୍ଟି ଚିପି ହତ୍ୟା କରିଛନ୍ତି। ପରେ ଏହାକୁ ଆତ୍ମହତ୍ୟାର ରୂପ ଦେବାକୁ ଫ୍ୟାନ୍‌ରେ ଟାଙ୍ଗି ଦେଇଥିବା ଅଭିଯୋଗ କରିଛନ୍ତି। ମୃତଦେହ ଜବତ ବେଳେ ବେକରେ ଗଭୀର କ୍ଷତ ଚିହ୍ନ ଏବଂ ହାତ-ପାଦରେ ରକ୍ତ ଜମାଟ ବାନ୍ଧିଥିବା ଦେଖାଯାଇଥିଲା।

ସ୍ନାନଯାତ୍ରା ଓ ରଥଯାତ୍ରା ନୀତି ନିର୍ଘଣ୍ଟ

# ଅପରାହ୍ନ ୪ଟାରେ ରଥ ଟଣା

ପୁରୀ,୩୧।୫(ସମିସ): ଜୁନ୍ ୨୯ ତାରିଖରେ ଦେବସ୍ନାନ ପୂର୍ଣ୍ଣିମା। ସ୍ନାନମଣ୍ଡପକୁ ବିଜେ କରିବେ ଚତୁର୍ଦ୍ଧାବିଗ୍ରହ। ଏହାପରେ ରଥଯାତ୍ରା, ବାହୁଡ଼ା, ସୁନାବେଶ, ନୀଳାଦ୍ରିବିଜେ ଆଦି ବିଶେଷ ପର୍ବପର୍ବାଣୀ ରହିଛି। ଏହିସବୁ ପର୍ବପର୍ବାଣୀ ସମୟରେ ଠାକୁରଙ୍କ ନୀତିକାନ୍ତି କିପରି ସୁଚାରୁ ରୂପେ ସମ୍ପାଦନ କରାଯିବ ସେ ନେଇ ରବିବାର ଅନୁଷ୍ଠିତ ହୋଇଥିଲା ଛତିଶା ନିଯୋଗ ଓ ନୀତି ସବ୍ କମିଟି ବୈଠକ। ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଯୁଗ୍ମ ବୈଠକରେ ସ୍ନାନଯାତ୍ରା, ନବଯୌବନ ଦର୍ଶନ, ରଥଯାତ୍ରା, ବାହୁଡ଼ା, ସୁନାବେଶ, ଅଧରପଣା ଓ ନୀଳାଦ୍ରି ବିଜେ ଆଦି ନୀତି ନିର୍ଘଣ୍ଟ ହୋଇଛି।

ଏହି ବୈଠକରେ ରାଜେନ୍ଦ୍ରାଭିଷେକଠାରୁ ନୀଳାଦ୍ରୀବିଜେ ପର୍ଯ୍ୟନ୍ତ ନୀତିକାନ୍ତି ସମ୍ପର୍କରେ ଆଲୋଚନା କରାଯାଇ ଏହାକୁ ଅନୁମୋଦନ କରାଯାଇଛି। ଜୁଲାଇ ୧୬ରେ ପଡୁଥିବା ରଥଯାତ୍ରା ନୀତିକାନ୍ତି କିପରି ଶୃଙ୍ଖଳିତ ହୋଇପାରିବ ସେ ନେଇ ନୀତି ନିର୍ଘଣ୍ଟ କରାଯାଇଛି। ସେହିଦିନ ସକାଳ ୯ଟାରେ ତିନିରଥକୁ ପ୍ରତିଷ୍ଠା କରାଯିବ। ୯ଟା ୧୫ରେ ମଙ୍ଗଳାର୍ପଣ ପରେ ସାଢେ ୯ଟାରୁ ଆରମ୍ଭ ହେବ ଠାକୁରଙ୍କ ପହଣ୍ଡି। ମଧ୍ୟାହ୍ନ ସାଢେ ୧୨ଟା ସୁଦ୍ଧା ଦାରୁବିଗ୍ରହମାନେ ରଥାରୁଢ ହେବା ପରେ ମଦନମୋହନ ବିଜେ କରିବେ। ଚିତା ଲାଗି ପରେ ବେଶ ଶେଷ ହେବ। ଅପରାହ୍ନ ୨ଟାରୁ ୩ଟା ମଧ୍ୟରେ ଛେରାପହଁରା ଶେଷ ହେବା ପରେ ଚାରମାଳ ଫିଟାଯାଇ ଘୋଡା ଓ ସାରଥି ଲାଗିବେ। ଏହାପରେ ଅପରାହ୍ନ ୪ଟାରେ ରଥଟଣା ଆରମ୍ଭ ହେବ ବୋଲି ନୀତି ନିର୍ଘଣ୍ଟ କରାଯାଇଛି।

ଏହା ପୂର୍ବରୁ ଜୁନ୍ ୨୯ ତାରିଖରେ ଦେବସ୍ନାନ ପୂର୍ଣ୍ଣିମା। ପୂର୍ବ ରାତି ସାଢେ ୪ଟାରେ ମଙ୍ଗଳାର୍ପଣ ସରି ଭୋର ୫ଟାରୁ

- ସକାଳ ସାଢେ ୯ରୁ ରଥଯାତ୍ରା ପହଣ୍ଡି
- ଭୋର ୫ରୁ ସ୍ନାନ ପହଣ୍ଡି, ଅପରାହ୍ନ ୪ରୁ ହାତୀବେଶ
- ଅପରାହ୍ନ ୪ଟାରେ ବାହୁଡା ଯାତ୍ରା ରଥଟଣା
- ଅପରାହ୍ନ ୫ଟାରୁ ମହାପ୍ରଭୁଙ୍କ ସୁନାବେଶ

ପହଣ୍ଡି ଆରମ୍ଭ ହେବ। ପହଣ୍ଡି ପାଇଁ ୨ ଘଣ୍ଟା ସମୟ ରହିଛି। ଅର୍ଥାତ୍ ସକାଳ ୭ଟାରେ ପହଣ୍ଡି ସରି ସକାଳ ୯ଟାରେ ମଙ୍ଗଳ ଆଳତି ହେବ। ମଧ୍ୟାହ୍ନ ୧୨ଟାରୁ ଅପରାହ୍ନ ୨ଟା ମଧ୍ୟରେ ଜଳବିଜେ, ପୂଜା ଓ ଠାକୁରଙ୍କ ସ୍ନାନ ସରିବ। ଅପରାହ୍ନ ସାଢେ ୩ଟାରେ ଛେରାପହଁରା ପରେ ଅପରାହ୍ନ ୪ଟାରେ ଠାକୁରଙ୍କ ହାତୀବେଶ କରାଯିବ। ସନ୍ଧ୍ୟା ସାଢେ ୭ଟାରୁ ରାତି ସାଢେ ୯ଟା ଅର୍ଥାତ୍ ୨ ଘଣ୍ଟା ସାହାଣ ମେଲା ଦର୍ଶନ ରହିଛି। ଶ୍ରଦ୍ଧାଳୁମାନେ ସ୍ନାନମଣ୍ଡପ ସମ୍ମୁଖରୁ ଦର୍ଶନ କରିବେ କିନ୍ତୁ ସେହି ଠାକୁରଙ୍କୁ ସ୍ପର୍ଶ କରିପାରିବେ ନାହିଁ। ରାତି ୧୦ଟାରେ ହାତୀବେଶ ମଇଲମ ହେବ। ପୁଷ୍ପାଞ୍ଜଳି ଏବଂ ଡୋରଲାଗି ପରେ ସ୍ନାନଯାତ୍ରାର ବାହୁଡା ପହଣ୍ଡି ରାତି ୧୧ଟାରୁ ଆରମ୍ଭ ହୋଇ ରାତି ୨ଟାରେ ଶେଷ ହେବ। ଏହାପରେ ଠାକୁରଙ୍କ ସୁନାଚିତା ଏବଂ ରାହୁରେଖା ମଇଲମ ହେବ।

ସେହିପରି ବୈଠକରେ ଜୁଲାଇ ୨୪ ତାରିଖ ବାହୁଡ଼ା ଯାତ୍ରା ନୀତି ନିର୍ଘଣ୍ଟ ହୋଇଛି। ମଧ୍ୟାହ୍ନ ୧୨ଟାରୁ ବାହୁଡା ପହଣ୍ଡି ଆରମ୍ଭ ହୋଇ ଅପରାହ୍ନ ସାଢେ ୨ଟାରେ ପହଣ୍ଡି ଶେଷ ହେବ। ସାଢେ ୨ଟାରୁ ସାଢେ ୩ଟା ମଧ୍ୟରେ ଛେରାପହଁରା ଶେଷ ହୋଇ ଅପରାହ୍ନ ୪ଟାରେ ରଥଟଣା ଯିବ। ଜୁଲାଇ ୨୫ ତାରିଖ ଅପରାହ୍ନ ୫ଟାରୁ ସନ୍ଧ୍ୟା ସାଢେ ୬ଟା ରଥ ଉପରେ ମହାପ୍ରଭୁଙ୍କୁ ସୁନାବେଶରେ ସଜେଇ ଦିଆଯିବ। ରାତି ୧୦ରୁ ୧୧ଟା ମଧ୍ୟରେ ବେଶ ମଇଲମ କରାଯିବ। ଅର୍ଥାତ୍ ଭକ୍ତମାନେ ୬ ଘଣ୍ଟା ରଥ ଉପରେ ମହାପ୍ରଭୁଙ୍କ ଦୁର୍ଲ୍ଲଭ ସୁନାବେଶ ଦର୍ଶନ କରିପାରିବେ ବୋଲି ନୀତି ନିର୍ଘଣ୍ଟ ହୋଇଛି। ୨୬ ତାରିଖ ରାତି ୮ ଟାରେ ଅଧରପଣା ନୀତି ସମ୍ପନ୍ନ ହେବ। ୨୭ ତାରିଖରେ ମହାପ୍ରଭୁ ନୀଳାଦ୍ରିବିଜେ ଅର୍ଥାତ୍ ରତ୍ନସିଂହାସନକୁ ବିଜେ କରିବେ ବୋଲି ନୀତି ଚୂଡ଼ାନ୍ତ ହୋଇଛି।

ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଏସ୍‌ପି ପ୍ରତୀକ୍ ସିଂ, ନୀତି ପ୍ରଶାସକ ପ୍ରିୟରଞ୍ଜନ ପୃଷ୍ଟି, ଉନ୍ନୟନ ପ୍ରଶାସକ ଦେବବ୍ରତ ସାହୁଙ୍କ ସମେତ ପରିଚାଳନା କମିଟି ସଦସ୍ୟ ଓ ଛତିଶା ନିଯୋଗର କର୍ମକର୍ତ୍ତା ଯୋଗଦେଇଥିଲେ।

ରାଜ୍ୟରେ ସୁଲଭ ଗୃହ ପ୍ରକଳ୍ପର ବ୍ୟାପକ ସମ୍ପ୍ରସାରଣ ଲକ୍ଷ୍ୟ

# ସଦର ମହକୁମାରେ ଉପଲବ୍ଧ ହେବ ସୁଲଭ ଗୃହ

ଭୁବନେଶ୍ୱର, ୩୧।୫(ସମିସ): ସାରା ରାଜ୍ୟରେ ଶସ୍ତା, ସୁଲଭ ଓ ସମାବେଶୀ ଗୃହ ପ୍ରକଳ୍ପର ବ୍ୟାପକ ସମ୍ପ୍ରସାରଣ କରାଯିବ। ଏଥିପାଇଁ ବିଭିନ୍ନ ବୃହତ ଆବାସିକ ପ୍ରକଳ୍ପ କାର୍ଯ୍ୟକାରୀ ହେଉଥିବା ବେଳେ ସମସ୍ତ ଜିଲ୍ଲା ସଦର ମହକୁମାକୁ ସମ୍ପ୍ରସାରିତ କରାଯିବ। ଏଥିପାଇଁ ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ବୋର୍ଡ ପକ୍ଷରୁ ରଣନୀତି ପ୍ରସ୍ତୁତ କରାଯାଇଛି। ବୋର୍ଡ ପକ୍ଷରୁ ଏପର୍ଯ୍ୟନ୍ତ ୨୧ଟି ଜିଲ୍ଲାରେ ୩୨,୩୪୩ଟି ଗୃହ, ଦୋକାନ ଗୃହ ଏବଂ ପ୍ଲଟ୍ ବିକଶିତ କରାଯାଇଛି। ଏହା ଆର୍ଥିକ ଅନଗ୍ରସର, ନିମ୍ନ ଆୟ, ମଧ୍ୟମ ଆୟ ଏବଂ ଉଚ୍ଚ ଆୟ ଶ୍ରେଣୀର ଲୋକଙ୍କ ଆବଶ୍ୟକତା ପୂରଣ କରୁଛି। କେବଳ ଖୋର୍ଦ୍ଧା ଜିଲ୍ଲାରେ ୨୦,୦୦୦ରୁ ଅଧିକ ୟୁନିଟ୍ ବିକଶିତ କରାଯାଇଛି। ବର୍ତ୍ତମାନ ୫୧୭ କୋଟିରୁ ଅଧିକ ବିନିଯୋଗରେ ୧୪୮୪ଟି ଆବାସିକ ୟୁନିଟ୍ ସମ୍ବଳିତ ୫ଟି ପ୍ରମୁଖ ପ୍ରକଳ୍ପ କାର୍ଯ୍ୟ ଜାରି ରହିଛି।



ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀ ଓଏସ୍‌ଏଚ୍‌ବିର ଚାଲୁଥିବା ଏବଂ ଆଗାମୀ ପ୍ରକଳ୍ପଗୁଡ଼ିକର ସମୀକ୍ଷା କରିଛନ୍ତି। ଏହି ଅବସରରେ ଅଧିକ ସୂଚନା ଦେଇ ବିଭାଗୀୟ ସ୍ୱତନ୍ତ୍ର ସଚିବ ତଥା ଓଏସ୍‌ଏଚ୍‌ବିର ପରିଚାଳନା ନିର୍ଦ୍ଦେଶକ ଗଙ୍ଗାଧର ନାୟକ କହିଛନ୍ତି ଯେ, ଭୁବନେଶ୍ୱର ଜାଗମରାଠାରେ ୬୨.୫୧ କୋଟି ବ୍ୟୟରେ ଖାରବେଳ ଏନକ୍ଲେଭ ପ୍ରକଳ୍ପ ହସ୍ତାନ୍ତର ପର୍ଯ୍ୟାୟରେ ପହଞ୍ଚିଛି। ୧୦୪ ଉଚ୍ଚ ଆୟକାରୀ (ଏଚ୍‌ଆଇଜି) ଆପାର୍ଟମେଣ୍ଟ ମଧ୍ୟରୁ ୩୦ ଜଣ ବ୍ୟକ୍ତିଙ୍କୁ ଆପାର୍ଟମେଣ୍ଟ ହସ୍ତାନ୍ତର କରାଯାଇଛି। ସେହିପରି ୧୪.୫୫ କୋଟି ଟଙ୍କା ବିନିଯୋଗରେ ନିର୍ମିତ ଅନୁଗୁଳ ଏନକ୍ଲେଭ ପ୍ରକଳ୍ପରେ ୬୧୩ଟି ଆବାସିକ ଗୃହ ନିର୍ମାଣ କାର୍ଯ୍ୟ ଦ୍ରୁତ ଗତିରେ ଚାଲିଛି। ତନ୍ମଧ୍ୟରୁ ୨୨୮ଟି ୟୁନିଟ୍ ନିର୍ମାଣ ସରିଥିବା ବେଳେ ଆସନ୍ତା ଡିସେମ୍ବର ସୁଦ୍ଧା ଏହାର ଦଖଲ ମିଳିବ। ଅବଶିଷ୍ଟ ୟୁନିଟ୍‌ଗୁଡ଼ିକ ୨୦୨୭ ଡିସେମ୍ବର ସୁଦ୍ଧା ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି। ଅନୁରୂପ ଭାବେ ତୁମୁଡୁମାରେ ୭୩.୪୦ କୋଟି ବ୍ୟୟରେ ସୁଭଦ୍ରା ଏନକ୍ଲେଭ ନିର୍ମାଣ କାର୍ଯ୍ୟ ଜାରି ରହିଥିବା ବେଳେ ଅନ୍ଧାରୁଆ ବାସୁଦେବ ବିହାରଠାରେ ପ୍ଲଟେଡ୍ ଡେଭଲପମେଣ୍ଟ ସ୍କିମ୍‌ରେ ୨୭.୨୭ କୋଟି ଟଙ୍କା ବ୍ୟୟରେ ୨୦୬ଟି ଆବାସିକ ପ୍ଲଟ ପ୍ରଦାନ କରାଯିବ। ଭୁବନେଶ୍ୱର ଗାଡ଼କଣ ଗୃହ ନିର୍ମାଣ ପ୍ରକଳ୍ପରେ ୧୮୯.୨୯ କୋଟି ଟଙ୍କା ବ୍ୟୟରେ ୩୩ଟି ଆବାସିକ ୟୁନିଟ୍ ସହ ବ୍ୟବସାୟିକ କ୍ଷେତ୍ର ଉପଲବ୍ଧ ହେବ। ବୈଧାନିକ ମଞ୍ଜୁରୀ ଏବଂ ଓରେରା ପଞ୍ଜୀକରଣ ଶେଷ ହେବା ପରେ ଜୁଲାଇ ୨୦୨୬ରେ ଏହାର ଶୁଭାରମ୍ଭ କରାଯିବ।

ଓଏସ୍‌ଏଚ୍‌ବି ଏକ ଋଣମୁକ୍ତ ସଂସ୍ଥା ଭାବେ ୨୦୨୪-୨୫ରେ ୧୮.୪୦ କୋଟି ଓ ୨୦୨୫-୨୬ ରେ ୨୫.୫୦ କୋଟି ଟଙ୍କା ବଳକା ଲାଭ କରିଛି। ଗତ ମାର୍ଚ୍ଚ ୩୧ ସୁଦ୍ଧା ବୋର୍ଡ ପାଖରେ ୩୭.୪୨ କୋଟି ଟଙ୍କାର ପାଣ୍ଠି ଉପଲବ୍ଧ ରହିଛି। ଆଗାମୀ ୨୦୨୬-୨୭ ଆର୍ଥିକ ବର୍ଷରେ ପ୍ରାୟ ୬,୮୭୭ଟି ଆବାସିକ ୟୁନିଟ୍ ନିର୍ମାଣ ପାଇଁ ୪ଟି ପ୍ରମୁଖ ପ୍ରକଳ୍ପ ପ୍ରସ୍ତାବିତ ରହିଛି। ସେଗୁଡ଼ିକ ସୁଆଙ୍ଗୋ ପିପିପି ପ୍ରକଳ୍ପ, ଏମସ୍ ଭୁବନେଶ୍ୱର ନିକଟରେ ୧୨.୯ଏକର ଜମିରେ ୨,୮୬୭ଟି ଗୃହ ନିର୍ମାଣ କରାଯିବ, ଯେଉଁଥିରେ ୧,୦୩୪ଟି ସୁଲଭ ଗୃହ ଅନ୍ତର୍ଭୁକ୍ତ। ଏହି ପ୍ରକଳ୍ପରୁ ବୋର୍ଡକୁ ସର୍ବନିମ୍ନ ୨୧୦ କୋଟି ଟଙ୍କାର ରାଜସ୍ୱ ମିଳିବ ବୋଲି ଆଶା କରାଯାଉଛି। ରଣସିଂହପୁରରେ ଇପିସି ଗୃହ ନିର୍ମାଣ ପ୍ରକଳ୍ପ ୫.୭୮ଏକର ଜମିରେ ପ୍ରାୟ ୩୯୭ କୋଟି ଟଙ୍କା ବିନିଯୋଗରେ ୧,୨୬୨ଟି ଗୃହ ନିର୍ମାଣ କରାଯିବ। ପାତ୍ରପଡ଼ା ଗୃହ ନିର୍ମାଣ ପ୍ରକଳ୍ପ ଇ-ବିଡ଼ିଂ ମାଧ୍ୟମରେ ୧୧.୫ଏକର ଜମିରେ ୨,୫୧୦ଟି ଗୃହ ନିର୍ମାଣ କରାଯିବ, ଯେଉଁଥିରେ ୮୨୦ଟି ସୁଲଭ ଆବାସିକ ଗୃହ ରହିବ। ରାଉରକେଲା ବାସନ୍ତୀ କଲୋନୀ ଯୁଗ୍ମ ଉଦ୍ୟୋଗ ଆପାର୍ଟମେଣ୍ଟ ପ୍ରକଳ୍ପରେ ୨୩୮ଟି ଏମଆଇଜି ଏବଂ ଏଚଆଇଜି ଆପାର୍ଟମେଣ୍ଟ ନିର୍ମାଣ ପାଇଁ ପ୍ରସ୍ତାବ ଦିଆଯାଇଛି।

ବାରଙ୍ଗ ଥାନା 'ଥାର୍ଡ ଡିଗ୍ରୀ' ମାମଲା

# ପୁଲିସର ସଫେଇ ଯେତିକି, ସନ୍ଦେହ ସେତିକି

କଟକ/ବାରଙ୍ଗ, ୩୧।୫(ସମିସ): କଟକ ଜିଲ୍ଲା ବାରଙ୍ଗ ଥାନାରେ ଜଣେ ନିରୀହ ଯୁବକଙ୍କୁ ଅମାନୁଷିକ ନିର୍ଯାତନା ଘଟଣା ଏବେ ପୁଲିସ ପ୍ରଶାସନକୁ ହରଡ଼ଘଣାରେ ପକାଇଛି। ଏହି ସାଙ୍ଘାତିକ ମାମଲାରେ ବାରଙ୍ଗ ପୁଲିସ ଯେତିକି ସଫେଇ ଦେଉଛି, ଜନସାଧାରଣଙ୍କ ମନରେ ସନ୍ଦେହ ସେତିକି ଘନୀଭୂତ ହେବାରେ ଲାଗିଛି। ବର୍ତ୍ତମାନ ଏହି ପ୍ରସଙ୍ଗରେ କେବଳ ପୁଲିସ ନୁହେଁ, ବରଂ ଫୁଲନଖରାସ୍ଥିତ 'ମେଡ୍-ଏକ୍ସ' ହସ୍ପିଟାଲର ସନ୍ଦେହଜନକ ଭୂମିକାକୁ ନେଇ ମଧ୍ୟ ଚର୍ଚ୍ଚା ଜୋର୍ ଧରିଛି।

ଗତ ୨୪ ତାରିଖରେ ଚଣ୍ଡିପ୍ରସାଦ ଗ୍ରାମର ରାକେଶ ବେହେରାଙ୍କୁ ପୁଲିସ ହାଜତ ଭିତରେ ବର୍ବରୋଚିତ ଭାବେ ପୁଲିସ ପିଟିଥିବା ପରିବାରଲୋକେ ଅଭିଯୋଗ ଆଣିବା ପରେ ଏହାକୁ ଚାପିବା ପାଇଁ ପୁଲିସ ଉଦ୍ୟମ ଚଳାଇଥିଲା। ଏହି ଘଟଣାରେ ପୂର୍ବରୁ କଟକ ଡିସିପି ଋଷିକେଶ ଖିଲାରୀ ପ୍ରଥମେ ସିସିଟିଭି ଫୁଟେଜ୍ ଦେଖି ତଦନ୍ତ ହେବ ବୋଲି କହିବା ସହ ପରବର୍ତ୍ତୀ ସମୟରେ ରାକେଶଙ୍କୁ କୌଣସି ମାଡ଼ ମରାଯାଇନାହିଁ, ବରଂ ତାଙ୍କର ପୁରୁଣା ଲିଭର ରୋଗ ଥିଲା ବୋଲି ସଫେଇ ଦେଇଥିଲେ। ମାତ୍ର ଏଠାରେ ପ୍ରଶ୍ନ ଉଠୁଛି ଯେ, ଯଦି ଥାନା ଭିତରେ ରାକେଶଙ୍କୁ କୌଣସି ନିର୍ଯାତନା ଦିଆଯାଇନାହିଁ କିମ୍ବା ପୁଲିସର କୌଣସି ସଂପୃକ୍ତି ନାହିଁ, ତେବେ ପ୍ରଶାସନ କାହାକୁ ବଞ୍ଚାଇବା ପାଇଁ ଏତେ ତରବରିଆ ଭାବେ ବାରଙ୍ଗ ଥାନା ଅଧିକାରୀ ନିରଞ୍ଜନ ବେହେରାଙ୍କୁ ବଦଳି କଲା? ଦୁଇ ଦୁଇଥର ଥାନା ଘେରଉ ସହ ପ୍ରବଳ ଜନ ଉତ୍ତେଜନା ପ୍ରକାଶ ପାଇବା ସମୟରେ ବଦଳି ନ କରି, ହଠାତ୍ ଏବେ କାହିଁକି ଆଇଆଇସିଙ୍କୁ ହଟାଇ ପୁରୀଘାଟ ଥାନା ଅଧିକାରୀ ବିଶ୍ୱରଞ୍ଜନ ନାୟକଙ୍କୁ ଅତିରିକ୍ତ ଦାୟିତ୍ୱ ଦିଆଗଲା, ତାହା ପୁଲିସର କଳା କାରନାମା ଆଡ଼କୁ ହିଁ ସ୍ପଷ୍ଟ ଆଙ୍ଗୁଠି ନିର୍ଦ୍ଦେଶ କରୁଛି ବୋଲି ସାଧାରଣରେ ଆଲୋଚନା ହେଉଛି।

ଏହି ସମଗ୍ର ବିବାଦ ଭିତରେ ଶନିବାର ରାତି ପ୍ରାୟ ୨ଟାରେ ରାକେଶଙ୍କ ନିଖୋଜ ସ୍ତ୍ରୀ ସୁରକ୍ଷିତ ଭାବେ ନିଜ ଘରକୁ ଫେରିଥିବା ଜଣାପଡ଼ିଛି। ମିଳିଥିବା ସୂଚନା ଅନୁଯାୟୀ, ତାଙ୍କ ମୋବାଇଲ୍‌ଟି ଭାଙ୍ଗି ଯାଇଥିବା ହେତୁ ସେ ପରିବାର ସଦସ୍ୟଙ୍କ ସହ କୌଣସି ଯୋଗାଯୋଗ କରିପାରି ନ ଥିଲେ। ଏହାକୁ ନେଇ ପରବର୍ତ୍ତୀ ସମୟରେ ପୁଲିସ ପ୍ରଶାସନ ତରଫରୁ ବିଭିନ୍ନ ପ୍ରକାରର ଭ୍ରମାତ୍ମକ ଅପପ୍ରଚାର କରାଯାଇଥିଲା ବୋଲି ଚଣ୍ଡିପ୍ରସାଦ ଗ୍ରାମର ଜଣେ ବ୍ୟକ୍ତି ଆଲୋଚନା ପ୍ରସଙ୍ଗରେ କହିଛନ୍ତି। ଏହାସହ ଗ୍ରାମବାସୀମାନେ ନଖରାସ୍ଥିତ 'ମେଡ୍-ଏକ୍ସ' ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ବିରୋଧରେ ସଙ୍ଗୀନ ଅଭିଯୋଗ ଉଠାଇଛନ୍ତି। ଗତ ୨୪ତାରିଖ ବିଳମ୍ବିତ ରାତି ପ୍ରାୟ ୧୨ଟା ୪୫ରେ ଗୁରୁତର ରାକେଶଙ୍କୁ ଏହି ହସ୍ପିଟାଲକୁ ଅଣାଯାଇଥିଲା ଏବଂ ହସ୍ପିଟାଲର ନିର୍ଦ୍ଦେଶକ ବିକ୍ରମ ସେନାପତିଙ୍କ ତତ୍ତ୍ୱବଧାନରେ ତୁରନ୍ତ ତାଙ୍କୁ କେବିନ୍ ଯୋଗାଇ ଦେଇ ଚିକିତ୍ସା କରାଯାଇଥିଲା। ତେବେ ଅତି ସଙ୍କଟାପନ୍ନ ଅବସ୍ଥାରେ ରାକେଶଙ୍କୁ ପ୍ରଥମେ କିଏ ଏବଂ କେଉଁ ପରିସ୍ଥିତିରେ ଏହି ହସ୍ପିଟାଲକୁ ଆଣିଥିଲା, ହସ୍ପିଟାଲ କର୍ତ୍ତୃପକ୍ଷ ସେହି ସମୟର ସିସିଟିଭି ଫୁଟେଜ୍ ଯାଞ୍ଚ କରି ସତ୍ୟକୁ ଲୋକଲୋଚନକୁ ଆଣନ୍ତୁ ବୋଲି ଗ୍ରାମବାସୀ ଦୃଢ଼ ଦାବି କରିଛନ୍ତି।

ଅପରପକ୍ଷରେ, କଟକ ବଡ଼ ମେଡିକାଲର ଆଇସିୟୁରେ ମୃତ୍ୟୁ ସହ ସଂଘର୍ଷ କରୁଥିବା ରାକେଶଙ୍କୁ ଦେଖିବା ପାଇଁ ବାରଙ୍ଗ ଶାନ୍ତି କମିଟିର ୫ଜଣିଆ ଏକ ପ୍ରତିନିଧିଦଳ ସହିତ ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ ରବିବାର ହସ୍ପିଟାଲ ଯାଇଥିଲେ।

## ପଦୋନ୍ନତି ପୂର୍ବରୁ ବଦଳି ପ୍ରକ୍ରିୟା ସାରିବାକୁ ଟିଜିଟି ଶିକ୍ଷକଙ୍କ ଦାବି

ଭୁବନେଶ୍ୱର, ୩୧।୫ (ସମିସ): ମାଧ୍ୟମିକ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କ ପଦୋନ୍ନତି ପୂର୍ବରୁ ଟିଜିଟି ଶିକ୍ଷକଙ୍କ ବଦଳି ପ୍ରକ୍ରିୟା ସାରିବାକୁ ଆଶାୟୀ ଶିକ୍ଷକମାନେ ଦାବି କରିଛନ୍ତି। ଶିକ୍ଷକଙ୍କ କହିବା ଅନୁଯାୟୀ, ସରକାରୀ ମାଧ୍ୟମିକ ବିଦ୍ୟାଳୟର ଶିକ୍ଷକ ଓ ପ୍ରଧାନ ଶିକ୍ଷକଙ୍କ ବଦଳି ପାଇଁ ଅନଲାଇନ୍ ଆବେଦନ ପ୍ରକ୍ରିୟା ଗତ ୨୬ତାରିଖରୁ ଆରମ୍ଭ ହୋଇଛି। ଅପରପକ୍ଷରେ ବରିଷ୍ଠ ମାଧ୍ୟମିକ ପ୍ରଧାନ ଶିକ୍ଷକ ପଦୋନ୍ନତି ପାଇଁ ଡିପିସି ପ୍ରକ୍ରିୟା ବହୁ ପୂର୍ବରୁ ଶେଷ ହୋଇଥିଲେ ମଧ୍ୟ ପଦୋନ୍ନତି ତାଲିକା ପ୍ରକାଶ ପାଇନାହିଁ। ପଦୋନ୍ନତି ପାଇଁ ଯୋଗ୍ୟ ଅନେକ ଟିଜିଟି ଶିକ୍ଷକ ବଦଳି ପାଇଁ ଆବେଦନ କରିଥିବାରୁ ପ୍ରଥମେ ବଦଳି ପ୍ରକ୍ରିୟା ଶେଷ କରି ପରେ ପଦୋନ୍ନତି କରିବାକୁ ସେମାନେ ଦାବି କରିଛନ୍ତି। ସେମାନଙ୍କ ମତରେ, ଏହାଦ୍ୱାରା ଶିକ୍ଷକମାନେ ନିଜ ପସନ୍ଦର ସ୍ଥାନରେ ବଦଳି ସୁଯୋଗ ପାଇବେ ଏବଂ ପଦୋନ୍ନତି ପରବର୍ତ୍ତୀ ପାରିବାରିକ ଓ ପ୍ରଶାସନିକ ସମସ୍ୟାରୁ ରକ୍ଷା ପାଇପାରିବେ।

ମଉଳୁଛି ସଂସ୍କୃତି ସ୍ୱପ୍ନ

# ଦୁଇ ବର୍ଷ ହେଲା ଆଣ୍ଠେଇଛି ବିକାଶ

ଭୁବନେଶ୍ୱର, ୩୧।୫(ସମିସ): ପ୍ରେକ୍ଷାଳୟ ନିର୍ମାଣ ନିଅଁ ପଡ଼ିଲା; ଛଡ଼ ବନ୍ଧାହେଲା। ତ୍ୱରିତ ବେଗରେ ନିର୍ମାଣ କାର୍ଯ୍ୟ ସାରିବାକୁ ଅଧିକାରୀମାନେ ଘନଘନ ସମୀକ୍ଷା କଲେ। ମାତ୍ର ୨୦୨୪ ସାଧାରଣ ନିର୍ବାଚନ

- ନିଅଁ ଖୋଳାରେ ଅଟକିଛି ପ୍ରେକ୍ଷାଳୟ ନିର୍ମାଣ
- ମୁହଁ ଖୋଲୁ ନାହାନ୍ତି ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ

ସରିବା ପରେ ସବୁକିଛି ସେଇଠି ଅଟକିଗଲା। ରାଜ୍ୟରେ ସରକାର ପରିବର୍ତ୍ତନ ହେବା ପରେ ଓଡ଼ିଶାର ଐତିହ୍ୟ ଓ ସଂସ୍କୃତିକୁ ମାର୍ଜିତ କରୁଥିବା ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ପ୍ରେକ୍ଷାଳୟ ନିର୍ମାଣ କାର୍ଯ୍ୟ ଉପରେ ସତେ ଯେପରି କାହାର କଳା ଛାଇ ପଡ଼ିଗଲା। ଦୀର୍ଘ ୨ ବର୍ଷ ହେଲା ଇଟା ଖଣ୍ଡେ ଯୋଡ଼ାଯାଇ ନ ଥିବାବେଳେ ଏବେ ଏହାର ଭବିଷ୍ୟତ ଏବେ ଅନ୍ଧକାରମୟ।



୨୦୨୪ ଜାନୁଆରୀ ୪ ତାରିଖ ଦିନ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ରୌପ୍ୟ ଜୟନ୍ତୀ ଅବସରରେ ଏକ ପ୍ରେକ୍ଷାଳୟ ନିର୍ମାଣ କରିବାକୁ ତତ୍କାଳୀନ ସଚିବ ଘୋଷଣା କରିଥିଲେ। ଏହାପରେ ଜି+୧ କୋଠା ନିର୍ମାଣ ପାଇଁ ୨୬ କୋଟି ୩୯ଲକ୍ଷ ୭୬ ହଜାର ୬୦୮ଟଙ୍କା ଅନୁଦାନ ମିଳିଥିଲା। ବର୍ଷେ ମଧ୍ୟରେ ନିର୍ମାଣ କାର୍ଯ୍ୟ ସାରିବା ସହ ୨୦୨୫-୨୬ ଶିକ୍ଷାବର୍ଷରୁ ଏହାକୁ କାର୍ଯ୍ୟକ୍ଷମ କରିବା ପାଇଁ ପ୍ରଶାସନିକ ସ୍ତରରେ ତତ୍ପରତା ପ୍ରକାଶ ପାଇଥିଲା। ମାତ୍ର ନିର୍ବାଚନ ପରେ ଏହି ପ୍ରକଳ୍ପ ଅନିଶ୍ଚିତତା ମଧ୍ୟକୁ ଚାଲିଯାଇଛି। ୨୦୨୫ ମାର୍ଚ୍ଚ ୬ ତାରିଖରୁ ଏହାର ନିର୍ମାଣ ଅବଧି ସରିଥିଲେ ମଧ୍ୟ ପ୍ରକଳ୍ପ କାର୍ଯ୍ୟ ଆଣ୍ଠେଇ ପଡ଼ିଛି। ପ୍ରେକ୍ଷାଳୟ ନିର୍ମାଣ କାର୍ଯ୍ୟ କେଉଁ କାରଣରୁ ବନ୍ଦ ରହିଛି ସେନେଇ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ମୁହଁ ଖୋଲୁ ନଥିବାବେଳେ କାର୍ଯ୍ୟର ତଦାରଖ ଦାୟିତ୍ୱରେ ଥିବା ଇଡକୋ ଭୁବନେଶ୍ୱର ଡିଭିଜନ-୧ର ଯନ୍ତ୍ରୀ ମଧ୍ୟ ନୀରବ ରହିବାକୁ ଶ୍ରେୟସ୍କର ମଣୁଛନ୍ତି।

ନିଅଣ୍ଟିଆ ଭିତ୍ତିଭୂମି ଦେଇ ଗତି କରୁଥିବା ଏହି ବିଶ୍ୱବିଦ୍ୟାଳୟର ପ୍ରେକ୍ଷାଳୟ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ବହୁ ବିଶିଷ୍ଟ ବ୍ୟକ୍ତି ଦାବି କରିଛନ୍ତି। ବିଶ୍ୱବିଦ୍ୟାଳୟର ୨୬ତମ ପ୍ରତିଷ୍ଠା ଦିବସରେ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ବିଶିଷ୍ଟ ଭାସ୍କର୍ଯ୍ୟ ଶିଳ୍ପୀ ତଥା ପଦ୍ମ ବିଭୂଷଣ ସୁଦର୍ଶନ ସାହୁ ଭିତ୍ତିଭୂମିନେଇ ଉଦ୍‌ବେଗ ପ୍ରକାଶ କରିଥିଲେ। ରାଜ୍ୟର ସଂସ୍କୃତି ଓ ପରମ୍ପରାରେ ଉଲ୍ଲେଖନୀୟ ଅବଦାନ ରଖିଥିବା ମହାମନିଷୀଙ୍କ ସମ୍ପର୍କରେ ଗବେଷଣା କରିବାକୁ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ତ୍ୱରାନ୍ୱିତ କରିବା ପାଇଁ ଭିତ୍ତିଭୂମି ସୁଦୃଢ଼ କରିବାକୁ ସରକାରଙ୍କ ନିକଟରେ ଦାବି କରିଥିଲେ। ଅନ୍ୟ ଅତିଥିମାନେ ମଧ୍ୟ ନିଅଣ୍ଟିଆ ଭିତ୍ତିଭୂମି କଥା ଉଲ୍ଲେଖ କରିବା ସହ ଉତ୍କର୍ଷ ପାଇବାକୁ ସଂଘର୍ଷ କରୁଥିବା କହିଥିଲେ। ଛାତ୍ରଛାତ୍ରୀମାନେ ମଧ୍ୟ ଭିତ୍ତିଭୂମୀକୁ ନେଇ ଅସନ୍ତୋଷ ଜାହିର କରିଛନ୍ତି। ରାଜଧାନୀ ଉପକଣ୍ଠରେ ଥିବାରୁ ସରକାରୀ ବାବୁଙ୍କ ପାଦ ପଡୁ ନଥିବାବେଳେ ନେତାମାନେ ମଧ୍ୟ ବୈମାତୃକ ମନୋଭାବ ପୋଷଣ କରୁଥିବା ଅଭିଯୋଗ କରିଛନ୍ତି।

ସକାଳ THE SAKALA



# ଧାନକ୍ରୟ ବ୍ୟବସ୍ଥାରେ ସ୍ୱଚ୍ଛତା ଓ ନିରପେକ୍ଷତାର ଅଭାବ ନେଇ ଉଦ୍‌ବେଗ

ଚନ୍ଦନେଶ୍ୱର, ୩୧।୫ (ସମିସ)




ଭୋଗରାଇ ବ୍ଲକରେ ଚଳିତ ଖରିଫ ଧାନ କ୍ରୟ ପ୍ରକ୍ରିୟାକୁ ନେଇ ବିଭିନ୍ନ ପ୍ରଶ୍ନ ଉଠିଥିବା ବେଳେ ଏହାକୁ ନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦିନକୁ ଦିନ ବଢୁଥିବା ଅଭିଯୋଗ କରିଛି ଭୋଗରାଇ ଭାରତୀୟ ଜନତା ପାର୍ଟି (ବିଜେପି) । ଶନିବାର ଦେହୁର୍ଦାସ୍ଥିତ ବିଜେପି କାର୍ଯ୍ୟାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଦଳୀୟ ନେତୃବୃନ୍ଦ ଧାନକ୍ରୟ ବ୍ୟବସ୍ଥାରେ ସ୍ୱଚ୍ଛତା ଓ ନିରପେକ୍ଷତାର ଅଭାବ ନେଇ ଉଦବେଗ ପ୍ରକାଶ କରିବା ସହ ପ୍ରଶାସନର ତୁରନ୍ତ ହସ୍ତକ୍ଷେପ ଦାବି କରିଛନ୍ତି ।

ଭୋଗରାଇ ବ୍ଲକ ଅଧୀନରେ ଥିବା ବିଭିନ୍ନ ସେବା ସମବାୟ ସମିତି (ପ୍ୟାକ୍ସ) ମାଧ୍ୟମରେ ଚାଲିଥିବା ଧାନ କ୍ରୟ ପ୍ରକ୍ରିୟାକୁ ନେଇ ଅନେକ ଚାଷୀ ଅସନ୍ତୋଷ ପ୍ରକାଶ କରୁଛନ୍ତି । କେତେକ ସ୍ଥାନରେ ସମିତିର ସଭାପତି, ସମ୍ପାଦକ ଓ ମିଲରଙ୍କ ମଧ୍ୟରେ ଅସ୍ୱଚ୍ଛ ବୁଝାମଣା ଯୋଗୁଁ ଧାନ କ୍ରୟରେ ସ୍ୱଚ୍ଛତା ବଜାୟ ରହୁନାହିଁ ବୋଲି ଭୋଗରାଇ ବିଜେପି ନେତାମାନେ ଅଭିଯୋଗ କରିଛନ୍ତି । ଏହାର ପ୍ରଭାବ ସିଧାସଳଖ ଭାବେ ସାଧାରଣ ଚାଷୀଙ୍କ ଉପରେ ପଡୁଥିବାରୁ ସେମାନେ ଆର୍ଥିକ ଓ ମାନସିକ ଚାପର ସମ୍ମୁଖୀନ ହେଉଛନ୍ତି । ଅନେକ ଚାଷୀ ସରକାରୀ ନିୟମ ଅନୁସାରେ ନିର୍ଦ୍ଧାରିତ ସମୟରେ ଟୋକନ ପାଇଥିଲେ ମଧ୍ୟ ଧାନ ବିକ୍ରୟ କରିବାରେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । କେତେକ ସ୍ଥାନରେ ଟୋକନ ଥିବା ସତ୍ତ୍ୱେ ଧାନ ଉଠାଯାଉ ନଥିବା ବେଳେ ଅନ୍ୟ କେତେକ କ୍ଷେତ୍ରରେ ଚୟନମୂଳକ ଭାବେ ଧାନ କ୍ରୟ ହେଉଥିବା ନେଇ ଚର୍ଚ୍ଚା ଚାଲିଛି । ଏହା ଫଳରେ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବା ସହ ସରକାରୀ ଧାନ କ୍ରୟ ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠୁଛି । ସାମ୍ବାଦିକ ସମ୍ମିଳନୀରେ ବିଜେପି ନେତା ତଥା ସାଂସଦ ପ୍ରତିନିଧି ଆଶିଷ ପାତ୍ର, ବରିଷ୍ଠ

## ଭୋଗରାଇରେ ବଢୁଛି ଚାଷୀ ଅସନ୍ତୋଷ

ବିଜେପି ନେତା ଅଂଶୁମାନ ମହାନ୍ତି, ଜିଲ୍ଲା ଉପସଭାପତି ରାଧାକାନ୍ତ ପ୍ରଧାନ, ଜିଲ୍ଲା ସାଧାରଣ ସମ୍ପାଦକ କ୍ୟାପଟେନ ଅଶୋକ ଦାସ, ଜିଲ୍ଲା ଏକ୍‌ଜ୍ୟୁକେଟିଭ ମେମ୍ବର ଅରୁଣ ଦେ, ମଣ୍ଡଳ ସଭାପତି ପରମାନନ୍ଦ ପରିଡ଼ା, ବ୍ରଜକିଶୋର ମହାନ୍ତି, ସତ୍ୟବ୍ରତ ଜେନା, ମଣ୍ଡଳ ପ୍ରଭାରୀ ରବୀନ୍ଦ୍ର ରାଉତ, ଯୁବ ମୋର୍ଚ୍ଚା ନେତା ତପନ ପାତ୍ର, ଏବଂ ଦଳର ଅନ୍ୟାନ୍ୟ ବରିଷ୍ଠ କର୍ମକର୍ତ୍ତା ଉପସ୍ଥିତ ଥିଲେ । ସେମାନେ କହିଥିଲେ ଯେ ରାଜ୍ୟର ଡବଲ୍ ଇଞ୍ଜିନ୍ ସରକାର ବିକାଶ, ସ୍ୱଚ୍ଛତା ଓ ଜନସେବାକୁ ପ୍ରାଥମିକତା ଦେଇ ଆସୁଛନ୍ତି । ଚାଷୀଙ୍କ ସ୍ୱାର୍ଥ ସୁରକ୍ଷା ପାଇଁ ସରକାର ଶତପ୍ରତିଶତ ଧାନ କ୍ରୟ କରିବାକୁ ନିଷ୍ପତ୍ତି ନେଇଥିବା ବେଳେ ତୃଣମୂଳ ସ୍ତରରେ ଯଦି କୌଣସି ଅନିୟମିତତା ହେଉଛି, ତେବେ ତାହାର ତଦନ୍ତ ହେବା ଆବଶ୍ୟକ । ନେତାମାନେ ଆହୁରି କହିଥିଲେ ଯେ, ଚାଷୀମାନେ ବର୍ଷସାରା କଠିନ ପରିଶ୍ରମ କରି ଧାନ ଉତ୍ପାଦନ କରିଥାନ୍ତି । ଯଦି ସେମାନେ ନିଜ ଉତ୍ପାଦିତ ଧାନ ବିକ୍ରୟ କରିବାରେ ହଇରାଣ ହୁଅନ୍ତି, ତେବେ ଏହା କେବଳ ଚାଷୀଙ୍କ ପ୍ରତି ଅନ୍ୟାୟ ନୁହେଁ, ବରଂ ସରକାରୀ ଯୋଜନାର ଉଦ୍ଦେଶ୍ୟକୁ ମଧ୍ୟ ବିଫଳ କରିଥାଏ । ତେଣୁ ଧାନ କ୍ରୟ ପ୍ରକ୍ରିୟାରେ ଯେକୌଣସି ପ୍ରକାରର ପକ୍ଷପାତିତା, ଅନିୟମିତତା କିମ୍ବା ଦୁର୍ନୀତିକୁ ବରଦାସ୍ତ କରାଯିବ ନାହିଁ ବୋଲି ସେମାନେ ସ୍ପଷ୍ଟ କରିଥିଲେ । ଅନ୍ୟପକ୍ଷରେ ସ୍ଥାନୀୟ ଚାଷୀ ଓ ଜନସାଧାରଣଙ୍କ ମଧ୍ୟରେ ମଧ୍ୟ ଧାନ କ୍ରୟ ବ୍ୟବସ୍ଥାକୁ ନେଇ ଚର୍ଚ୍ଚା ଜୋର ଧରିଛି । ଅନେକଙ୍କ ମତରେ, ପ୍ରକ୍ରିୟାର ସ୍ୱଚ୍ଛତା ଓ ନିରପେକ୍ଷତା ସୁନିଶ୍ଚିତ କରିବା ପାଇଁ ପ୍ରଶାସନ ପକ୍ଷରୁ ତୁରନ୍ତ ତଦନ୍ତ କରାଯିବା ଦରକାର । ଯଦି ତଦନ୍ତରେ କୌଣସି ଅନିୟମିତତା କିମ୍ବା ଦାୟିତ୍ୱହୀନତା ପ୍ରମାଣିତ ହୁଏ, ତେବେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ କଠୋର ପ୍ରଶାସନିକ ଓ ଆଇନଗତ ପଦକ୍ଷେପ ଗ୍ରହଣ କରାଯିବା ଉଚିତ ବୋଲି ସେମାନେ ଦାବି କରିଛନ୍ତି ।

# କଲ୍ୟାଣକୋଟ ଶାଳ ଜଙ୍ଗଲରେ ମାତିଛନ୍ତି କାଠ ମାଫିଆ



**ଜଳେଶ୍ୱର ବ୍ଲକ, ୩୧।୫ (ସମିସ) :** ବରଡ଼ିହା ବନଖଣ୍ଡ ଅଧିନ କଲ୍ୟାଣକୋଟ ଜଙ୍ଗଲରୁ ମୂଲ୍ୟବାନ ଶାଳ, ଆକାଶୀ, ମହୁଲ, ଭାଡରା ଆଦି ଗଛକୁ ଦିନବେଳା କଟା ଯାଇ ରାତି ହେଲେ ମାଫିଆଙ୍କ ହାତକୁ ଟେକି ଦେଉଛନ୍ତି । ଆଉ ଏହି ଜଙ୍ଗଲ ଲୁଟ ପଛରେ ଅଛନ୍ତି ସ୍ଥାନୀୟ ହରିଶ ସାଙ୍ଗିଆଧାରୀ ବ୍ୟକ୍ତି ଓ ଜଣେ ବନ ବିଭାଗର ଉପରିସ୍ଥ କର୍ମଚାରୀ । ଏହିମାସ ୧୦ ତାରିଖ ଦିନ ଏକ ଟ୍ରାକ୍ଟର ଯୋଗେ ସେହି ଜଙ୍ଗଲରୁ କଟା ଯାଇଥିବା ଅକାଶୀ ଓ ନିମ୍ବ କାଠକୁ ଚାଲାଣ କରାଯାଉଥିବା ବେଳେ ବନ ବିଭାଗର କର୍ମଚାରୀଙ୍କୁ ସ୍ଥାନୀୟ ଲୋକ ମାନେ ଖବର ଜଣାଇଥିବା ସତ୍ତ୍ୱେ ବନ ବିଭାଗର କର୍ମଚାରୀ ମାନେ ଜାଣିଶୁଣି ଆସିବାରେ ବିଳମ୍ବ ଯୋଗୁଁ କାଠ ମାଫିଆ ମାନେ ରାଇଶୋଳ କେନାଲ ରାସ୍ତାରେ କାଠଗଣ୍ଡି ଗୁଡିକୁ ଅନଲୋଡ଼ କରି ଚମ୍ପଟ ମାରିଥିଲେ । ଠିକ ସେହିପରି ଗତ ରାତିରେ କଲ୍ୟାଣକୁଟ ଜଙ୍ଗଲରୁ କାଠ ମାଫିଆ ଏକ ପିକଅପ ଯୋଗେ ଶାଳ କାଠ ଲୋଡ କରି ଜଳେଶ୍ୱର ଆଭିମୁଖେ ନେବା ସମୟରେ ବରଡ଼ିହା ବନ ବିଭାଗର ବନପାଳ ପ୍ରହ୍ଲାଦ ଚନ୍ଦ ନାୟକ ଖବର ପାଇ ତାଙ୍କର ଏକ ଟିମ୍ ଉକ୍ତ କାଠ ବୋଝେଇ ପିକଅପ୍ ଭ୍ୟାନକୁ ପିଛା କରିବା ପାଇଁ ଚେଷ୍ଟା କରିଥିଲେ । ଯାହା ଫଳରେ କନକାଇ ବାସନ୍ତୀ ପଡ଼ିଆ ନିକଟରେ ୨୪ ଟି ଶାଳ( ଲକ) କାଠ ସେଠାରେ ପକାଇ ଚମ୍ପଟ ମାରିଥିଲେ । ବାରମ୍ବାର ବନ ବିଭାଗର ବିଫଳତା ସଧାରଣ ଲୋକଙ୍କ ମନେର ସନ୍ଦେହ ସୃଷ୍ଟି କରିଛି ।

# ନୀଳଗିରି ମହିଳା କନିଷ୍ଠ ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



**ନୀଳଗିରି, ୩୧।୫ (ସମିସ) :** ନୀଳଗିରି ମହିଳା କନିଷ୍ଠ ମହାବିଦ୍ୟାଳୟର ଅଧ୍ୟକ୍ଷ କାର୍ତ୍ତିକ ଚନ୍ଦ୍ର ସାହୁଙ୍କ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଉତ୍ସବ କଲେଜ ପରିସରରେ ଅତି ଗମ୍ଭୀର ଓ ଭାବପୂର୍ଣ୍ଣ ପରିବେଶରେ ଅନୁଷ୍ଠିତ ହୋଇଯାଇଛି । ସେ ନିଜର ଦୀର୍ଘ ୩୩ ବର୍ଷର ନିଷ୍ଠାପର ସେବା ପରେ ଆଜି ନିଜ କାର୍ଯ୍ୟକାଳରୁ ଅବସର ଗ୍ରହଣ କରିଛନ୍ତି । ଏହି ସମ୍ବର୍ଦ୍ଧନା ସଭାରେ କଲେଜର ପ୍ରତିଷ୍ଠାତା ଇଂ ଦୀପ୍ତିକାନ୍ତ ମହାପାତ୍ର ସଭାପତିତ୍ୱ କରିଥିବାବେଳେ ମୁଖ୍ୟଅତିଥି ଭାବେ ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ବିନୋଦ ବିହାରୀ ପଣ୍ଡା, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଅଧ୍ୟାପକ ସଚିନ୍ଦ୍ରନାଥ କର, ସମ୍ମାନିତ ଅତିଥିଭାବେ ପ୍ରତିଷ୍ଠାତା ସମ୍ପାଦକ ସଦାଶିବ ରଥ, ଅନ୍ୟତମ ଅତିଥି ଭାବେ ଅଧ୍ୟକ୍ଷା ମଞ୍ଜୁଶ୍ରୀ ପଣ୍ଡା, ଅଧ୍ୟାପିକା ରାଜଶ୍ରୀ ବେହେରା, ଅଧ୍ୟାପକ ହେମନ୍ତ କୁମାର ବେହେରା ମଞ୍ଚାସୀନ ଥିଲେ । ଅତିଥି ମାନେ ନିଜ ବକ୍ତବ୍ୟ ରେ ଅବସରପ୍ରାପ୍ତ ଅଧ୍ୟକ୍ଷ କାର୍ତ୍ତିକ ଚନ୍ଦ୍ର ସାହୁଙ୍କ କାର୍ଯ୍ୟଦକ୍ଷତା, ସାଧୁତା ଓ ମେଳାପୀ ସ୍ୱଭାବର ଉଚ୍ଚ ପ୍ରଶଂସା କରିଥିଲେ । ଅନୁଷ୍ଠାନର ପ୍ରଗତିରେ ତାଙ୍କର ଅବଦାନ ଅତୁଳନୀୟ ଏବଂ ତାଙ୍କର ଅନୁପସ୍ଥିତି ସଦାବେଳେ ଅନୁଭୂତ ହେବ ବୋଲି ସହକର୍ମୀ ମାନେ ନିଜ ସ୍ମୃତି ଚାରଣରେ ପ୍ରକାଶ କରିଥିଲେ । ଏହି ଅବସର ରେ ଅନୁଷ୍ଠାନ ତରଫରୁ ଅବସରପ୍ରାପ୍ତ ଶ୍ରୀ ସାହୁଙ୍କୁ ପୁଷ୍ପଗୁଚ୍ଛ, ଉପଢୌକନ, ମାନପତ୍ର ଏବଂ ସ୍ମାରକୀ ପ୍ରଦାନ କରାଯାଇ ଭାବପୂର୍ଣ୍ଣ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ମଞ୍ଚ ପରିଚାଳନା ଭାସ୍କର ଚନ୍ଦ୍ର ବିଶ୍ୱାଳ କରିଥିଲେ । ଅଧ୍ୟାପିକା ମମତା ବରାଳ, ଅଞ୍ଜନ କୁମାର ଦାସ, ସରୋଜ କୁମାର ବାରିକ, ସଞ୍ଜୟ ପତି ସମେତ ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ର ସମସ୍ତ କର୍ମଚାରୀ, ଛାତ୍ରୀ ଓ ସ୍ଥାନୀୟଭଦ୍ର ବ୍ୟକ୍ତିମାନେ ଉପସ୍ଥିତ ରହି ସହଯୋଗ କରିଥିଲେ ।

## ଦାଦନ ଖଟିବାକୁ ଯାଇ ଥିବା ଯୁବକ ଟ୍ରେନରୁ ଖସି ମୃତ

# ବିଧାୟକଙ୍କ ହସ୍ତକ୍ଷେପରେ ଘରକୁ ଫେରିଲା ମୃତଦେହ



**ବାଲେଶ୍ୱର(ଉତ୍ତର), ୩୧।୫ (ସମିସ):** କେବେ ଶେଷ ହେବ ଦାଦନ ପରିବାରର ଦୁଃଖ । ପରିବାର ପ୍ରତିପୋଷଣ ପାଇଁ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଇ ମୃତ ଅବସ୍ଥାରେ ଫେରିଛି ମା' ଛେଉଣ୍ଡ ଭେଣ୍ଡିଆ ପୁଅର ଶବ । ଆଉ ଏକ ମାତ୍ର ରୋଜଗାରିଆ ପୁଅର ମୃତ ଦେହ ଦେଖି ବାପା ଓ ସାନ ଭଉଣୀର ଦୁଃଖରେ ଭାଙ୍ଗି ପଡିଛନ୍ତି । ଏ ଦୃଶ୍ୟକୁ ଯିଏ ଦେଖୁଚି ତା ଆଖିରୁ ଲୁହ ଝରି ଯାଉଛି । ତେବେ କେବେ ସରିବ ଏ ଦାଦନ ଶ୍ରମିକର ଦୁଃଖ ଓ ଯନ୍ତ୍ରଣା, ଆଉ କେତେ ମା ବାପା ବଞ୍ଚି ଥାଉ ଥାଉ ପୁଅର ମଲା ମୁହଁ ଦେଖିବେ । ଏଭଳି ଏକ ହୃଦୟ ବିଦାରକ ଦୃଶ୍ୟ ଦେଖିବାକୁ ମିଳିଛି ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଟୁକୁରିହାଜିରା ପଞ୍ଚାୟତ ବାରବାଟିଆ ଗ୍ରାମରେ । ସୂଚନାଯୋଗ୍ୟ ଯେ ଏହି ଗ୍ରାମର ହରିହର ମିର୍ଦ୍ଧା ଙ୍କ ଏକ ମାତ୍ର ପୁଅ ଗୋବିନ୍ଦ ଗୋପାଳ ମିର୍ଦ୍ଧା ମୁମ୍ବାଇର ଏକ ହୋଟେଲରେ କାମ କରୁଥିଲେ । ଗୋବିନ୍ଦ ଚେନ୍ନାଇରେ ଆଉ ଏକ ହୋଟେଲରେ କାମ କରିବା ପାଇଁ ଗତ ୪ ଦିନ ତଳେ ମୁମ୍ବାଇରୁ ଟ୍ରେନରେ ଚେନ୍ନାଇ ଆସୁଥିଲେ । ମାତ୍ର ଦୁର୍ଭାଗ୍ୟଜନକ ଭାବେ କେରଳର ପାଲକ୍କଡ଼ ଷ୍ଟେସନ ନିକଟରେ ଟ୍ରେନରୁ ଖସିପଡ଼ି ତା'ର ଅକାଳ ମୃତ୍ୟୁ ହୋଇଗଲା । ମା'ଛେଉଣ୍ଡ ଗୋବିନ୍ଦର ଶବକୁ ସୁଦୂର କେରଳରୁ ଗାଁକୁ ଆଣିବା ପାଇଁ ଗରିବ ବାପା ହରିହରଙ୍କ ସାମର୍ଥ୍ୟ ନଥିଲା । ସ୍ଥାନୀୟ ସରପଞ୍ଚ ଓ ଗାଁ ଲୋକ ଭୋଗରାଇ ବିଧାୟକ ଗୌତମ ବୁଦ୍ଧ ଦାସ ଙ୍କୁ ଏ ବିଷୟରେ ଜଣାଇବା ପରେ ସେ ଜିଲ୍ଲା ପ୍ରଶାସନ ଓ ବାଲେଶ୍ୱରର ଜିଲ୍ଲା ଶ୍ରମ ଅଧିକାରୀଙ୍କ ସହ କଥା ହୋଇ ଗୋବିନ୍ଦର ଶବ ଆଣିବା ବ୍ୟବସ୍ଥା କରିବାକୁ ଅନୁରୋଧ କରିଥିଲେ । ପ୍ରଶାସନ ପକ୍ଷରୁ କେରଳ ସରକାରଙ୍କ ସହ ଯୋଗାଯୋଗ କଲା ପରେ ଗତ ଶନିବାର ଅପରାହ୍ନରେ ଏକ ଆମ୍ବୁଲାନ୍ସ ଯୋଗେ ଗୋବିନ୍ଦର ମରଶରୀର ଗାଁକୁ ଫେରି ଥିଲା । ଆଜି ତାଙ୍କର ଶେଷ କୃତ୍ୟ ସମ୍ପନ୍ନ ହୋଇଥିବା ଜଣା ପଡ଼ିଛି । ଶବ ଗାଁରେ ପହଞ୍ଚି ବା ପରେ ସମଗ୍ର ଅଞ୍ଚଳରେ ଶୋକକୁଳ ପରିବେଶ ସୃଷ୍ଟି ହୋଇଥିଲା । ନିଜ ଆଖି ଆଗରେ ଏକ ମାତ୍ର ପୁଅର ମୃତ ଦେହ ଦେଖି କହ ସମ୍ଭାଳି ପାରୁନାହାନ୍ତି ବାପା । ପୂର୍ବରୁ ମା କୁ ହରାଇ ଥିବା କୁନି ଝିଅ ଏବେ ଭାଇକୁ ହରାଇ ସବୁଦିନ ପାଇଁ ବେସାହାରା । ଘରର ଏକ ମାତ୍ର ପୁଅର ମଲା ମୁହଁ ଦେଖି ସାହି ପଡିଶା ଠୁ ବନ୍ଧୁ ବାନ୍ଧବ ଯାଏଁ ସମସ୍ତଙ୍କ ଆଖିରେ ଲୁହ ଝରିଯାଇଥିଲା । ବୋଧ ହୁଏ ହରିହରି ଗରିବ ହୋଇ ଜନ୍ମ ନେବା ଟା ତାଙ୍କ ପାଇଁ ଏକ ଅଭିଶାପ ଥିଲା । ବଞ୍ଚି ଥାଉ ଥାଉ ସ୍ତ୍ରୀ କୁ ହରାଇ ଏବେ ଏକମାତ୍ର ସାହାରା ଥିବା ଭେଣ୍ଡିଆ ପୁଅକୁ ବି ହରାଇଲେ । ସ୍ତ୍ରୀ ର ମୃତ୍ୟୁ ଯନ୍ତ୍ରଣା ମନରୁ ନ ଲିଭୁଣୁ ଏବେ ପୁଅକୁ ହରାଇବାର ଯନ୍ତ୍ରଣା ଭୋଗୁଛନ୍ତି ବାପା ହରିହର । ଘରର ଏକମାତ୍ର ରୋଜଗାରିଆ ପୁଅର ମୃତ୍ୟୁ ପରେ ଏବେ ବାପା ଝିଅ ଦୁଃଖରେ ଭାଙ୍ଗି ପଡିଛନ୍ତି ।

# କିଆନାଳିଆ ଆଦିବାସୀଙ୍କୁ ପ୍ରଲୋଭନ ଦେଖାଇ ଧର୍ମାନ୍ତୀକରଣ ଅଭିଯୋଗ

**ସୋର, ୩୧।୫ (ସମିସ):** ସୋର ବ୍ଲକ ଗୋପୀନାଥପୁର ପଞ୍ଚାୟତର କେତେକ ନିରୀହ ଆଦିବାସୀଙ୍କୁ ପ୍ରଲୋଭନ ଦେଖାଇ ଧର୍ମାନ୍ତୀକରଣ କରାଯାଉଥିବା ଅଭିଯୋଗ ହେବା ପରେ ପୁଲିସ୍ ଘଟଣାସ୍ଥଳରୁ ଦୁଇଜଣଙ୍କୁ ଥାନାକୁ ଆଣି ଅଟକ ରଖି ତଦନ୍ତ ଆରମ୍ଭ କରିଛି । ଆଜି କିଛି ଅଜଣା ଲୋକ କିଆନାଳିଆ ଗ୍ରାମରେ ଏକ ସ୍କୁଲ ଭିତରେ ନିରୀହ ଆଦିବାସୀ ଲୋକମାନଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇ ପ୍ରଚାର କରିବା ସହିତ ଧର୍ମାନ୍ତୀକରଣ କରିବାକୁ ଚେଷ୍ଟା କରୁଥିଲେ । ଖବର ପାଇ ବଜରଙ୍ଗ ଦଳର କର୍ମୀମାନେ ଘଟଣା ସ୍ଥଳରେ ପହଞ୍ଚି ଏହାକୁ ବିରୋଧ କରିଥିଲେ । ଫଳରେ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା । ଖବର ପାଇ ସୋର ପୁଲିସ ଘଟଣା ସ୍ଥଳରେ ପହଞ୍ଚି ୨ ଜଣଙ୍କୁ ଥାନାକୁ ଆଣି ଅଟକ ରଖିଥିବା ବେଳେ ୩ ଜଣ ଫେରାର ହୋଇଯାଇଛନ୍ତି । ପୁଲିସ ସେମାନଙ୍କ ନିକଟରୁ ଦୁଇଟି ବାଇବେଲ ପୁସ୍ତକ ଜବତ କରି ଘଟଣାର ତଦନ୍ତ ଆରମ୍ଭ କରିଛି । ବାରମ୍ବାର ଏହି ଅଂଚଳ ମାନଙ୍କରେ ଆଦିବାସୀ ଲୋକଙ୍କୁ ଧର୍ମପରିବର୍ତନ ପାଇଁ ପ୍ରବର୍ତ୍ତା ଯାଉଥିବାରୁ ପ୍ରଶାସନ ପକ୍ଷରୁ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ବଜରଙ୍ଗ ଦଳ ତରଫରୁ ଦାବି କରାଯାଇଛି ।

# କ୍ୟାନ୍ସରରେ ଷ୍ଟାଫନର୍ସଙ୍କ ମୃତ୍ୟୁ

**ନୀଳଗିରି, ୩୧।୫ (ସମିସ) :** ବାଲେଶ୍ୱର ସ୍ଥିତ ଲକ୍ଷ୍ମୀକାନ୍ତ ମେମୋରିଆଲ ହସ୍ପିଟାଲ ର କାର୍ଯ୍ୟରତ ଷ୍ଟାଫ ନର୍ସ ତଥା ନୀଳଗିରି ଏନ.ଏ.ସି ସିମୁଳିଆ ଗ୍ରାମର ବଳରମ ମହଲଙ୍କ ପୁତ୍ର ମନୋଜ କୁମାର ମହଲଙ୍କ ଧର୍ମପତ୍ନୀ ସୃଷ୍ଟି ସଂଗୀତ ମହଲ (୪୧)ଙ୍କ କ୍ୟାନ୍ସର ରୋଗରେ ମୃତ୍ୟୁ ହୋଇଯାଇଛି । ସେ କିଛି ମାସ ପୂର୍ବରୁ କ୍ୟାନ୍ସର ରୋଗରେ ପୀଡ଼ିତା ଥାଇ କଟକ ଚୌଦ୍ୱାର ସ୍ଥିତ କାର୍ଷିନୋମା କର୍କଟ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ଗତ ୩୦ ତାରିଖ ରାତ୍ରି ପ୍ରାୟ ୯ ଘଟିକା ସମୟରେ ଦେହାନ୍ତ ହୋଇଥିଲା । ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ହସ୍ପିଟାଲ ର ସମସ୍ତ ସହପାଠୀ, ଡାକ୍ତର ଶୋକ ପ୍ରକାଶ କରିଛନ୍ତି । ମୃତ୍ୟୁଶଯ୍ୟା ପାଖରେ ସ୍ୱାମୀ ମନୋଜ, ଶ୍ୱଶୁର ବଳରାମ, ଝିଅ ଦିଭ୍ୟାଙ୍କା, କାକା ଶୁର, ଶାଶୁ ଉପସ୍ଥିତ ଥିଲେ । ତାଙ୍କର ଏକ ୧୦ ବର୍ଷର କନ୍ୟା ସନ୍ତାନ ଅଛନ୍ତି । ରବିବାର ତାଙ୍କ ପାର୍ଥିବ ଶରୀର ସିମୁଳିଆ ଗ୍ରାମରେ ପହଞ୍ଚିବା ପରେ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି । ଶେଷ କୃତ୍ୟ ଗ୍ରାମ ମଶାଣିରେ ସମ୍ପନ୍ନ କରାଯାଇଥିବା ବେଳେ ଦିଅର ସ୍ମୃତି ଗୌରବ ମହଲ ମୁଖାଗ୍ନି ଦେଇଥିଲେ ।

# ବରିଷ୍ଠ ବିଜେପି ନେତାଙ୍କ ପରଲୋକ

**ବାଲେଶ୍ୱର(ଉତ୍ତର),୩୧।୫(ସମିସ):** ଭୋଗରାଇ ବ୍ଲକ ଜଳେଶ୍ୱରପୁର ପଞ୍ଚାୟତ ସେହି ଗ୍ରାମର ବିଜେପି ନେତା ଅନନ୍ତ କୁମାର ଜେନାଙ୍କ (୭୦) ବୟସରେ ପରଲୋକ ହୋଇଯାଇଛି । ଗୁରୁବାର ଅପରାହ୍ନରେ ଅସୁସ୍ଥ ହେବାରୁ ତାଙ୍କୁ କଟକସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ଚିକିତ୍ସାଧୀନ ଅବସ୍ଥାରେ ଆଜି ଭୋର ୪ ଟା ସମୟରେ ପରଲୋକ ହୋଇଯାଇଛି । ଅନନ୍ତ ଜଣେ ବିଶିଷ୍ଟ ସମାଜସେବୀ ଭାବରେ ପଞ୍ଚାୟତର ଉନ୍ନତ ମୂଳକ କାର୍ଯ୍ୟରେ ତାଙ୍କର ଯୋଗଦାନ ରହୁଥିଲା । ପ୍ରଥମେ କଂଗ୍ରେସର ଆଗଧାଡ଼ିର କର୍ମୀ ରହିଥିବା ବେଳେ ପରେ ବିଜେପିରେ ଯୋଗଦାନ କରି ଦେହୁର୍ଦ୍ଦା ମଣ୍ଡଳର ସାଧାରଣ ସମ୍ପାଦକ ଭାବେ ଦାୟିତ୍ୱ ତୁଲାଇଥିଲେ । କଟକରୁ ତାଙ୍କର ମରଶରୀର ଆସି ଜଳେଶ୍ୱରପୁର ପଞ୍ଚାୟତ ପରିକ୍ରମା କରିବା ପରେ ତାଙ୍କ ବାସଭବନକୁ ନିଆଯାଇଥିଲା । ତାଙ୍କର ମୃତ୍ୟୁରେ ଭୋଗରାଇ ବିଜେପି ନେତା ଆଶିଷ ପାତ୍ର, ବରିଷ୍ଠ ନେତା ଅଂଶୁମାନ ମହାନ୍ତି, ଆଶିଷ ମହାନ୍ତି, ବିଜେପି ଜିଲ୍ଲା ଉପସଭାପତି ରାଧାକାନ୍ତ ପ୍ରଧାନ, ମଣ୍ଡଳ ସଭାପତି ବ୍ରଜକିଶୋର ମହାନ୍ତି, ଜିଲ୍ଲା ପରିଷଦ ସଦସ୍ୟ ସନ୍ତୋଷ କୁମାର ଜେନା, ମହେଶପୁର ସରପଞ୍ଚ ବରେନ୍ଦ୍ର ପାତ୍ର, ଜଳେଶ୍ୱରପୁର ସରପଞ୍ଚ ବିରୁପାକ୍ଷ ଜେନା, ମନ କି ବାତ୍ ର ଜିଲ୍ଲା କଡିନେଟର କୃଷ୍ଣଚନ୍ଦ୍ର ଦତ୍ତ, କୃଷକ ମୋର୍ଚ୍ଚାର ଜିଲ୍ଲା ସଭାପତି ଖଗେନ୍ଦ୍ର ନାୟକ, କାଳିଚରଣ ଦାସ, ମଧୁସୂଦନ ପାତ୍ର, ବିଜେପି ଜଳେଶ୍ୱରପୁର ସଭାପତିତ୍ୱରେ ପ୍ରିୟବ୍ରତ ପ୍ରଧାନ, ତପନ ପଣ୍ଡା ପ୍ରମୁଖଙ୍କ ସହିତ ଶତାଧିକ ଲୋକ ତାଙ୍କ ବାସଭବନରେ ପହଞ୍ଚି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ଗାଁ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା ।

## ମହିଳା ଫରେଷ୍ଟ ଗାର୍ଡ ହଟହଟା ଘଟଣା

# ଫରେଷ୍ଟ ଗାର୍ଡଙ୍କ ପକ୍ଷରୁ ଥାନାରେ ଅଭିଯୋଗ

**ନୀଳଗିରି, ୩୧।୫ (ସମିସ) :** ଜଙ୍ଗଲ ଜମିରୁ ମାଟି ଉଠାଣ ବେଳେ ବନବିଭାଗ ଚଢ଼ଉ କରିବାକୁ ଯାଇ ମହିଳା ଫରେଷ୍ଟ ଗାର୍ଡ ହଟହଟା ଘଟଣା । ଏଭଳି ଘଟଣା ନୀଳଗିରି ରେଞ୍ଜ ଧୋବଶିଳା ବିଟ୍ ଅଧୀନ ରାବିଡିସାହି ଓ ଡାହିସାହି ଅଞ୍ଚଳରେ ଘଟିଥିଲା । ନୀଳଗିରି ରେଞ୍ଜ ଧୋବଶିଳା ପଞ୍ଚାୟତ ଅଧୀନ ରାବିଡ଼ିସାହି ରୁ ଡାହିସାହି ପର୍ଯ୍ୟନ୍ତ ରାସ୍ତାରେ ମାଟି ବିଛାଣ କାର୍ଯ୍ୟରେ ଧୋବଶିଳା ଜଙ୍ଗଲ ନିକଟ ପାହାଡ଼ରୁ ବେଆଇନ ଭାବରେ ଚାଲୁଥିବା ସମୟରେ ଗତ ଗୁରୁବାର ସନ୍ଧ୍ୟା ସମୟରେ ନୀଳଗିରି ବନବିଭାଗ ଚଢ଼ଉ କରିଥିଲା । ଏହି ଚଢ଼ଉରେ ଫରେଷ୍ଟର ରାମଚନ୍ଦ୍ର ଲେଙ୍କା, ଫରେଷ୍ଟ ଗାର୍ଡ ବବିସ୍ମିତା ସାହୁ ଙ୍କ ସମେତ ସବୁଜ ବାହିନୀ କର୍ମଚାରୀ ସଦଳବଳେ ସେଠାରେ ଚଢାଉ କରିଥିଲେ । ଉକ୍ତ ରାସ୍ତା ଉପରେ ପଡୁଥିବା ମାଟି ସବୁ ସଂରକ୍ଷିତ ଜଙ୍ଗଲରୁ ତଡ଼ା ଯାଉଥିବା ଅଭିଯୋଗ ପାଇ ଏହି ଚଢାଉ ହୋଇଥିଲା । ଅନ୍ୟ ଆଡୁ ମାଟି ନକିଣି ଜଙ୍ଗଲ ଜମିରୁ ମାଟି ତାଡ଼ିବା ଘଟଣାରେ ବନବିଭାଗ ସେଠାରେ ପହଞ୍ଚିବା ପରେ ଭିଡିଓ ଉତ୍ତୋଳନକୁ ନେଇ କିଛି ସମୟ ପାଇଁ ବନବିଭାଗ ଓ ଗ୍ରାମବାସୀ ଙ୍କ ମଧ୍ୟରେ ଉତ୍ତେଜନା ଦେଖା ଯାଇଥିଲା । ଏପରିକି ମହିଳା ଫରେଷ୍ଟଙ୍କ ମୋବାଇଲ୍ ଛଡ଼ାଇବାକୁ ଉଦ୍ୟମ ବେଳେ ଗାଡ଼ି ଛାଡି ପଳାଇଥିଲେ ଫରେଷ୍ଟ ଗାର୍ଡ । ବନବିଭାଗ ପହଞ୍ଚିବା ପୂର୍ବରୁ ମାଟି ଉଠାଉ ଥିବା ଲୋକେ ସେଠାରୁ ଫେରାର ହେବା ସହ ଜେସିବି ମେସିନ ଓ ଟ୍ରାକ୍ଟର ସବୁ ଉଠାଇ ନେଇଥିବାର ଅଭିଯୋଗ ହୋଇଥିଲା । ଏହି ଘଟଣାକୁ ନେଇ ଗତ ସୁକ୍ରବାର ନୀଳଗିରି ରେଞ୍ଜର ଘଟଣା ସ୍ଥଳକୁ ଜାଇ ତଦନ୍ତ କରିଥିଲେ । ପରେ ଫରେଷ୍ଟ ଗାର୍ଡ ବବିସ୍ମିତା ସାହୁ ନୀଳଗିରି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଫରେଷ୍ଟ ଗାର୍ଡ ଙ୍କ ଅଭିଯୋଗ ଆଧାରରେ ମୋବାଇଲ୍ ଛଡ଼ାଇବାକୁ ଉଦ୍ୟମ ଓ ଦୁର୍ବ୍ୟବହାରକୁ ନେଇ ନୀଳଗିରି ଥାନା ପକ୍ଷରୁ ୨୪୦/୨୬ ମାମଲା ରୁଜୁ କରି ତଦନ୍ତ ଜାରି ରହିଛି ।

# ସାହିତ୍ୟ ପତ୍ରିକା 'ଆମେମାନେ'ର ବିଷୁବ ସଂଖ୍ୟା ଉନ୍ମୋଚିତ



**ସୋର, ୩୧।୫ (ସମିସ):** ସୋର ପୌରପାଳିକା ଅନ୍ତର୍ଗତ ପ୍ରାଥମିକ ଶିକ୍ଷକ ଭବନଠାରେ ଷାଣ୍ମାସିକ ସାହିତ୍ୟ ପତ୍ରିକା ଆମେମାନେ ର ବିଷୁବ ସଂଖ୍ୟା ଉନ୍ମୋଚିତ ହୋଇଯାଇଛି । ଏହି ଉତ୍ସବର ମୁଖ୍ୟ ଅତିଥି ଭାବେ ଡ. ଶରତ କୁମାର ମହାନ୍ତି ଯୋଗ ଦେଇ ଶୁଦ୍ଧ ଓଡ଼ିଆ ଲିଖନରେ ବର୍ଣ୍ଣବୋଧର ପ୍ରାସଙ୍ଗିକତା ଏବଂ ଓଡ଼ିଆ ଭାଷା ବିକଳାଙ୍ଗ ଲିଖନର ସମାଲୋଚନା କରିଥିଲେ । ମୁଖ୍ୟବକ୍ତା ଭାବେ କବି ସୋମନାଥ ଓଝା ଯୋଗଦେଇ କବିତାରେ ସମସ୍ତଙ୍କୁ ମାତାଲ୍ କରିଥିବା ବେଳେ ଭଲ ସାହିତ୍ୟ ସ୍ୱଳ୍ପ ଲୋକଙ୍କୁ ନେଇ ହୋଇପାରେ ବୋଲି ମତ ରଖିଥିଲେ । ସୌଜନ୍ୟ ସମ୍ପାଦକ ଅନିରୁଦ୍ଧ ରାଉତ ପ୍ରାରମ୍ଭିକ ସୂଚନା ଦେଇଥିବା ବେଳେ ସଂପାଦକ ଯାଯାବର ଉତ୍ସବ ପରିଚାଳନା କରିବା ସହ ସଂଯୋଜକ ମନୀନ୍ଦ୍ର ଦୀକ୍ଷିତ ଧନ୍ୟବାଦ ଅର୍ପଣ କରିଥିଲେ । ଅକ୍ଷୟ ଜେନା, ତପନ ପଣ୍ଡା, ମମତା ସାହୁ, ସିତାଂଶୁ ଲେଙ୍କା, ପ୍ରଶାନ୍ତ ମଲ୍ଲିକ, ପ୍ରଦୀପ୍ତ ମହାନ୍ତି, ସୁନିଲ ମିଶ୍ର, ସଞ୍ଜୟ ପଣ୍ଡା, ପ୍ରିୟଦର୍ଶିନି ନାୟକ, କବିତା ପାଠ କରିଥିବା ବେଳେ ଉଷାରାଣୀ ଜେନା, ଅତୁଲ ପରିଡ଼ା, ଗୋଲକ ପାତ୍ର, ବିଶ୍ୱନାଥ ଘୋଷ, ଗୌରାଙ୍ଗ ମହାପାତ୍ର, ପ୍ରଦୀପ ବିଶ୍ୱାଳ, ପୂର୍ବାଶା ମହାନ୍ତି, ରମାକାନ୍ତ ବେହେରା ପ୍ରମୁଖ ଉପସ୍ଥିତ ରହି ଉତ୍ସବଟିକୁ ସଫଳ କରିଥିଲେ ।

# ବିଦ୍ୟୁତ୍ ଟ୍ରାନ୍ସଫର୍ମରରେ ନିଆଁ

**ବାଲେଶ୍ୱର, ୩୧।୫(ସମିସ):** ଆଜି ଅପରାହ୍ନରେ ହଠାତ୍ ମଠସାହି ବ୍ୟାଙ୍କ୍ କଲୋନୀ ସମ୍ମୁଖରେ ଥିବା ବିଦ୍ୟୁତ୍ ଟ୍ରାନ୍ସଫର୍ମରରେ ନିଆଁ ଲାଗି ଦୀର୍ଘ ସମୟ ପର୍ଯ୍ୟନ୍ତ ଜଳିବାକୁ ଲାଗିଥିଲା । ନିଆଁର ଝୁଲ ବାଣପରି ଫୁଟିବାକୁ ଲାଗିଲା । ପାଖରେ ଥିବାରେ ଥିବା ଗଛସବୁ ଜଳିଲା । ରାସ୍ତାକଡ଼ରେ ଛାଇରେ ରଖୁଥିବା କାର୍ ହଟାଇବାରୁ ଅଳ୍ପକେ ରକ୍ଷା ପାଇଗଲା । ଦୁଇ ପାଖ ରାସ୍ତାରେ ଲୋକ ଦେଖଣାହାରୀ ରହିଥିଲେ । ପ୍ରାୟ ୧ ଘଣ୍ଟା ମଧ୍ୟରେ ଇଲେକ୍ଟ୍ରିକ୍ ବିଭାଗ ଲୋକେ ଓ ଦମକଳ ବିଭାଗ ଆସି ଲାଇନ୍ କାଟି ନିଆଁକୁ ଆୟତ୍ତ କରାଇଥିଲେ । ଏଥିରେ କୌଣସି ଧନ ଜୀବନ କ୍ଷୟକ୍ଷତି ହୋଇନାହିଁ । ଲୋକଙ୍କ ମତରେ ଇଲେକ୍ଟ୍ରିକ୍ ବିଭାଗର ଅବହେଳା, କେବୁଲ୍ ଚାରବାଲାଙ୍କ ଗୋଚ୍ଛା ଗୋଚ୍ଛା ତାର, ମ୍ୟୁନିସିପାଲିଟି ଦ୍ୱାରା ଲଟାପତ୍ର ସଫା ନ ରହିବା ଦ୍ୱାରା ଏପରି ଘଟିଲା ।

# ଥଇଥାନ ନାଁରେ ପ୍ରଶାସନର ପ୍ରତାରଣା

ବାଲେଶ୍ୱର, ୩୧।୫ (ସମିସ)



ସହରର ଓ.ଟି. ରୋଡ଼ରେ ରାସ୍ତା ସମ୍ପ୍ରସାରଣ ନାଁରେ ହୋଇଥିବା ଉଚ୍ଛେଦ ଅଭିଯାନ ପରେ ପ୍ରଭାବିତ ବ୍ୟବସାୟୀମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି । ଉଚ୍ଛେଦ ସମୟରେ ଥଇଥାନର ପ୍ରତିଶ୍ରୁତି ଦିଆଯାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ତାହା କେବଳ କାଗଜ-କଲମରେ ସୀମିତ ରହିଥିବା ଅଭିଯୋଗ କରିଛନ୍ତି କ୍ଷତିଗ୍ରସ୍ତ ଦୋକାନୀମାନେ । ଫଳରେ ଜୀବିକା ହରାଇ ଦୁର୍ଦ୍ଦିନରେ ଦିନ କାଟୁଥିବା ଦୋକାନୀମାନେ ଏବେ ଥଇଥାନ ଦାବିରେ ବାଲେଶ୍ୱର ସାଂସଦଙ୍କ ଦ୍ୱାରସ୍ଥ ହୋଇ ଏକ ବିସ୍ତୃତ ଦାବିପତ୍ର ପ୍ରଦାନ କରିଛନ୍ତି । ଏହାର୍ ଏକ ନକଲ ଜିଲ୍ଲାପାଳଙ୍କୁ ପ୍ରଦାନ କରିଛନ୍ତି । ଦୋକାନୀମାନଙ୍କ ଅଭିଯୋଗ ଅନୁଯାୟୀ, ଷ୍ଟେସନ ଛକରୁ ଫକୀରମୋହନ ଗୋଲେଇ ପର୍ଯ୍ୟନ୍ତ ରାସ୍ତା ସମ୍ପ୍ରସାରଣ ପାଇଁ ସେମାନଙ୍କ ଦୋକାନ ଉଚ୍ଛେଦ କରାଯାଇଥିଲା । କିନ୍ତୁ ଉଚ୍ଛେଦର ପାଞ୍ଚ ମାସରୁ ଅଧିକ ସମୟ ବିତିଯାଇଥିଲେ ମଧ୍ୟ ପୁନର୍ବାସନ କିମ୍ବା ଥଇଥାନର କୌଣସି ବ୍ୟବସ୍ଥା ହୋଇନାହିଁ । ଅନ୍ୟପକ୍ଷରେ ଉଚ୍ଛେଦ ହୋଇଥିବା ସରକାରୀ ଜମିକୁ କେତେକ ପ୍ରଭାବଶାଳୀ ଘର ମାଲିକ ନିଜ ବ୍ୟବସାୟିକ ସ୍ୱାର୍ଥ ପାଇଁ ହାତେଇବାକୁ ଚକ୍ରାନ୍ତ ଚଳାଇଥିବା ଅଭିଯୋଗ ମଧ୍ୟ ସାମ୍ନାକୁ ଆସିଛି । ଦୋକାନୀମାନଙ୍କ କହିବା କଥା, ଯେଉଁ ମାର୍କେଟ କମ୍ପ୍ଲେକ୍ସରେ ସେମାନେ ଦୀର୍ଘ ବର୍ଷ ଧରି ବ୍ୟବସାୟ କରୁଥିଲେ, ତାହା କୌଣସି ଅବୈଧ ନିର୍ମାଣ ନଥିଲା । ପ୍ରଶାସନର ଅନୁମତିକ୍ରମେ ନିଜସ୍ୱ ଅର୍ଥ ବ୍ୟୟ କରି ସେମାନେ ସେହି କମ୍ପ୍ଲେକ୍ସ ନିର୍ମାଣ କରିଥିଲେ । ଏଥିପାଇଁ

## ସାଂସଦଙ୍କ ଦ୍ୱାରସ୍ଥ ହେଲେ ଓ.ଟି. ରୋଡ୍ ଉଚ୍ଛେଦ ଦୋକାନୀ

ଭଡ଼ା ଚୁକ୍ତିପତ୍ର, ଖଜଣା ଓ ଟିକସ ରସିଦ ସମେତ ବିଭିନ୍ନ ଦସ୍ତାବିଜ ସାଂସଦଙ୍କୁ ଦିଆଯାଇଛି । ଏପରିକି ସରକାରଙ୍କ ପାଖରେ ଏହି ଜାଗାକୁ ବ୍ୟବସାୟୀମାନଙ୍କୁ ଲିଜ୍ ଦେବା ପାଇଁ ତତ୍କାଳୀନ ତହସିଲଦାରଙ୍କ ଆବେଦନ ସମ୍ପର୍କିତ ଦସ୍ତାବିଜ ମଧ୍ୟ ଦାଖଲ କରାଯାଇଥିବା ସେମାନେ ଦାବି କରିଛନ୍ତି । ଏଭଳି ପରିସ୍ଥିତିରେ ଉଚ୍ଛେଦ ହୋଇଥିବା ସରକାରୀ ଜମିକୁ ତୁରନ୍ତ ସୁରକ୍ଷା ବଳୟ ଭିତରେ ଆଣିବା ସହ ପ୍ରଭାବିତ ବ୍ୟବସାୟୀମାନଙ୍କ ପାଇଁ ସ୍ଥାୟୀ ଥଇଥାନ ବ୍ୟବସ୍ଥା କରିବାକୁ ଦାବି ଜୋର ଧରିଛି । ନଚେତ୍ ସରକାରୀ ଜମି ପ୍ରଭାବଶାଳୀ ମହଲଙ୍କ ହାତକୁ ଯିବା ଆଶଙ୍କା ଥିବାବେଳେ ଏହାକୁ ନେଇ ଜନ ଅସନ୍ତୋଷ ଆହୁରି ତୀବ୍ର ହେବ ବୋଲି ଓ.ଟି. ରୋଡ଼ ମାର୍କେଟ କମ୍ପ୍ଲେକ୍ସ କମିଟି ଚେତାବନୀ ଦେଇଛି । ରାସ୍ତା ସମ୍ପ୍ରସାରଣ ନାଁରେ ଉଚ୍ଛେଦ କରିବା ପରେ ଯଦି ପ୍ରଭାବିତ ବ୍ୟବସାୟୀଙ୍କ ଥଇଥାନକୁ ଗୁରୁତ୍ୱ ଦିଆନଯାଏ, ତେବେ ଏହା କେବଳ ଏକ ଉନ୍ନୟନ ପ୍ରକଳ୍ପର ପ୍ରଶ୍ନ ନୁହେଁ, ବରଂ ଶତାଧିକ ପରିବାରର ଜୀବିକା ଓ ଅସ୍ତିତ୍ୱ ସହ ଜଡିତ ଏକ ଗୁରୁତର ସାମାଜିକ ପ୍ରସଙ୍ଗ ହୋଇ ଛିଡ଼ା ହେବ ବୋଲି ସାଧାରଣରେ ଆଲୋଚନା ହେଉଛି । ବର୍ତ୍ତମାନ ସାଂସଦ ଏବଂ ଜିଲ୍ଲା ପ୍ରଶାସନ ଏହି ସମସ୍ୟାର କିପରି ସମାଧାନ କରୁଛନ୍ତି, ତାହା ଉପରେ ସମସ୍ତଙ୍କ ନଜର ରହିଛି ।

ଭତ୍ତା ପାଇଁ ଲୋକେ ହନ୍ତସନ୍ତ

# ଦୁଇମାସ ହେବ ଆକାଉଣ୍ଟକୁ ଆସୁନି ଭତ୍ତା

**କଯାଁଗୋଲା, ୩୧।୫(ସମିସ)**

ଆଜିକୁ ପ୍ରାୟ ଦୁଇ ମାସ ହେବ ଦଶରଥପୁର ବ୍ଲକ ଅଧୀନରେ ଭତ୍ତା ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ଆସୁଥିବା ଭତ୍ତା ଟଙ୍କା ଆସୁନାହିଁ। ଫଳରେ ଭତ୍ତା ହିତାଧିକାରୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି। ଫଳରେ ଏହାର ପ୍ରଭାବରେ ଭତ୍ତା ଜମାଖାତା ଯାଞ୍ଚ ପାଇଁ ପ୍ରତିଦିନ ବ୍ୟାଙ୍କ ସମ୍ମୁଖରେ ବୃଦ୍ଧବୃଦ୍ଧାଙ୍କ ସମେତ ଦିବ୍ୟାଙ୍ଗ, ବିଧବା ମହିଳାମାନେ ଲମ୍ବା ଲାଇନ୍‌ରେ ଛିଡ଼ା ହେଉଛନ୍ତି। ହେଲେ ବହୁ ଦୁଃଖ ଓ ପରିତାପର ବିଷୟ ଯେଉଁ ମାନେ ଭତ୍ତା ନେଲେ ତାଙ୍କ ଘରର ଚୁଲି ଜଳେ ସେମାନେ ମଧ୍ୟ ଆଜି ଅସହାୟ। ହେଲେ କେବେ ଏହି ଭତ୍ତା ଟଙ୍କା ଆସିବ, ସେ ସଂକ୍ରାନ୍ତରେ କେହି ଉତ୍ତର ଦେଇପାରୁ ନାହାନ୍ତି। ଫଳରେ ହିତାଧିକାରୀ ମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କାହାର ଚା' ପାଣି ଖର୍ଚ୍ଚ ଅଟକି ଯାଇଛି ତ ଆଉ କିଛି ହିତାଧିକାରୀ ଔଷଧ କିଣିପାରୁନାହାନ୍ତି। ଗତ ଦୁଇମାସ ହେବ ଲାଗି ରହିଥିବା ଏହି ସମସ୍ୟାରେ ପଞ୍ଚାୟତ ଅଫିସ୍ ଆଗରେ ଶତାଧିକ ହିତାଧିକାରୀଙ୍କ ଭିଡ଼ ଦେଖିବାକୁ ମିଳୁଛି। ସେଣ୍ଟ୍ରାଲ ସ୍କିମ ଅଧୀନରେ ବ୍ୟାଙ୍କ ଖାତାକୁ ଟଙ୍କା ପ୍ରେରଣ କରାଯାଉଥିବା ବେଳେ ଷ୍ଟେଟ ସ୍କିମରେ ହାତକୁ ହାତ ଭତ୍ତା ଟଙ୍କା ପ୍ରଦାନ କରାଯାଇଥାଏ। ବ୍ଲକର ୯୬୫୪ ଜଣ ସେଣ୍ଟ୍ରାଲ ସ୍କିମ ଭତ୍ତା ପାଉଥାନ୍ତି। ପୂର୍ବ ସରକାର ସମୟରେ ଏହି ଭତ୍ତା ଟଙ୍କା ୧୦ ତାରିଖରୁ ୧୫ ତାରିଖ ମଧ୍ୟରେ ମିଳୁଥିବା ବେଳେ ତାହା ଏବେ ୨୫ରୁ ୩୦ ତାରିଖରେ ପହଞ୍ଚୁଥିଲା। ସେହିପରି ବ୍ୟାଙ୍କ ଖାତାକୁ ଭତ୍ତା ଟଙ୍କା ମାସେ ଯାଇ ଦୁଇ ମାସ ପୂରିବାକୁ ବସିଲାଣି; ହେଲେ ହିତାଧିକାରୀ ପଞ୍ଚାୟତ, ପଞ୍ଚାୟତରୁ ବ୍ଲକ ଏବଂ ପରିଶେଷରେ ବ୍ଲକରୁ ବ୍ୟାଙ୍କ ଯାଏଁ ଦୌଡ଼ି ଦୌଡ଼ି ନୟାନ୍ତ ହେଉ ଗଲେଣି। ପ୍ରଥମତଃ ପ୍ରାୟ ଦେଢ଼ ବର୍ଷ ହେବ ବାର୍ଦ୍ଧକ୍ୟ ଭତ୍ତା ହିତାଧିକାରୀମାନେ ଠିକ୍ ସମୟରେ ବ୍ୟାଙ୍କ ଆକାଉଣ୍ଟରେ ପାଉନାହାନ୍ତି। ଦ୍ୱିତୀୟରେ ମଧୁବାବୁ ପେନ୍‌ସନ୍ ଯୋଜନା ଅନ୍ତର୍ଗତ ବାର୍ଦ୍ଧକ୍ୟ ଭତ୍ତା, ବିଧବା ଭତ୍ତା, ଭିନ୍ନକ୍ଷମ ଭତ୍ତା ଆଦି ପାଇବା ପାଇଁ ଯୋଗ୍ୟ ହିତାଧିକାରୀଙ୍କୁ ଆବେଦନ କରିବା ପରେ ମଧ୍ୟ ଆଜିକୁ ଦୁଇବର୍ଷ ଧରି ଅପେକ୍ଷା କରିବାକୁ ପଡୁଛି। ଏହାଦ୍ୱାରା ବହୁ ଗରିବ ଯୋଗ୍ୟ ହିତାଧିକାରୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହା ପଛରେ ମୂଳ କାରଣ ଟାର୍ଗେଟ୍ ପୂରଣ, ପ୍ରତ୍ୟେକ ବ୍ଲକ ନିମନ୍ତେ କୋଟା ଧାର୍ଯ୍ୟ ହୋଇଛି। କୋଟାରୁ ଅଧିକ ହିତାଧିକାରୀଙ୍କୁ ସେଥିରେ ସାମିଲ କରିବା ପାଇଁ ନିର୍ଦ୍ଦେଶନାମା ନାହିଁ। ଦୁଃଖଦୁର୍ଦ୍ଦଶାରେ କାଳାତିପାତ କରୁଥିବା ଗରିବ ଖଟିଖିଆ, ଭିନ୍ନକ୍ଷମଙ୍କ ପ୍ରତି କାହାରି ନିଘା ନାହିଁ। ଏଣୁ ସାମାଜିକ ନିରାପତ୍ତା ଦୃଷ୍ଟିରୁ ସମାଜର ଅବହେଳିତ ଅସହାୟ ବୃଦ୍ଧବୃଦ୍ଧାଙ୍କୁ ଭତ୍ତା ପ୍ରଦାନ ପ୍ରକ୍ରିୟା ସରଳୀକୃତ କରିବା ସହିତ ଅଟକିଥିବା ଦୁଇମାସର ଭତ୍ତା ତୁରନ୍ତ ଦେବାକୁ ସେ ସାଧାରଣରେ ଦାବି ହୋଇଛି।

ତେବେ ଏ ନେଇ ଦଶରଥପୁର ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସାଧନା କ୍ରିଷ୍ଣାବାଲାଙ୍କୁ ପଚାରିବାରୁ ସେ କହିଛନ୍ତି ଯେ ଡିବିଟି ଫେଲ୍ ହେଉଥିବାରୁ ଟଙ୍କା ଆସିପାରିନାହିଁ। ଦୁଇ ମାସର ଟଙ୍କା ଏକାଥରକେ ହିତାଧିକାରୀଙ୍କ ଆକାଉଣ୍ଟକୁ ଆସିବ। ତତ୍‌ସହିତ ସମୟ କ୍ରମେ ଆସୁଥିବା ଟାର୍ଗେଟ ମୁତାବକ ଆବେଦନ କରି ରହିଥିବା ଯୋଗ୍ୟ ହିତାଧିକାରୀମାନଙ୍କୁ ଭତ୍ତା ଯୋଗାଇ ଦିଆଯାଉଛି। ଉଭୟ ସମସ୍ୟାର ସମାଧାନ ଦିଗରେ ବ୍ଲକର ସାମାଜିକ ସୁରକ୍ଷା ଅଧିକାରୀ ସାଧନା କ୍ରିଷ୍ଣାବାଲା ଉପରିସ୍ଥ ଅଧିକାରୀଙ୍କୁ ଜଣାଇବା ସହ ଖୁବଶୀଘ୍ର ଏହାର ସମାଧାନ ହୋଇଯିବ ନେଇ ପ୍ରତିକ୍ରିୟା ଦେଇଛନ୍ତି।

# ସ୍କୁଲ ଖେଳପଡ଼ିଆରେ ବାତ୍ୟା ଆଶ୍ରୟସ୍ଥଳି ରାସ୍ତା ନିର୍ମାଣ ଅଭିଯୋଗ



**ମଙ୍ଗଳପୁର, ୩୧।୫(ସମିସ):** ଦଶରଥପୁର ବ୍ଲକ କଯାଁ ପଞ୍ଚାୟତ ଦୁବକଣ ଗାଁ ନିକଟ ଜୟଚଣ୍ଡୀ ଉଚ୍ଚତର ମାଧ୍ୟମିକ ବିଦ୍ୟାଳୟ ନିକଟରେ ଏକ ବାତ୍ୟା ଆଶ୍ରୟ ସ୍ଥଳି ନିର୍ମାଣ କାର୍ଯ୍ୟ ଚାଲୁରହିଛି। ମାତ୍ର ନିୟମ ଅନୁଯାଇ ଯେକୌଣସି କାର୍ଯ୍ୟ ହେବା ପୂର୍ବରୁ କାର୍ଯ୍ୟ ସମ୍ପର୍କିତ ଏକ ସୂଚନା ଫଳକ ଲଗାଯାଇଥାଏ। ମାତ୍ର ଏହି ବାତ୍ୟା ଆଶ୍ରୟ ସ୍ଥଳିର ନିର୍ମାଣ କାର୍ଯ୍ୟ ପ୍ରାୟ ୪ ବର୍ଷ ହେବ ଚାଲିଥିବା ବେଳେ କାର୍ଯ୍ୟ ସ୍ଥଳରେ କୌଣସି ସୂଚନା ଫଳକ ଲଗାଯାଇ ନଥିବା ଦେଖିବା ପାଇଁ ମିଳିଛି। ବର୍ଷ ପରେ ବର୍ଷ ବିତିଯାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କାର୍ଯ୍ୟ ଖୁବ ମନ୍ଥର ଗତିରେ ହେଉଥିବା ଦେଖିବା ପାଇଁ ମିଳିଛି। ସେହିପରି ବାତ୍ୟା ଆଶ୍ରୟ ସ୍ଥଳୀକୁ ସଂଯୋଗ କରୁଥିବା ରାସ୍ତା କାର୍ଯ୍ୟ ଚାଲୁଥିବା ବେଳେ ଏହି ରାସ୍ତା ଜୟଚଣ୍ଡୀ ହାଇସ୍କୁଲ ଖେଳ ପଡ଼ିଆ ଉପରେ ନିର୍ମାଣ କରାଯାଉଛି ବୋଲି ଅଭିଯୋଗ ହୋଇଛି। ଖେଳ ପଡ଼ିଆଟିରେ ହାଇସ୍କୁଲର ଛାତ୍ରଛାତ୍ରୀ ଖେଳଖୁଦ କରୁଥିବା ବେଳେ ବର୍ତ୍ତମାନ ଖରା ଛୁଟି ପାଇଁ ବିଦ୍ୟାଳୟ ଛୁଟିଥିବାରୁ ଏହାର ସୁଯୋଗ ନେଇ ଠିକାଦାର ଖେଳପଡ଼ିଆ ଉପରେ ରାସ୍ତା ନିର୍ମାଣ କରିବା ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି। ଠିକାଦାର ମାପ ଚୁପ ନକରି ସ୍କୁଲ ଖେଳପଡ଼ିଆ ଉପରେ ରାସ୍ତା ନିର୍ମାଣ କଲେ ଏହାକୁ ନେଇ ସ୍ଥାନୀୟ ଲୋକେ ଜିଲ୍ଲାପାଳଙ୍କୁ ଭେଟି ଅଭିଯୋଗ କରିବା ଶହ ଆବଶ୍ୟକ ସ୍ଥଳେ କୋର୍ଟର ଆଶ୍ରୟ ନେବେ ବୋଲି ଚେତାବନୀ ଦେଇଛନ୍ତି। ପ୍ରଧାନ ଶିକ୍ଷୟିତ୍ରୀ ଓ ବିଦ୍ୟାଳୟ ଏସଏମଡିସି କମିଟି ଶହ ଠିକାଦାର କୌଣସି ଆଲୋଚନା ନକରି ଖେଳପଡ଼ିଆ ଉପରେ ରାସ୍ତା ନିର୍ମାଣ କରିବା ପାଇଁ ଠିକାଦାରଙ୍କୁ କିଏ ଅନୁମତି ପ୍ରଦାନ କରିଛନ୍ତି ଏହାର ତଦନ୍ତ କରି ଠିକାଦାରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ଶହ ସ୍କୁଲ ଖେଳ ପଡ଼ିଆ ଉପରେ ବେଆଇନ ଭାବେ ନିର୍ମାଣ ହୋଇଥିବା ରାସ୍ତା କାର୍ଯ୍ୟ ବନ୍ଦ କରିବା ଶହ ଖେଳ ପଡ଼ିଆ ମୁକ୍ତ କରିବା ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହୋଇଛି। ଏଥିନେଇ ବିଭାଗୀୟ ଜେଇଙ୍କ ସହ ଯୋଗାଯୋଗ କରାଯାଇଥିବା ବେଳେ ମୁଁ ଅଭିଯୋଗ ପାଇଛି ଓ ଘଟଣାର ତଦନ୍ତ କରି ଆବଶ୍ୟକ ପଦକ୍ଷପ ନେବି ବୋଲି କହିଥିଲେ।

# କାଳବୈଶାଖୀରେ ୩୦ରୁ ଉର୍ଦ୍ଧ୍ୱ ବାଦୁଡ଼ିଙ୍କ ମୃତ୍ୟୁ

**କବାଟବନ୍ଧ, ୩୧।୫(ସମିସ):** ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ଥାନା ଅଧୀନ କବାଟବନ୍ଧ ଅଞ୍ଚଳରେ ଶୁକ୍ରବାର ଅପରାହ୍ନରେ ହୋଇଥିବା କାଳବୈଶାଖୀରେ ସ୍ଥାନୀୟ ଅଞ୍ଚଳରେ ବ୍ୟାପକ



କ୍ଷୟକ୍ଷତି ଘଟିବା ସହିତ କିଛି ବିରଳ ପ୍ରଜାତିର ପକ୍ଷୀଙ୍କ ମଧ୍ୟ ମୃତ୍ୟୁ ହୋଇଯାଇଛି। ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀ ଏବଂ ପକ୍ଷୀ ପ୍ରେମୀଙ୍କ ମନରେ ଗଭୀର ଆଘାତ ଲାଗିଛି। ଦୀର୍ଘ ପ୍ରାୟ ଶହେ ବର୍ଷରୁ ଉର୍ଦ୍ଧ୍ୱ ହେବ ଜେନାପୁର ଥାନା ଅଞ୍ଚଳ କବାଟବନ୍ଧ ବଣିଆସାହି ନିକଟରେ ହାଜର ହଜାର ସଂଖ୍ୟାରେ ବାଦୁଡ଼ି ରହି ଆସୁଛନ୍ତି। ବ୍ରାହ୍ମଣୀ ନଦୀ କୂଳରେ ଏହି ଗାଁ ନିକଟରେ ଥିବା ବରଗଛ, ଇନ୍ଦଗଛ ଆଦିରେ ରହି ଆସୁଛନ୍ତି। ଅସହ୍ୟ ଗ୍ରୀଷ୍ମ ପ୍ରବାହ କାରଣରୁ ବନ ବିଭାଗ ଉଦ୍ୟମରେ ଅଗ୍ନିଶମ ବିଭାଗ ଦ୍ୱାରା ପ୍ରତ୍ୟେକ ବର୍ଷ ଥରେ ଦୁଇ ଥର ପାଣି ଛିଞ୍ଚନ କରାଯାଏ ହେଲେ ସେମାନଙ୍କ ସୁରକ୍ଷା ପାଇଁ କୌଣସି ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯାଏ ନାହିଁ। ଗ୍ରାମବାସୀଙ୍କ ଉଦ୍ୟମରେ ଏହି ବିରଳ ଏବଂ ବିଲୁପ୍ତ ପ୍ରାୟ ପକ୍ଷୀ ମାନଙ୍କୁ ଶିକାରୀମାନଙ୍କ କବଳରୁ ରକ୍ଷା କରାଯାଏ। ଶୁକ୍ରବାର ଅପରାହ୍ନରେ କାଳବୈଶାଖୀ ପ୍ରଭାବରେ ଉକ୍ତ ଗଛରେ ରହିଥିବା ବାଦୁଡ଼ିମାନେ ଖସି ପଡ଼ି ମୃତାହତ ହୋଇଥିଲେ। କାଳବୈଶାଖୀ ସମୟରେ ପ୍ରାୟ ୩୦ରୁ ଉର୍ଦ୍ଧ୍ୱ ବାଦୁଡ଼ି ମୃତ୍ୟୁବରଣ କରିଥିଲେ। ଏହା ବ୍ୟତୀତ ଅନେକ ବାଦୁଡ଼ି ଖସି ପଡ଼ିବା ଫଳରେ ଡେଣା ଭାଙ୍ଗି ଆହତ ହୋଇ ଚିକିତ୍ସା ଅଭାବରୁ ମୃତ୍ୟୁବରଣ କରିଥିଲେ। ପ୍ରଶାସନ ତଥା ଜଙ୍ଗଲ ବିଭାଗ ପକ୍ଷରୁ ସେମାନଙ୍କ ସୁରକ୍ଷା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରିବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି।

# ନୂତନ ପ୍ରକଳ୍ପର ଶିଳାନ୍ୟାସ



**ବାରୀ, ୩୧।୫(ସମିସ):** ଜାରକା ଜଳସେଚନ ବିଭାଗ, ଜାରକା ବିଭାଜନ ଅଧୀନରେ ଥିବା ଦୁଧେଇ ନଦୀର ବାମ ପାର୍ଶ୍ୱ ଡିଅସାହି ସେତୁ ନିକଟ ନଦୀ ତଟ ସୁରକ୍ଷା କାର୍ଯ୍ୟ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ବରୀ ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ବନ୍ୟା ସମୟରେ ଏହି ନଦୀର କୂଳ ଖାଇ ଚାଷ ଜମି ଗୁଡିକ ନଦୀ ଗର୍ଭରେ ଲୀନ ହେଉଥିଲା। ତେଣୁ ସ୍ଥାନିୟ ଗ୍ରାମବାସୀ ନାନା ଅସୁବିଧାର ସମ୍ମୁଖୀନ ହେଉଥିଲେ ଏ ନେଇ ସେମାନେ ବରୀ ବିଧାୟକଙ୍କ ନିକଟରେ ଅଭିଯୋଗ ମଧ୍ୟ କରିଥିଲେ। ସ୍ଥାନୀୟ ଗ୍ରାମବାସୀଙ୍କ ଅନୁରୋଧକୁ ଗୁରୁତ୍ୱ ଦେଇ ସଂପୃକ୍ତ ବିଭାଗ ସହିତ ଆଲୋଚନା କାରି ପ୍ରକଳ୍ପ ମଞ୍ଜୁରୀ ହେବା ପରେ ଆଜି ସମ୍ପୃକ୍ତ ବିଭାଗ ପକ୍ଷରୁ ସେଠାରେ ଏକ କୋଟି ୩୫ ଲକ୍ଷ ଟଙ୍କା ବ୍ୟୟରେ ୫୪୦ ଫୁଟ ଦୈର୍ଘ୍ୟର ଏକ ପଥର ପ୍ୟାକିଂ କାର୍ଯ୍ୟ ଆରମ୍ଭ ହୋଇଛି। ଏହି ନଦୀ ବନ୍ଧର ପଥର ପ୍ୟାକିଂ ହେଲେ ନଦୀ ବନ୍ଧ ସୁରକ୍ଷା ହେବା ସହିତ ଚାଷ ଜମିର ସୁରକ୍ଷା ମଧ୍ୟ ହୋଇପାରିବ ବୋଲି ଉପସ୍ଥିତ ଅଧିକାରୀମାନେ କହିଛନ୍ତି। ସରପଞ୍ଚ ମଧୁସ୍ମିତା ସାମଲଙ୍କ ସମେତ ସ୍ଥାନୀୟ ଲୋକମାନେ ବରୀ ବିଧାୟକଙ୍କ ଏତାଦୃଶ କାର୍ଯ୍ୟକୁ ପ୍ରଶଂସା କରିଛନ୍ତି।

# ଶିକ୍ଷକଙ୍କ ଅବସର ଦିନରେ ରକ୍ତଦାନ ଓ ଚକ୍ଷୁ ଶିବିର



**କଯାଁଗୋଲା, ୩୧।୫(ସମିସ):** ଦଶରଥପୁର ବ୍ଲକ ପାଲଟପୁର ପଞ୍ଚାୟତର ଗାନ୍ଧିଜୀ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ଅଶୋକ କୁମାର ନାୟକ ଆଜି ଚାକିରି ଜୀବନରୁ ଅବସର ଗ୍ରହଣ କରିଛନ୍ତି। ଏହି ଅବସରରେ ବିଦ୍ୟାଳୟ ପରିସରରେ ଏକ ସମ୍ବର୍ଦ୍ଧନା ସଭା ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଦ୍ୟାଳୟର ବର୍ତ୍ତମାନ ଶିକ୍ଷକ-ଶିକ୍ଷୟିତ୍ରୀ ଓ ପୂର୍ବ ଶିକ୍ଷକ-ଶିକ୍ଷୟିତ୍ରୀମାନେ ଉପସ୍ଥିତ ଥିଲେ। ଶ୍ରୀଯୁକ୍ତ ନାୟକଙ୍କ ଅବସର ଉପଲକ୍ଷେ ଦେବଜ୍ୟୋତି ଫାଉଣ୍ଡେସନ ପକ୍ଷରୁ ବିଦ୍ୟାଳୟରେ ଏକ ରକ୍ତଦାନ ଓ ଚକ୍ଷୁ ଶିବିର ଆୟୋଜନ କରାଯାଇଥିଲା। ଫାଉଣ୍ଡେସନର ମୁଖ୍ୟ ଉପଦେଷ୍ଟା ବିପ୍ଳବ ମଙ୍ଗରାଜ ଏହି ଶିବିର ପରିଚାଳନା କରିଥିଲେ। ଶିବିରରେ ୨୫ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। କାର୍ଯ୍ୟକ୍ରମରେ ଗାନ୍ଧିଜୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଜ୍ଞାନରଞ୍ଜନ ତ୍ରିପାଠୀ, ସମିତିସଭ୍ୟ ଧୀରେନ୍ଦ୍ର ମଲ୍ଲିକ, ସରୋଜ ବିଶ୍ୱାଳ, କହିଲାଷ ମଲ୍ଲିକ, ନିରଞ୍ଜନ ମଲ୍ଲିକ, ସମ୍ବାଦିକ ଚନ୍ଦ୍ରଶେଖର ସାହୁଙ୍କ ସହ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

# ବାଲିଆ-ବାଲିକୁଦା ରାସ୍ତା ପାଲଟିଛି ମରଣ ଯନ୍ତା



**ବରୀ, ୩୧।୫(ସମିସ):** ସରକାର ଗମନାଗମନ କ୍ଷେତ୍ରରେ ସର୍ବାଧିକ ଗୁରୁତ୍ୱ ଦେଉଥିବା ବେଳେ ଏଠାରେ ତାହାର ବ୍ୟତିକ୍ରମ ଦେଖିବାକୁ ମିଳିଛି ବାଲିଆ ବାଲିକୁଦା ରାସ୍ତା କ୍ଷେତ୍ରରେ। କଟକ ବଡ଼ ଡାକ୍ତରଖାନା ଯିବାକୁ ହେଉ ଅବା ଯେକୌଣସି ସରକାରୀ କାର୍ଯ୍ୟାଳୟ ଯିବାକୁ ହେଲେ ଧାରପୁର, ଚନ୍ଦନପୁର, ଗୋଲକୁଣ୍ଡ, ସ୍ୱାଇଁଖଣ୍ଡ, ବାଲିଆ, ଈଶାଣପୁର, ସାହୁପଡ଼ା, ପଞ୍ଚାୟତର ଲୋକମାନେ ସାଧାରଣତଃ ଏହି ବାଲିଆ-ବାଲିକୁଦା ରାସ୍ତା ଦେଇ ହିଁ ଯାତାୟତ କରିଥାନ୍ତି। ସେପଟୁ ତାଲୁଆ, ବାଲିକୁଦା, ମୂଷାଟିକିରି, ରଇପୁର, ବଣିଆରି, ବରପଦା, ସାଉଡ଼ିଆ, ନିଆଳି, ଜନକ ପ୍ରଭୃତି ଗ୍ରାମର ଲୋକମାନେ ବାଲିଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭର କରି ଏହି ରାସ୍ତା ଦେଇ ଆସୁଥିବା ବେଳେ ଉପରୋକ୍ତ ଗ୍ରାମ ଗୁଡ଼ିକରୁ ଛାତ୍ରଛାତ୍ରୀ ଅଭିମନ୍ୟୁ ସାମନ୍ତସିଂହାର ମହାବିଦ୍ୟାଳୟକୁ ଅଧ୍ୟୟନ ପାଇଁ ଆସିଥାନ୍ତି। ଅନୁରୂପ ଭାବେ ଉକ୍ତ ରାସ୍ତା ଦେଇ ଚାରି ପାଞ୍ଚ ଗୋଟି ଯାତ୍ରୀବାହୀ ବସ୍ ଚାଲୁଥିବା ବେଳେ ଆମ୍ବୁଲାନ୍ସ, ଏଟିଏମ୍ ପରିଚାଳନା ପାଇଁ ପ୍ରତ୍ୟେହ ଦୁଇ ତିନିଟି ଗାଡ଼ି ଶିଶୁମନ୍ଦିର ପିଲାମାନଙ୍କୁ ନେବା ଆଣିବା କରିବାକୁ ଗାଡ଼ି ଏବଂ ପ୍ରତେକ ଦିନ ସହ ସହ ଯାନ ବାହାନ ଯାତାୟତ କରୁଥିବା ବେଳେ ପ୍ରତେକ ଦିନ ଛୋଟ ବଡ଼ ଦୁର୍ଘଟଣା ମାନ ଘଟୁଥିବା ଦେଖିବାକୁ ମିଳୁଛି। ବାଲିଆରୁ ବାଲିକୁଦାକୁ ଯାଇଥିବା ସଡ଼କଟିର ପ୍ରଥମ ୩.୩୫ କିମି ଅଞ୍ଚଳ ବରୀ ବ୍ଲକ ଅଧୀନରେ ଥିବା ବେଳେ ଅବଶିଷ୍ଟ ଅଞ୍ଚଳ ବଡ଼ଚଣା ବ୍ଲକ ଅଧୀନରେ ରହିଛି। ବାଲିଆ ଠାରୁ ବଡ଼ଚଣା ବ୍ଲକ ସୀମାନ୍ତ ପର୍ଯ୍ୟନ୍ତ ପିଚୁ ହୋଇଥିବା ବେଳେ ସେପଟୁ କିଛି ଅଂଶ ମଧ୍ୟ ପିଚୁ ହୋଇଛି, କିନ୍ତୁ ଏହାର ମଝିରେ ପ୍ରାୟ ୫୦୦ ମିଟର ଢଳେଇ ରାସ୍ତା ଅବସ୍ଥା ନ କହିଲେ ଭଲ ଆଣ୍ଠୁଏ ଆଣ୍ଠୁଏ ଖାଲ, ବଡ଼ ବଡ଼ ଗୋଡ଼ି ଗୁଡିକ ରାସ୍ତାରୁ ଉଠି ଏପରି ବିକ୍ଷିପ୍ତ ହୋଇପଡ଼ିଛି। ଗାଡ଼ି ମଟର କଥା ଅଲଗା ପାଦରେ ଚାଲି ଚାଲିଯିବା କଷ୍ଟକର ହୋଇପଡୁଛି। କିନ୍ତୁ ପରିତାପର ବିଷୟ ଉକ୍ତ ରାସ୍ତାର ଉନ୍ନତି କରଣ କାର୍ଯ୍ୟ ପାଇଁ ପ୍ରଶାସନିକ ଅଧିକାରୀ, ବିଭାଗୀୟ କର୍ତ୍ତୃପକ୍ଷ ବା ନିର୍ବାଚିତ ପ୍ରତିନିଧି କାହାରି ନଜର ନାହିଁ। ବିଭାଗୀୟ କର୍ତ୍ତୃପକ୍ଷ ତୁରନ୍ତ ଉକ୍ତ ରାସ୍ତାର ଉନ୍ନତୀକରଣ କାର୍ଯ୍ୟ ଆରମ୍ଭ କରିବାକୁ ସାଧାରଣରେ ଦାବି ହେଉଛି।

# ବ୍ୟାଙ୍କରେ ନାହିଁ ଏସି, ଗ୍ରାହକ ହନ୍ତସନ୍ତ

**କବାଟବନ୍ଧ, ୩୧।୫(ସମିସ):** ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ଥାନା ଅଧୀନ ଜେନାପୁର ଠାରେ ରହିଥିବା ଓଡ଼ିଶା ଗ୍ରାମୀଣ ବ୍ୟାଙ୍କରେ ଲୋକମାନେ ଅସହ୍ୟ ଗ୍ରୀଷ୍ମ ପ୍ରବାହ ଯୋଗୁଁ ହନ୍ତସନ୍ତ ହେଉଛନ୍ତି। ଏ ନେଇ ବିଭାଗୀୟ ଅଧିକାରୀ କୌଣସି ପଦକ୍ଷେପ ଗ୍ରହଣ କରୁନାହାଁନ୍ତି। ଚଣ୍ଡିଖୋଲ ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ ଆଞ୍ଚଳିକ କାର୍ଯ୍ୟାଳୟ ଅଧୀନରେ ରହିଥିବା ଜେନାପୁର ଶାଖାରେ ପ୍ରାୟ ହଜାର ଗ୍ରାହକ ରହିଛନ୍ତି। ପ୍ରତ୍ୟେକ ଦିନ ଶତାଧିକ ଗ୍ରାହକ ନିଜର ବ୍ୟାଙ୍କ କାରବାର କରିବାକୁ ଏହି ଶାଖାକୁ ଆସିଥାନ୍ତି। ମାତ୍ର ଉକ୍ତ ଶାଖାରେ ଗରମ ଗୁଳୁଗୁଳି ରେ ଗ୍ରାହକ ମାନେ ବହୁ ଅସୁବିଧା ଭୋଗ କରୁଥିବା ଅଭିଯୋଗ କରିଛନ୍ତି। ବିଶେଷ କରି ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ମାନେ ବିଭିନ୍ନ ସରକାରୀ ସୁବିଧା ସୁଯୋଗ ପାଇଁ ସ୍କୁଲ କଲେଜ ଛାତ୍ରଛାତ୍ରୀ, ବାର୍ଦ୍ଧକ୍ୟ ଭତ୍ତା ଆଦି ପାଇଁ ନିୟମିତ ବ୍ୟାଙ୍କ କୁ ଆସିଥାନ୍ତି। ବିଭିନ୍ନ ପ୍ରକାର କାର୍ଯ୍ୟ ପାଇଁ ଗ୍ରାହକ ମାନେ ଅପେକ୍ଷା କରିଥାନ୍ତି। ପ୍ରବଳ ଗରମ ଏବଂ ଗୁଳୁଗୁଳି ସତ୍ତ୍ୱେ ଉକ୍ତ ଶାଖାରେ ଶୀତତାପ ନିୟନ୍ତ୍ରିତ ବ୍ୟବସ୍ଥା ନାହିଁ। ଫଳରେ ଛାତ୍ରଛାତ୍ରୀଙ୍କ ଠାରୁ ବୟସ୍କ ବ୍ୟକ୍ତି ପର୍ଯ୍ୟନ୍ତ ସମସ୍ତେ ପ୍ରଭାବିତ ହେଉଛନ୍ତି। ପ୍ରବଳ ଗୁଳୁଗୁଳି କାରଣରୁ ମହିଳାମାନେ ଶାଖାର ବାହାରେ ବସିଥିବା ଦେଖିବାକୁ ମିଳିଥିଲା। ଯାହାକୁ ନେଇ ପ୍ରବଳ ଗ୍ରାହକ ଅସନ୍ତୋଷ ଦେଖାଦେଇଛି। ତେଣୁ ଉକ୍ତ ଶାଖାରେ ଶୀତତାପ ନିୟନ୍ତ୍ରିତ ବ୍ୟବସ୍ଥା କରାଇବାକୁ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଗ୍ରାହକ ମହଲରେ ଦାବି ହୋଇଛି।

# ରଣାଗୁଣ୍ଡିରେ ସ୍ୱାସ୍ଥ୍ୟ ଚିକିତ୍ସା ଶିବିର



**ଯଖପୁରା, ୩୧।୫(ସମିସ):** କଳିଙ୍ଗନଗର ଶିଳ୍ପାଞ୍ଚଳରେ ରୋଗୀଙ୍କ ସଂଖ୍ୟା ବୃଦ୍ଧି ହେଉଥିବାରୁ ଏହାକୁ ଦୃଷ୍ଟିରେ ରଖି ଶ୍ରୀବିନାୟକ ହସ୍ପିଟାଲ ଏବଂ ଷ୍ଟିଲ ସିଟି ପ୍ରେସ୍ କ୍ଲବର ମିଳିତ ଆନୁକୂଲ୍ୟରେ ଦାନଗଦି ବ୍ଲକର ରଣାଗୁଣ୍ଡି ଗ୍ରାମପଞ୍ଚାୟତରେ ଏକ ସ୍ୱାସ୍ଥ୍ୟ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ସ୍ଥାନୀୟ ଅଞ୍ଚଳରୁ ୫୦ରୁ ଉର୍ଦ୍ଧ୍ୱରୋଗୀ ଉପସ୍ଥିତ ଥିବା ବେଳେ ଭୁବନେଶ୍ୱର ଓ କଟକରୁ ଆସିଥିବା ଅଭିଜ୍ଞ ଡାକ୍ତରଙ୍କ ଦ୍ୱାରା ନିଜେ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ଏହି ଶିବିରରେ ବ୍ଲଡ୍ ପ୍ରେସର, ଡାଇବେଟିସ, ଇସିଜି, ହାର୍ଟ, ଦାନ୍ତ, ଚକ୍ଷୁ ଆଦି ରୋଗର ମାଗଣା ପରୀକ୍ଷା କରାଯାଇଥିଲା। କଳିଙ୍ଗନଗରରେ ମିଳିତ ସ୍ୱାସ୍ଥ୍ୟ ଶିବିରକୁ ଜନସାଧାରଣ ପ୍ରଶଂସା କରିଛନ୍ତି। ଉକ୍ତ ଶିବିରରେ ଷ୍ଟିଲ ସିଟି ପ୍ରେସ୍ କ୍ଲବର ସମସ୍ତ ସଦସ୍ୟ, ଶ୍ରୀବିନାୟକ ହସ୍ପିଟାଲର ମାଲିକ ଉମେଶ ସାମଲ ସମେତ କର୍ମଚାରୀ ଉପସ୍ଥିତ ଥିଲେ।

# ପୁରାତନ ଛାତ୍ରଛାତ୍ରୀଙ୍କ ପୂଜ୍ୟପୂଜା ସମାରୋହ



**ବଡଚଣା, ୩୧।୫(ସମିସ):** ଚଣ୍ଡିଖୋଲ ସ୍ଥିତ ବାବା ଭୈରବାନନ୍ଦ ମହାବିଦ୍ୟାଳୟର ୧୯୯୨ ମସିହା ସ୍ନାତକ ବ୍ୟାଚ ପୁରାତନ ଛାତ୍ରଛାତ୍ରୀଙ୍କ ଏକ ବନ୍ଧୁମିଳନ ଓ ପୂଜ୍ୟ ପୂଜା ସମାରୋହ ବଡ଼ଚଣା ବ୍ଲକ ଅନ୍ତର୍ଗତ ଅଭୟପୁର ସ୍ଥିତ ଲୋକବିକାଶ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ର ସଙ୍ଘର ଉପସଭାପତି ପ୍ରଦୀପ କୁମାର ଧଳଙ୍କ ସଂଯୋଜନାରେ ଆୟୋଜିତ ସଭାରେ ମହେନ୍ଦ୍ର କୁମାର ନାୟକ ପ୍ରାରମ୍ଭିକ ସୂଚନା ଦେଇଥିବା ବେଳେ ଡିଏସ୍‌ପି ଭିଜିଲାନ୍ସ ବୈଦ୍ୟନାଥ ସାମଲ, ବିଜୟ କେତନ ସାମଲ, ଦେବରାଜ ବେହେରା, ସୀମାରଣୀ କର, ରେଣୁବାଳା ବିଶ୍ୱାଳ, ପ୍ରଜ୍ଞା ପାରମିତା ମାହାଲା, ଧ୍ରୁବଚରଣ ଗନ୍ତାୟତ, ବୈକୁଣ୍ଠ ସାହୁ, ସୁରେଶ୍ ଚନ୍ଦ୍ର ବରାଳ, ଦିଲ୍ଲୀପ ରାଉତ ପ୍ରମୁଖ ଯୋଗଦେଇଥିଲେ। ଏଥିସହିତ ପ୍ରାକ୍ତନ ଅଧ୍ୟକ୍ଷ ଡ. ନରେନ୍ଦ୍ର କୁମାର ମହାନ୍ତି, ଡ. ଅଜୟ କୁମାର ଲେଙ୍କା, ଡ. କେଦାରନାଥ ଦାଶ, ଡ. ବିନାୟକ ପଣ୍ଡା, ସୁବାସ ଚନ୍ଦ୍ର ବିଶ୍ୱାଳ, ସୁରେନ୍ଦ୍ର ନାଥ ପଣ୍ଡା, ବିଜୟ କୁମାର ସାମଲ, ପୀତବାସ ମହାନ୍ତି, ପବିତ୍ର ମୋହନ ମାହାଲା, ଦେବୀ ପଟ୍ଟନାୟକ, ପ୍ରଭାବତୀ ପଣ୍ଡା, ପ୍ରମୋଦ କୁମାର କର, ଆଇନଜୀବୀ ସୁରେନ୍ଦ୍ର ନାଥ କର, ଲୋକବିକାଶ ର ଅଧ୍ୟକ୍ଷ ଅବଦୁଲ୍ ରଫିକ୍ ପ୍ରମୁଖଙ୍କୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ପୁରାତନ ଛାତ୍ର ଓ ଅଧ୍ୟାପକ ଅଧ୍ୟାପିକାଙ୍କ ବିୟୋଗରେ ୨ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ଶେଷରେ ପୁରାତନ ଛାତ୍ର ରବୀନ୍ଦ୍ର ନାଥ ମହାନ୍ତି ଧନ୍ୟବାଦ୍ ଅର୍ପଣ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

ଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ ଅଣଦେଖା

# ଦିନରାତି ଜଳୁଛି ବେଆଇନ ଇଟାଭାଟି

**କୁଆଖିଆ, ୩୧।୫(ସମିସ)**

ରସୁଲପୁର ବ୍ଲକ ଅଞ୍ଚଳରେ ବିଭିନ୍ନ ସ୍ଥାନରେ ବେଆଇନ ଇଟାଭାଟି ଜଳୁଛି। ଏମିତିକି ବାୟୁମଣ୍ଡଳ ତାପମାତ୍ରା ୪୨ ଡିଗ୍ରୀ ଉପରେ ରହୁଥିବା ବେଳେ ଅସାଧୁ ଇଟା ବ୍ୟବସାୟୀମାନେ ବେଧଡ଼କରେ ଇଟାଭାଟିରେ ନିଆଁ ଲଗାଇ ଜନଜୀବନକୁ ଅସ୍ତବ୍ୟସ୍ତ କରିପକାଉଛନ୍ତି। ଏଥିପ୍ରତି ତହସିଲ ପ୍ରଶାସନର ନିଘା ରହୁନାହିଁ। ଏପିରିକି ଯାଜପୁର ଜିଲାପାଳ ଅମ୍ବର କୁମାର କର ବେଆଇନ ଇଟାଭାଟିକୁ ବନ୍ଦ କରିବାକୁ ଦେଇଥିବା ନିର୍ଦ୍ଦେଶକୁ ଅଣଦେଖା କରାଯାଉଛି। ଏଭଳି ଏକ ଘଟଣା ଭୋଟକା ପଞ୍ଚାୟତରେ ବେଆଇନ ଇଟାଭାଟି ବନ୍ଦ କରିବା ପାଇଁ ଜିଲାପାଳଙ୍କ ନିକଟରେ ହୋଇଥିବା ଅଭିଯୋଗରୁ ସ୍ପଷ୍ଟ ହେଉଛି। ଏହି ପଞ୍ଚାୟତ ଭୋଟକା ଗ୍ରାମରେ ଛିଣ୍ଡା ଖରସ୍ରୋତା ନଦୀ ପଠାରେ ବେଆଇନ ଇଟାଭାଟି ଜଳୁଛି। ନଦୀରୁ ବେଆଇନ ବାଲି ଉଠାଇବା ସହ ସରକାରୀ ଜମି ଉପରେ ବେଆଇନ ଇଟାଭାଟି କାରବାର କରୁଥିବାକୁ ନେଇ ଗ୍ରାମବାସୀଙ୍କ ପକ୍ଷରୁ ଯାଜପୁର ଜିଲ୍ଲାପାଳଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ଅଭିଯୋଗ କରାଯାଇଛି। ଉକ୍ତ ଅଭିଯୋଗକୁ ନେଇ ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ପଞ୍ଜିକୃତ ହୋଇଛି। ଉକ୍ତ ଅଭିଯୋଗ ଆଧାରରେ ଜିଲ୍ଲାପାଳ ରସୁଲପୁର ତହସିଲଦାରଙ୍କୁ ବେଆଇନ ଇଟାଭାଟି ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାରି ଭିତରେ ସପ୍ତାହ ବିତିବାକୁ ବସିଲାଣି ତହସିଲ ପ୍ରଶାସନ ପକ୍ଷରୁ ବେଆଇନ ଇଟାଭାଟି ମାଲିକଙ୍କ ବିରୋଧରେ ଏଯାବତ୍ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ପ୍ରଶାସନର ଢିଲାପଣ ଯୋଗୁଁ ଇଟାଭାଟି ମାଲିକ ଦୁଇଦିନ ତଳେ ଆଉ ଏକ ନୂଆ ଇଟାଭାଟି ନିଆଁ ଲଗାଇଛନ୍ତି ବୋଲି ଗ୍ରାମବାସୀ ଅଭିଯୋଗ କରୁଛନ୍ତି। ବେଆଇନ ଇଟାଭାଟି ବନ୍ଦ କରିବା ଦିଗରେ ଜିଲ୍ଲାପ୍ରଶାସନ ତ୍ୱରିତ ପଦକ୍ଷେପ ଗ୍ରହଣ ନ କରିଲେ ଗ୍ରାମବାସୀ ମାନବାଧିକାର କମିଶନର ଦ୍ୱାରସ୍ଥ ହେବେ ବୋଲି ଚେତାବନୀ ଦେଇଛନ୍ତି।



ଅଭିଯୋଗରୁ ଜଣାଯାଏ ଇଟାଭାଟିର ଚାରିପାଖଷର ଜନବସତି, ବ୍ୟବସାୟିକ ପ୍ରତିଷ୍ଠାନ, ସ୍କୁଲ, ମନ୍ଦିର, ପଞ୍ଚାୟତ କାର୍ଯ୍ୟାଳୟ, ଅଙ୍ଗନବାଡି କେନ୍ଦ୍ର ଆଦି ରହିଛି। ଏଭଳି ଏକ ଆପତ୍ତିଜନକ ସ୍ଥାନରେ ଖୋଲାଖୋଲି ଭାବରେ ବେଆଇନ ଇଟା କାରବାର ହେଉଛି। ଉକ୍ତ ବେଆଇନ କାର୍ଯ୍ୟକୁ ବନ୍ଦ କରିବା ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ବାରମ୍ବାର ତହସିଲଦାରଙ୍କୁ ଅବଗତ କରାଯାଇଆସୁଛି। ତହସିଲଦାରଙ୍କ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନଥିବାରୁ ବ୍ୟବସାୟୀ ବେଧଡ଼କ ଭାବରେ ଇଟା କାରବାର କରି ମାଲାମାଲ ହେଉଛନ୍ତି। ଏ ନେଇ ରସୁଲପୁର ତହସିଲ ମଧୁବନ ରାଜସ୍ୱ ସର୍କଲର ରାଜସ୍ୱ ନିରୀକ୍ଷିକା ଲକ୍ଷ୍ମୀପ୍ରିୟା ପାତ୍ରଙ୍କୁ ପଚାରିବାରୁ ଜିଲ୍ଲାପାଳଙ୍କ ପ୍ରକୋଷ୍ଠରେ ହୋଇଥିବା ଅଭିଯୋଗ ଆଧାରରେ ଘଟଣାସ୍ଥଳକୁ ତଦନ୍ତ କରିବାକୁ ଯାଇ ଅଭିଯୋଗ ସତ୍ୟ ବୋଲି ଜାଣିବାକୁ ପାଇଥିଲେ। ବେଆଇନ ଇଟା କାରଖାନାରେ ନୂଆ ଭାଟି ନିଆଁ ଲଗାଇବା ପାଇଁ ପ୍ରସ୍ତୁତି ଜାରି ରହିଥିବା ଦେଖି ମାଲିକଙ୍କୁ ଇଟାଭାଟିରେ ନିଆଁ ନ ଲଗାଇବା ପାଇଁ ନିର୍ଦ୍ଦେଶ ଦେଇ ଆସିଥିଲେ। ମାତ୍ର ମାଲିକ ରାଜସ୍ୱ ନିରୀକ୍ଷିକାଙ୍କ କଥାକୁ ଭ୍ରୂକ୍ଷେପ ନକରି ଇଟାଭାଟିରେ ନିଆଁ ଲଗାଇ ଦେଇଥିଲେ ବୋଲି ଜାଣିବାକୁ ପାଇଥିଲେ। ଏ ସମ୍ପର୍କରେ ରାଜସ୍ୱ ନିରୀକ୍ଷିକା ତହସିଲଦାରଙ୍କୁ ୩ଦିନ ହେଲା ଲିଖିତ ଭାବରେ ରିପୋର୍ଟ କରିଥିବା ସୂଚନା ଦେଇଛନ୍ତି। ଉକ୍ତ ରିପୋର୍ଟ ଆଧାରରେ ତହସିଲଦାରଙ୍କ ପକ୍ଷରୁ ଏଯାଏଁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ। ଏ ଦିଗରେ ରସୁଲପୁର ତହସିଲଦାର ସିଦ୍ଧାର୍ଥ କୁମାର ବେହେରାଙ୍କୁ ପଚାରିବାରୁ ବେଆଇନ ଇଟାଭାଟି ବନ୍ଦ କରିବା ପାଇଁ ଇଟା ବ୍ୟବସାୟୀଙ୍କୁ ନିର୍ଦ୍ଦେଶ ଦିଆଯାଉଛି। ହେଲେ ସେମାନେ ପ୍ରଶାସନ କଥାକୁ ମାନୁ ନାହାଁନ୍ତି। ରାଜସ୍ୱ ନରୀକ୍ଷକଙ୍କ ଠାରୁ ରିପୋର୍ଟ ତଲବ କରାଯାଇଛି। ରିପୋର୍ଟ ଆଧାରରେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସୂଚନା ଦେଇଛନ୍ତି।

ସକାଳ THE SAKALA

# ସମ୍ପାଦକୀୟ



ମାନବ ବିକାଶ ଲକ୍ଷ୍ୟରେ ସାମର୍ଥ୍ୟ ନିବେଶ ବିନା ଅର୍ଥନୈତିକ ଅଭିବୃଦ୍ଧି ଦୀର୍ଘସ୍ଥାୟୀ ଓ ନୀତିଗତ ହୋଇପାରେନାହିଁ।
-ଅମର୍ତ୍ତ୍ୟ ସେନ୍

## ସାର ବୋଝ

ରାସାୟନିକ ସାରରେ ସମ୍ପୂର୍ଣ୍ଣ ଭାବେ ଆମଦାନୀ ନିର୍ଭରଶୀଳ ଭାରତୀୟ କୃଷି ଚଳିତ ବର୍ଷ କିଭଳି ସମସ୍ୟାବହୁଳ ହେବ ସେ ସମ୍ପର୍କରେ ଆମେ ଏ ସ୍ତମ୍ଭରେ ପୂର୍ବରୁ ଆଲୋଚନା କରିଥିଲୁ। ଏହାର ନିରାକରଣ ବା ତତ୍କାଳ ବିକଳ୍ପର ସମ୍ଭାବନା ମଧ୍ୟ ସଙ୍କୁଚିତ ହୋଇସାରିଥିବା ସୂଚନା ଦେଇଥିଲୁ। ସାର ଉପରେ ମାତ୍ରାଧିକ ନିର୍ଭରଶୀଳତା କିଭଳି ଦେଶର ଅର୍ଥନୀତିକୁ ପ୍ରଭାବିତ କରୁଛି ସେ ସମ୍ପର୍କରେ ଆଜି କିଛି ଆଲୋଚନା କରିବା।

ସ୍ୱାଧୀନତା ପରେ ପରେ ଖାଦ୍ୟସଙ୍କଟ ସହିତ ଯୁଝୁଥିବା ଭାରତକୁ ସବୁଜ ବିପ୍ଳବ ଐତିହାସିକ ମୁକ୍ତି ଦେଇଥିବା ଅନସ୍ୱୀକାର୍ଯ୍ୟ। ସବୁଜ ବିପ୍ଳବ ସମ୍ପୂର୍ଣ୍ଣ ରୂପେ ସଙ୍କରଜାତୀୟ ବିହନ, ରାସାୟନିକ ସାର ଓ କୀଟନାଶକ ଆଧାରିତ ଥିବାରୁ ଦୀର୍ଘମିଆଦରେ ଏହା ପରିହାର୍ଯ୍ୟ ବୋଲି ମତ ପ୍ରକାଶ ପାଇଥିଲା। କିନ୍ତୁ ରାସାୟନିକ ସାର ଓ କୀଟନାଶକର ପଞ୍ଝାରୁ ମୁକୁଳିବାର ପ୍ରୟାସ ପରିବର୍ତ୍ତେ ଆମେ ସମ୍ପୂର୍ଣ୍ଣ ଭାବରେ ତା' ପାଖରେ ଆତ୍ମସମର୍ପଣ କରିଦେବାର ଫଳ ଏବେ ଦେଶ ଭୋଗିବାକୁ ଯାଉଛି। କୃଷିପ୍ରଧାନ ଓ ଜନମଙ୍ଗଳ ରାଷ୍ଟ୍ର ଭାରତରେ 'କୃଷି' ସହିତ 'ସର୍ବନିମ୍ନ ସହାୟକ ମୂଲ୍ୟ'(ଏମ୍ଏସ୍ପି) ଏବଂ 'ସାର' ସହିତ 'ରିହାତି' ଭଳି ଦୁଇଟି ସମ୍ବେଦନଶୀଳ ପ୍ରସଙ୍ଗ ଯୋଡ଼ି ହୋଇଯାଇଥିବାରୁ ସମସ୍ୟାକୁ ଆହୁରି ଉତ୍କଟ କରିଛି। ଏମ୍ଏସ୍ପି ଓ ରିହାତି ଭଳି ଦୁଇ ବିତର୍କିତ ଶବ୍ଦର ଭୂମିକା ଭୋଟ ରାଜନୀତିରେ ନିର୍ଣ୍ଣାୟକ ହୋଇଥିବାରୁ ଅର୍ଥନୀତି ଉପରେ ବୋଝ ବଢ଼ିଚାଲିଛି। ସାମ୍ପ୍ରତିକ ସ୍ଥିତିରେ ତୁଷ୍ଟୀକରଣ ରାଜନୀତିର ପ୍ରଭାବ ଓ ପରିସୀମା ବଢ଼ିଚାଲିଥିବା ଦୃଷ୍ଟିରୁ ସାର ରିହାତି ବୋଝରୁ ଅର୍ଥନୀତି ଏତେଶୀଘ୍ର ମୁକୁଳିବା ସହଜ ନୁହେଁ।

ଚଳିତ ସାଧାରଣ ବଜେଟ୍‌ରେ ସାର ରିହାତି ବୋଝର ପରିମାଣ ୨ ଲକ୍ଷ କୋଟି ଟଙ୍କା। ଖାଦ୍ୟ ରିହାତି ପରେ ଏହା ଦେଶର ଦ୍ୱିତୀୟ ସର୍ବାଧିକ ରିହାତି ବୋଝ। ବିପୁଳ ରିହାତି ମିଳୁଥିବାରୁ ସାର ଉପରେ କୃଷିକ୍ଷେତ୍ରର ନିର୍ଭରଶୀଳତା ମଧ୍ୟ ବଢ଼ି ଚାଲିଛି। ସାର ରିହାତି ପ୍ରତ୍ୟାହାର କିମ୍ବା କାଣ୍ଟଛାଣ୍ଟ କରି ସରକାର ମଧ୍ୟ ଭୋଟ ହରାଇବାକୁ ଚାହୁଁ ନାହାନ୍ତି। ତେଣୁ ଏକଦା ଅପରିହାର୍ଯ୍ୟ ଆବଶ୍ୟକତାରୁ 'ସାର' ଏବେ ସୁବିଧାବାଦୀ ରାଜନୀତିର ଗୋଟି ପାଲଟିଛି। ରାସାୟନିକ ସାର ମଧ୍ୟରେ ସିଂହଭାଗ ସ୍ଥାନ ଦଖଲ କରିଛି ୟୁରିଆ। ସାର ଉତ୍ପାଦନରେ ଭାରତ ସମ୍ପୂର୍ଣ୍ଣ ରୂପେ ଆତ୍ମନିର୍ଭରଶୀଳ ହୋଇନଥିବାରୁ ଆମଦାନୀ ଖର୍ଚ୍ଚ ବଢ଼ୁଛି। ଭାରତରେ ଯେତିକି ପରିମାଣରେ ୟୁରିଆ ଉତ୍ପାଦନ ହେଉଛି ସେଥିପାଇଁ ଆମଦାନୀ ହେଉଥିବା ପ୍ରାକୃତିକ ବାଷ୍ପର ୭୮% ଖର୍ଚ୍ଚ ହୋଇଯାଉଛି। ପଟାସ ପାଇଁ ଭାରତ ସମ୍ପୂର୍ଣ୍ଣ ରୂପେ ଆମଦାନୀ ଉପରେ ନିର୍ଭର କରିବାକୁ ପଡୁଛି। ସେହିପରି ସାମଗ୍ରିକ ଭାବେ ସାର ରିହାତି ପାଇଁ ଯେତିକି ବ୍ୟୟବରାଦ ହେଉଛି ତାହାର ଦୁଇ-ତୃତୀୟାଂଶ ୟୁରିଆ ବାବଦରେ ଖର୍ଚ୍ଚ ହେଉଛି।

ଗତ ଆର୍ଥିକ ବର୍ଷରେ ଭାରତ ୨୮.୨ ନିୟୁତ ଟନ୍ ସାର ଆମଦାନୀ କରିଥିଲା, ଯାହାର ଖର୍ଚ୍ଚ ଥିଲା ୧୪୫୦ କୋଟି ଡଲାର। ସେଥିମଧ୍ୟରୁ କେବଳ ୟୁରିଆର ପରିମାଣ ଥିଲା ସର୍ବାଧିକ ୧୧.୨ ନିୟୁତ ଟନ୍ ଏବଂ ସେଥିପାଇଁ ଖର୍ଚ୍ଚ ହୋଇଥିଲା ୫୨୦ କୋଟି ଡଲାର। ଏହାଛଡ଼ା ଭାରତ ଘରୋଇ ଭାବେ ୟୁରିଆ ଉତ୍ପାଦନ ପାଇଁ ୧୩୩୦ କୋଟି ଡଲାର ମୂଲ୍ୟର ୨୬ ନିୟୁତ ଟନ୍ ପ୍ରାକୃତିକ ଗ୍ୟାସ୍ ଆମଦାନୀ କରିବାକୁ ପଡ଼ିଥିଲା। ମୋଟ ଉପରେ ସାର ବାବଦରେ(ଆମଦାନୀ ଓ ଉତ୍ପାଦନ) ପାଇଁ ଭାରତ ଗତ ଆର୍ଥିକ ବର୍ଷରେ ୨୭୨୦ କୋଟି ଡଲାର ବ୍ୟୟ କରିଥିଲା। ମଧ୍ୟପ୍ରାଚ୍ୟ ଯୁଦ୍ଧ ଆରମ୍ଭ ହେବା ପରେ ଟନ୍ ପିଛା ସାର ଓ କଞ୍ଚାମାଲର ଆମଦାନୀ ମୂଲ୍ୟ ପ୍ରାୟ ଦୁଇଗୁଣାରୁ ଅଧିକ ବଢ଼ିଯାଇଛି। ଚଳିତ ବର୍ଷ ଭାରତର ସାର ଆମଦାନୀ ଖର୍ଚ୍ଚ ୩୩୪୦ କୋଟି ଡଲାର ଟପି ଯାଇପାରେ ବୋଲି ଆକଳନ କରାଯାଇଛି। ଏ ବାବଦରେ ଯେତିକି ଅଧିକ ଡଲାର ଭାରତ ବାହାରକୁ ଯାଉଛି ଟଙ୍କା ଉପରେ ସେତିକି ଅଧିକ ଚାପ ପଡୁଛି। ତେଣୁ ପ୍ରଧାନମନ୍ତ୍ରୀ ଓ ଅର୍ଥମନ୍ତ୍ରୀ ସାର ବ୍ୟବହାରରେ ମିତବ୍ୟୟିତା ପାଇଁ ପରାମର୍ଶ ଦେଇଛନ୍ତି। କିନ୍ତୁ ତୁଷ୍ଟୀକରଣ ରାଜନୀତିରେ ରିହାତି ମିଳୁଥିବା ପର୍ଯ୍ୟନ୍ତ ସାର ବ୍ୟବହାରରେ ମିତବ୍ୟୟିତା ଆଶା କରିବା ବୃଥା।

ବିପୁଳ ରିହାତି ବା ଶସ୍ତାରେ ମିଳୁଥିବାରୁ ଚାଷ ଜମିରେ ୟୁରିଆ ବ୍ୟବହାର ଅନୁମୋଦିତ ହାରଠାରୁ ବଢ଼ିଚାଲିଛି ଏବଂ ଏହା ମୃତ୍ତିକାର ସ୍ୱାସ୍ଥ୍ୟକୁ ଦୁର୍ବଳ କରିଚାଲିଛି। ସ୍ୱଳ୍ପମିଆଦୀ ଲାଭ ଦୃଷ୍ଟିରୁ ଏଭଳି ବିଷମ ଆନୁପାତିକ ଓ ଅପରିଣାମଦର୍ଶୀ ବ୍ୟବହାର ଯୋଗୁଁ ଶସ୍ୟ ଉତ୍ପାଦନରେ ସାରର ଦୀର୍ଘମିଆଦୀ ପ୍ରଭାବ ବା ଉତ୍ପାଦକତା ହ୍ରାସ ପାଇ ଚାଲିଛି। ୧୯୭୦ରେ ସାର ଓ ଶସ୍ୟ ଉତ୍ପାଦନର ଅନୁପାତ ୧:୧୦ ଥିବା ବେଳେ ୨୦୧୫ ବେଳକୁ ତାହା ୧:୨.୭କୁ ହ୍ରାସ ପାଇଛି। ଅଧିକନ୍ତୁ ସାରର ମାତ୍ରାଧିକ ଅଣଆନୁପାତିକ ବ୍ୟବହାର ଯୋଗୁଁ ପରିବେଶ ଓ ଜଳ ପ୍ରଦୂଷଣ ମଧ୍ୟ ବଢ଼ିଚାଲିଛି। ମାତ୍ରାଧିକ ସରକାରୀ ରିହାତି ଯୋଗୁଁ ଭାରତରୁ ରିହାତିଯୁକ୍ତ ୟୁରିଆର ୨୫-୩୦ ପ୍ରତିଶତ ବାହାର ଦେଶକୁ ଚୋରାଚାଲାଣ ହେଉଥିବା ଭଳି ସାଂଘାତିକ ଅଭିଯୋଗ ମଧ୍ୟ ଆସିଛି।

ତେଣୁ ବର୍ତ୍ତମାନ ସାର ରିହାତି ବ୍ୟାପକ ସଂସ୍କାରର ଅପେକ୍ଷା ରଖୁଛି। ୟୁରିଆରୁ ରିହାତି ହ୍ରାସ କରି ପୋଟାସିୟମ ଓ ନାଇଟ୍ରୋଜେନ୍‌ରେ ଅଧିକ ରିହାତି ଦେବାର ସମୟ ଆସିଛି ବୋଲି କୃଷି-ଅର୍ଥନୀତିଜ୍ଞମାନେ ଯେଉଁ ପରାମର୍ଶ ଦେଉଛନ୍ତି ତାହାକୁ ସରକାର ଗୁରୁତ୍ୱ ଦେବା ଉଚିତ। ଏହାଦ୍ୱାରା ସଞ୍ଚିତ ପ୍ରାୟ ୪୦ ହଜାର କୋଟି ଟଙ୍କା କୃଷି କ୍ଷେତ୍ରରେ ଅଧିକ ଗବେଷଣା ଦିଗରେ ବିନିଯୋଗ କରାଯାଇପାରିବ। ସାର ଉପରୁ ରିହାତି ସମ୍ପୂର୍ଣ୍ଣ ହଟାଇବା ସମ୍ଭବ ନ ହେଲେ ମଧ୍ୟ କୃଷି କ୍ଷେତ୍ରରେ ଅତ୍ୟାଧୁନିକ ପଦ୍ଧତି ବ୍ୟବହାର କରି ବିକଳ୍ପ ସାର ବ୍ୟବହାରର ପଦ୍ଧତି ଅନୁସରଣ କରିବାକୁ କୃଷକମାନଙ୍କୁ ବୁଝାଇବାକୁ ପଡ଼ିବ। କିନ୍ତୁ ଏବେ ଆମ ଦେଶରେ ଚାଲୁଥିବା 'ବାବୁ ସଂସ୍କୃତି'ରେ କୃଷକଙ୍କ ପାଖକୁ ଯାଇ ଏ ବିଷୟରେ ବୁଝାଇବ କିଏ? ପୂର୍ବରୁ ଗ୍ରାମୀଣକୃଷିସେବକମାନେ ସରକାରୀ ଯୋଜନା ଓ ତୃଣମୂଳସ୍ତରରେ ରୂପାୟନରେ ସେତୁ ଭଳି ନିର୍ଣ୍ଣାୟକ ଭୂମିକା ନିର୍ବାହ କରୁଥିଲେ। କିନ୍ତୁ ଏବେ ସେହି ପଦବୀରେ ଆବଶ୍ୟକତା ବୋଧହୁଏ ସରକାର ଅନୁଭବ କରିପାରୁନାହାନ୍ତି। ତେଣୁ ଯୋଜନା ଓ ରୂପାୟନ ଭିତରେ ବଡ଼ ପାର୍ଥକ୍ୟ ରହିଯାଉଛି। ଅପରପକ୍ଷରେ ସରକାରଙ୍କ ଜନମଙ୍ଗଳ ଓ ରାଷ୍ଟ୍ରମଙ୍ଗଳ ନୀତି କେବଳ ତୁଷ୍ଟୀକରଣ ରାଜନୀତିରେ କ୍ଷମତା ଆହରଣରେ ସୀମିତ ରହିଛନ୍ତି। ଏଭଳି ବିଚିତ୍ର ବ୍ୟବସ୍ଥାରେ ଅର୍ଥନୀତି ଉପରୁ ସାର ବୋଝ ହ୍ରାସ ହେବ କେମିତି?

# ୨୦୩୬: ବିକଶିତ ଓଡ଼ିଶାର ଖସଡ଼ା

**ପଞ୍ଚାନନ କାନୁନ୍‌ଗୋ**

ମାଟି ଉପରେ ଥିବା ସଂପଦ- ଚାଷ, ଜଙ୍ଗଲଜାତ ଦ୍ରବ୍ୟର ଉତ୍ପାଦନ ବୃଦ୍ଧି, ଗୋ ସମ୍ପଦ, ଜଳ ସମ୍ପଦ, ମାନବ ସମ୍ବଳର ବିନିଯୋଗ କରି ଗଢ଼ାଯାଇ ପାରୁଥିବା ଶିଳ୍ପ ଉପରେ ଗୁରୁତ୍ୱ ଦେବା ସହିତ ସବୁପ୍ରକାର ବୈଷମ୍ୟ ଦୂର ପାଇଁ ଉଦ୍ୟମ ହିଁ ହେଉଛି ପ୍ରକୃତ ପକ୍ଷେ 'ବିକଶିତ ଓଡ଼ିଶା'ର ଅଗ୍ରଗତିର ଲକ୍ଷ୍ୟ। ଏହି 'ବିକଶିତ ରାଜ୍ୟ'ର ଅର୍ଥଟି କ'ଣ ତାହା ସର୍ବସାଧାରଣ ଜାଣିବାକୁ ଚାହାନ୍ତି। ପ୍ରତ୍ୟେକ ନାଗରିକର ଓ ଅଞ୍ଚଳର ବିକାଶ ସମସ୍ତେ ଚାହାନ୍ତି। ସମସ୍ତ ନାଗରିକ ପୂର୍ଣ୍ଣ ସୁସ୍ଥ ଥାଇ ସ୍ୱାଭାବିକ ପ୍ରକ୍ରିୟାରେ କାର୍ଯ୍ୟକ୍ଷମ ହେଲେ, ପୂର୍ଣ୍ଣ ମଜୁରୀ ବା ରୋଜଗାର ଲାଭ କରିପାରିଲେ ତାକୁ ହିଁ ବିକାଶ ଯଥାର୍ଥରେ କୁହାଯାଏ। ଅନ୍ୟ ରାଜ୍ୟମାନଙ୍କ ସହିତ ଏହି ବିକାଶ ସବୁକୁ ତୁଳନା କରାଯିବା ବେଳେ ବର୍ତ୍ତମାନ ପରି ସେଥିରେ ଓଡ଼ିଶା ପଛରେ ପଡ଼ିବ ନାହିଁ ବୋଲି ବିଚାର ଦରକାର।

ଆଜି ଯେଉଁମାନେ ଓଡ଼ିଶା ଏକ ବିକଶିତ ରାଜ୍ୟ ହେଇପାରିବାର ସ୍ୱପ୍ନ ବାଣ୍ଟୁଛନ୍ତି, ସେମାନେ ଏଥିପାଇଁ ତିଆରି କରିଥିବା ଭିଜନ୍ ପେପର୍ ଏବଂ ତା'ର ବାର୍ଷିକ ମାଇଲ୍‌ଷ୍ଟୋନ୍ ପ୍ରସ୍ତୁତ କଲେଣି କି? ନା ଅପେକ୍ଷା କରିଛନ୍ତି ଏପରି ବିକାଶ ନକରି ପାରିଲେ ପ୍ରକୃତି ଉପରେ ଦୋଷ ଦେଇ ଅବା ଅନ୍ୟ କୌଣସି କାରଣ ଦେଖାଇ ଖସିଯିବେ? ଏସବୁକୁ ବିଚାର କଲା ବେଳେ ଅନ୍ୟ ଏକ କଥା ସାମ୍ନାକୁ ଆସେ। ବର୍ତ୍ତମାନର ସରକାର ଆସିଛନ୍ତି ମାତ୍ର ୫ ବର୍ଷ ପାଇଁ। ଅର୍ଥାତ୍ ଗଣତାନ୍ତ୍ରିକ ବ୍ୟବସ୍ଥା ଅନୁସାରେ ୨୦୨୯ ବେଳକୁ ଏହାଙ୍କ କାର୍ଯ୍ୟକାଳ ପୂରି ଯାଇଥିବ। କିନ୍ତୁ ସରକାର ୨୦୩୬ ପର୍ଯ୍ୟନ୍ତ ବାଣ୍ଟୁଥିବା ସ୍ୱପ୍ନକୁ ଏହି ୫ ବର୍ଷ ଭିତରେ କେତେ ପରିମାଣରେ ଏବଂ କେଉଁ ଅବସ୍ଥାରେ ପହଞ୍ଚାଇ ପାରିଛନ୍ତି ସେଥିପାଇଁ ବିକାଶର ପ୍ରମାଣ ରଖିବା ଦରକାର। ସମସ୍ତେ ବିକାଶ ଚାହାନ୍ତି। ଆଜିର ଓଡ଼ିଶାର ପ୍ରତ୍ୟେକ ଯୁବକ, ଛାତ୍ରଙ୍କର ଇଚ୍ଛା ଓଡ଼ିଶା ଏକ ବିକଶିତ ରାଜ୍ୟ ହେଉ। ଯେଉଁଥିପାଇଁ ସରକାରଙ୍କ ପ୍ରଚାର କାନକୁ ଭଲ ଶୁଭୁଛି ଏବଂ ଆଖିକୁ ଭଲ ଦେଖାଯାଉଛି। ଏହାର ଅର୍ଥ ନୁହେଁ ଯେ, ଏହିସବୁ ପ୍ରଚାର ସରକାରଙ୍କ କଥା ଅନୁସାରେ କାର୍ଯ୍ୟକାରୀ ହୋଇଯିବ। ଆଶା ଓ ବିଶ୍ୱାସ ଅଞ୍ଚଳ ଅଞ୍ଚଳ ଭିତରେ ଥିବା ବୈଷମ୍ୟ ଦୂର କରି ଆର୍ଥିକ ବିକାଶର ମାନଦଣ୍ଡ ଓଡ଼ିଶାରେ ଏକ ସମୃଦ୍ଧ ଶକ୍ତିଶାଳୀ ଚିତ୍ର ଉପସ୍ଥାପନ କରିବ। ଅଞ୍ଚଳ ଅଞ୍ଚଳ ଭିତରେ ଥିବା ମଣିଷଙ୍କର ସମସ୍ତ ମାପକ ଗୋଟିଏ ସ୍ତରର ହୋଇଥିବ। ଏହିପରି ଏକ ବିକାଶ ୨୦୩୬ ମସିହା ସୁଦ୍ଧା ଓଡ଼ିଶାବାସୀ ଆଶା କରନ୍ତି।

**ମୋ ସ୍ୱପ୍ନର ଓଡ଼ିଶା**

ଅଙ୍କ କେଇବର୍ଷ (୧୦ ବର୍ଷ) ପରେ ଆସୁଥିବା ୨୦୩୬ ବର୍ଷରେ ଏକ ବିକଶିତ ଓଡ଼ିଶାର କଥା ବିକଶିତ କରିବାରେ ରାଜ୍ୟ ସରକାର ଲାଗି ପଡ଼ିଛନ୍ତି। ମତାମତ ସଂଗ୍ରହ ଚାଲିଛି। ଅନେକ ଆଲୋଚନାଚକ୍ର, ଚର୍ଚ୍ଚାଶିବିର ଅନୁଷ୍ଠିତ ହେଉଛି। ମାତ୍ର ବର୍ତ୍ତମାନର ସ୍ଥିତିଟି ପ୍ରତିମୁହୂର୍ତ୍ତରେ ବିଗାଡ଼ିବାରେ ଲାଗିଛି। ଉଭୟ କେନ୍ଦ୍ର ଓ ରାଜ୍ୟରେ ଥିବା ସରକାର(ଡବଲ୍ ଇଞ୍ଜିନ୍) ସାମାଜିକ, ଅର୍ଥନୈତିକ ଅସମାନତା ବୃଦ୍ଧିର କାରକ ଭାବେ କାର୍ଯ୍ୟ କରି ଚାଲିଛନ୍ତି। କେବଳ ସଂପତ୍ତି ଠୁଳ କରିବାର ଅସମାନତା ଦେଖାଯାଉନାହିଁ। ଅଧିକନ୍ତୁ, ଦୈନନ୍ଦିନ ରୋଜଗାରରେ ତାରତମ୍ୟ ବୃଦ୍ଧି ପାଇବାରେ ଲାଗିଛି। ଯାହାଦ୍ୱାରା ବ୍ୟୟର ତାରତମ୍ୟ ମଧ୍ୟ ବଢୁଛି। ଅର୍ଥନୈତିକ ଦିଗଗୁଡ଼ିକୁ ବିଶ୍ଳେଷଣ କଲେ ଦେଖାଯାଏ ଯେ, ଔପନିବେଶୀୟ ଶୋଷଣ ତୀବ୍ର ହେବାରେ ଲାଗିଛି। ରାଜ୍ୟ-ରାଜ୍ୟ ମଧ୍ୟରେ, ଅଞ୍ଚଳ-ଅଞ୍ଚଳ ମଧ୍ୟରେ, ଜାତି-ଜାତି ମଧ୍ୟରେ ଅର୍ଥନୈତିକ, ସାମାଜିକ, ଶିକ୍ଷାଗତ ଓ ସ୍ୱାସ୍ଥ୍ୟଗତ ବୈଷମ୍ୟ ବୃଦ୍ଧି ପାଉଛି। ଏପରିକି ଧାର୍ମିକ ଆଧାରରେ ବଞ୍ଚି ରହିଥିବା ଗୋଟିଏ ଗୋଷ୍ଠୀ ଯେତେ କ୍ଷୁଦ୍ର ହେଉ ନା କାହିଁକି ସବୁପ୍ରକାର ଶୋଷଣର ଶିକାର ହେଉଛି। ଏପରି ଅସମାନତା, ବୈଷମ୍ୟ, ତାରତମ୍ୟ, ଔପନିବେଶୀୟ ଅର୍ଥନୀତି, ଅସାମଞ୍ଜସ୍ୟତା ଲୋପ ନ ପାଇଲେ ଆଗକୁ ଆଗେଇବାର ଖେଳ ପାଇଁ ପଡ଼ିଆଟି ପ୍ରସ୍ତୁତ ନୁହେଁ ବୋଲି ସ୍ଥୂଳ ଭାବରେ ବାରି ହୋଇଯାଏ। ପୂର୍ବବର୍ଣ୍ଣିତ ସମସ୍ତ ଅସମାନତା, ବୈଷମ୍ୟ ପ୍ରକୃତିକୃତ ସର୍ଜନା ନୁହେଁ। ମୋଟାମୋଟି ଭାବେ ମଣିଷକୃତ ବୋଲି ଧରି ନେବାକୁ ହେବ। ଏହାର ଜ୍ୱଳନ୍ତ ଉଦାହରଣ ଓଡ଼ିଶା।

ନୂଆ ଓଡ଼ିଶାର ରାଜନୈତିକ ମାନଚିତ୍ର ୧୯୩୬ ମସିହାରେ ପ୍ରକଟିତ ହେଲା। ସେ ସମୟକୁ ଦେଶରେ ବ୍ରିଟିଶ୍ ରାଜୁତି ଚାଲୁଥିଲା।। ରାଜ୍ୟରେ ଭରି ରହିଥିବା ସଂପଦକୁ ସ୍ଥାନାନ୍ତର କରି ଅନ୍ୟତ୍ର ଉତ୍ପାଦିତ ପଦାର୍ଥର ବିରାଟ ଖାଉଟି ବଜାର ଭାବେ ଭାରତ ସହିତ ଓଡ଼ିଶାର କ୍ଷେତ୍ର ପ୍ରସ୍ତୁତ ହେଲା। ଏପରିକି ମାନବ ସମ୍ବଳକୁ ପଣ୍ୟ ଭାବେ ରେଙ୍ଗୁନ, କଲିକତା ନେଇ ବ୍ୟବହାର କରାଗଲା। ସେ ସବୁକୁ ଉନ୍ନତ ସହର ଭାବେ ଗଢ଼ାଗଲା। ଦେଶ ସ୍ୱାଧୀନ ହେଲା, ୧୯୫୦ ରେ ସାର୍ବଭୌମତ୍ୱ ଲାଭ କଲା। ହେଲେ ସେହି ପୁରୁଣା ଧାରାର ବେଗ ଅଧିକ ପ୍ରଶସ୍ତ ଓ କ୍ଷୀପ୍ର ହେଲା। ଏ ରାଜ୍ୟର କୋଇଲା ଅନ୍ୟତ୍ର ଯାଇ ଶକ୍ତି ଉତ୍ପାଦନ ହେଲା। କଳକାରଖାନା, କ୍ଷେତବାଡ଼ିରେ ବ୍ୟବହୃତ ହେଲା। ବାହାରକୁ ଯାଇ ଦେଶ ପ୍ରଭୂତ ଅର୍ଥ ଉପାର୍ଜନ କଲା। ଓଡ଼ିଶାର ଶକ୍ତିମାନ ମଣିଷ ସେ ସବୁର କଳକାରଖାନାରେ ମଜୁରୀ ଖଟିଲା। ପଡ଼ୋଶୀ ରାଜ୍ୟର କୋଠାବାଡ଼ି ନିର୍ମାଣ କଲା, ପାଇପ୍ ବିଛାଇଲା। ଯାହାକିଛି ମଜୁରୀ ପାଇଲା ସେ ସବୁ ତା'ର ଚଳିବାକୁ ନିଅଣ୍ଟ ହେଲା।

ଏହା ସତେଯେପରି ଓଡ଼ିଶାର ଅସ୍ଥିମଜ୍ଜାଗତ ହୋଇଯାଇଛି। ତେଣୁ ଓଡ଼ିଶାର କୁଶଳୀ ଯୁବକ ଏବେ ମଧ୍ୟ ରାଜ୍ୟର ତନ୍ତ, ବୟନ ଶିଳ୍ପ ରୁଗ୍ଣ କରି କଲିକତା ଚଟକଳ ଅବା ସୁରାଟର ଲୁଗାକଳରେ ଖଟି ଚାଲିଛି। ଓଡ଼ିଶାରୁ ଉତ୍ପାଦିତ ମକା, ଅନ୍ୟ ରାଜ୍ୟରେ ସୌଖିନ ଖାଦ୍ୟରେ ପରିଣତ ହେଉଛି। ଏ ରାଜ୍ୟ ଏକଦା ଲୁଣ ଉତ୍ପାଦନରେ ଅଗ୍ରଣୀ ଥିବା ବେଳେ ଏବେ ରାଜ୍ୟ ଭିତରେ ବ୍ୟବହୃତ ସମସ୍ତ ଲୁଣ ବାହାରୁ ଆସୁଛି। ରାଜ୍ୟର ଆବଶ୍ୟକ ମୁଖ୍ୟ ଖାଦ୍ୟ (କେବଳ ଚାଉଳକୁ ଛାଡ଼ିଦେଲେ) ପଦାର୍ଥ, ତେଲ, ଡାଲି, ଲୁଣ, ପରିବା, ଫଳ, କ୍ଷୀର, ମାଛ, ଅଣ୍ଡା ପାଇଁ ଓଡ଼ିଶା ବାହାର ରାଜ୍ୟ ଉପରେ ନିର୍ଭରଶୀଳ। ମୋଟାମୋଟି ଭାବେ ଦେଖିବାକୁ ଗଲେ ରାଜ୍ୟ ଗୋଟିଏ ଔପନିବେଶିକ ବଜାର ଭାବେ ମୁଣ୍ଡ ଟେକିଛି। ଓଡ଼ିଶାର ପାଖାପାଖି ୪ କୋଟି ୫୦ ଲକ୍ଷ ଲୋକ ବ୍ୟବହାର କରୁଥିବା କେବଳ ଖାଦ୍ୟ ଓ ପୋଷାକ ପାଇଁ ମାସିକ ୨୫ ହଜାର କୋଟି ଟଙ୍କା ରାଜ୍ୟ ବାହାରକୁ ଯାଉଛି। ରାଜ୍ୟରେ ଗଚ୍ଛିତ ଅନେକ ପ୍ରାକୃତିକ ସଂପଦ କୋଇଲା, ଲୁହାପଥର, ମାଙ୍ଗାନିଜ, କ୍ରୋମାଇଟ୍ ଆଦି ଖଣିଜ ସଂପଦ ଏ ମାଟିରୁ ଟ୍ରେନ୍ ଯୋଗେ, ଜାହାଜ ଯୋଗେ ଦେଶ ଭିତରେ ଅନ୍ୟ ରାଜ୍ୟକୁ ଓ ବିଦେଶକୁ ବୁହା ହୋଇଯାଉଛି। ପରିକଳ୍ପିତ ବିକଶିତ ଓଡ଼ିଶାର ଆୟ ମୁଖ୍ୟତଃ ଏହି ଭାବରେ ପ୍ରତ୍ୟହ ଶୋଷି ହୋଇଯାଇଥାଏ। ଓଡ଼ିଶାରୁ ଯାଉଥିବା ଏହି ସମସ୍ତ ସଂପଦ ପାଇଁ ଦେଶ ଅନେକ ଅର୍ଥ ଉପାର୍ଜନ କରୁଛି। ଅଥଚ ଓଡ଼ିଶା ପ୍ରତ୍ୟହ ସଂପଦ ହରାଇଚାଲିଛି।

ଏ ସମସ୍ତ ଉପରେ ବିହଙ୍ଗାବଲୋକନ କଲେ ୧୯୩୬ ରୁ ଏ ରାଜ୍ୟ ସଂପଦହରା, ରୁଗ୍ଣ, ଦୁର୍ବଳ ରାଜ୍ୟର ସ୍ଥିତିରେ ବିଶେଷ କିଛି ପରିବର୍ତ୍ତନ ଘଟିନାହିଁ। କୃଷି ଅତି ଦୁର୍ବଳ। ପ୍ରକୃତିଦତ୍ତ ବର୍ଷାଜଳ ଓ ଭୂତଳ ଜଳରାଶିର ଅଧିକାରୀ ହୋଇ ମଧ୍ୟ ମନୁଷ୍ୟକୃତ ତ୍ରୁଟି ପାଇଁ କୃଷି କ୍ଷେତ୍ରରେ ବିଶେଷ ଅଗ୍ରଗତି କରି ପାରିନାହିଁ। ରାଜ୍ୟର ସାମଗ୍ରିକ ବିକାଶ କ୍ଷେତ୍ରରେ କୃଷି ଓ ତତ୍‌ସଂଲଗ୍ନ ବ୍ୟବସ୍ଥାର ସାମଗ୍ରିକ ବିକାଶରେ (ଜିଏସ୍‌ଡିପି) ଏକ ସମୟରେ ସହଯୋଗ ୭୦.୪% ଥିଲା। ବର୍ତ୍ତମାନ କମିଆସି ମାତ୍ର ୧୭% ରେ ପହଞ୍ଚିଛି। ଅଥଚ ଏହା ଉପରେ ମୋଟ ଲୋକସଂଖ୍ୟାର ୭୦% ନିର୍ଭରଶୀଳ। ଗୋଟିଏ କୃଷି ପରିବାରର ମାସିକ ଆୟ ୨୦୨୩ ରେ ୫୧୧୨ ଟଙ୍କାରେ ଅଛି। କୃଷି ଓ ଆନୁସଙ୍ଗିକ ବ୍ୟବସ୍ଥା ସବୁକୁ ସଜାଡ଼ିବା ହେଉଛି ୨୦୩୬ର ମୂଳଲକ୍ଷ୍ୟ। ଯାହାଦ୍ୱାରା ରାଜ୍ୟର ସାମଗ୍ରିକ ଆୟକୁ କୃଷିର ଅବଦାନ ୪୦%ରେ ପହଞ୍ଚି ପାରିବ ଏବଂ କୃଷି ଉପରେ ନିର୍ଭରଶୀଳ ପ୍ରତ୍ୟେକ ପରିବାରର ଆୟ ମାସିକ ୨୫ ହଜାର ଟଙ୍କା ହେବ। ଖଦ୍ୟ ଓ ବସ୍ତ୍ର ପାଇଁ ଅପସାରିତ ଅର୍ଥ(ମନି ଡ୍ରେନ୍) ୫୦% କମିଯିବ। ବର୍ତ୍ତମାନ ବ୍ୟୟର ଅର୍ଦ୍ଧେକ ହେବ।

ଏଥିପାଇଁ (୧) ଏକ ପ୍ରଗତିଶୀଳ ଭୂସଂସ୍କାର ଦରକାର, ଯେଉଁଥିରେ ଫସଲ ଉତ୍ପାଦନକାରୀର ଫସଲ ଉପରେ ହକ୍ ସାବ୍ୟସ୍ତ ହେବ; (୨) ସମସ୍ତ ଫସଲ ଜମିକୁ ଅନ୍ତତଃ ଦ୍ୱିଫସଲ କରିବା ନିମନ୍ତେ ପୂର୍ଣ୍ଣ ଜଳସେଚନର ବ୍ୟବସ୍ଥା ହେବ। ଅର୍ଥାତ୍ ୫୭ ଲକ୍ଷ ହେକ୍ଟର ଜମିକୁ ଜଳସେଚନ ହେବ; (୩) ଅର୍ଥକରୀ ଫସଲ ଡାଲି, ତେଲ, ଫଳ, ପନିପରିବା ଚାଷ ଉପରେ ଗୁରୁତ୍ୱ ଦିଆଯିବ; (୪) ସବୁ କୃଷି ଉତ୍ପାଦନ ମୂଲ୍ୟ ସ୍ଥିର ହେବା ସହିତ ରକ୍ଷଣାବେକ୍ଷଣ ଉପରେ ଗୁରୁତ୍ୱ ରହିବ; (୫) ଫସଲ ମୂଲ୍ୟ ଉତ୍ପାଦନ ଖର୍ଚ୍ଚର ୨ ଗୁଣ ରହିବ। ଏପରି ଏକ ସ୍ୱଷ୍ଟ ଖସଡ଼ା ପ୍ରସ୍ତୁତ ହୋଇ ଆଗାମୀ ଦଶବର୍ଷରେ କାର୍ଯ୍ୟକାରୀ ହେବା ଦରକାର। ଏଥିସହିତ ଆନୁସଂଗିକ କୃଷି, ମତ୍ସ୍ୟଚାଷ, ଗୋପାଳନ(କ୍ଷୀର ଉତ୍ପାଦନ) ଉପରେ ଗୁରୁତ୍ୱ ଦେବା ସହିତ ବ୍ୟବହାର ଉପଯୋଗୀ ଲୁଣ ରାଜ୍ୟରେ ପ୍ରସ୍ତୁତ କରାଯିବା ଦରକାର। (କ୍ରମଶଃ...)

*(ପୂର୍ବତନ କ୍ୟାବିନେଟ୍ ମନ୍ତ୍ରୀ, ରାଜନୀତିଜ୍ଞ ତଥା ଅର୍ଥନୀତି ବିଶାରଦ)*

# କଅଁଳ ହାତରେ ଶ୍ରମର ବୋଝ

**ମୋଜାଫର ଖାଁ**

ଆକାଶର ରଙ୍ଗ ଏକ ହେଲେ ମଧ୍ୟ ପ୍ରତିଟି ଶିଶୁ ପାଇଁ ଏହାର ରଙ୍ଗ ଭିନ୍ନ। କେହି ଜନ୍ମ ହେବା କ୍ଷଣି ସୁନାର ଚଉକିରେ ବସି ସ୍ୱପ୍ନ ଦେଖେ ତ କାହାର ସ୍ୱପ୍ନ ଭାଙ୍ଗିଯାଏ କ୍ଷୁଧାର ଜ୍ୱାଳାରେ। ଆମେ ପ୍ରାୟତଃ ଶୈଶବକୁ ଅସୀମ ସମ୍ଭାବନାର ସମୟ ଭାବରେ ବିବେଚନା କରିଥାଉ। ଏହା ଏକ ପର୍ଯ୍ୟାୟ, ଯେଉଁଠାରେ ପ୍ରତ୍ୟେକ ଇଚ୍ଛା ପୂରଣ ହୁଏ ଏବଂ ପ୍ରତ୍ୟେକ ସ୍ୱପ୍ନକୁ ବାସ୍ତବିକତାରେ ପରିଣତ କରିବା ପାଇଁ ଚେଷ୍ଟା କରାଯାଏ। କିଛି ଶିଶୁ ଜନ୍ମ ନେବା କ୍ଷଣି ସାରା ବିଶ୍ୱର ସୁଖ ସେମାନଙ୍କ ପାଦତଳେ ଅଜାଡ଼ି ହୋଇପଡ଼େ। ସେମାନଙ୍କର ଅଳି, ଅର୍ଦ୍ଦଳି ଆଉ ଅଝଟ ହେଉଛି ସେମାନଙ୍କ ଅଧିକାର। ସେମାନେ ଯାହା ଚାହାନ୍ତି, ତାହା ପାଆନ୍ତି - ଖେଳନାଠାରୁ ଆରମ୍ଭ କରି ଖୁସି ପର୍ଯ୍ୟନ୍ତ। କାହା ପାଇଁ ପାଠପଢ଼ା ଏକ ଉତ୍ସବ ତ କାହା ପାଇଁ ଏହା ଏକ ସଂଘର୍ଷ। କାହା ପାଇଁ ବିକାଶର ଅର୍ଥ ବିଳାସ ତ କାହା ପାଇଁ ଏହା କେବଳ ଅସ୍ତିତ୍ୱର ଲଢ଼େଇ।

ପିଲାଟିଏ ଜନ୍ମ ହେଲା ବେଳେ ଆମେ ସମସ୍ତେ ଚାହୁଁ ସେ ଦୁନିଆର ସବୁ ସୁଖ ପାଉ। ଭଲ ପାଠ ପଢୁ, ବଡ଼ ମଣିଷ ହେଉ। କିନ୍ତୁ ଆମ ଦେଶ ଭାରତର ବାସ୍ତବ ଚିତ୍ର ଟିକେ ଅଲଗା। ଆଜି ବି ଅନେକ ଗରିବ ପିଲା ଖାତାକଲମ ଧରିବା ବଦଳରେ ରାସ୍ତା କଡ଼ରେ ଭିକ ମାଗୁଛନ୍ତି କିମ୍ବା କାମ କରୁଛନ୍ତି। ସରକାର ଅନେକ ଚେଷ୍ଟା କରୁଥିଲେ ମଧ୍ୟ ସେମାନଙ୍କ ପାଖରେ ଶିକ୍ଷାର ଆଲୋକ ପହଞ୍ଚିପାରୁ ନାହିଁ। ବିଶେଷକରି ଆମ ଓଡ଼ିଶାର ଜନଜାତି ବା ଆଦିବାସୀ ପିଲାମାନେ ଏବେ ବି ମୌଳିକ ସୁବିଧାରୁ ବଞ୍ଚିତ ହୋଇ ଅବହେଳିତ ଅବସ୍ଥାରେ ଅଛନ୍ତି। ଓଡ଼ିଶାର ଆଦିବାସୀବହୁଳ ଅଞ୍ଚଳରେ ସମସ୍ୟା କେବଳ ଇଚ୍ଛାର ନୁହେଁ, ଏହା ଭୌଗୋଳିକ ଦୂରତା, ଭାଷାର ସମସ୍ୟା ଓ ଚରମ ଦରିଦ୍ରତାର ଏକ ମିଶ୍ରଣ। ରାସ୍ତା କଡ଼ରେ ଭିକ୍ଷା ମାଗୁଥିବା ଶିଶୁଟିକୁ ଦେଖିଲେ ଆମକୁ କେବଳ ଦରିଦ୍ରତା ଦେଖାଯାଏ। କିନ୍ତୁ ଏହା ପଛରେ ଏକ ବଡ଼ ସାମାଜିକ ବିଫଳତା ରହିଛି। ଓଡ଼ିଶାର ଅନେକ ଆଦିବାସୀ ପିଲାଙ୍କ ପାଖରେ ନା ଅଛି ପରିଚୟ ପତ୍ର, ନା ଅଛି ସ୍ଥାୟୀ ଠିକଣା। ପାଠ ପଢ଼ିବା ବୟସରେ ସେମାନେ ବଞ୍ଚିବା ପାଇଁ ସଂଘର୍ଷ କରନ୍ତି ଏବଂ ଅନେକ ସମୟରେ ଅପରାଧିକ ଦୁନିଆରେ ଫସିଯା'ନ୍ତି।

ଅବହେଳିତ ଜନସଂଖ୍ୟା ଅନେକ ପରିବେଶଗତ ଓ ଭୌଗୋଳିକ ଜଳବାୟୁ ପରିସ୍ଥିତିରେ ବାସ କରନ୍ତି, ଯାହା ତୃଣଭୂମିରୁ ଜଙ୍ଗଲ, ପର୍ବତ ଓ ଅପହଞ୍ଚ ଅଞ୍ଚଳ ପର୍ଯ୍ୟନ୍ତ ଅସ୍ଥିର ହୁଏ। ନିଜର ଗୁଜରାଣ ପୂରଣ କରି ଦି ଓଳି ଖାଇବା ପାଇବା ପାଇଁ ଆଜି ବି ଆମ ରାଜ୍ୟରେ ଅନେକ ଅବହେଳିତ, ନିଷ୍ପେସିତ ଶିଶୁଙ୍କ କାନ୍ଧରେ ବହିବସ୍ତାନିର ଅପେକ୍ଷା ହାତରେ ଥାଏ କଳକାରଖାନାର କଳଙ୍କିତ ଲୁହା, ଇଟାଭାଟିର ତତଲା କାଦୁଅ କିମ୍ବା ଚା' ଦୋକାନର ଗିଲାସ। ସେମାନେ ଆମ ରାଜ୍ୟର ଭବିଷ୍ୟତ। କିନ୍ତୁ ଆଜି ସେମାନଙ୍କ ବର୍ତ୍ତମାନ କେଉଁଠି ନା କେଉଁଠି ପୋତି ହୋଇଯାଇଛି ଦାରିଦ୍ର୍ୟର ଅନ୍ଧକାର ଗର୍ଭରେ।

ଓଡ଼ିଶାର ମାଟି ଏବେ ଶିଳ୍ପ ଆଉ ପ୍ରଗତିର ନୂଆ ସ୍ୱପ୍ନ ଦେଖୁଛି। ସେଇ ମାଟିର ଗୋଟିଏ କୋଣରେ ଆଜି ବି ଶୈଶବ ସିଝୁଛି ଅଭାବର ନିଆଁରେ। ଏମାନେ ହେଉଛନ୍ତି ସେହି ଶିଶୁ ଶ୍ରମିକ, ଯେଉଁମାନେ ନିଜ ଇଚ୍ଛାରେ ନୁହେ. ବରଂ ପରିବାରର ପେଟ ପାଇଁ ନିଜ ସ୍ୱପ୍ନକୁ ବଳି ପକେଇ ଦେଇଛନ୍ତି। ସେମାନଙ୍କ ଆଖିରେ ଲୁହ ନାହିଁ; ଅଛି କେବଳ ଏକ ଶୂନ୍ୟତା। ସେମାନେ ଜାଣନ୍ତି ନାହିଁ 'ଶିଶୁ ଦିବସ' କ'ଣ କିମ୍ବା 'ଶିଶୁ ଅଧିକାର' କାହାକୁ କୁହନ୍ତି। ସେମାନଙ୍କ ପାଇଁ ପ୍ରତିଟି ଦିନ ଏକ ସଂଗ୍ରାମ, ପ୍ରତିଟି ସକାଳ ଏକ ନୂଆ ବୋଝ।

ଏହି ପିଲାମାନଙ୍କୁ ରାସ୍ତାରୁ ଆଣି ଶ୍ରେଣୀଗୃହରେ ବସାଇବାକୁ ହେଲେ ଆମକୁ ସେମାନଙ୍କ ସମସ୍ୟାର ମୂଳକୁ ବୁଝିବାକୁ ହେବ। କେବଳ ସ୍କୁଲ ଘରଟିଏ ତିଆରି କରିଦେଲେ ହେବନି; ଶିକ୍ଷାକୁ ସେମାନଙ୍କ ପାଇଁ ଏକ ସୁବିଧାଜନକ ବିକଳ୍ପ ଭାବେ ଗଢ଼ିବାକୁ ହେବ। ଶିଶୁମାନେ ଦେଶର ଭବିଷ୍ୟତ ନାଗରିକ ଏବଂ ସେମାନଙ୍କର ପର୍ଯ୍ୟାପ୍ତ ବିକାଶ ଦେଶର ସର୍ବୋଚ୍ଚ ପ୍ରାଥମିକତା। ଶିକ୍ଷା ବିକାଶର ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଂଶ। ଭାରତ ସରକାର ଶିଶୁ ଶ୍ରମିକ ନିୟନ୍ତ୍ରଣ ପାଇଁ ଅନେକ କିଛି ପଦକ୍ଷେପ ନେଇଛନ୍ତି। କିନ୍ତୁ କେବଳ ଆଇନ ଲାଗୁ କରିଦେଲେ ଏହା ସମାଧାନ କରିବାରେ ସାହାଯ୍ୟ କରିପାରିବ ନାହିଁ। ସରକାର ଏହି ପିଲାମାନଙ୍କ ପୁନର୍ବାସନ ଏବଂ ସେମାନଙ୍କ ପରିବାରର ଆର୍ଥିକ ଅବସ୍ଥାକୁ ଉନ୍ନତ କରିବା ଉପରେ ଗୁରୁତ୍ୱ ପ୍ରଦାନ କରିବା ଉଚିତ। ଜ୍ଞାନକୁ ଆଇନ ଓ କାର୍ଯ୍ୟରେ ପରିଣତ କଲେ ଏବଂ ପିଲାମାନଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ପାଇଁ ପ୍ରେରଣା ଦେଲେ ଶିଶୁ ଶ୍ରମିକକୁ ବନ୍ଦ କରାଯାଇପାରିବ। ଛୋଟ ପିଲାମାନଙ୍କର ସହନଶକ୍ତି ଅଧିକ ଏବଂ ସେମାନେ ଭେଦଭାବ ବିରୁଦ୍ଧରେ ପ୍ରତିବାଦ କରିପାରିବେ ନାହିଁ। ଶିଶୁ ଶ୍ରମିକ ବିରୁଦ୍ଧରେ ସମ୍ପ୍ରଦାୟଗୁଡ଼ିକୁ ସଂଗଠିତ କରିବା ଏବଂ ଶିଶୁ ଶ୍ରମିକମାନଙ୍କୁ ସେମାନଙ୍କ ଘର ଓ ସ୍କୁଲରେ ପୁନଃସଂଯୋଜିତ କରିବା ପାଇଁ ତୃଣମୂଳ ରଣନୀତି ଉପରେ ଧ୍ୟାନ ଦେବା ଶିଶୁଶ୍ରମିକ ଚକ୍ରକୁ ଭାଙ୍ଗିବା ପାଇଁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ସମାଜର ଏହି ବିଷଚକ୍ରକୁ ଭାଙ୍ଗିବା ପାଇଁ ଚିକିତ୍ସା, ମାନସିକ ଓ ସାମାଜିକ-ମନୋବିଜ୍ଞାନ ସ୍ତରର ବିଶେଷଜ୍ଞମାନଙ୍କୁ ସାମିଲ କରି ଏକ ବହୁମୁଖୀ ପଦ୍ଧତି ଆବିଷ୍କାର କରିବା ଆବଶ୍ୟକ।

ଇତିମଧ୍ୟରେ ଓଡ଼ିଶା ସରକାର 'ଭିଜନ-୨୦୩୬'ରେ ଓଡ଼ିଶାକୁ ସୁଦୃଢ଼, ସକ୍ଷମ ଓ ସମୃଦ୍ଧ କରିବାର ଲକ୍ଷ୍ୟ ରଖିଛନ୍ତି। ବିକଶିତ ଭାରତର ରାଷ୍ଟ୍ରୀୟ ଲକ୍ଷ୍ୟ ସହିତ ବିକଶିତ ଓଡ଼ିଶା ମଧ୍ୟ ଉନ୍ନତି ପଥରେ ଅଗ୍ରସର ହୋଇଛି। ଏଥିପାଇଁ ଆମକୁ ଶିକ୍ଷା, ସ୍ୱାସ୍ଥ୍ୟ, ସାମାଜିକ ସଂହତି, କୃଷି ଓ ପ୍ରଯୁକ୍ତିବିଦ୍ୟା, ରୋଜଗାର, ଗମନାଗମନ ଓ ଯୋଗାଯୋଗ ସୁବିଧାରେ ବିକାଶ କରିବା ସହିତ ଦରିଦ୍ରତା ହ୍ରାସ ଏବଂ ସାକ୍ଷରତା ବୃଦ୍ଧି କରିବାକୁ ପଡ଼ିବ। ପ୍ରଥମେ ଶିଶୁଙ୍କ ବିକାଶ କରିବା ନିହାତି ଜରୁରୀ।

ତରିକୁନ୍ଦ(ଜଗତସିଂହପୁର)
କଟକ, ମୋ: ୬୩୭୦୦୦୧୫୭୦

# ଆମ ବୃକ୍ଷଲତା ଆମ ଜୀବନ

**ପ୍ରକୃତି-ପରିବେଶ**

## ଚଢ଼େଇଗୁଡ଼ି

(White Wood Chaste Tree or Siva Tulsi- Vitex leucoxylon)

**ସୌଭାଗ୍ୟସୁନ୍ଦର**

ଚଢ଼େଇଗୁଡ଼ିର ମୂଳଜାତ ଅଞ୍ଚଳ ହେଉଛି ଭାରତ, ପାକିସ୍ତାନ, ଶ୍ରୀଲଙ୍କା, ମିଆଁମାର, ଚୀନ୍, ମାଲେସିଆ, ଆଣ୍ଡାମାନ ଦ୍ୱୀପପୁଞ୍ଜ ସମେତ ଭାରତୀୟ ଉପମହାଦେଶ। ଏହା ୯୦୦ ମିଟର ପର୍ଯ୍ୟନ୍ତ ଉଚ୍ଚତାରେ ପର୍ଣ୍ଣମୋଚୀ ଜଙ୍ଗଲରେ ବଢ଼ିଥାଏ, ବିଶେଷକରି ଝରଣା କୂଳରେ। ଏହା ଏକ ଶୋଭାବର୍ଦ୍ଧକ ଓ ଔଷଧୀୟ ଉଦ୍ଭିଦ। ଚଢ଼େଇଗୁଡ଼ି ସାଧାରଣତଃ 'ହ୍ୱାଇଟ ଉଡ୍ ଚେଷ୍ଟ ଟ୍ରି' ବା ପବିତ୍ର 'ଶିବତୁଳସୀ' ଉଦ୍ଭିଦ ଭାବରେ ଜଣାଶୁଣା। ଏହା ପ୍ରାୟ ୫ ରୁ ୧୦ ମିଟର ଉଚ୍ଚତା ବିଶିଷ୍ଟ ଏକ ଦୃଢ଼ କାଷ୍ଠବିଶିଷ୍ଟ ଉଦ୍ଭିଦ, ଯାହାର ଶାଖା ଡାଳ ଶୀର୍ଷ ଭାଗରେ ବିସ୍ତାରିତ। କଅଁଳ ଶାଖାଗୁଡ଼ିକ ଚତୁର୍ଭୁଜ, ସୂକ୍ଷ୍ମ ମଖମଲ, ଭାତୁଡିମୟ। କାଣ୍ଡ ଛାଲି ମାଟିଆ କିମ୍ବା ହାଲୁକା ଧୂସର ଓ ଧଳା ରଙ୍ଗର। ପତ୍ରର ଗଠନ ଓ ଆକୃତି ଚଢ଼େଇ ଗୋଡ଼ ଭଳି। ତେଣୁ ଏହାକୁ 'ଚଢ଼େଇଗୋଡ଼ି' ଉଦ୍ଭିଦ ନାମରେ ସ୍ଥାନୀୟ ସମ୍ପ୍ରଦାୟ ଚିହ୍ନନ୍ତି। ପତ୍ରଗୁଡ଼ିକ କାଗଜ କିମ୍ବା ପତଳା ଚମଡ଼ା ଭଳି, ତଳ ପଟେ ଫିକା ସବୁଜ। ଥାଳି ଭଳି ସଜେଇ ହୋଇଥିବା ଫୁଲଗୁଡ଼ିକ ଡେମ୍ଫବିହୀନ, କ୍ଷୁଦ୍ର, ନଳୀକାର, ଧଳାରୁ ଫିକା ବାଇଗଣୀ। ଫଳଗୁଡ଼ିକ ଗୋଲାକାର ଅଷ୍ଠିଳା, ବାଇଗଣୀ କଳା, ପରିପକ୍ୱତା ପରେ ଗାଢ଼ ବାଦାମୀ ହୋଇଯାଏ। ଚାରୋଟି ବିହନ ଧାରଣ କରେ।

ଏହା ଏକ ଶକ୍ତିଶାଳୀ ଆୟୁର୍ବେଦିକ ଔଷଧି, ଯାହା ଏହାର ଅନୁକୂଳନ ଓ ପ୍ରଦାହ-ବିରୋଧୀ ପ୍ରଭାବ ପାଇଁ ମୂଲ୍ୟବାନ। ଆୟୁର୍ବେଦରେ ମୁଖ୍ୟତଃ ଚଢ଼େଇଗୁଡ଼ିର ଛାଲି ଓ ଫଳ ବ୍ୟବହୃତ ହୁଏ, ଯଦିଓ କିଛି ଫର୍ମୁଲେସନରେ ଏହାର ପତ୍ର ମଧ୍ୟ ଅନ୍ତର୍ଭୁକ୍ତ। ଏହା ତିକ୍ତ ଓ କଟୁ ରସ, ପିତ୍ତ-ଶାନ୍ତକାରୀ, ରକ୍ତଶୋଧକ ଓ ରକ୍ତସ୍ରାବରୋଧକ। ଋତୁସ୍ରାବ ସମସ୍ୟା, ପାଚନ ସମସ୍ୟା, ଜ୍ୱର, ସର୍ଦ୍ଦି, ଶ୍ଲେଷ୍ମା, ମୁଣ୍ଡବିନ୍ଧା, କୃମି ଉପଶମକାରୀ ଭାବେ ପରିଚିତ। କେରଳର କିଛି ତାଳପତ୍ର ରେକର୍ଡରେ ଦ୍ୱାଦଶ ଶତାବ୍ଦୀର ଶାସ୍ତ୍ରୀୟ ଦକ୍ଷିଣ ଭାରତୀୟ ଔଷଧୀୟ ପାଣ୍ଡୁଲିପିରେ ଏହା ବିଷୟରେ ଉଲ୍ଲେଖ ଅଛି। ୧୯୦୦ ଦଶକ ମଧ୍ୟରେ କେରଳ ଓ କର୍ଣ୍ଣାଟକର ଆୟୁର୍ବେଦିକ ଚିକିତ୍ସକମାନେ ଆର୍ଥରାଇଟିକ୍, ଅର୍ଥାତ୍ ସନ୍ଧି ପ୍ରଦାହ ବା ଆଣ୍ଠୁଗଣ୍ଠି ବାତ ଚିକିତ୍ସା ପାଇଁ ପାରମ୍ପରିକ ଭାବରେ ଏହାର ବ୍ୟବହାର କରୁଥିଲେ। ଆଜି ଚଢ଼େଇଗୁଡ଼ି ଆୟୁର୍ବେଦିକ ଫର୍ମୁଲେସନରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରେ। ପ୍ରାୟତଃ ଅଶୋକ ଓ ଶତାବରୀ ସହିତ ମିଶ୍ରିତ ହୋଇ ଏହାର ମହିଳା ପ୍ରଜନନ ପ୍ରକ୍ରିୟାକୁ ବୃଦ୍ଧି କରିଥାଏ। ଗର୍ଭବତୀ କିମ୍ବା ସ୍ତନ୍ୟପାନ କରାଇବା ମହିଳାମାନେ ଗର୍ଭାଶୟ ପ୍ରଭାବ ଉପରେ ପର୍ଯ୍ୟାପ୍ତ ତଥ୍ୟ ନଥିବାରୁ ଏହାକୁ ଏଡ଼ାଇବା ଉଚିତ। ଡୋପାମିନର୍ଜିକ୍ ଔଷଧ କିମ୍ବା ହରମୋନ୍ ଚିକିତ୍ସା ନେଉଥିବା ବ୍ୟକ୍ତିମାନେ ବ୍ୟବହାର କରିବା ପୂର୍ବରୁ ଜଣେ ଯୋଗ୍ୟ ଚିକିତ୍ସକଙ୍କ ସହିତ ପରାମର୍ଶ କରିବା ଉଚିତ। ଯକୃତ ବିକୃତି ଥିବା ବ୍ୟକ୍ତିମାନେ ଅତିରିକ୍ତ ସତର୍କତା ଅବଲମ୍ବନ କରିବାକୁ ହେବ।

ଚଢ଼େଇଗୁଡ଼ି ଗଛର କାଠ ମଧ୍ୟମ ଧରଣର କଠିନ, ହାଲୁକା ଧୂସର-ବାଦାମୀ ରଙ୍ଗର, ସୂକ୍ଷ୍ମ ଦାନାଯୁକ୍ତ ଓ ସ୍ଥାୟୀ। ଶଗଡ଼ ଚକ ଓ ଫର୍ଣ୍ଣିଚର ତିଆରି ପାଇଁ ଏହା ଏକ ଉପଯୋଗୀ କାଠପ୍ରଦାନକାରୀ ବୃକ୍ଷ। ଚଢ଼େଇଗୁଡ଼ିରେ ଅନେକ ପ୍ରମୁଖ ସକ୍ରିୟ ଯୌଗିକ ଉପାଦାନ ଅଛି। ଯେପରିକି ଭିଟେକ୍ସିନ୍-ଏ ଏବଂ -ବି (ଫ୍ଲାଭୋନଏଡ୍ ଗ୍ଲାଇକୋସାଇଡ୍), ଆଗ୍ନୁସାଇଡ୍ (ଇରିଡୋଏଡ୍ ଗ୍ଲାଇକୋସାଇଡ୍), ଭାନିଲିକ୍ ଏସିଡ୍, ଆବଶ୍ୟକୀୟ ତେଲ ଏବଂ କିଛି ଟାନିନ୍।

ପାରମ୍ପରିକ ଅମଳକାରୀମାନେ ଶୁଷ୍କ ମାସଗୁଡ଼ିକରେ (ଜାନୁଆରୀ-ମାର୍ଚ୍ଚ) ଛାଲି ସଂଗ୍ରହ କରନ୍ତି ଯେତେବେଳେ ରସର ସ୍ତର କମ୍ ଥାଏ, ଯାହା ଭଲ ଛାଲି ପୃଥକୀକରଣ ସୁନିଶ୍ଚିତ କରେ ଏବଂ ଗଛକୁ ମାରି ଦେଉଥିବା ରିଙ୍ଗ-ଭର୍କିଂ ପୋକକୁ ରୋକିଥାଏ। ବର୍ଷା ପୂର୍ବରୁ ପତ୍ର ଓ ଫଳଗୁଡ଼ିକ ସାଧାରଣତଃ ଗ୍ରୀଷ୍ମ ଋତୁର ଆରମ୍ଭରେ ସଂଗ୍ରହ କରାଯାଏ। ଏହା ବିହନ ଦ୍ୱାରା କିମ୍ବା କାଣ୍ଡ ଦ୍ୱାରା ବଂଶବିସ୍ତାର ହୁଏ। ପ୍ରାକୃତିକ ଆବାସସ୍ଥାନ କ୍ଷୟକ୍ଷତି ଏବଂ ବିଭିନ୍ନ କାରଣରୁ ଅପସାରଣ ହେତୁ ଏହି ଜାତୀୟ ଉଦ୍ଭିଦର ଅସ୍ତିତ୍ୱ ପାଇଁ ବିପଦ ରହିଛି। ତେବେ ପରିସ୍ଥିତି ସଙ୍କଟାପନ୍ନ ନୁହେଁ। ପ୍ରକୃତି ସଂରକ୍ଷଣ ପାଇଁ ଆନ୍ତର୍ଜାତିକ ସଂଘ ଦ୍ୱାରା ଲାଲ ତାଲିକାରେ ବିପଦପୂର୍ଣ୍ଣ ଜାତୀୟ ବର୍ଗରେ ଏହି ଉଦ୍ଭିଦକୁ 'ସର୍ବନିମ୍ନ ଚିନ୍ତାଜନକ ଉଦ୍ଭିଦ' ଭାବରେ ବର୍ଗୀକୃତ କରାଯାଇଛି।

ଭୁବନେଶ୍ୱର, ମୋ: ୯୪୩୭୧୯୦୪୭୦

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ପକ୍ଷାଘାତ ରୋଗୀକୁ ବାନ୍ଧି ରଖିଲା ସାପ

ବୌଦ୍ଧ,୩୧।୫(ସମିସ): ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ୍ ଆଡ଼େନିଗଡ଼ ଗ୍ରାମରେ ଏକ ଭୟଙ୍କର ଦୃଶ୍ୟ ଦେଖିବାକୁ ମିଳିଛି।



ଏହି ଗାଁର ପକ୍ଷାଘାତ ରୋଗୀ କୃଷ୍ଣଚନ୍ଦ୍ର ସାହୁଙ୍କୁ ଗୋଟିଏ ସାପ ଦୀର୍ଘ ୨ ଘଣ୍ଟା ଧରି ବାନ୍ଧି ରଖିଥିଲା। ସେ ଘରେ ଶୋଇଥିବା ବେଳେ ବିଳମ୍ବିତ ରାତିରେ ଘରର ଝରକା ଦେଇ ସାପଟି ଭିତରକୁ ପଶି ଆସି କୃଷ୍ଣଚନ୍ଦ୍ରଙ୍କ ଉପରେ ଚଢ଼ି ଯାଇଥିଲା। ସେ ଯେତେବେଳେ ଏହା ଜାଣିବାକୁ ପାଇଲେ, ସେତେବେଳେ ହଠାତ୍ ଉଠି ପାରି ନ ଥିଲେ କି କାହାକୁ ଡାକି ପାରିନଥିଲେ। ରୋଗରେ ପୀଡ଼ିତ ଥିବାରୁ ତାଙ୍କ ଶରୀରର ଗୋଟିଏ ପାର୍ଶ୍ୱ ସମ୍ପୂର୍ଣ୍ଣ ଅଚଳ ରହିଛି। କିଛି ସମୟ ପରେ କୃଷ୍ଣ ଉଠିବା ପାଇଁ ଚେଷ୍ଟା କରିଥିଲେ; କିନ୍ତୁ ସେତେବେଳକୁ ସାପଟି କୃଷ୍ଣଙ୍କ ହାତକୁ ଏକ ଚେୟାର ସହ ଜୋରରେଗୁଡ଼ାଇ ବାନ୍ଧି ସାରିଥିଲା। ଏହାପରେ କୃଷ୍ଣଙ୍କ ପାଟି ଶୁଣି ଯେତେବେଳେ ପରିବାରଲୋକେ ଏହା ଦେଖିଲେ, ସେମାନେ ଆଶ୍ଚର୍ଯ୍ୟ ହେବା ସହ ଭୟଭୀତ ହୋଇପଡ଼ିଥିଲେ। ପରିବାରଲୋକେ ଅତି ସତର୍କତାର ସହ ପ୍ରାୟ ୨ଘଣ୍ଟାର ଅକ୍ଲାନ୍ତ ପରିଶ୍ରମ ପରେ ସାପ କବଳରୁ କୃଷ୍ଣଙ୍କୁ ସୁରକ୍ଷିତ ଉଦ୍ଧାର କରିଥିଲେ। ପରେ ସାପଟିକୁ ଘର ବାହାରକୁ ସୁରକ୍ଷିତ ଭାବେ ନେଇ ଛାଡ଼ି ଦିଆଯାଇଥିଲା। ଏବେ ଏହି ଆଶ୍ଚର୍ଯ୍ୟଜନକ ଘଟଣା ପୂରା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।

## ବ୍ରହ୍ମପୁର ପୁଲିସ ଜିଲ୍ଲାରେ ଦୁଇ ଦିନରେ ୨ଟି ହତ୍ୟା

# ବିଧବାଙ୍କୁ ହତ୍ୟା ପରେ ଯୁବକଙ୍କୁ ଫୁଲ କୁଣ୍ଡରେ ଛେଚି ମାରିଲେ

ବ୍ରହ୍ମପୁର, ୩୧।୫(ସମିସ): ପୁଲିସର ଏନ୍‌କାଉଣ୍ଟରକୁ ବି ଖାତିର କରୁନାହାନ୍ତି ଅପରାଧୀ। ବ୍ରହ୍ମପୁର ପୁଲିସ ପକ୍ଷରୁ ୫ଟି ଏନ୍‌କାଉଣ୍ଟର ପରେ ବି ନିୟମିତ ଗୋଟିଏ ପରେ ଗୋଟିଏ ଅପରାଧ ଘଟାଇ ପୁଲିସକୁ ଖୋଲା ଚାଲେଞ୍ଜ ଦେଇଛନ୍ତି। ଦିନକୁ ପୂର୍ବରୁ ଗୋଳନ୍ଥରା ଥାନା ଅନ୍ତର୍ଗତ ଚାନ୍ଦପୁର ଗ୍ରାମରେ ଜଣେ ବିଧବା ମହିଳାଙ୍କୁ ଅତି ନିର୍ମମ ଭାବେ ହତ୍ୟା



ଘଟଣାକୁ ୨୪ ଘଣ୍ଟା ନ ବିତୁଣୁ ବ୍ରହ୍ମପୁର ସହରରେ ପୁଣି ଜଣେ ଯୁବକଙ୍କୁ ଫୁଲ କୁଣ୍ଡରେ ଛେଚି ଅତି ନିର୍ମମ ଭାବେ ହତ୍ୟା କରାଯାଇଛି। ମୃତକ ହେଲେ, ନରସିଂହ ବେହେରା।

ହିଲପାଟଣାସ୍ଥିତ ପରିତ୍ୟକ୍ତ ଘରୁ ତାଙ୍କ ମୃତଦେହ ଜବତ କରି ପୁଲିସ ଏକ ହତ୍ୟା ମାମଲା ରୁଜୁ କରିବା ସହ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇଛି। ଶବ ବ୍ୟବଚ୍ଛେଦ ପରେ ତାହାକୁ ଏମକେସିଜି ମେଡିକାଲରେ ସଂରକ୍ଷିତ ରଖାଯାଇଛି। ଘଟଣାର ବିଭିନ୍ନ ଦିଗକୁ ନେଇ ପୁଲିସ ଛାନଭିନ ଚଳାଇଛି। ମୃତ ନରସିଂହ କାହା କାହା ସହ ଘଟଣାସ୍ଥଳକୁ ଯାଇଥିଲେ, ସେଠାରେ ତାଙ୍କୁ କିଏ ଏବଂ କାହିଁକି ହତ୍ୟାକଲେ ସେନେଇ ତଦନ୍ତ ଜାରି ରହିଛି। ଅନୁସନ୍ଧାନ ବେଳେ ଘଟଣା ସ୍ଥଳରେ ଅଥବା ଆଖପାଖରେ କୌଣସି ସିସିଟିଭି କ୍ୟାମେରା ନଥିବା ଜଣାପଡିଛି। ତେବେ ଉକ୍ତ ପରିତ୍ୟକ୍ତ ଘରକୁ କାହାର ଯାତାୟତ ରହୁଥିଲା ସେନେଇ ତନାଘନା ଚଳାଇଛି। ନରସିଂହଙ୍କୁ ଏକ ସିମେଣ୍ଟର ଫୁଲ କୁଣ୍ଡରେ ସଂଘବଦ୍ଧ ଭାବେ ଆକ୍ରମଣ କରି ହତ୍ୟା କରାଯାଇଥିବା ପୁଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ସାଇଣ୍ଟିଫିକ୍ ଟିମ ଓ ସନ୍ଧାନୀ କୁକୁର ସହାୟତାରେ ପୁଲିସର ତଦନ୍ତ ଜାରି ରହିଛି। ଖବର ପାଇ ଥାନାରେ ମୃତକଙ୍କ ଭାଇ ପହଞ୍ଚି ଏତଲା ଦେଇଥିବା ଜଣାପଡିଛି।

ସହରରେ ବଢୁଥିବା ଅପରାଧିକ କାର୍ଯ୍ୟକଳାପକୁ ନେଇ ପୁଲିସ ପକ୍ଷରୁ ଯେତିକି ପଦକ୍ଷେପ ନିଆଯାଉଛି, ଅପରାଧୀମାନେ ସେତିକି ସତର୍କ ହୋଇ ନିର୍ବିଘ୍ନରେ ଗୋଟିଏ ପରେ ଗୋଟିଏ ଅପରାଧ ଘଟାଇ ଚାଲିଛନ୍ତି। ଯାହା ଉଭୟ ପୁଲିସ ଓ ଜନସାଧାରଣଙ୍କ ପାଇଁ ଚିନ୍ତା ଓ ମୁଣ୍ଡବ୍ୟଥାର କାରଣ ସାଜିଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଜଳସଙ୍କଟ ଜଳଜଳ...

ଖସି ଆସିଛି। ଏହି ଜଳ ସଙ୍କଟ କେବଳ ପିଇବା ପାଣି କିମ୍ବା ଚାଷ କାର୍ଯ୍ୟକୁ ପ୍ରଭାବିତ କରିନାହିଁ, ଦେଶର ବିଦ୍ୟୁତ ଉତ୍ପାଦନ ଉପରେ ମଧ୍ୟ ଏହାର ସିଧାସଳଖ ପ୍ରଭାବ ପଡ଼ିବାକୁ ଯାଉଛି। ଦେଶର ପ୍ରମୁଖ ଜଳବିଦ୍ୟୁତ ପ୍ରକଳ୍ପ ସହିତ ଜଡ଼ିତ ଥିବା ଜଳାଶୟଗୁଡ଼ିକ ମଧ୍ୟରୁ ୬ଟି ବଡ଼ ପ୍ରକଳ୍ପର ଜଳଭଣ୍ଡାର ବର୍ତ୍ତମାନ ଅତି ଶୋଚନୀୟ ସ୍ଥିତିରେ ରହିଛି। ଯଦିଓ ବର୍ତ୍ତମାନର ଜଳ ସ୍ତର ବିଗତ ବର୍ଷ ଏବଂ ଦଶ ବର୍ଷର ହାରାହାରି ତୁଳନାରେ ସାମାନ୍ୟ ଅଧିକ ରହିଛି, ତଥାପି ଯେଉଁଭଳି ଭାବରେ ଜଳାଶୟଗୁଡ଼ିକ ଶୁଖିବାରେ ଲାଗିଛି, ତାହା ଆଗାମୀ ଦିନ ପାଇଁ ଏକ ବଡ଼ ଚେତାବନୀ। ମୌସୁମୀ ବର୍ଷା ଆସିବାରେ ବିଳମ୍ବ ହେଲେ ଦେଶରେ ପିଇବା ପାଣି ଏବଂ ବିଦ୍ୟୁତ ସଙ୍କଟ ଉତ୍କଟ ରୂପ ଧାରଣ କରିପାରେ ବୋଲି କୁହାଯାଉଛି।

### ଲଘୁଚାପକୁ ଅନେଇଛି...

ବୋଲି ଡ, ପଶୁପାଳକ କହିଛନ୍ତି। ସେହିପରି ମୌସୁମୀ ବିଳମ୍ବର ଦ୍ୱିତୀୟ କାରଣ ଭାବେ ବଙ୍ଗୋପସାଗରୀୟ ଶାଖାର ଆଚରଣକୁ ଡ. ପଶୁପାଳକ ଦର୍ଶାଇଛନ୍ତି। ପୂର୍ବ ପୂର୍ବାନୁମାନ ଅନୁଯାୟୀ ବଙ୍ଗୋପସାଗରରେ ଏକ ସୁସଂଗଠିତ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ଥିଲା, ଯାହା ପୂର୍ବ ଭାରତକୁ ମୌସୁମୀର ଅଗ୍ରଗତିକୁ ତ୍ୱରାନ୍ୱିତ କରିଥା'ନ୍ତା। କିନ୍ତୁ ଏହା ବଦଳରେ ବଙ୍ଗୋପସାଗରୀୟ ପ୍ରବାହ ଦକ୍ଷିଣ-ପୂର୍ବ ଏବଂ ପୂର୍ବ-କେନ୍ଦ୍ରୀୟ ବଙ୍ଗୋପସାଗର ବ୍ୟାପି ଏକ ବ୍ୟାପକ ଏବଂ ବିକ୍ଷିପ୍ତ ଆଦ୍ରତା କ୍ଷେତ୍ର ଭାବେ ବିକଶିତ ହୋଇଛି। ବାୟୁମଣ୍ଡଳରେ ଆଦ୍ରତା ପ୍ରଚୁର ପରିମାଣରେ ଥିଲେ ମଧ୍ୟ ଏକ ସୁସଂଗଠିତ ଘୂର୍ଣ୍ଣିବଳୟ କେନ୍ଦ୍ରର ଅଭାବ ଯୋଗୁଁ ବୃହତ ସ୍ତରୀୟ ମୌସୁମୀ ସଂଗଠନର ଗତି ମନ୍ଥର ହୋଇଯାଇଛି। ଏହା ସହିତ ଉଷ୍ଣକଟୀବନ୍ଧୀୟ ବାୟୁମଣ୍ଡଳର ଏକ ପ୍ରମୁଖ ଚାଳକ 'ମାଡେନ୍-ଜୁଲିଆନ୍ ଅସିଲେସନ୍' ଗତ କିଛି ସପ୍ତାହ ମଧ୍ୟରେ ପୂର୍ବ ଦିଗକୁ ମେରିଟାଇମ୍ କଣ୍ଟିନେଣ୍ଟ ଏବଂ ପଶ୍ଚିମ ପ୍ରଶାନ୍ତ ମହାସାଗର ଆଡ଼କୁ ଗତି କରିଛି। ଏହା ଭାରତ ମହାସାଗର ଅଞ୍ଚଳରେ ବୃହତ ସ୍ତରୀୟ ବର୍ଷା ଅନୁକୂଳ ପ୍ରଭାବକୁ ହ୍ରାସ କରିଛି ଏବଂ ମୌସୁମୀ ପ୍ରବାହର ସଂଗଠନକୁ ମନ୍ଥର କରିବାରେ ସହାୟକ ହୋଇଛି ବୋଲି ଡ.ପଶୁପାଳକ ମତବ୍ୟକ୍ତ କରିଛନ୍ତି।

ଓଡ଼ିଶାକୁ ମୌସୁମୀ ଆଗମନ ସମ୍ପର୍କରେ ଡ.ପଶୁପାଳକ କହିଛନ୍ତି ଯେ କେରଳରେ ଏହି ବିଳମ୍ବିତ ସଂଗଠନର ଅର୍ଥ ଏହା ନୁହେଁ ଯେ ଓଡ଼ିଶାରେ ମଧ୍ୟ ସେତିକି ଦିନ ମୌସୁମୀ ବିଳମ୍ବ ହେବ। ବର୍ତ୍ତମାନର ବାୟୁମଣ୍ଡଳୀୟ ସ୍ଥିତି ଅନୁଯାୟୀ ଓଡ଼ିଶା ଆସନ୍ତା ସପ୍ତାହରେ ଏକ ପରିବର୍ତ୍ତନଶୀଳ ପ୍ରାକ୍-ମୌସୁମୀ ପର୍ଯ୍ୟାୟ ମଧ୍ୟରେ ଗତି କରିବ। ତେବେ ଏବେ ସବୁଠାରୁ ବଡ଼ ଅନିଶ୍ଚିତତା ବଙ୍ଗୋପସାଗରକୁ ନେଇ ରହିଛି। ଆସନ୍ତା ଏକରୁ ଦୁଇ ସପ୍ତାହ ମଧ୍ୟରେ ଯଦି କେନ୍ଦ୍ରୀୟ କିମ୍ବା ଉତ୍ତର ବଙ୍ଗୋପସାଗରରେ ଏକ ସୁସଂଗଠିତ ଲଘୁଚାପ କ୍ଷେତ୍ର ବିକଶିତ ହୁଏ, ତେବେ ଓଡ଼ିଶାକୁ ମୌସୁମୀର ଆଗମନ ଅତି ଦ୍ରୁତ ହେବ। ଯଦି ବଙ୍ଗୋପସାଗରୀୟ ଖଣ୍ଡ ଏହିପରି ବିକ୍ଷିପ୍ତ ରହେ, ତେବେ ଏହି ପରିବର୍ତ୍ତନ ପ୍ରକ୍ରିୟା ଧୀମା ହେବ ଏବଂ ସ୍ଥିର ମୌସୁମୀ ବର୍ଷା ସ୍ଥାପିତ ହେବା ପୂର୍ବରୁ ମଝିରେ ମଝିରେ ବଜ୍ରପାତ ସହ ବର୍ଷା, ଗୁଳୁଗୁଳି ପାଗ ଏବଂ ସାମୟିକ ଶୁଷ୍କ ପାଗ ଦେଖାଦେବ ବୋଲି ସେ କହିଛନ୍ତି।

### ସୁପରଭାଇଜର ଜୀବନ୍ତ...

ବେଳେ ଗୋଦାମର ସୁପରଭାଇଜର୍ କିନ୍ତୁ ନିଜକୁ ବଞ୍ଚାଇ ପାରିନଥିଲେ। ସେ ପାଚେରି ଡେଇଁ ବାହାରକୁ ଆସୁଥିବା ବେଳେ ଡ୍ରେନ୍‌ରେ ପଡ଼ିଯାଇଥିଲେ। ନିଆଁ ଲାଗିଥିବା କେମିକାଲଗୁଡ଼ିକ ଗୋଦାମରୁ ବାହାରି ଡ୍ରେନ୍‌ରେ ଜମା ହେବା କାରଣରୁ ସେ ସେଠାରେ ପୋଡି ହୋଇଯାଇଥିଲେ। ଫଳରେ ସେ ଜୀବନ୍ତ ପୋଡ଼ିଯାଇଥିଲେ।

ଅନ୍ୟପଟେ ଏହି ଘଟଣାରେ ମୃତ୍ୟୁମୁଖରୁ ବଞ୍ଚିଯାଇଥିବା ଅନ୍ୟ ଜଣେ କର୍ମଚାରୀ ରବୀନ୍ଦ୍ରଙ୍କ କହିବା ଅନୁସାରେ, ସେମାନେ ରାତିରେ ସେଠାରେ ଡ୍ୟୁଟି କରିଥିଲେ। ହେଲେ କେମିତି ଓ କିପରି ଭାବେ ନିଆଁ ଲାଗିଲା, ସେମାନେ ସଠିକ ଭାବେ ଜାଣି ନାହାନ୍ତି। ଅନ୍ୟପଟେ ବିଦ୍ୟୁତ୍ ସର୍ଟସର୍କିଟ୍ ହେଉ କିମ୍ବା ଅନ୍ୟ କୌଣସି କାରଣରୁ ନିଆଁ ଲାଗିଥାଇପାରେ ବୋଲି ଅନୁମାନ କରାଯାଉଛି। ଡ୍ରେନରୁ କୈଳାସଙ୍କ ମୃତଦେହ କରାଯାଇଛି। ପରେ ଏନେଇ ଏକ ମାମଲା ରୁଜୁ କରାଯିବା ସହ ଶବ ବ୍ୟବଚ୍ଛେଦ ପାଇଁ ମେଡିକାଲକୁ ପଠାଯାଇଛି।

### ତୈଳ କମ୍ପାନୀ...

ହେବ ନାହିଁ। ପୂର୍ବରୁ, ଏହା ୩ ଟଙ୍କା ଥିଲା। ସେହିପରି, ଡିଜେଲ ରପ୍ତାନି ଉପରେ ସ୍ୱତନ୍ତ୍ର ଅତିରିକ୍ତ ଉତ୍ପାଦ ଶୁଳ୍କ ପ୍ରତି ଲିଟର ୧୬.୫ଟଙ୍କାରୁ ୧୩.୫୦ ଟଙ୍କାକୁ ହ୍ରାସ କରାଯାଇଥିବାବେଳେ ଏଟିଏଫ୍ ଉପରେ ୧୬ ଟଙ୍କାରୁ ୯.୫୦ ଟଙ୍କାକୁ ହ୍ରାସ କରାଯାଇଛି। ତେବେ ସରକାର ଏହା ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ ଘରୋଇ ବଜାରରେ ପ୍ରଚଳିତ ଉତ୍ପାଦ ଶୁଳ୍କ ହାରରେ କୌଣସି ପରିବର୍ତ୍ତନ ହୋଇନାହିଁ।

ଦେଶରେ ପ୍ରଥମ ଥର ପାଇଁ ୨୦୨୨ ଜୁଲାଇରେ ଅସ୍ଥାୟୀ (ୱିଣ୍ଡଫୁଲ୍) ଟିକସ ଲାଗୁ କରାଯାଇଥିଲା। ଇରାନ ଯୁଦ୍ଧ ବିଶ୍ୱବ୍ୟାପୀ ଅଶୋଧିତ ତୈଳ ଯୋଗାଣକୁ ବାଧା ଦେଇଥିଲା, ଯାହା ଫଳରେ ମୂଲ୍ୟରେ ତୀବ୍ର ବୃଦ୍ଧି ଘଟିଥିଲା। ଦେଶରେ ପେଟ୍ରୋଲିୟମ ଉତ୍ପାଦର ଉପଲବ୍ଧତା ବଜାୟ ରଖିବା ପାଇଁ ସରକାର ମାର୍ଚ୍ଚ ୨୭ରେ ରପ୍ତାନି ଶୁଳ୍କ ଲାଗୁ କରିଥିଲେ। ଅସ୍ଥାୟୀ ଟିକସ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଭଳି ବଡ଼ ଘରୋଇ ରିଫାଇନାରକୁ ପ୍ରଭାବିତ କରିଥାଏ, ଯେଉଁମାନେ କି ଯଥେଷ୍ଟ ପରିମାଣରେ ପେଟ୍ରୋଲିୟମ ଉତ୍ପାଦ ରପ୍ତାନି କରିଥାନ୍ତି। ଶୁକ୍ରବାର, ଅନ୍ତର୍ଜାତୀୟ ବଜାରରେ ଭାରତୀୟ ତୈଳ ବାସ୍କେଟର ମୂଲ୍ୟ ମାର୍ଚ୍ଚ ୬ ପରେ ପ୍ରଥମ ଥର ପାଇଁ ପ୍ରତି ବ୍ୟାରେଲ ୧୦୦ ଡଲାର ତଳକୁ ଖସିଯାଇଛି। ଗତ ସପ୍ତାହରେ ଅଶୋଧିତ ତୈଳ ମୂଲ୍ୟରେ ୧୧% ହ୍ରାସ ପାଇଛି।

## ବରଗଡ଼ ଧନୁଯାତ୍ରା ସ୍ୱାଗତ ତୋରଣ ନିର୍ମାଣରେ ଆର୍ଥିକ ଅନିୟମିତତା

# ବିଜେପି ସାଂସଦଙ୍କ ଅଭିଯୋଗର ତଦନ୍ତ କରନ୍ତୁ ମୋହନ ସରକାର: ବିଜେଡି

ଭୁବନେଶ୍ୱର,୩୧।୫(ସମିସ): ସାରା ରାଜ୍ୟରେ ଦୁର୍ନୀତି, ନାରୀ ନିର୍ଯାତନା, ଆଇନଶୃଙ୍ଖଳା ବିପର୍ଯ୍ୟୟ ଆଦି ଦୈନନ୍ଦିନ ଘଟଣାରେ ପରିଣତ ହେଲାଣି। ଏସବୁକୁ ନେଇ ସରକାରଙ୍କ ଶାସନ ବ୍ୟବସ୍ଥା ଉପରେ ସାଧାରଣ ଲୋକେ ପ୍ରଶ୍ନ ଉଠାଉଛନ୍ତି। ଏବେ ଖୋଦ୍ ଶାସକ ଦଳର ସାଂସଦ ସରକାରୀ ଦଳ ଓ କଳର ଦୁର୍ନୀତିକୁ ନେଇ ପ୍ରଶ୍ନ ଉଠାଇଲେଣି। ପ୍ରସିଦ୍ଧ ବରଗଡ଼ ଧନୁଯାତ୍ରା ସ୍ୱାଗତ ତୋରଣ ଭାଙ୍ଗିଯିବା ପରେ ଏହି ତୋରଣ ନିର୍ମାଣରେ ଆର୍ଥିକ ଅନିୟମିତତା ହୋଇଥିବା ନେଇ ବିଜେପିର ବରଗଡ଼ ଲୋକସଭା ସାଂସଦ ପ୍ରଦୀପ ପୁରୋହିତ ଅଭିଯୋଗ କରିଛନ୍ତି। ଏହାର ସଠିକ୍ ତଦନ୍ତ କରିବାକୁ ସେ ଦାବି କରିଛନ୍ତି। ତେଣୁ ରାଜ୍ୟ ସରକାର ତାଙ୍କ ଦଳର ଜଣେ ସାଂସଦ ଆଣିଥିବା ଅଭିଯୋଗର ଉପଯୁକ୍ତ ତଦନ୍ତ କରି ଦୋଷୀ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଅନ୍ତୁ ବୋଲି ବିଜୁ ଜନତା ଦଳ ଦାବି କରିଛି।

ଏକ ପ୍ରେସ୍ ବିବୃତ୍ତିରେ ବିଜେଡି ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡଃ ଲେନିନ ମହାନ୍ତି କହିଛନ୍ତି ଯେ ବିଜେପି ସରକାରରେ ଦୁର୍ନୀତି ସବୁ ସୀମା ଟପିଗଲାଣି। ପୂର୍ବରୁ ସାଧାରଣ

### ସାଧାରଣ ଜନତାଙ୍କ ପରେ ଏବେ ପ୍ରଶ୍ନ ଉଠାଇଲେଣି ସାଂସଦ ପ୍ରଦୀପ

ଲୋକ ଅଭିଯୋଗ କରୁଥିଲେ; ଏବେ କିନ୍ତୁ ଖୋଦ୍ ବିଜେପି ଦଳର ସାଂସଦ ଅଭିଯୋଗ ଆଣିଲେଣି। ତେଣୁ ଶ୍ରୀ ପୁରୋହିତ ଆଣିଥିବା ଅଭିଯୋଗର ଯୁକ୍ତିଯୁକ୍ତ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାରେ ଅସୁବିଧା କେଉଁଠି ବୋଲି ଡଃ ମହାନ୍ତି ପ୍ରଶ୍ନ କରିଛନ୍ତି।? ସେ ଆହୁରି କହିଛନ୍ତି ଯେ ବରଗଡ଼ ଧନୁଯାତ୍ରାର ଶୋଭା ବଢ଼ାଇବା ପାଇଁ ୨ରୁ ୨.୫ କୋଟି ବ୍ୟୟରେ ବରଗଡ଼ ଥାନା ସମ୍ମୁଖରେ ସ୍ୱାଗତ ତୋରଣ ଗେଟ୍ ନିର୍ମିତ ହୋଇଥିଲା। କିନ୍ତୁ ଝଡ଼ତୋଫାନରେ ଏହା ଭାଙ୍ଗି ଯାଇଛି। ତୋରଣ ନିର୍ମାଣ ସମୟରେ ଦୁର୍ନୀତି ତଥା ଅନିୟମିତତା ହେଉଥିବା ଅନୁଭବ କରି ପୂର୍ବରୁ ସାଂସଦ ପ୍ରଦୀପ ପୁରୋହିତ ମଧ୍ୟ ପୁଙ୍ଖାନୁପୁଙ୍ଖ ତଦନ୍ତ ପାଇଁ ଅନୁରୋଧ କରିଥିଲେ। ସେତେବେଳେ ସରକାର ନିଦାବିଷ୍ଟ ଥିଲେ। କିନ୍ତୁ ଏବେ ଏହାର ସଠିକ୍ ତଦନ୍ତ କରି ଏଜେନ୍ସି ତଥା ସଂପୃକ୍ତ ଅଧିକାରୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି। ଏଠାରେ ପ୍ରଶ୍ନ ଉଠୁଛି କାହିଁକି ରାଜ୍ୟ ସରକାର ଏହାର ତଦନ୍ତ କରୁ ନାହାନ୍ତି। କାହିଁକି ମୋହନ ସରକାର ଦୁର୍ନୀତିକୁ ପ୍ରଶ୍ରୟ ଦେଉଛନ୍ତି।

ଗୋଟିଏ ପଟେ ସାଧାରଣ ଲୋକ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ଅହେତୁକ ବୃଦ୍ଧିକୁ ନେଇ କଷ୍ଟରେ ଥିଲା ବେଳେ ଅନ୍ୟପଟେ ସାରା ରାଜ୍ୟରେ ରାହାଜାନୀ, ଚୋରି ଡକାୟତି, ନାରୀ ଅସୁରକ୍ଷିତ ଓ ଆଇନଶୃଙ୍ଖଳାର ଖୋଲା ଉଲ୍ଲଙ୍ଘନ ହେଉଛି। ରାଜ୍ୟ ସରକାର ନିଘୋଡ଼ ନିଦରେ ଶୋଇଥିବାରୁ ଦୁର୍ନୀତି ଓ ଅନିୟମିତତାର ଚେର ବଢ଼ିବାରେ ଲାଗିଛି। ବରଗଡ଼ ଧନୁଯାତ୍ରାର ସ୍ୱାଗତ ତୋରଣ ନିର୍ମାଣରେ ହୋଇଥିବା ଦୁର୍ନୀତିର ତଦନ୍ତ ପାଇଁ ରାଜ୍ୟ ସରକାର ନିର୍ଦ୍ଦେଶ ଦିଅନ୍ତୁ, ନଚେତ ଏ ଘଟଣାକୁ ନେଇ ଆଗାମୀ ଦିନରେ ବିଜେଡି ଜୋରଦାର ବିରୋଧ କରିବ ବୋଲି ଡ. ମହାନ୍ତି କହିଛନ୍ତି।


**AFFIDAVIT**

By virtue of an affidavit sworn before Executive Magistrate, Rayagada, No.1010, dated 11.05.2026, I, Gokul Chandra Karjee, S/o Late Neeladri Chandra Karjee, Aged about 52 years, resident of Brahmin Street, Po/Ps/Block/ Dist.- Rayagada, Odisha, Pin-765001 hereby declare that I have changed my name from Gokula Chandra Karji to **Gokul Chandra Karjee.** Henceforth, I shall be known as **Gokul Chandra Karjee** for all purposes.

Sd/- **Gokul Chandra Karjee**

**AFFIDAVIT**

By virtue of an affidavit sworn before Executive Magistrate, Tihidi, Dtd: 31.05.2026, I, Dhananjaya Ghosh, S/o- Amar nath Ghosh, At: Mirjapur, Po:- Bhatapada ,Tihidi, Pin-756130, declare that I have changed the name of my son from Pruthwiraj Ghos (old name) to Prithiraj Ghosh (New name) and Date of birth 14.02.2006(wrong DOB) to 01.08.2007(New DOB) Henceforth, He shall be known as **Prithiraj Ghosh** for all purposes.


# ପରପୁରୁଷ ସହ ଦେଖିଦେବାରୁ ପ୍ରେମିକ ସହ ମିଶି ସ୍ୱାମୀକୁ ହତ୍ୟା ଉଦ୍ୟମ

ଦିଗପହଣ୍ଡି,୩୧।୫(ସମିସ): ପରପୁରୁଷ ସହ ଅନୈତିକ ସଂପର୍କ ଦେଖିଦେବାରୁ ପ୍ରେମିକ ସହ ମିଶି ସ୍ୱାମୀକୁ ହତ୍ୟା ଉଦ୍ୟମ। ଏଭଳି ଏକ ଅଭିଯୋଗରେ ଦିଗପହଣ୍ଡି

### ସ୍ତ୍ରୀ ଗିରଫ, ପ୍ରେମିକ ଫେରାର୍

ପୁଲିସ୍ ଆଜି ଅଭିଯୁକ୍ତ ସ୍ତ୍ରୀ ଏସ୍. ରଶ୍ମିତା ରେଡ୍ଡୀକୁ ଗିରଫ କରି କୋର୍ଟଚାଲାଣ କରିଛି।

ସୂଚନାନୁଯାୟୀ, ବାସୁଦେବପୁର ପଞ୍ଚାୟତ ବଜାପଲ୍ଲୀ ଗାଁ ଛକରେ ରହୁଥିବା ଏସ୍. ଶଙ୍କର ରେଡ୍ଡୀ ଓ ତାଙ୍କ ସ୍ତ୍ରୀ ଏସ୍. ରଶ୍ମିତା ରେଡ୍ଡୀ ରହନ୍ତି। ଇତିମଧ୍ୟରେ ରଶ୍ମିତାଙ୍କ ସହ ଲକ୍ଷ୍ମୀନାରାୟଣପୁର ଗ୍ରାମର ଦିବାକର ଦୋରାଙ୍କ ପ୍ରେମସଂପର୍କ ଗଢ଼ି ଉଠିଥିଲା। ଗତ ୨୨ତାରିଖ ରାତିରେ ଦିବାକର ଓ ରଶ୍ମିତା ଅସଂଯତ ଅବସ୍ଥାରେ ଥିବା ବେଳେ ଶଙ୍କର ଏହା ଦେଖିଦେଇଥିଲେ। ଶଙ୍କର ଏହାର ବିରୋଧ କରିବାରୁ ଦୁହେଁ ତାଙ୍କୁ ରାସ୍ତାରୁ ହଟାଇବା ପାଇଁ ଉଦ୍ୟମ କରିଥିଲେ। ଦିବାକର ଓ ରଶ୍ମିତା ମିଳିତ ଭାବେ ଶଙ୍କରଙ୍କୁ ହତ୍ୟା କରିବାକୁ ଉଦ୍ୟମ କରିଥିଲେ। ଏନେଇ ଗତ ୨୪ ତାରିଖରେ ଶଙ୍କର ଦିଗପହଣ୍ଡି ଥାନାରେ ଏତଲା ଦେବାରୁ ପୁଲିସ ନଂ.୨୨୪/୨୬ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଅପରପକ୍ଷେ, ଗିରଫଦାରୀ ଭୟରେ ରଶ୍ମିତା ଓ ଦିବାକର ଭୁବନେଶ୍ୱର ଫେରାର୍ ହୋଇଯାଇଥିଲେ। ରବିବାର ରଶ୍ମିତା ଗାଁକୁ ଫେରିଥିବା ଖବର ପାଇ ପୁଲିସ ରଶ୍ମିତାଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅପରପକ୍ଷେ, ଅଭିଯୁକ୍ତ ପ୍ରେମିକ ଦିବାକର ଫେରାର୍ ଥିବା ଜଣାପଡ଼ିଛି।

# ମହାନଦୀକୁ ଡେଇଁପଡ଼ିଲେ ନବବିବାହିତା



ମନମୁଣ୍ଡା, ୩୧।୫(ସମିସ): ସୋନପୁରସ୍ଥିତ ମହାନଦୀ ସେତୁ ଉପରୁ ନଦୀଗର୍ଭକୁ ଡେଇଁ ଆଜି ଜଣେ ନବବିବାହିତା ଗୁରୁତର ହୋଇଛନ୍ତି। ସେ ଆତ୍ମହତ୍ୟା କରିବାକୁ ଏପରି ପଦକ୍ଷେପ ନେଇଥିଲେ ବୋଲି ଜଣାଯାଇଛି। ଆଜି ସକାଳ ପ୍ରାୟ ୧୦ଟାରେ ଏକ ଦମ୍ପତି ଏକ ବାଇକ୍‌ରେ ଆସି ବ୍ରିଜ୍ ଉପରେ ଅଟକିଥିଲେ। ଉଭୟ କିଛି ସମୟ ସେଠାରେ ଫଟୋ ଉଠାଇଥିଲେ। ତେବେ ହଠାତ୍ ମହିଳାଜଣଙ୍କ ମହାନଦୀ ଗର୍ଭକୁ ଡେଇଁ ପଡ଼ିଥିଲେ। ଏହି ସମୟରେ ନଦୀରେ ଗାଧୋଉଥିବା କିଛି ଯୁବକ ମହିଳାଙ୍କୁ ଉଦ୍ଧାର କରିବାକୁ ଚେଷ୍ଟା କରିଥିଲେ। ଖବର ପାଇ ଅଗ୍ନିଶମବାହିନୀ ଘଟଣାସ୍ଥଳରେ ପହଞ୍ଚି ମହିଳାଙ୍କୁ ଉଦ୍ଧାର କରି ସୋନପୁର ଡାକ୍ତରଖାନାରେ ଭର୍ତ୍ତି କରାଇଥିଲା। ମହିଳାଜଣଙ୍କ ସୋନପୁର ଥାନା କଇଁଫୁଲ ଅଞ୍ଚଳର ବୋଲି ଜଣାପଡ଼ିଛି। ତେବେ କାହିଁକି ଓ କେଉଁ ପରିସ୍ଥିତିରେ ସେ ଆତ୍ମହତ୍ୟା ଭଳି ଚରମ ପଦକ୍ଷେପ ନେଉଥିଲେ, ତାହା ଜଣାପଡ଼ିନାହିଁ। ସୂଚନାଯୋଗ୍ୟ, ମହିଳାଜଣଙ୍କ ମାତ୍ର ୧୫ଦିନ ତଳେ ବିବାହ କରିଥିଲେ।

■ ମହଙ୍ଗା ପଡ଼ିଲା କାର୍ଯ୍ୟରେ ଅବହେଳା

# ପାରାଦୀପ ଅବକାରୀ ଇନ୍‌ସ୍ପେକ୍ଟର ନିଲମ୍ବିତ

ପାରାଦୀପ, ୩୧।୫(ସମିସ): କାହାକୁ ନ ଜଣାଇ ଅନୁପସ୍ଥିତ ରହିବା, ଡ୍ୟୁଟିରେ ଅବହେଳା କରିବା ଘଟଣାକୁ ନେଇ ପାରାଦୀପ ଅବକାରୀ ଇନସ୍ପେକ୍ଟର ବନ୍ଦନା ପଟ୍ଟନାୟକଙ୍କୁ ମହଙ୍ଗା ପଡ଼ିଛି। ଜିଲ୍ଲାପାଳଙ୍କ ସୁପାରିସ ଆଧାରରେ ଅବକାରୀ କମିଶନର ଇନସ୍ପେକ୍ଟର ବନ୍ଦନା ନାୟକଙ୍କୁ ଚାକିରିରୁ ନିଲମ୍ବିତ କରିଛନ୍ତି। ସେହିପରି, ଉପରିସ୍ଥ ଅଧିକାରୀଙ୍କ ନିର୍ଦ୍ଦେଶକୁ ଅବମାନନା କରିବା ଅଭିଯୋଗରେ

### ଅଧୀକ୍ଷକଙ୍କ ଦରମା ବନ୍ଦ ପାଇଁ ବିଭାଗକୁ ଚିଠି

ଅବକାରୀ ଅଧିକ୍ଷକଙ୍କ ଦରମା ବନ୍ଦ ପାଇଁ ବିଭାଗକୁ ଚିଠି ଲେଖିଛନ୍ତି ଜିଲ୍ଲାପାଳ।

ମିଳିଥିବା ସୂଚନା ଅନୁସାରେ, ୨୨ ତାରିଖରେ ଜିଲ୍ଲାପାଳଙ୍କ ନେତୃତ୍ୱରେ ଅଠରବାଙ୍କୀ ଠାରେ ସର୍ବସାଧାରଣରେ ମଦ୍ୟପାନ କରୁଥିବା ବ୍ୟକ୍ତିଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯାଇଥିଲା। ମଦୁଆ ଧରପଗଡ଼ କରାଯାଇଥିଲା। ସେହି ସମୟରେ ପାରାଦୀପ ରେଞ୍ଜ ଅବକାରୀ ଇନସ୍ପେକ୍ଟର ବନ୍ଦନା ପଟ୍ଟନାୟକଙ୍କୁ ଖୋଜା ପଡ଼ିଥିଲା। କିନ୍ତୁ ସେ ଅନୁପସ୍ଥିତ ଥିଲେ। ଏ ସମ୍ପର୍କରେ ଅବକାରୀ ଅଧିକ୍ଷକଙ୍କୁ ମଧ୍ୟ ଅବଗତ କରାଯାଇଥିଲା। ଇନସ୍ପେକ୍ଟର ବନ୍ଦନା ପଟ୍ଟନାୟକ ଉପରିସ୍ଥ ଅଧିକାରୀଙ୍କୁ ନ ଜଣାଇ ଭୁବନେଶ୍ୱର ପାହାଳସ୍ଥିତ ତାଙ୍କ ଘରକୁ ଚାଲିଯାଇଥିଲେ। ଇନସ୍ପେକ୍ଟରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଜିଲ୍ଲାପାଳ ଅବକାରୀ ଅଧିକ୍ଷକଙ୍କୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଅବକାରୀ ଅଧିକ୍ଷକ କାର୍ଯ୍ୟାନୁଷ୍ଠାନ ନ ନେଇ କାରଣ ଦର୍ଶାଅ ନୋଟିସ୍ ଜାରି କରିଥିଲେ। ଜିଲ୍ଲାପାଳ ଏ କଥା ଜାଣିବା ପରେ ଅବକାରୀ ଅଧିକ୍ଷକଙ୍କ ଉପରେ କ୍ଷୁବ୍ଧ ହେବା ସହ କାରଣ ଦର୍ଶାଅ ମାଗିଥିଲେ। ଏହା ପରେ ଇନସ୍ପେକ୍ଟରଙ୍କ ବିରୋଧରେ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ ଅବକାରୀ କମିଶନରଙ୍କୁ ଚିଠି ଲେଖିଥିଲେ ଜିଲ୍ଲାପାଳ। ଜିଲ୍ଲାପାଳଙ୍କ ସୁପାରିସ୍ ଆଧାରରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ସେହିପରି ଅବକାରୀ ଅଧିକ୍ଷକଙ୍କ ଦରମା ବନ୍ଦ ପାଇଁ ବିଭାଗକୁ ଚିଠି ଲେଖା ଯାଇଥିବା ଜଣାପଡିଛି।

# ଫାର୍ମ ହାଉସରେ ପୋତାଯାଇଛି ହାତୀ ମୃତଦେହ!

■ ମାଲିକ ସମେତ ୩ ଅଟକ
■ ବନବିଭାଗର ତଦନ୍ତ ଜାରି

ହିନ୍ଦୋଳ,୩୧।୫(ସମିସ): ହିନ୍ଦୋଳ ଏନଏସି ଅନ୍ତର୍ଗତ ଏକ ଫାର୍ମ ହାଉସ ପରିସରରେ ଏକ ହାତୀର ମୃତଦେହ ପୋତାଯାଇଥିବା ସ୍ଥାନ ଠାବ କରାଯାଇଛି। ଏନଏସି ୧୪ ନମ୍ବର ୱାର୍ଡ ଚରଣପୁରଠାରେ କୁବେର ରାଜଙ୍କ ୪ ଏକର ବିଶିଷ୍ଟ ଫାର୍ମ ରହିଛି। ଉକ୍ତ ଫାର୍ମ ହାଉସ ଚାରିପାଖରେ ସୋଲାର ଲାଇଟ୍ ବ୍ୟବସ୍ଥା କରାଯାଇଛି। ସୋଲାର ବିଦ୍ୟୁତ୍ ସଂସ୍ପର୍ଶରେ ଆସି ହାତୀର ମୃତ୍ୟୁ ହୋଇଥିବା କୁହାଯାଉଛି। ତେବେ ଘଟଣାକୁ ଲୁଚାଇବା ପାଇଁ ଫାର୍ମହାଉସ ମାଲିକ କୁବେର ରାଜ ଜେସିବିରେ ମାଟି ଖୋଳି ମୃତଦେହକୁ ପୋତି ଦେଇଥିବା ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ହିନ୍ଦୋଳ ବନ ବିଭାଗ ଅଧିକାରୀ ଅପରାହ୍ନରେ ଘଟଣାସ୍ଥଳକୁ ଯାଇ ପୋତାଯାଇଥିବା ଜାଗା ଚିହ୍ନଟ କରିଛନ୍ତି।


**ସୂଚନା**

ଏହାଦ୍ୱାରା ସର୍ବସାଧାରଣଙ୍କୁ ଜଣାଯାଉଛି ଯେ ନିମ୍ନଲିଖିତ ମୂଳ ଦଲିଲଟି ଘରୋଇ ସାମଗ୍ରୀ ସ୍ଥାନାନ୍ତର ସମୟରେ କେଉଁଠି ହଜିଯାଇଥିବା/ହରାଇଯାଇଥିବା ସମ୍ଭାବନା ଅଛି ଏବଂ ବହୁ ଖୋଜାଖୋଜି କରିଲେ ମଧ୍ୟ ଏହା ମିଳୁନାହିଁ: ବିକ୍ରୟ ଦଲିଲ (Sale Deed) ନଂ: 606/2003, ପଞ୍ଜୀକରଣ କର୍ତ୍ତୃପକ୍ଷ: ସବ୍-ରେଜିଷ୍ଟ୍ରାର କାର୍ଯ୍ୟାଳୟ, ଗୁଣୁପୁର, ସମ୍ପତ୍ତିର ଅବସ୍ଥିତି: ଶାନ୍ତି ନଗର, ଗୁଣୁପୁର, ଜିଲ୍ଲା ରାୟଗଡା* ଜମିର ପରିମାଣ: 0.05 ଏକର, ମାଲିକଙ୍କ ନାମ: ଶ୍ରୀମତୀ ପଦ୍ମାବତୀ ଚୌଧୁରୀ ଉକ୍ତ ଦଲିଲ ହରାଇଯିବା ସମ୍ବନ୍ଧରେ ବିଷମକଟକ ଥାନାରେ ଜି.ଡି. ନଂ 011, ତାରିଖ 30/05/2026 ରେ ଅଭିଯୋଗ ଦାଖଲ କରାଯାଇଛି। ଯଦି କୌଣସି ବ୍ୟକ୍ତି ଉକ୍ତ ମୂଳ ଦଲିଲଟି ପାଇଥାନ୍ତି କିମ୍ବା ଏହା ସମ୍ବନ୍ଧରେ କୌଣସି ସୂଚନା ଜାଣିଥାନ୍ତି, ତେବେ ଏହି ସୂଚନା ପ୍ରକାଶ ପାଇବାର 7 ଦିନ ମଧ୍ୟରେ ନିମ୍ନ ଠିକଣାରେ ଯୋଗାଯୋଗ କରିବାକୁ ଅନୁରୋଧ। ଶ୍ରୀମତୀ ପଦ୍ମାବତୀ ଚୌଧୁରୀ, ସି.ଏଚ୍. ନଂ-09, ଚନ୍ଦ୍ରତାଗୁଡା, ବିଷମ କଟକ, ଜିଲ୍ଲା-ରାୟଗଡା-765019, ମୋବାଇଲ: 8456001373

**କଟକ ଉନ୍ନୟନ କର୍ତ୍ତୃପକ୍ଷ**

CDA

13001/7701/2627

ଅରୁଣୋଦୟ ଭବନ, ଲିଙ୍କ୍ ରୋଡ୍, କଟକ-12

**ସୂଚନା**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ଅଭିନବ ବିଡାନାସୀ, କଟକ (ମର୍କତ ନଗର) ସେକ୍ଟର - 7 ରେ ପ୍ଲଟ୍ ନଂ-F/358 ଟିକୁ ଶ୍ରୀ ପ୍ରଦୋଷ ଚନ୍ଦ୍ର ମହାନ୍ତି, ପିତା- ୰ ପ୍ରକାଶ ଚନ୍ଦ୍ର ମହାନ୍ତି, ସା-ପ୍ଲଟ ନଂ-F/358, ସେକ୍ଟର-୭, ସିଡିଏ, ଥା-ମର୍କତ ନଗର, ପୋ-ଅଭିନବ ବିଡାନାସୀ, ଜିଲ୍ଲା- କଟକ-୭୫୩୦୧୪ କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନଗ୍ରାହୀ ଶ୍ରୀ ପ୍ରଦୋଷ ଚନ୍ଦ୍ର ମହାନ୍ତି ଉକ୍ତ ପ୍ଲଟ ସହିତ ଗୃହଟିକୁ ତୃତୀୟପକ୍ଷ ଅନ୍ତରଣ ଆଧାରରେ ବନଜାଲକ୍ଷ୍ମୀ ପରିଡା, ସ୍ୱାମୀ- ୰ ଅଞ୍ଜନ କୁମାର ସାମଲ, ପିତା- ରମେଶ ଚନ୍ଦ୍ର, ସା-ହରିପୁର, ଥା-ରାମଚନ୍ଦ୍ରପୁର, ଜିଲ୍ଲା-ଯାଜପୁରଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି।

ଉକ୍ତ ପ୍ଲଟ ସହିତ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି କିମ୍ବା ଆପତ୍ତି ଥାଏ ତାହା ହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର(15) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ। ତପ୍ରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ।

OIPR-13001/13037/1/26-27/0038 **ଭାରପ୍ରାପ୍ତ ଅଧିକାରୀ (ଇଷ୍ଟେଟ)**

**ODISHA HYDRO POWER CORPORATION LIMITED** 4001/118/2627

OHPC

OFFICE OF THE SENIOR GENERAL MANAGER (ELECTRICAL)

BALIMELA HYDRO ELECTRIC PROJECT; Post: BALIMELA, Dist: MALKANGIRI (ODISHA); PIN: 764051

Phones: 06861-291058(O) / 06861-291048(R)

E-mail: bhep.balimela@gmail.com, unit.head_balimela@yahoo.com

**TENDER CALL NOTICE NO: BHEP/09/2026-27, DATED: 29.05.2026**

Sealed Tenders are invited in single part bid basis from Vehicle Owners/ Travel Agencies/ individuals fulfilling the eligibility criteria as per the tender specification for the work as mentioned below.

| Sl. No. | Description of Services | Cost of Tender Paper (Non-refundable) in Rs. | EMD in shape of DD/BC (Refundable) in Rs. | Period of Availability of Tender at OHPC Website | Last Date & Time of Receipt of Tender | Date & Time of Opening of Bid |
|---|---|---|---|---|---|---|
| 01 | HIRING OF 01 (ONE) NUMBER OF VEHICLE (TUV 300/BOLERO/SUMO GOLD/ERTIGA) WITH SINGLE DRIVER PROVISION FOR THREE (03) YEARS UNDER BHEP, BALIMELA. | Rs. 7080/- (Rupees Seven Thousand Eighty only) | Rs. 17,500/- | From 01.06.2026 to up to 11.30 hrs on 12.06.2026 | 11:30 Hrs of 12.06.2026 | 12:00 Hrs of 12.06.2026 |

For details of the tender documents, terms & conditions please visit our website www.ohpcltd.com.

C&P Head
BHEP, Balimela

OIPR-4001/4019/1/26-27/0008

**OFFICE OF THE NOTIFIED AREA COUNCIL, DHARAMGARH**

13001/7705/2627

(Dt.)-KALAHANDI

**E-mail:** nacdharamgarh@gmail.com

**No. 2092 /DMH Dated. 21.05.2026**

**Quotation Call Notice**

| | |
|---|---|
| Name of the work | Supply, Installation, Commissioning of Solar LED based Traffic Blinker System under Dharmagarh NAC. |
| No of works | 01 No |
| Tender notice no. & Date | 2088/DMH, Dt.21.05.2026 |
| Agency | As per eligibility |
| Period of Tender | 2 Months |
| Available of Documents | Dt.29.05.2026 to Dt.08.06.2026 (In Office Hours) at NAC Office Dharamgarh |
| EMD & Tender Paper Cost | Rs.5,000.00 & Rs.1,000.00 |
| Last date of receipt of bid documents | Upto 01:00 PM of Dt.08.06.2026 |
| Date of opening of Bid | 10:00 AM of Dt.09.06.2026 |
| Name and address of the Officer inviting the notice | Executive Officer, NAC, Dharamgarh, Kalahandi |

OIPR-13001/13163/1/26-27/0007

Executive Officer
NAC, Dharamgarh

**ଆଗକୁ ବର୍ଷା ଋତୁ**

# ହରିଗଙ୍ଗା ପୋଲ ତଳେ ଆବର୍ଜନା ଭର୍ତ୍ତି

ବନ୍ତ/ଆଗରପଡ଼ା,୩୧।୫(ସମିସ)

ଆଗରପଡ଼ା ମୁଖ୍ୟ ବଜାର କଲେଜ ଛକ ସନ୍ନିକଟ ହରିଗଙ୍ଗା ପୋଲ ଅପରପାଶ୍ୱର୍ରେ ବିଭିନ୍ନ ଅଳିଆ ଆବର୍ଜନା ପଡୁଥିବାରୁ ଚାଷ ଜମିରୁ ଜଳ ନିଷ୍କାସନ ହୋଇ ନ ପାରି ଏକ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି । ଉକ୍ତ ସମସ୍ୟାକୁ ନେଇ ବିଭିନ୍ନ ଗଣମାଧ୍ୟମରେ ବାରମ୍ବାର ଖବର ପ୍ରକାଶ ପାଉଥିଲେ ସୁଦ୍ଧା ବିଭାଗ ତରଫରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାରୁ ଏହା ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟପନ୍ଥା ଉପରେ ଅଙ୍ଗୁଳି ନିର୍ଦ୍ଦେଶ କରିବା ସହ ଆଗକୁ ବର୍ଷା ଋତୁ ଆସୁଥିବାରୁ ଏହା ଅଞ୍ଚଳ ପାଇଁ ଏକ ବଡ଼ ସମସ୍ୟା ସୃଷ୍ଟି ହେବାର ସମ୍ଭାବନା ଦେଖାଦେଇଛି ।

ସୂଚନା ଅନୁଯାୟୀ, ହରିଗଙ୍ଗା ପୋଲ ଅପରପାଶ୍ୱର୍ରେ ବିଭିନ୍ନ ଅଳିଆ ଆବର୍ଜନା ପଡୁଥିବାରୁ ବିଭିନ୍ନ ସମୟରେ ଚାଷ କାର୍ଯ୍ୟ କରିବାରେ ଚାଷୀମାନେ ନାନାଦି ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଥା'ନ୍ତି । ବର୍ଷାଦିନେ ବିଟିପୁର ପଞ୍ଚାୟତସ୍ଥିତ ଗଡ଼ସାହି, ବଙ୍ଗାଳିସାହି, ମଥାପାଗିଆ, ହଳଦୀପହଣି ଆଦି ଗ୍ରାମବାସୀଙ୍କ ଏକର ଏକର ଜମିରେ ବର୍ଷା ଜଳ ନିଷ୍କାସନ ହୋଇ ନ ପାରି ଜମି ରହିଥାଏ । ଯଦ୍ୱାରା ପ୍ରତିବର୍ଷ ଧାନଚାଷ ଅମଳ ଠିକ୍ ଭାବେ ହୋଇପାରି ନ ଥାଏ । ବେଳେବେଳେ ଚାଷୀମାନେ ନିଜ ପ୍ରଚେଷ୍ଟାରେ ପୋଲ ନିକଟରୁ ପାହାଡ଼ ପରି ରହିଥିବା ଅଳିଆ ଅବର୍ଜନାକୁ ସଫା କରିବା ପରେ ଜଳ ନିଷ୍କାସନ ହୋଇଥାଏ । ମୁଖ୍ୟ କେନାଲ ବାମ ପାଶ୍ୱର୍ ଅଞ୍ଚଳ ରାଉତରାପୁର, ପୁରୁଷଣ୍ଡ, ବିଟିପୁର ଧୋବାସାହି, ଭବାନୀଗଞ୍ଜ, ହାଟ ଆଦି ଅଞ୍ଚଳ ଜଳ ବାହାରି ଚାଷ ଜମି ଦେଇ ପୋଲ ନିକଟରେ ନିଷ୍କାସନ ହୋଇଥାଏ । ରାସ୍ତା ପ୍ରଶସ୍ତୀକରଣ ସମୟରେ ବିଭାଗ ତରଫରୁ ଉକ୍ତ ପୋଲକୁ ଅଧିକ ଉଚ୍ଚତା ଓ ଚଉଡ଼ା କରାଯାଇ

## ଡ୍ରେନ୍ ନିର୍ମାଣ ଚାଲିଛି; କିନ୍ତୁ ଆବର୍ଜନା ସଫା ହେଉନି

ନିର୍ମାଣ କରାଯାଇଥିଲେ ସୁଦ୍ଧା ଏହି ପୋଲ ନିକଟରେ ଦୈନିକ ମାଛ ହାଟ ଓ ଅନ୍ୟ ଆମିଷ ଦୋକାନମାନ ଖୋଲାଯାଇଥିବାରୁ ଉକ୍ତ ଅଞ୍ଚଳରେ ଜଳ ନିଷ୍କାସନ ନ ହେବାରୁ ପରିବେଶ ଦୁର୍ଗନ୍ଧମୟ ହୋଇପଡୁଛି । ସରକାର ସ୍ୱଚ୍ଛ ଭାରତ ମିଶନ ଯୋଜନାରେ ବାର୍ଷିକ କୋଟିକୋଟି ଟଙ୍କା ଖର୍ଚ୍ଚ କରୁଥିବା ସ୍ଥଳେ ବିଭାଗୀୟ ଅଧିକାରୀଙ୍କ ଅଣଦେଖା ଯୋଗୁଁ ଉକ୍ତ ଯୋଜନା ଏଠାରେ ସମ୍ପୂର୍ଣ୍ଣ ଫେଲ୍ ମାରିଥିବା ଜଣାପଡ଼ୁଛି । ସେହିପରି ଉକ୍ତ ଅଞ୍ଚଳରେ ଜଳ ନିଷ୍କାସନ ପାଇଁ ବିଭାଗ ପକ୍ଷରୁ ବର୍ତ୍ତମାନ ଡ୍ରେନ୍ ନିର୍ମାଣ କାର୍ଯ୍ୟ ଚାଲିଥିବାବେଳେ ହରିଗଙ୍ଗା ପୋଲ ତଳ ଆବର୍ଜନା ଉକ୍ତ ଯୋଜନାର ସଫଳ ରୂପାୟଣ ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରୁଛି । ସରକାରୀସ୍ତରରେ ଯଦି ଏହି ସମସ୍ୟାର ସ୍ଥାୟୀ ପ୍ରତିକାର ପାଇଁ କିଛି ପଦକ୍ଷେପ ନିଆ ନ ଯାଏ, ତେବେ ଆଗାମୀ ଦିନରେ ଉକ୍ତ ସମସ୍ୟା ଅଞ୍ଚଳରେ ବଡ଼ଧରଣର ସ୍ୱାସ୍ଥ୍ୟଗତ ସମସ୍ୟା ସୃଷ୍ଟି କରିବ ବୋଲି ବୁଦ୍ଧିଜୀବୀଙ୍କ ସମେତ ଅଞ୍ଚଳବାସୀ ଚିନ୍ତା ପ୍ରକଟ କରିଛନ୍ତି । ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେବାକୁ ବିଭିନ୍ନ ମହଲରୁ ଦାବି ହେଉଛି ।

## ଶିଶୁପୁତ୍ରର ଚିକିତ୍ସାରେ ଅର୍ଥାଭାବ ବାଧକ

ଧର୍ମଶାଳା,୩୧।୫(ସମିସ): ଧର୍ମଶାଳା ବ୍ଲକ୍ କୁମାରୀ ପଞ୍ଚାୟତ କୁମାରୀ ଗ୍ରାମର ଶ୍ରୀନାଥ ଜେନାଙ୍କ ପୁଅ ଆନିଷ (୭) ଦୁନିଆ କ'ଣ ବୁଝିବା ପୂର୍ବରୁ ଏକ ଜଟିଳ ରୋଗରେ ଆକ୍ରାନ୍ତ ହୋଇ ଏବେ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛି । ଚିକିତ୍ସା ପାଇଁ ଏବେ ଅର୍ଥାଭାବ ବାଧକ ସାଜିଛି । ସୂଚନା ଅନୁସାରେ, ଗତ ୧୩ତାରିଖରେ ଆନିଷ୍ ହଠାତ୍ ଅସୁସ୍ଥ ହୋଇ ପଡ଼ିଥିଲା । ଚାଲିବା କଷ୍ଟକର ହୋଇଥିଲା । ଚିକିତ୍ସା ପାଇଁ ପରିବାର ଲୋକେ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ହେଲେ ଡାକ୍ତର ତାଙ୍କୁ କଟକ ଶିଶୁ ଭବନ ନେବାକୁ ପରାମର୍ଶ ଦେଇଥିଲେ । ସେଠାକାର ଡାକ୍ତର ଆନିଷ୍‌କୁ ପକ୍ଷାଘାତ ରୋଗ ସହିତ ଜିବିଏସ୍ ଭାଇରସ୍ ସଂକ୍ରମଣ ହୋଇଥିବା ସୂଚନା ଦେଇଥିଲେ । ପରେ ଅଧିକ ଚିକିତ୍ସା ନିମନ୍ତେ ଆନିଷ୍‌କୁ ଭୁବନେଶ୍ୱରର ଏକ ଘରୋଇ ହସପିଟାଲକୁ ସ୍ଥାନାନ୍ତର କରାଯାଇଥିଲା । ସେଠାରେ ଦୁଇ ସପ୍ତାହ ହେଲା ଚିକିତ୍ସିତ ହେଉଥିବା ବେଳେ ପ୍ରତ୍ୟହ ୯୦ହଜାର ଟଙ୍କା ଖର୍ଚ୍ଚ ହେଉଛି । ଏହା ମଧ୍ୟରେ ଚିକିତ୍ସା ପାଇଁ ୧୫ଲକ୍ଷରୁ ଅଧିକ ଟଙ୍କା ଖର୍ଚ୍ଚ ହୋଇ ସାରିଲାଣି । ତାର ସ୍ୱାସ୍ଥ୍ୟଗତ ସମସ୍ୟା ଲାଗି ବିଭିନ୍ନ ପରୀକ୍ଷାନିରୀକ୍ଷା ପାଇଁ ସ୍ୱାସ୍ଥ୍ୟ ନମୁନା କେରଳକୁ ପଠାଯାଇଥିଲା । ସେଠାରୁ ରିପୋର୍ଟ ଆସିବା ପରେ ତାର ଆବଶ୍ୟକ ଚିକିତ୍ସା ଆରମ୍ଭ ହୋଇଛି । ଆନିଷ୍‌ର ବାପା ଶ୍ରୀନାଥ (କାଳିଆ) ଜଣେ କ୍ଷୁଦ୍ର ବ୍ୟବସାୟୀ ହୋଇଥିବାରୁ ତାଙ୍କ ପକ୍ଷେ ଅଧିକ ଅର୍ଥ ଖର୍ଚ୍ଚ କରିବା ଆଉ ସମ୍ଭବ ହେଉ ନାହିଁ । ନିଜ ପାଖରେ ଥିବା ଅର୍ଥ ଓ ଧାରକରଜ ଟଙ୍କା ସରିଗଲାଣି । ଏକମାତ୍ର ପୁଅକୁ ଭଲ କରିବାକୁ ସେ ବଦାନ୍ୟ ବ୍ୟକ୍ତିଙ୍କ ସହଯୋଗ କାମନା କରିଛନ୍ତି । ଏଭଳି ଏକ ଜଟିଳ ସମୟରେ କୌଣସି ସହୃଦୟ ବ୍ୟକ୍ତି ଓ କିମ୍ବା ଅନୁଷ୍ଠାନ ଆନିଷ୍‌ଙ୍କ ଚିକିତ୍ସା ପାଇଁ ଆର୍ଥିକ ସହାୟତା ପ୍ରଦାନ କରିବାକୁ ଶ୍ରୀନାଥଙ୍କ ମୋବାଇଲ ନମ୍ବର ୯୯୩୭୩୬୨୮୭୦ରେ ଯୋଗଯୋଗ କରିବାକୁ ସେ ଅନୁରୋଧ କରିଛନ୍ତି ।



## କଂକ୍ରିଟ୍ ରାସ୍ତାରେ କାଦୁଅ ପଚପଚ; ଲୋକେ ହନ୍ତସନ୍ତ



ବାରିକପୁର,୩୧।୫(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ କଣ୍ଟିଠାରୁ କୁରିଗାଁ ହନୁମାନ ଛକ ଯାଏଁ ଥିବା ଗ୍ରାମ୍ୟ ଉନ୍ନୟନ ରାସ୍ତାଟିର ଏବେ ନବୀକରଣ କାର୍ଯ୍ୟ ଆରମ୍ଭ ହୋଇଛି । ପାଖାପାଖି ୫ କି.ମି. ବିଶିଷ୍ଟ ଉକ୍ତ ରାସ୍ତାଟିର ପୂର୍ବବର୍ଷ ପିଚୁ ମରାମତି କାର୍ଯ୍ୟ ହୋଇଥିବାବେଳେ ଚଳିତ ବର୍ଷ ବିଭାଗ ପକ୍ଷରୁ ଏହାକୁ ସମ୍ପୂର୍ଣ୍ଣ ନବୀକରଣ କରାଯାଉଛି । ଏଥିପାଇଁ ଟେଣ୍ଡର ନେଇଥିବା ଠିକା ସଂସ୍ଥା ୧୫ଦିନ ହେବ କାର୍ଯ୍ୟ ଆରମ୍ଭ କରିଛି । ପ୍ରଶସ୍ତୀକରଣ ପାଇଁ ରାସ୍ତା ଦୁଇ ପାର୍ଶ୍ୱରେ ପ୍ରାଥମିକ ପର୍ଯ୍ୟାୟରେ ମାଟି ଢଳାଯାଉଛି । ନିକଟସ୍ଥ କୁରିଗାଁ ଗ୍ରାମ୍ୟ ଜଙ୍ଗଲ ପଡ଼ିଆରୁ ମାଟି ଆସୁଥିବାବେଳେ ଗାଡ଼ିଗୁଡ଼ିକ ଅତି ବେପରୁଆ ଭାବେ ରାସ୍ତାରେ ଯାଉଛନ୍ତି । ତେଣୁ ଡାଲାରୁ କିଛି ମାଟି ରାସ୍ତା ଉପରେ ପଡ଼ି ରହୁଛି । ଏହାଛଡ଼ା ଦୁଇ ପାର୍ଶ୍ୱରେ ପଡୁଥିବା ମାଟିରୁ ଅର୍ଦ୍ଧାଧିକ ଭାଗ ମଧ୍ୟ ଗମନାଗମନ ପଥ ଉପରେ ବିସ୍ତାରିତ ଭାବେ ରହୁଛି । ମେସିନ୍ ଦ୍ୱାରା କଂକ୍ରିଟ ଓ ପିଚୁ ଉପରେ ଥିବା ମାଟିକୁ ସଫା କରାଯାଉନାହିଁ । ଫଳରେ ସାମାନ୍ୟ ବର୍ଷା ହେଲେ ରାସ୍ତାଟି କାଦୁଅ ପଚପଚ ହୋଇଯାଉଛି । ଗତ ସପ୍ତାହେ ମଧ୍ୟରେ ପ୍ରାୟ ଦୁଇ ଥର କାଳବୈଶାଖୀ ଜନିତ ବର୍ଷା ହେବା କାରଣରୁ ରାସ୍ତା ଉପରେ ପଡ଼ିଥିବା ଶୁଖିଲା ମାଟି କାଦୁଅରେ ପରିଣତ ହୋଇଛି । ଯେଉଁଥିପାଇଁ କୁରିଗାଁ, କଣ୍ଟି, ବାଇଗଡ଼ିଆ, ଗୌଡ଼ବିଶିନୂଆପଡ଼ା, ଖରିଗଡ଼ିଆ ଗ୍ରାମର ଲୋକମାନେ ଯାତାୟାତରେ ଘୋର୍ ଯନ୍ତ୍ରଣା ଭୋଗୁଛନ୍ତି । ଏହାଛଡ଼ା ସାଇକଲ ଓ ମୋଟର ସାଇକଲ ଯୋଗେ ଯେଉଁମାନେ ଧାମନଗରରୁ ଭଣ୍ଡାରିପୋଖରୀ ଯାତାୟାତ କରୁଛନ୍ତି ସେମାନେ ମଧ୍ୟ ଘୋର୍ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଅନେକ ଛୋଟମୋଟ ଦୁର୍ଘଟଣାର ଶିକାର ହେଉଛନ୍ତି । ଦିନବେଳା ଯେନତେନ ଉପାୟରେ ଲୋକେ ରାସ୍ତା ଅତିକ୍ରମ କରୁଥିବାବେଳେ ରାତି ହେଲେ ଦୁର୍ଦ୍ଦଶା ବଢ଼ିଯାଉଛି । ତେଣୁ ଏହା ଉପରେ ବିଭାଗୀୟ ଯନ୍ତ୍ରୀ ଦୃଷ୍ଟିଦେବାକୁ ଦୃଢ଼ ଦାବି ହେଉଛି ।

## ଦୁରାରୋଗ୍ୟ ପୀଡ଼ିତଙ୍କୁ ସହାୟତା

ବାରିକପୁର,୩୧।୫(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ଅନ୍ତର୍ଗତ ନାଆମୀ ପଞ୍ଚାୟତ କୋଚିଳାପତି ଗ୍ରାମର ଟୁନା ଜେନା ଦୀର୍ଘ ଦିନ ଧରି ଦୁରାରୋଗ୍ୟ କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇଛନ୍ତି । ନିଜେ ରୋଜଗାର କରି ପରିବାର ପ୍ରତିପୋଷଣ କରୁଥିବାବେଳେ ଏବେ ରୋଗର ଚିକିତ୍ସା ପାଇଁ ସେ ଅସହାୟ ହୋଇଛନ୍ତି । ଏପରିସ୍ଥଳେ ତାଙ୍କ ଚିକିତ୍ସା ପାଇଁ ବଦାନ୍ୟ ବ୍ୟକ୍ତି ଓ ଅନୁଷ୍ଠାନ ସହାୟତାର ହାତ ବଢ଼ାଇଛନ୍ତି । ଏହି ପରିପ୍ରେକ୍ଷୀରେ ବ୍ଲକ୍ ଅଞ୍ଚଳର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଉମିଦ ଫାଉଣ୍ଡେସନ ସଦସ୍ୟମାନେ ଟୁନାଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିବା ସହିତ ତାଙ୍କର ଆଶୁ ଆରୋଗ୍ୟ ପାଇଁ ପ୍ରାର୍ଥନା କରିଛନ୍ତି ।

## ବରିଷ୍ଠ ନାଗରିକ ସଂଘର ବୃକ୍ଷରୋପଣ

କାଳିଆପାଣି,୩୧।୫(ସମିସ): ଯାଜପୁର ଜିଲ୍ଲା ସୁକିନ୍ଦା ବ୍ଲକ ଅନ୍ତର୍ଗତ କୁହିକା ପଞ୍ଚାୟତର ଗାନ୍ଧାପାଳ ମହାଦେବ ମନ୍ଦିର ପ୍ରାଙ୍ଗଣରେ ମହାଗିରି ବରିଷ୍ଠ ନାଗରିକ ସଂଘର ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ ମନ୍ଦିର ପ୍ରାଙ୍ଗଣରେ ବୃକ୍ଷରୋପଣ ଓ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ କରାଯାଇଥିଲା । ଏହି ବୈଠକରେ ୫୦ରୁ ଅଧିକ ସଦସ୍ୟ ଯୋଗଦାନ କରିଥିଲେ । ସଂଘର ସଭାପତି ନିରଞ୍ଜନ ସାହୁଙ୍କ ସଭାପତିତ୍ୱରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା । ଉପସଭାପତି ଗୟାଧର ପରିଡା, ସମ୍ପାଦକ ଉଦୟନାଥ ନାୟକ ପୂର୍ବ ବୈଠକର ବିବରଣୀ ପାଠ କରିଥିଲେ । ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ଓଡିଶା ବରିଷ୍ଠ ନାଗରିକ ମହାସଂଘ, ଭୁବନେଶ୍ୱରର ଜୋନାଲ ସମ୍ପାଦକ ପ୍ରହ୍ଲାଦ ରାଉତ ବରିଷ୍ଠ ନାଗରିକଙ୍କ ସରକାରୀ ସୁବିଧା ଓ ପରସ୍ପର ମଧ୍ୟରେ ଭାଇଚାରା ସୃଷ୍ଟି ଉପରେ ଆଲୋଚନା କରିଥିଲେ । ଏହି ଅବସରରେ ସଂଘର କୋଷାଧ୍ୟକ୍ଷ ଅଶେଷ କୁମାର ନାୟକ ସଂଘର ଆୟ-ବ୍ୟୟ ହିସାବ ପ୍ରଦାନ କରିଥିଲେ । ସହ-ସମ୍ପାଦକ ଗଗନ ବିହାରୀ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ଅଜିଜୁଲ୍ଲା ସାରଙ୍କ ବିୟୋଗରେ ସ୍ମୃତିସଭା



ଧର୍ମଶାଳା,୩୧।୫(ସମିସ): ଧର୍ମଶାଳା ବ୍ଲକ ଚୋରମୁହାଁ ପଞ୍ଚାୟତ ବଡ଼ମଙ୍ଗଳପୁର ନିବାସୀ ଅବସରପ୍ରାପ୍ତ ଶିକ୍ଷକ ମହମ୍ମଦ ଅଜିଜୁଲ୍ଲା (ଅଜିଜୁଲ୍ଲା ସାର)ଙ୍କ ବିୟୋଗରେ ବଡ଼ମଙ୍ଗଳପୁର ପ୍ରାଥମିକ ବିଦ୍ୟାଳୟ ପରିସରରେ ଏକ ଶ୍ରଦ୍ଧାଞ୍ଜଳି ସଭା ଆଜି ଅପରାହ୍ନ ସମୟରେ ଅନୁଷ୍ଠିତ ହୋଇଯାଇଛି । ସାମ୍ବାଦିକ ଅବିନେଶ୍ୱର ଶତପଥୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ଧର୍ମଶାଳା ବ୍ଲକର ପୂର୍ବତନ ଅଧ୍ୟକ୍ଷ କିଷାନ ପଣ୍ଡା, ଚୋରାମୁହାଁ ଗ୍ରାମପଞ୍ଚାୟତର ସମିତିସଭ୍ୟ ପ୍ରିୟବ୍ରତ ପ୍ରଧାନ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଭାତ କୁମାର ଜେନା, ମଧ୍ୟ ଇଂରାଜୀ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ନିବେଦିତା ଦାଶ ଓ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଜଷ୍ଟଣାମୟୀ ଖଟୁଆ ପରିଚାଳନା କମିଟିର ସଭାପତି ଚିତ୍ତରଞ୍ଜନ ଜେନା, ପ୍ରାକ୍ତନ ଶିକ୍ଷକ କ୍ଷେତ୍ରବାସୀ ଲେଙ୍କା ଓ କମିଟିର ସଭାପତି ହରିଶ ଚନ୍ଦ୍ର ସାମଲ ପ୍ରମୁଖ ଅତିଥିଭାବେ ଯୋଗଦେଇ ଅଜିଜୁଲା ସାର ଜଣେ ଆଦର୍ଶ ଶିକ୍ଷକ, ସଂସ୍କୃତି ପ୍ରେମୀ ତଥା ବହୁମୁଖୀ ପ୍ରତିଭାର ଅଧିକାରୀ ଥିଲେ ବୋଲି ମତବ୍ୟକ୍ତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ନିର୍ବାହୀ ଯନ୍ତ୍ରୀ ଇଂ. ନୀଳମଣି ନାୟକ, ବିପିନ ବିହାରୀ ପଣ୍ଡା, ସେକ ସାହାଜାହାନ, ନିର୍ମଳ ଚନ୍ଦ୍ର ପ୍ରଧାନ, ମହେଶ୍ୱର ବିଶ୍ୱାଳ, ଉଦୟନାଥ ପାଳ ଓ ଅଶୋକ କୁମାର ସାହୁ ପ୍ରମୁଖ ଯୋଗଦେଇ ତାଙ୍କର ଗୁଣଗାନ କରିଥିଲେ । ଏହି କାର୍ଯ୍ୟକ୍ରମକୁ ସୌମ୍ୟପ୍ରକାଶ ବିଶ୍ୱାଳ, ପ୍ରକାଶ କୁମାର ନାୟକ, ସଂଜୀବ କୁମାର ପଣ୍ଡା, ରାମଚନ୍ଦ୍ର ମହାନ୍ତି, ଦେବାଶିଷ ସାହୁ ଓ ସତ୍ୟପ୍ରକାଶ ମଲ୍ଲିକ ପ୍ରମୁଖ ପରିଚାଳନା ରେ ସହାୟତା କରିଥିଲେ । ଶେଷରେ ପରିବାର ପକ୍ଷରୁ ଭାଇ ମହମ୍ମଦ ସଫିଉଲ୍ଲା ଧନ୍ୟବାଦ ଅର୍ପଣ କରିଥିଲେ ।

## ଅବ୍ୟବସ୍ଥା ଘେରରେ କୋଠାର ସରକାରୀ ଉଚ୍ଚ ବିଦ୍ୟାଳୟ

ଅସୁରାଳି,୩୧।୫(ସମିସ): ଧାମନଗର ବ୍ଲକ୍‌ର ପ୍ରତିଷ୍ଠିତ ତଥା ସର୍ବପୁରାତନ 'କୋଠାର ସରକାରୀ ଉଚ୍ଚ ବିଦ୍ୟାଳୟ' ଦୀର୍ଘ ଦିନ ହେବ ଚରମ ଅବହେଳାର ଶିକାର ହୋଇଛି । ୧୯୪୨ ମସିହାରେ ସ୍ଥାପିତ ହୋଇଥିବା ଏହି ଐତିହାସିକ ବିଦ୍ୟାଳୟଟିର ସାମ୍ପ୍ରତିକ ଦୁରବସ୍ଥାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀ ଏବଂ ଛାତ୍ରଛାତ୍ରୀଙ୍କ ଅଭିଭାବକମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ବିଦ୍ୟାଳୟର ଶ୍ରେଣୀଗୃହଗୁଡ଼ିକର ଅବସ୍ଥା କହିଲେ ନସରେ । ସାମାନ୍ୟ ବର୍ଷା ହେଲେ କୋଠାର ଆଜ୍‌ବେଷ୍ଟସ ଓ ଟିଣ ଛାତରୁ ପାଣି ଗଳୁଛି, ଯାହା ଫଳରେ ପିଲାମାନଙ୍କ ପାଠପଢ଼ାରେ ଗୁରୁତର ବ୍ୟାଘାତ ସୃଷ୍ଟି ହେଉଛି । କେବଳ ସେତିକି ନୁହେଁ, ସ୍କୁଲର ରୋଷେଇ ଘରଟି ସମ୍ପୂର୍ଣ୍ଣ ଭିଜି ଯାଉଥିବାରୁ ମଧ୍ୟାହ୍ନଭୋଜନ ପ୍ରସ୍ତୁତିରେ ପ୍ରତିଦିନ ଅସୁବିଧାର ସାମ୍ନା କରିବାକୁ ପଡୁଛି । ଭିତ୍ତିଭୂମି ସାଙ୍ଗକୁ ବିଦ୍ୟାଳୟରେ ଶିକ୍ଷକ ସଙ୍କଟ ପାଠପଢ଼ାକୁ ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ କରିଦେଇଛି ।

ବିଦ୍ୟାଳୟରେ ଷଷ୍ଠରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରାୟ ୫୪୦ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି । ନିୟମ ଅନୁଯାୟୀ, ଏଠାରେ ୧୪ ଜଣ ଶିକ୍ଷକଙ୍କ ଆବଶ୍ୟକତା ଥିବାବେଳେ ମାତ୍ର ୯ ଜଣ ଶିକ୍ଷକଙ୍କ ଦ୍ୱାରା ଶିକ୍ଷାଦାନ ଚାଲିଛି । ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି, ବିଦ୍ୟାଳୟରେ କୌଣସି ସ୍ଥାୟୀ ପ୍ରଧାନଶିକ୍ଷକ ନାହାନ୍ତି । ୨୦୧୨ରୁ ଏହି ପଦ ଖାଲି ପଡ଼ିଥିବାରୁ ବର୍ତ୍ତମାନ ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ଭାବେ ସାରଳାବାଳା ପାଢ଼ୀ ଦାୟିତ୍ୱ ତୁଲାଉଛନ୍ତି । ଏହା ସହିତ ସ୍କୁଲରେ ଆବଶ୍ୟକ ୩ ଜଣ ପିଅନ ବଦଳରେ ମାତ୍ର ଜଣେ ପିଅନ ଅଛନ୍ତି ଏବଂ ରାତ୍ରି ଜଗୁଆଳି ପଦ ମଧ୍ୟ ଖାଲି ପଡ଼ିଛି । ଏହି ସମସ୍ତ ଅବ୍ୟବସ୍ଥା ବାବଦରେ ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ସାରଳାବାଳା ପାଢ଼ୀ କହିଛନ୍ତି, ସ୍କୁଲର ବିଭିନ୍ନ ସମସ୍ୟା ଓ ଅବ୍ୟବସ୍ଥା ସମ୍ପର୍କରେ ଉପରିସ୍ଥ ଅଧିକାରୀମାନଙ୍କୁ ବାରମ୍ବାର ଲିଖିତ ଭାବେ ଅବଗତ କରାଯାଇଛି । କିନ୍ତୁ ଦୁର୍ଭାଗ୍ୟବଶତଃ ଏପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆଯାଇନାହିଁ, ଯାହା ଫଳରେ ଶିକ୍ଷାଦାନ କ୍ଷେତ୍ରରେ ଆମେ ଅନେକ କଳବଳ ହେଉଛୁ । ଏହି ପୁରାତନ ବିଦ୍ୟାଳୟ ପ୍ରତି ସରକାର ଓ ଶିକ୍ଷା ବିଭାଗର ଏଭଳି ଉଦାସିନତାକୁ ନେଇ ସ୍ଥାନୀୟ ଜନସାଧାରଣ ଉଦ୍‌ବେଗ ପ୍ରକାଶ କରିଛନ୍ତି । ସ୍ଥାନୀୟ ଜନନେତା ଏବଂ ଅଭିଭାବକ ମହଲ ପକ୍ଷରୁ ବିଭାଗୀୟ ଉଚ୍ଚକର୍ତ୍ତୃପକ୍ଷ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ ବିଦ୍ୟାଳୟର ସମସ୍ୟା ସମାଧାନ କରିବାକୁ ଜୋର୍‌ଦାର ଦାବି ହେଉଛି ।

## ଯନ୍ତ୍ରଣା ସହି ନ ପାରି ବୃଦ୍ଧଙ୍କ ଆତ୍ମହତ୍ୟା

ଧର୍ମଶାଳା,୩୧।୫(ସମିସ): ଧର୍ମଶାଳା ଥାନା ସୁନ୍ଦରିଆ ଗ୍ରାମର ଜଣେ ବୃଦ୍ଧବ୍ୟକ୍ତି ଆଖି ଯନ୍ତ୍ରଣା ସହି ନପାରି ଆତ୍ମହତ୍ୟା କରିଥିବା ଜଣାପଡିଛି । ସୂଚନା ମୁତାବକ ସୁନ୍ଦରିଆ ଗ୍ରାମର ବିଶନ ଦାସ (୯୨) ଗତ ଫେବୃଆରୀ ମାସରେ ନିଜ ଚକ୍ଷୁର ଅସ୍ତ୍ରୋପଚାର କରାଇଥିଲେ । ହେଲେ ଅସ୍ତ୍ରୋପଚାର ପରେ ମଧ୍ୟ ତାଙ୍କୁ ଭଲ ଭାବେ ଦେଖା ଯାଇ ନ ଥିଲା । ସମୟକ୍ରମେ ତାଙ୍କ ଆଖିରେ ବିନ୍ଧା ଛିଟିକା ଆରମ୍ଭ ହୋଇଥିଲା । ଏହି ଯନ୍ତ୍ରଣା ସେ ସହି ନ ପାରି ନିକଟସ୍ଥ କାଜୁ ଜଙ୍ଗଲରେ ବେକରେ ରଶିଲଗାଇ ଆତ୍ମହତ୍ୟା କରିଥିଲେ । ପରିବାର ଲୋକେ ସକାଳୁ ଖୋଜାଖୋଜି କରି ତାଙ୍କ ମୃତଦେହ ଏକ କାଜୁ ଗଛରେ ଝୁଲୁଥିବା ଦେଖିଥିଲେ । ଏନେଇ ପରିବାର ଲୋକେ ପୁଲିସକୁ ଖବର ଦେବା ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ଏନେଇ ପୁଲିସ ୨୧/୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି ବୋଲି ତଦନ୍ତକାରୀ ଅଧିକାରୀ ଏସ୍‌ଆଇ ଦିଲିପ କୁମାର ଦେଉରୀ ସୂଚନା ଦେଇଛନ୍ତି ।

## ମହିଳାଙ୍କ ଆତ୍ମହତ୍ୟା ଅଭିଯୋଗ

ଧର୍ମଶାଳା,୩୧।୫(ସମିସ): ଧର୍ମଶାଳା ଥାନା କ୍ଷେତ୍ରପାଳ ଗ୍ରାମରେ ଜଣେ ବୟସ୍କା ମହିଳା ନିଜ ଘରେ ରଶିଲଗାଇ ଆତ୍ମହତ୍ୟା କରିଥିବା ଜଣାପଡିଛି । ସୂଚନା ମୁତାବକ ଆଜି ଅପରାହ୍ନ ପ୍ରାୟ ୪ଟା ସମୟରେ କ୍ଷେତ୍ରପାଳ ଗ୍ରାମର ପ୍ରକାଶ ଚନ୍ଦ୍ର ସେନାପତିଙ୍କ ପତ୍ନୀ ପୁଷ୍ପଲତା ମହାପାତ୍ର (୫୦) କୌଣସି କାରଣ ବଶତଃ ନିଜ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ଜଣାଯାଇଛି । ଖବର ପାଇ ଧର୍ମଶାଳା ପୁଲିସ ଏଏସଆଇ ପ୍ରତାପ ଚନ୍ଦ୍ର ଦେବତା ସେଠାରେ ପହଞ୍ଚି ପଞ୍ଚନାମା କରିବା ସହିତ ମୃତଦେହକୁ ଜବତ କରି ଧର୍ମଶାଳା ଡାକ୍ତରଖାନାକୁ ଆଣିଥିବା ଜଣାପଡିଛି । ତେବେ ପୁଷ୍ପଲତା ହଠାତ କ'ଣ ପାଇଁ ଏଭଳି ଚରମ ନିଷ୍ପତି ନେଲେ ତାହା ରହସ୍ୟ ହୋଇ ରହିଛି । ତେବେ ପୁଲିସ ଏନେଇ ୨୨/୨୬ନଂରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିବା ବେଳେ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ସବୁକିଛି ସ୍ପଷ୍ଟ ହେବ ବୋଲି ତଦନ୍ତକାରୀ ଅଧିକାରୀ ସୂଚନା ଦେଇ କହିଛନ୍ତି ।

## ଅଳୁକୁଣ୍ଡ ଥାନା ଘେରିଲେ ଗ୍ରାମବାସୀ



ବିଞ୍ଝାରପୁର,୩୧।୫(ସମିସ): ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଗଣ୍ଡକୂଳ ଗ୍ରାମରେ ଜଣେ ନାବାଳିକାଙ୍କୁ ଅସଦାଚରଣ ଏବଂ ତାଙ୍କ ପରିବାର ଲୋକଙ୍କୁ ମାଡ଼ ମାରିବା ଘଟଣାରେ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରିବା ଦାବିରେ ଶନିବାର ଗ୍ରାମବାସୀ ଥାନା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ସୂଚନା ଅନୁଯାୟୀ, ଗତ ୨୭ ତାରିଖରେ ଗଣ୍ଡକୂଳ ଗ୍ରାମରେ କିଛି ବ୍ୟକ୍ତି ଜଣେ ନାବାଳିକାଙ୍କ ସହ ଅସଦାଚରଣ କରୁଥିବା ବେଳେ ସେ ଚିତ୍କାର କରିଥିଲେ । ଏହା ଶୁଣି ନାବାଳିକାଙ୍କ ବାପା ଓ ମା' ତାଙ୍କୁ ଉଦ୍ଧାର କରିବାକୁ ଯାଇଥିବା ସମୟରେ ଅଭିଯୁକ୍ତମାନେ ସେମାନଙ୍କ ଉପରେ ଆକ୍ରମଣ କରିଥିଲେ । ଏହି ଆକ୍ରମଣରେ ଉଭୟ ଗୁରୁତର ଆହତ ହୋଇ ଚିକିତ୍ସାଧୀନ ଅଛନ୍ତି । ଘଟଣାକୁ ନେଇ ପରିବାର ପକ୍ଷରୁ ଅଳୁକୁଣ୍ଡ ଥାନାରେ ଲିଖିତ ଅଭିଯୋଗ ଦାଖଲ କରାଯାଇଥିଲା । ପୁଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ ମଧ୍ୟ ଅନ୍ୟ ଅଭିଯୁକ୍ତମାନେ ଏପର୍ଯ୍ୟନ୍ତ ଗିରଫ ହୋଇନଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି । ଏହାର ପ୍ରତିବାଦରେ ଗ୍ରାମବାସୀ ଥାନାରେ ପହଞ୍ଚି ଅବିଳମ୍ବେ ବାକି ଅଭିଯୁକ୍ତମାନଙ୍କୁ ଗିରଫ କରିବା ସହ ଘଟଣାର ନିରପେକ୍ଷ ତଦନ୍ତ କରିବାକୁ ଦାବି ଜଣାଇଛନ୍ତି । ପୁଲିସ ପକ୍ଷରୁ ଘଟଣାର ତଦନ୍ତ ଜାରି ରହିଥିବା ସୂଚନା ମିଳିଛି ।

## ନିଶା ପ୍ରଚଳନ ବନ୍ଦ ଦାବିରେ ଧାରଣା



ଯାଜପୁର, ୩୧।୫(ସମିସ): ରାଜ୍ୟରେ ନିଶା ବନ୍ଦ କରିବା ଦାବିରେ ମିଳିତ ଓଡ଼ିଶା ନିଶା ନିବାରଣ ସମିତି ପକ୍ଷରୁ ଯାଜପୁର ଜିଲ୍ଲାପାଳ ଅଫିସ ସମ୍ମୁଖରେ ପ୍ରତିବାଦ ଓ ଧାରଣା ଦିଆଯାଇଛି । ରାଜ୍ୟରେ ବିଜେପି କ୍ଷମତାକୁ ଆସିବା ପୂର୍ବରୁ ନିଶା କାରବାର ବନ୍ଦ କରିବା ପାଇଁ ପ୍ରତିଶ୍ରୁତି ଦେଇଥିବା ବେଳେ ଏବେ ସରକାର ମଦ ବ୍ୟବସାୟକୁ ପ୍ରୋତ୍ସାହନ ଦେଉଥିବା ଅଭିଯୋଗ ହୋଇଛି । ଏହି ଅବସରରେ ଜିଲ୍ଲା ନିଶା ନିବାରଣ ସମିତିର ସଭାପତି ବିଶ୍ୱଜିତ ମହାନ୍ତିଙ୍କ ନେତୃତ୍ୱରେ ଜିଲ୍ଲା ବିଭିନ୍ନ ବ୍ଲକ କମିଟିର ସଦସ୍ୟ ମାନେ ତୁରନ୍ତ ମଦ ପ୍ରଚଳନ ବନ୍ଦ କରିବାକୁ ଦାବି କରି ସରକାର ବିରୋଧୀ ସ୍ଲୋଗାନ ଦେଇ ପ୍ରତିବାଦ କରିଥିଲେ । ପରେ ଏ ନେଇ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ରାଜସ୍ୱ ବିଭାଗ ଅତିରିକ୍ତ ଜିଲ୍ଲାପାଳକୁ ପ୍ରଦାନ କରିଥିଲେ । ଆଗାମୀ ଦିନରେ ଦାବି ପୂରଣ ନ ହେଲେ ଆନ୍ଦୋଳନ ପାଇଁ ଚେତାବନୀ ଦିଆଯାଇଛି ।

## ପ୍ରଧାନଶିକ୍ଷକଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା



ଧୂଷୁରୀ,୩୧।୫(ସମିସ): ଧୂଷୁରୀ ମୁରଲୀଧର ସରକାରୀ ଉଚ୍ଚ ବିଦ୍ୟାଳୟର ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରପ୍ରାପ୍ତ ଆଦର୍ଶ ପ୍ରଧାନଶିକ୍ଷକ ଅକ୍ଷୟ କୁମାର ହୋତାଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ରବିବାର ବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକଶିକ୍ଷୟିତ୍ରୀ, ପୁରାତନ ଛାତ୍ରଛାତ୍ରୀ, ଅଭିଭାବକ, ଗ୍ରାମବାସୀଙ୍କ ଦ୍ୱାରା ଆୟୋଜିତ ହୋଇଯାଇଛି । 'ଓଷ୍ଟା'ର ପ୍ରାକ୍ତନ ସଭାପତି ରମାକାନ୍ତ ପରିଡ଼ାଙ୍କ ସଭାପତିତ୍ୱରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟ ଅତିଥି ଭାବେ ଧାମନଗର ବ୍ଲକ୍ ଅଧ୍ୟକ୍ଷା ଶର୍ମିଷ୍ଠା ବେହେରା, ପ୍ରାକ୍ତନ ଶିକ୍ଷା ନିର୍ଦ୍ଦେଶକ ବୃନ୍ଦାବନ ଶତପଥୀ, ପ୍ରାକ୍ତନ ଜିଲ୍ଲା ଶିକ୍ଷାଧିକାରୀ କପିଳେନ୍ଦ୍ର ମିଶ୍ର, ଭଦ୍ରକ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଜଗବନ୍ଧୁ ସାହୁ, ମୁଖ୍ୟବକ୍ତା ଭାବେ 'ଓଷ୍ଟା'ର ସଭାପତି ଅକ୍ଷୟ କୁମାର ମିଶ୍ର, ପ୍ରଧାନଶିକ୍ଷକ ବିଜୟ ମିଶ୍ର, ଅଖିଳ ଭାରତୀୟ ଶିକ୍ଷକ ସଂଗଠନ ଉପସଭାପତି ପ୍ରକାଶ ମହାନ୍ତି, 'ଓଷ୍ଟା' କୋଷାଧ୍ୟକ୍ଷ ଅଶୋକ ମହାପାତ୍ର, ରମାକାନ୍ତ ମହାପାତ୍ର, ପ୍ରସନ୍ନ ରଥ, ଯାଜପୁର ଜିଲ୍ଲା ସଭାପତି ସୁନନ୍ଦ ରାଉତ, ସମ୍ପାଦକ ପବିତ୍ର ପଣ୍ଡା, ରମେଶ ବେହେରା, ପ୍ରେମାନନ୍ଦ ଜେନା, ଲକ୍ଷ୍ମୀଧର ସାହୁ, ରଞ୍ଜନ ଘଡ଼େଇ, ମୃତ୍ୟୁଞ୍ଜୟ ବେହେରା, କାହ୍ନୁ ସାମଲ ପ୍ରମୁଖ ଯୋଗଦେଇ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶ୍ରୀ ହୋତାଙ୍କ ଶିକ୍ଷାଦାନ ଓ କାର୍ଯ୍ୟଧାରା ନେଇ ଆଲୋଚନା କରିଥିଲେ । ପରେ ତାଙ୍କୁ ଉପଢୌକନ, ମାନପତ୍ର, ଉପହାର ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଇତିଶ୍ରୀ ସାମଲ ପ୍ରଦାନ କରିଥିବାବେଳେ ହେମନ୍ତ ସୂତାର ଧନ୍ୟବାଦ ଅର୍ପଣ କରିଥିଲେ ।

**ବଡ଼ତ୍ରିଲୋଚନପୁର ସବସେଣ୍ଟର ନିର୍ମାଣରେ ଅନିୟମିତତା ଅଭିଯୋଗ**

## ଅଭିଯୋଗକାରୀଙ୍କ ବିରୋଧରେ ଥାନାରେ ମିଥ୍ୟା ମାମଲା

ଯାଜପୁର,୩୧।୫(ସମିସ):

ଯାଜପୁରବ୍ଲକଅନ୍ତର୍ଗତଜାଫରପୁର ପଞ୍ଚାୟତ ବଡ଼ତ୍ରିଲୋଚନପୁର ଠାରେ ନିର୍ମାଣ କରାଯାଉଥିବା ସବସେଣ୍ଟର (ସ୍ୱାସ୍ଥ୍ୟ କେନ୍ଦ୍ର)ରେ ନାନା ଅନିୟମିତତା ହେଉଥିବା ଅଭିଯୋଗ ହୋଇଛି । ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ନିର୍ମାଣ କରାଯାଉଥିବା ଏହି ସବସେଣ୍ଟର ପାଇଁ ୫୫ ଲକ୍ଷ ବ୍ୟୟ ବରାଦ ହୋଇଛି । କିନ୍ତୁ ଏହି ନିର୍ମାଣ କାର୍ଯ୍ୟ ଏଷ୍ଟିମେଟ ଅନୁଯାୟୀ କରାଯାଉନଥିବାରୁ ଏହାର ସ୍ଥାୟୀତ୍ୱ ନେଇ ସନ୍ଦେହ କରିଛନ୍ତି ଗ୍ରାମବାସୀ । ଠିକାଦାର ଜଣକ ମନଇଚ୍ଛା କାମ କରୁଥିବା ବେଳେ ଏହାକୁ ଦେଖାଶୁଣା କରିବାକୁ କେହି ନଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ । ନିମ୍ନମାନର ସିମେଣ୍ଟ ସାଙ୍ଗକୁ, ନିମ୍ନମାନର ଟାଇଲ ବ୍ୟବହାର ହୋଇଥିବା ଅଭିଯୋଗ ହୋଇଛି । ଏପରିକି କାନ୍ଥରେ କୌଣସି ପ୍ରାଇମର ନ ମାରି ସିଧାସଳଖ ରଙ୍ଗ ମରାଯାଉଥିବା ବେଳେ ଗ୍ରାମବାସୀ ଏହାର ବିରୋଧ କରିଥିଲେ । ଗ୍ରାମବାସୀଙ୍କ ପକ୍ଷରୁ ବିଶ୍ୱଜିତ୍ ନାୟକ ରଙ୍ଗଦେବା ସମୟରେ ନିଜ ମୋବାଇଲରେ ଫଟୋ ଉତ୍ତୋଳନ କରିଥିଲେ । ଏଥିରେ ବ୍ୟସ୍ତବିବ୍ରତ ହୋଇ ସଂପୃକ୍ତ ଠିକାଦାରଙ୍କ ପକ୍ଷରୁ ବିଶ୍ୱଜିତ୍‌ଙ୍କ ନାମରେ ଯାଜପୁର ସଦର ଥାନାରେ ମାମଲା ରୁଜୁ କରାଯାଇଛି । ପୁଲିସ ମଧ୍ୟ କୌଣସି ଅନୁସନ୍ଧାନ ନ କରି ମାମଲା ରୁଜୁ କରିଦେଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଏହି ସବସେଣ୍ଟରରେ ହେଉଥିବା କାମ ନିମ୍ନମାନର ଅଭିଯୋଗ ହେବା ପରେ କାମ ବନ୍ଦ ଥିବା ବେଳେ ଗ୍ରାମବାସୀ ଏ ସଂପର୍କରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ କରିଛନ୍ତି । ତୁରନ୍ତ ଏହି ଅଭିଯୋଗର ତଦନ୍ତ କରାଯାଇ ଦୋଷୀ ଠିକାଦାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହିତ ମିଥ୍ୟା ମକଦ୍ଦମାକୁ ଶୀଘ୍ର ପ୍ରତ୍ୟାହାର କରିବା ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ଦାବି କରାଯାଇଛି ।



## କାଶୀବିଶ୍ୱେଶ୍ୱର ମନ୍ଦିରର ବାର୍ଷିକ ଉତ୍ସବ

**ବନ୍ତ/ଆଗରପଡ଼ା,୩୧।୫(ସମିସ):** ବନ୍ତ ବ୍ଲକ୍ ଗଣିଜାଙ୍ଗ ପଞ୍ଚାୟତ କାଶୀପୁର ଛକ ନିକଟରେ ଅବସ୍ଥିତ କାଶୀବିଶ୍ୱେଶ୍ୱର ମନ୍ଦିରର ୧୦ମ ବାର୍ଷିକ ଉତ୍ସବ ୨ ଦିନ ଧରି ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ନିକଟସ୍ଥ ଲକ୍ଷ୍ମୀନାରାୟଣ ମନ୍ଦିର ପୁଷ୍କରିଣୀରୁ ୨୧ଟି କଳସ ଘଟୋତ୍ତୋଳନ କରାଯାଇ ବାଜା ବାଣ ରୋଷଣୀରେ ଗ୍ରାମ ବଜାର ପରିକ୍ରମା ପରେ ଯଜ୍ଞ ସ୍ଥଳକୁ ଅଣାଯାଇଥିଲା।



ପୂଜକ ନାରାୟଣ ଶତପଥୀ, ଶାନ୍ତନୁ ପଣ୍ଡା, ଗୋବିନ୍ଦ ଚନ୍ଦ୍ର ପଣ୍ଡା, କମଳାକାନ୍ତ ପାଢ଼ୀ, ବିନିତ୍ ଦାଶ ପ୍ରମୁଖ ଘଟଉତ୍ତୋଳନ, ସୂର୍ଯ୍ୟପୂଜା, ଚଣ୍ଡୀ ପୂଜା, ରୁଦ୍ରାଭିଷେକ, ଗୋ-ପୂଜା, ଯଜ୍ଞ ଆଦି ପୂଜା କାର୍ଯ୍ୟ ତୁଲାଇଥିବାବେଳେ ଜଗନ୍ନାଥ ନାୟକ, ସୋମନାଥ ନାୟକ, ପ୍ରିୟନାଥ ନାୟକ, ସନ୍ଧ୍ୟାରାଣୀ ନାୟକ, ମମତା ନାୟକ, ଲିପିକା ନାୟକ ପ୍ରମୁଖ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ଶନିବାର ଯଜ୍ଞ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମରେ ହଜାର ହଜାର ଭକ୍ତ ଉପସ୍ଥିତ ରହି ପ୍ରଭୁକୃପା ଲାଭ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବଗଦା କାଶୀପୁର ଗ୍ରାମର ଗ୍ରାମବାସୀ ସହଯୋଗ କରିଥିଲେ।

## ଦଲାଲଙ୍କ ହାତରେ ରବି ଧାନ

**ବାରିକପୁର,୩୧।୫(ସମିସ):** ଖରିଫ ଧାନ କ୍ରୟ ବେଳେ ଯେଉଁ ଅବ୍ୟବସ୍ଥା ଦେଖିବାକୁ ମିଳିଥିଲା ଏବେ ରବି ଧାନ ସମୟରେ ମଧ୍ୟ ସେମିତି କିଛି ପରିଲକ୍ଷିତ ହେଉଛି। ଚାଷୀମାନେ ଅର୍ଦ୍ଧାଧିକ ଶସ୍ୟ ଅମଳ କରିଥିବାବେଳେ ଏଯାଏଁ ମଣ୍ଡି ଶୁଭାରମ୍ଭ ହୋଇନାହିଁ। ଏହାର ସୁଯୋଗ ନେଇ କିଛି ଦଲାଲ ମିଲର ରବି ଧାନ କ୍ରୟ କରିବେ ନାହିଁ ବୋଲି କହି ଚାଷୀଙ୍କଠାରୁ ଶାଗ ମାଛ ଦରରେ ଶସ୍ୟ କିଣିବାକୁ ବ୍ୟଗ୍ର ହେଉଛନ୍ତି। ଏପରିକି ଅନେକ ଚାଷୀ ମଧ୍ୟ ୧୨୦୦ ଓ ୧୩୦୦ ଟଙ୍କାରେ ଧାନ ବିକ୍ରି କରୁଥିବା ଅଭିଯୋଗ ହୋଇଛି। ଏଭଳି ଅଭିଯୋଗ କରିଛନ୍ତି, ଭଣ୍ଡାରିପୋଖରୀ ବ୍ଲକ୍ ଅଞ୍ଚଳର କିଛି ଚାଷୀ। ସୂଚନା ମୁତାବକ, ଚଳିତ ବର୍ଷ ଭଦ୍ରକ ଜିଲ୍ଲାରେ ମୋଟ୍ ୨୯୦୬ ଜଣ ଚାଷୀ ରବି ଧାନ ବିକ୍ରି ପାଇଁ ସରକାରୀ ଭାବେ ନାମ ପଞ୍ଜୀକରଣ କରିଛନ୍ତି। ତନ୍ମଧ୍ୟରୁ ଭଣ୍ଡାରିପୋଖରୀ ବ୍ଲକ୍‌ରେ ସର୍ବାଧିକ ୮୮୯ ଜଣ ଚାଷୀ ରହିଥିବାବେଳେ ଭଦ୍ରକ ବ୍ଲକ୍‌ରେ ୯୨, ବାସୁଦେବପୁରରେ ୪୮୨, ଧାମନଗରରେ ୯୫୨, ବନ୍ତରେ ୪୨୮, ତିହିଡ଼ିରେ ୫୭ ଓ ଚାନ୍ଦବାଲିରେ ୬ ଜଣ ଚାଷୀ ଧାନ ବିକିବାକୁ ନାମ ପଞ୍ଜୀକରଣ କରିଛନ୍ତି। ପ୍ରଥମ ପର୍ଯ୍ୟାୟରେ ୩୧ ହଜାର ୨୫୦ କ୍ୱିଣ୍ଟାଲ ଧାନ କ୍ରୟ ହେବ ବୋଲି ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ଏପରିସ୍ଥଳେ ମିଲର ଓ ଦଲାଲମାନେ ଚାଷୀମାନଙ୍କୁ ଶୋଷଣ କରିବା ପାଇଁ ଯୋଜନା ପ୍ରସ୍ତୁତ କରିଥିବା ଜଣାଯାଇଛି। ଏନେଇ ଜିଲ୍ଲା ଯୋଗାଣ ଅଧିକାରୀଙ୍କ ମତାମତ ନେବାରୁ, ଜୁନ୍ ୧ ତାରିଖ ଦିନ ମଣ୍ଡି ଖୋଲିବାକୁ ସ୍ଥିର ହୋଇଛି। ଯଥାଶୀଘ୍ର ସରକାରୀ ଭାବେ ଧାନ କ୍ରୟ ହେବ ବୋଲି ସୂଚନା ଦେଇଛନ୍ତି।

## କରଦା ସେବା ସମବାୟ ସମିତି ପକ୍ଷରୁ ଋଣ ବିତରଣ କାର୍ଯ୍ୟକ୍ରମ



**ଦୋବଲ,୩୧।୫(ସମିସ):** ଧାମନଗର ବ୍ଲକ୍ ଅନ୍ତର୍ଗତ କରଦା ସେବା ସମବାୟ ସମିତି ପକ୍ଷରୁ ଏକ ସାଧାରଣ ସଭା ସହ ଋଣ ବିତରଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଏହି ସଭାରେ ବାଲେଶ୍ୱର-ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କର ସଭାପତି ଗଣେଶ ପ୍ରସାଦ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମବାୟ ସମିତିର ଅଧିକାରୀଙ୍କ ସୂଚନା ଅନୁଯାୟୀ, କୃଷକମାନଙ୍କୁ ସୁବିଧାରେ ଋଣ ଯୋଗାଇଦେବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ। ଭଦ୍ରକର ଉପ-ସହ ନିବନ୍ଧକ ପ୍ରାଚୀତା ଜେନା, ମଣ୍ଡଳ ଅଧିକାରୀ ସଞ୍ଜୟ ମହାନ୍ତି, ଏରିଆ ଅଫିସର ସୁବ୍ରତ ତ୍ରିପାଠୀ, ଉପସଭାପତି ମଧୁସ୍ମିତା ସାମଲ ଏବଂ ଧାମନଗର ଶାଖା ପରିଚାଳକ ସୁଶାନ୍ତ ପୁହାଣ ସମ୍ମାନିତ ଅତିଥି ଭାବେ ଯୋଗଦେଇ କରଦା ସେବା ସମବାୟ ସମିତିର ସଫଳତା ସମ୍ପର୍କରେ କହିଥିଲେ। ସୂଚନା ଥାଉକି, ଭଦ୍ରକ ଜିଲ୍ଲାର ୧୦୮ଟି ସମିତି ମଧ୍ୟରୁ ୬ଟି ସମିତି ଲାଭାଂଶରୁ କରଦା ସମିତି ପ୍ରଥମ ହୋଇଛି। ଉକ୍ତ ସମିତିରେ ୬୧ କୋଟି ୮୮ ଲକ୍ଷ ୮୧ ହଜାର ୮୦୦ ଟଙ୍କା ଲାଭାଂଶ ହୋଇଥିବାବେଳେ ସମିତିର ୨୨୮୯ ଜଣ ଚାଷୀଙ୍କୁ ୭ ଲକ୍ଷ ୮୫ ହଜାର ୬୫୯ ଲାଭାଂଶ ପ୍ରଦାନ କରାଯିବ ବୋଲି ସୂଚନା ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ସମିତିର ସହ ସମ୍ପାଦକ ବିକାଶ ମହାପାତ୍ର ସ୍ୱାଗତ ଭାଷଣ ଓ ମଞ୍ଚ ଆମନ୍ତ୍ରଣ କରିଥିବାବେଳେ ସମ୍ପାଦକ ଜ୍ୟୋତି ଶଙ୍କର ଦାସ ସମିତିର ବିବରଣୀ ପାଠ କରିଥିଲେ। ସମିତିର ସଭାପତି ଦାଶରଥି ଜେନା କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ପ୍ରାରମ୍ଭରେ ପରିଚାଳନା କମିଟିର ସଦସ୍ୟ, ପୂର୍ବତନ ସଭାପତି ଓ ପ୍ରତିଷ୍ଠାତା ସଦସ୍ୟଙ୍କୁ ସମିତି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା।

### ଶାସକ ଦଳର ରାଜନୈତିକ ଚକ୍ରାନ୍ତ

# ଗଡ଼ିବା ଆଗରୁ ଅଟକିଗଲା 'ଲକ୍ଷ୍ମୀ ବସ୍'; ତୀବ୍ର ଜନଅସନ୍ତୋଷ

**ଦୋବଲ,୩୧।୫(ସମିସ):**

ରାଜ୍ୟ ସରକାର ଗ୍ରାମାଞ୍ଚଳ ପରିବହନର ବିକାଶ ପାଇଁ 'ମୁଖ୍ୟମନ୍ତ୍ରୀ ବସ୍ ସେବା' (ଲକ୍ଷ୍ମୀ ବସ୍) ଯୋଜନା ଆରମ୍ଭ କରିଥିଲେ। ସ୍ଥାନୀୟ ଅଞ୍ଚଳରେ ଶାସକ ଦଳର ସଂକୀର୍ଣ୍ଣ ରାଜନୀତି ଓ ଚକ୍ରାନ୍ତ ଯୋଗୁଁ ଏହା ଏବେ କାଗଜପତ୍ରରେ ସୀମିତ ରହିଯାଇଛି। କଂଗ୍ରେସ ନେତା ଶ୍ରେୟ ନେଇଯିବା ଭୟରେ ଏବଂ ଶାସକ ଦଳର ଛବି ମଳିନ ପଡ଼ିବା ଆଶଙ୍କାରେ ଉପରୁ ନିର୍ଦ୍ଦେଶ ଆଣି ରବିବାରଠାରୁ ଚାଲିବାକୁ ଥିବା ବସ୍ ସେବାକୁ ଏ ରୁଟ୍‌ରେ ବନ୍ଦ କରିଦିଆଯାଇଛି। ସରକାରୀ ବାବୁ ଓ ନେତାଙ୍କ ଏଭଳି ମନ୍ଦ ଉଦ୍ଦେଶ୍ୟର ଶିକାର ହୋଇ ଆନନ୍ଦପୁର ପଞ୍ଚାୟତ ସମେତ ବାଲିପାଟଣା, ପାହାଡ଼ପୁର, ମାଲାପୁର ଓ ଉଦେଇପୁର ଗ୍ରାମର ସାଧାରଣ ଲୋକେ ଘୋର୍ ହଇରାଣ ହରକତ ହୋଇଛନ୍ତି। ଏହାକୁ ନେଇ ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇବା ସହ ଖଡ଼ିପଦା ଛକରେ ବସ୍‌କୁ ଅଟକାଇ ହୋ-ହଲ୍ଲା କରାଯାଇଛି। ପରିସ୍ଥିତି ନିୟନ୍ତ୍ରଣ ପାଇଁ ଧାମନଗର ପୁଲିସକୁ ଘଟଣାସ୍ଥଳରେ ପହଞ୍ଚି ହସ୍ତକ୍ଷେପ କରିବାକୁ ପଡ଼ିଛି।

ପରିବହନ ବିଭାଗ ପକ୍ଷରୁ ଏହି ରୁଟ୍ ପାଇଁ ଦିନକୁ ୪ଟି ସମୟରେ ବସ୍ ଚଳାଚଳ କରିବାକୁ ସମୟ ସାରଣୀ ଚୂଡ଼ାନ୍ତ ହୋଇଥିଲା। ନିର୍ଘଣ୍ଟ ଅନୁଯାୟୀ, ପ୍ରଥମ ବସ୍‌ଟି ସକାଳ ୭ଟା ୧୩ରେ ପଧାନିରୁ ବାହାରି ୮ଟା ୭ରେ ଆନନ୍ଦପୁର ହାତିଡିଆ ଛକ ଓ ୮ଟା ୪୮ରେ ଧାମନଗର ବ୍ଲକ୍‌ରେ ପହଞ୍ଚିବାର ଥିଲା। ସେହିପରି ଦ୍ୱିତୀୟ ବସ୍ ସକାଳ ୧୦ଟା ୨୦ରେ ପଧାନିରୁ ବାହାରି ୧୧ଟା ୧ରେ ଆନନ୍ଦପୁର ଓ ୧୧ଟା ୫୪ରେ ଧାମନଗର ବ୍ଲକ୍‌ରେ ପହଞ୍ଚିଥା'ନ୍ତା। ତୃତୀୟ ବସ୍‌ଟି ଅପରାହ୍ଣ ୨ଟା ୩୪ରେ ଆନନ୍ଦପୁରରେ ପହଞ୍ଚି ୫ ମିନିଟ୍ ପରେ



ଛାଡ଼ି ୩ଟା ୧୪ରେ ଧାମନଗର ବ୍ଲକ୍ କାର୍ଯ୍ୟାଳୟରେ ପହଞ୍ଚିବାକୁ ସମୟ ସ୍ଥିର ହୋଇଥିବାବେଳେ ଚତୁର୍ଥ ବସ୍‌ଟି ଅପରାହ୍ଣ ୪ଟା ୨୫ରେ ପଧାନିରୁ ବାହାରି ସନ୍ଧ୍ୟା ୫ଟା ୧୯ରେ ଆନନ୍ଦପୁର ଓ ୫ଟା ୫୮ରେ ଧାମନଗରରେ ପହଞ୍ଚିବାକୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଗ୍ରାମାଞ୍ଚଳବାସୀଙ୍କ ସୁବିଧା ପାଇଁ ଏଭଳି ସୁନ୍ଦର ସମୟ ନିର୍ଘଣ୍ଟ କରାଯାଇଥିଲେ ହେଁ ରାଜନୈତିକ କାରଣରୁ ଏହାକୁ କାର୍ଯ୍ୟକାରୀ କରାଗଲାନାହିଁ। ଧାମନଗରରୁ ଆନନ୍ଦପୁର ହୋଇ ସୋହଡ଼ା ଓ ଖଡ଼ିପଦା ଦେଇ ବସ୍ ଚଳାଚଳ ପାଇଁ ଦୀର୍ଘ ୩ ବର୍ଷ ହେବ ଦାବି ହୋଇଆସୁଥିଲା। ସ୍ଥାନୀୟ କଂଗ୍ରେସ ନେତା ସଞ୍ଜୟ ମିଶ୍ର, ଅରୁଣ ପରିଡ଼ା ଓ ରାଜେଶ ମିଶ୍ରଙ୍କ ନେତୃତ୍ୱରେ ଗ୍ରାମବାସୀ ବାରମ୍ବାର ପ୍ରଶାସନ ପାଖରେ ଗୁହାରି କରିବା ସହ ଖଡ଼ିପଦାରେ ପୂର୍ବରୁ ୨ଥର ଆନ୍ଦୋଳନ କରିଥିଲେ। ଶେଷରେ ଜିଲ୍ଲାପାଳଙ୍କ ପ୍ରତ୍ୟକ୍ଷ ହସ୍ତକ୍ଷେପ ପରେ ଭଦ୍ରକ ଆର୍‌ଟିଓଙ୍କ କାର୍ଯ୍ୟାଳୟ ପକ୍ଷରୁ ଶନିବାର ରୁଟ୍ ଚାର୍ଟ ଓ ସମୟ ସାରଣୀ ସହ ଆନୁଷ୍ଠାନିକ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ହେଲେ ବସ୍ ସେବା ଯୋଗାଉଥିବା ଶାସକ ଦଳର ଜଣେ ପ୍ରଭାବଶାଳୀ କର୍ମୀ ଓ କିଛି ସ୍ଥାନୀୟ ନେତାଙ୍କ ପେଟକୁ ଏହା ହଜମ ହୋଇ ନ ଥିଲା।

କଂଗ୍ରେସ ନେତାଙ୍କ ଦାବି ଯୋଗୁଁ ବସ୍ ଚାଲିଲେ ଶାସକ ଦଳର ଭୋଟ୍ ବ୍ୟାଙ୍କ ପ୍ରଭାବିତ ହେବ। ଏହି ସ୍ୱାର୍ଥପର ଚିନ୍ତାଧାରା ରଖି ରାତାରାତି ରାଜନୈତିକ ଚାପ ପ୍ରୟୋଗ କରାଯାଇ ଉପରୁ ନିର୍ଦ୍ଦେଶ ବଳରେ ବସ୍ ଚଳାଚଳକୁ ସ୍ଥଗିତ ରଖାଯାଇଥିବା ଚର୍ଚ୍ଚା ହେଉଛି। କିଛିଦିନ ପରେ ଏହାକୁ ଏକ ନୂଆ ରୂପ ଦେଇ ଶାସକ ଦଳ ନିଜେ ଶ୍ରେୟ ନେବାକୁ ଏଭଳି ହୀନ ଚକ୍ରାନ୍ତ କରିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ବସ୍ ଚାଲିବା ଖବର ପାଇ ଆନନ୍ଦପୁରବାସୀ ଦୀର୍ଘ ଦିନର ସମସ୍ୟାର ଅନ୍ତ ହେବ ଭାବି ରବିବାର ସକାଳୁ ହାତିଡିଆ ଛକରେ ଭୋର୍‌ରୁ ପ୍ରସ୍ତୁତ ହୋଇ ରହିଥିଲେ। ବସ୍‌ର ଡ୍ରାଇଭର ଓ କର୍ମଚାରୀଙ୍କୁ ସ୍ୱାଗତ କରିବା ପାଇଁ ଫୁଲମାଳ ଓ ମିଠା ମଧ୍ୟ କିଣା ସରିଥିଲା। ମାତ୍ର ବସ୍ ନ ଆସିବା ଏବଂ ଉପରୁ ନିର୍ଦ୍ଦେଶ ଯୋଗୁଁ ଆନନ୍ଦପୁରକୁ ଗାଡ଼ି ଯିବନାହିଁ ବୋଲି ବସ୍ ସୁପରଭାଇଜର ସୁମନ ଦେ ପ୍ରକାଶ କରିବା ପରେ ଲୋକଙ୍କ ଆଶା ଧୂଳିସାତ୍ ହୋଇଯାଇଥିଲା। ମାତ୍ର

- ବସ୍ ଡ୍ରାଇଭର ଓ କର୍ମଚାରୀଙ୍କୁ ସ୍ୱାଗତ ପାଇଁ ଫୁଲମାଳ ଓ ମିଠା କିଣା ସରିଥିଲା
- ଖଡ଼ିପଦା ଛକରେ ବସ୍‌କୁ ଅଟକାଇ ହୋହଲ୍ଲା; ପରିସ୍ଥିତି ନିୟନ୍ତ୍ରଣ କଲା ପୁଲିସ

୫ ଟଙ୍କାରେ ବ୍ଲକ୍ କାର୍ଯ୍ୟାଳୟକୁ ଯିବାର ଯେଉଁ ସ୍ୱପ୍ନ ସରକାର ଦେଖାଇଥିଲେ, ତାହା ନିଜ ଦଳର ନେତାଙ୍କ ପାଇଁ ପାଣିଚିଆ ହୋଇଗଲା। କ୍ଷୁବ୍ଧ ଗ୍ରାମବାସୀ ତୁରନ୍ତ ଖଡ଼ିପଦା ଛକକୁ ଯାଇ ପଧାନିରୁ ଆସୁଥିବା ବସ୍‌କୁ ଅଟକାଇ ଉଗ୍ର ରୂପ ଧାରଣ କରିଥିଲେ। ଶେଷରେ ଧାମନଗର ପୁଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ସହ ବସ୍‌କୁ ଥାନାକୁ ନେଇଯିବା ପରେ ପରିସ୍ଥିତି ସାମାନ୍ୟ ଶାନ୍ତ ପଡ଼ିଥିଲା। ରାଜନୈତିକ ଆକ୍ରୋଶରୁ ଜନସାଧାରଣଙ୍କୁ ଏଭଳି ସେବାରୁ ବଞ୍ଚିତ କରାଗଲେ ଆଗାମୀ ଦିନରେ ଆନ୍ଦୋଳନ ବ୍ୟାପକ ହେବ ବୋଲି ଚେତାବନୀ ଦିଆଯାଇଛି।

## ୨ ମାସରୁ ଊର୍ଦ୍ଧ୍ୱ ହେବ ଭତ୍ତା ଅପେକ୍ଷାରେ ୬୨ ହଜାର ହିତାଧିକାରୀ

**ଭଦ୍ରକ,୩୧।୫(ସମିସ):** ଗତ ୨ମାସରୁ ଅଧିକ ହେବ ଭଦ୍ରକ ଜିଲ୍ଲାର ୬୨ ହଜାର ହିତାଧିକାରୀ ସେମାନଙ୍କ ଭତ୍ତା ପାଇବାକୁ ପ୍ରତିକ୍ଷାରେ ରହିଛନ୍ତି। ଏମାନଙ୍କ ଅର୍ଥ ଆକାଉଣ୍ଟକୁ ଆସି ନ ଥିବାରୁ ଏମାନେ ନିୟମିତଭାବେ ଜନସେବା କେନ୍ଦ୍ରକୁ ଯାଇ ସେମାନଙ୍କ ଟିପ ଚିହ୍ନ ଦେଇ ଆକାଉଣ୍ଟ ଯାଞ୍ଚ କରି ନିରାଶରେ ଫେରୁଛନ୍ତି।

ସୂଚନାନୁଯାୟୀ, ଇନ୍ଦିରା ଗାନ୍ଧୀ ନ୍ୟାସ୍‌ନାଲ ଓଲ୍ଡଏଜ୍ ଯୋଜନାରେ ଭଦ୍ରକ ଜିଲ୍ଲାର ସାମିଲ୍ ହୋଇଥିବା ଏହି ୬୨ହଜାର ହିତାଧିକାରୀ ଏବେ ଭତ୍ତା ଅର୍ଥକୁ ଚାହିଁ ରହିଛନ୍ତି। ଏମାନଙ୍କ ଆକାଉଣ୍ଟକୁ ପ୍ରତି ମାସ ଡାଟା ବେସ୍ ଟ୍ରାଞ୍ଜାକ୍ସନ(ଡିବିଟି) ଦ୍ୱାରା ଟଙ୍କା ପ୍ରେରଣ କରାଯାଇଥାଏ। ହେଲେ ଗତ ୨ମାସରୁ ଅଧିକ ହେବ ଏହି ଅର୍ଥ ଆସି ନ ଥିବା ଜଣାପଡ଼ିଛି। ପ୍ରତି ମାସ ଦ୍ୱିତୀୟ ସପ୍ତାହରେ ହିତାଧିକାରୀ ଉକ୍ତ ଅର୍ଥ ପାଇଥା'ନ୍ତି। ଗତ ଏପ୍ରିଲ ଓ ମେ' ମାସର ଟଙ୍କା ନ ଆସିବା ନେଇ ବିଭିନ୍ନ ମହଲରୁ ଉଦ୍‌ବେଗ ପ୍ରକାଶ ପାଇଛି। ଏବେ ପୁଣି ଜୁନ୍ ମାସ ଆରମ୍ଭ ହେଲାଣି। ଭଦ୍ରକ ଜିଲ୍ଲାର ମଧୁବାବୁ ଭତ୍ତା ଯୋଜନାରେ ୧ ଲକ୍ଷ ୩୩ ହଜାର ହିତାଧିକାରୀ ଭତ୍ତା ପାଉଛନ୍ତି। ଯାହାଙ୍କୁ ସିଧାସଳଖ ହାତାହାତି ପଞ୍ଚାୟତର ପିଇଓମାନେ ବାଣ୍ଟୁଛନ୍ତି। ଏହି ଅର୍ଥ ବି ସମ୍ପୃକ୍ତ ବରିଷ୍ଠ, ଅସହାୟମାନେ ପାଇ ନ ଥିଲେ। ତେବେ ତୀବ୍ର ଅସନ୍ତୋଷ

### ବର୍ଦ୍ଧିତ ଭତ୍ତା ପାଇନାହାନ୍ତି ୪୨୦୦ ହିତାଧିକାରୀ

ହେବାରୁ ଶେଷରେ ୨ମାସର ଭତ୍ତା ଚଳିତ ମାସ ଏକାବେଳେ ବଣ୍ଟନ ଚାଲିଛି। ଅଫ୍‌ଲାଇନ୍ ଭତ୍ତା ମିଳୁଥିବାବେଳେ ଡିବିଟି ମୋଡ୍‌ରେ ପେମେଣ୍ଟ ନେଇ ବାଧା ଦେଖାଦେଇଛି। ମଧୁ ବାବୁ ଭତ୍ତା ଯୋଜନାକୁ ରାଜ୍ୟ ସରକାର ବହନ କରୁଥିବାବେଳେ ଇନ୍ଦିରା ଗାନ୍ଧୀ ଭତ୍ତା ଯୋଜନାକୁ କେନ୍ଦ୍ର ସରକାର ଅର୍ଥ ଦେଇ ଆସୁଛନ୍ତି। ଏହି କେନ୍ଦ୍ରୀୟ ଯୋଜନାରେ ସାମିଲ୍ ହିତାଧିକାରୀ ସେମାନଙ୍କ ଭତ୍ତା ଅର୍ଥ ନ ପାଇ ବଡ଼ ଦୁର୍ଦ୍ଦଶା ଭୋଗୁଛନ୍ତି। ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଖଗେଶ୍ୱର ସେଠୀଙ୍କ ସୂଚନାନୁଯାୟୀ, ଏବେ ୮୦ ବର୍ଷରୁ ଊର୍ଦ୍ଧ୍ୱ ପାଖାପାଖି ୧୭ ହଜାର ହିତାଧିକାରୀ ୩ ହଜାର ଟଙ୍କା ଭତ୍ତା ପାଉଛନ୍ତି। ଏହି ତାଲିକାରେ ଆହୁରି ୪୨୦୦ ଅପେକ୍ଷାରେ ରହିଛନ୍ତି। ପୁଣି ଏହାର ଅପ୍‌ଡେଟ୍ ତାଲିକା ପ୍ରସ୍ତୁତି ଚାଲିଛି। ୭ଟି ବ୍ଲକ୍‌ର ବିଡିଓ, ୨ ପୌରପାଳିକା ଓ ୨ ଏନ୍‌ଏସି କାର୍ଯ୍ୟନିର୍ବାହୀଙ୍କୁ ବର୍ଦ୍ଧିତ ଭତ୍ତା ତାଲିକା ମଗାଯାଇଛି। ସରକାର ୮୦ ବର୍ଷରୁ ଅଧିକ ବୟସ୍କ ବ୍ୟକ୍ତି ଓ ୮୦ ପ୍ରତିଶତରୁ ଅଧିକ ଭିନ୍ନକ୍ଷମ ବ୍ୟକ୍ତିମାନଙ୍କୁ ବର୍ଦ୍ଧିତ ଭତ୍ତା ପ୍ରଦାନ ନେଇ ନିଷ୍ପତ୍ତି ନେଇଛନ୍ତି। ଜିଲ୍ଲାରେ ୪୨୦୦ ହିତାଧିକାରୀ ବର୍ଦ୍ଧିତ ଭତ୍ତା ଲାଗି ଅପେକ୍ଷାରତ ଥିବାବେଳେ ଆଉ କିଛି ବଢ଼ିପାରେ ବୋଲି ଜଣାଯାଇଛି। ତେବେ ୨ ମାସରୁ ଅଧିକ ହେବ ୬୨ହଜାର ଭଳି ହିତାଧିକାରୀ ଭତ୍ତା ପାଇ ନ ଥିବା ନେଇ ଏବେ ଜିଲ୍ଲାତମାମ ଅସନ୍ତୋଷ ପ୍ରକାଶ ପାଉଛି।

## ଋଣ ଟଙ୍କା ହଡ଼ପ ଅଭିଯୋଗ

**ବାରିକପୁର,୩୧।୫(ସମିସ):** ବିବିସିସି ବ୍ୟାଙ୍କ ଅଧୀନସ୍ଥ ମାଳଦା ସମବାୟ ସମିତିରୁ ଋଣ ଟଙ୍କା ହଡ଼ପ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ଷୋଳମପୁର ପଞ୍ଚାୟତ ମୁଡ଼ାପଦା ଗାଁର ଲକ୍ଷ୍ମୀଧର ବଳ ଓ ରବୀନ୍ଦ୍ର ମହାନ୍ତିଙ୍କ ନାମରେ ଋଣ କରି ଅର୍ଥ ଆତ୍ମସାତ୍ କରାଯାଇଛି। ଚତୁରତାର ସହିତ ୨୦୨୦ରେ ଏଭଳି ବେଆଇନ ଭାବେ ଋଣ ହୋଇଥିବା ଜଣାଯାଇଛି। ଯେଉଁମାନଙ୍କ ଅଗୋଚରରେ ଋଣ ହୋଇଛି ସେମାନଙ୍କ ନିକଟକୁ ନୋଟିସ୍ ଆସିବା ପରେ ଘଟଣା ସମ୍ପର୍କରେ ଖୋଳତାଡ଼ ଆରମ୍ଭ ହୋଇଛି। କିଏ ଏହି ଋଣ କରି ଟଙ୍କା ଆତ୍ମସାତ୍ କରିଛି ତାହା ଏଯାଏଁ ସ୍ପଷ୍ଟ ଜଣାପଡ଼ିନାହିଁ। ବ୍ୟକ୍ତି ୨ ଜଣ ସମିତିରୁ ଋଣ ବାବଦରେ କୌଣସି ଅର୍ଥ ନେଇ ନ ଥିବାବେଳେ ସେମାନେ ଏବେ ଆଇନର ଆଶ୍ରୟ ନେଇଛନ୍ତି। ଏନେଇ ବିଭାଗୀୟ ଅଧିକାରୀମାନେ ଯାଞ୍ଚ ପ୍ରକ୍ରିୟା ଆରମ୍ଭ କରିଥିଲେ ମଧ୍ୟ ଘଟଣା ସମ୍ପର୍କରେ ସତ୍ୟାସତ୍ୟ ଜଣାପଡ଼ିନାହିଁ। ୫ବର୍ଷ ପୂର୍ବରୁ କେହି ଠକେଇ କରି ସେମାନଙ୍କ ନାମରେ ଋଣ ଟଙ୍କା ହଡ଼ପ କରିଥିବା ଶ୍ରୀ ମହାନ୍ତି ଓ ଶ୍ରୀ ବଳ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କ ମତାମତ ମିଳିପାରିନାହିଁ।

## କଂଗ୍ରେସର ନୂତନ କର୍ମକର୍ତ୍ତାଙ୍କ କାର୍ଯ୍ୟକାରିଣୀ ବୈଠକ



**ଭଣ୍ଡାରିପୋଖରୀ,୩୧।୫(ସମିସ):** ଆଗକୁ ପଞ୍ଚାୟତ ନିର୍ବାଚନ ଥିବାବେଳେ କଂଗ୍ରେସର ନୂତନ ଯୋଦ୍ଧାମାନଙ୍କୁ ନେଇ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ୨୦ରୁ ୩୦ ନୂତନ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରାଯିବା ସହିତ ସାମ୍ବାଦିକ ସଂଘ ସଭାପତି ନିତ୍ୟାନନ୍ଦ ଜେନାଙ୍କ ସମେତ ଅନ୍ୟ ସାମ୍ବାଦିକମାନଙ୍କୁ ପୂର୍ବତନ ମନ୍ତ୍ରୀ ନିରଞ୍ଜନ ପଟ୍ଟନାୟକ ପୁଷ୍ପଗୁଚ୍ଛ ପ୍ରଦାନ କରିଥିଲେ। ସେ ନିଜ ବକ୍ତବ୍ୟରେ କହିଥିଲେ ମନୋମାଳିନ୍ୟକୁ ଭୁଲି ମିଳିମିଶି କାର୍ଯ୍ୟ କଲେ ଦଳ ଆଗକୁ ସୁଦୃଢ଼ ହେବ ବୋଲି ନୂତନ କର୍ମକର୍ତ୍ତାମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ନିର୍ବାଚନମଣ୍ଡଳୀରେ ଶ୍ରୀ ପଟ୍ଟନାୟକ ବିଜେଡି ଶାସନରେ ଥିବା ସମୟରେ ଦୁଇ ଥର ପରାସ୍ତ ହେଲାପରେ ନିର୍ବାଚନମଣ୍ଡଳୀରେ ଯୁବକମାନଙ୍କୁ ଆଗକୁ ଆଣି ପଞ୍ଚାୟତ ନିର୍ବାଚନରେ କିପରି ନୂତନ ଭାବେ ସରକାର କରିଥିବା ବିଜେପି ଦଳକୁ ଚେକ୍ ଦିଆଯାଇପାରିବ ସେଥିନିମନ୍ତେ ଯୋଦ୍ଧା ପ୍ରସ୍ତୁତି କରୁଛନ୍ତି ବୋଲି ଚର୍ଚ୍ଚା ହେଲାଣି। ଭଣ୍ଡାରିପୋଖରୀର ଯୁବ ଚର୍ଚ୍ଚିତ ଚେହେରା ବିଜୟ ଶଙ୍କର ମହାନ୍ତିଙ୍କୁ ଭଣ୍ଡାରିପୋଖରୀ ବ୍ଲକ୍‌ର ୨୩ ନମ୍ବର ଜୋନ୍‌ର ସଭାପତି ଭାବରେ ବ୍ଲକ୍ କଂଗ୍ରେସ ସଭାପତି ଓ ଜିଲ୍ଲା ସଭାପତି ଦଳୀୟ ମୋହର ମାରିବା ପରେ ଭଣ୍ଡାରିପୋଖରୀ ଅଞ୍ଚଳରେ ଯୁବ କଂଗ୍ରେସ ପ୍ରେମୀମାନଙ୍କର ଉତ୍ସାହ ବଢ଼ିଯାଇଥିବା ଦେଖିବାକୁ ମିଳିଛି।

### ଯୁବକଙ୍କ ମହାନତା

## ରାସ୍ତାରୁ ୧୧ ହଜାର ଟଙ୍କା ପାଇ ମହିଳାକୁ ଫେରାଇଲେ

**ଧାମନଗର,୩୧।୫(ସମିସ):** ରାସ୍ତାରୁ ଭ୍ୟାନିଟି ବ୍ୟାଗ୍ ସହିତ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର, ନଗଦ ୧୧ହଜାର ଟଙ୍କା ପାଇ ମହିଳାଙ୍କୁ ଫେରସ୍ତ କରି ମହାନତା ଦେଖାଇବା ସହ ଚର୍ଚ୍ଚାରେ ଯୁବକ ରଘୁନାଥ ବେହେରା। ସୂଚନାଯୋଗ୍ୟ, ଧାମନଗର ଥାନା ଅନ୍ତର୍ଗତ ଦଳାଙ୍ଗ ପଞ୍ଚାୟତ



ମଲିକସାହି ଗାଁର କୃଷ୍ଣଚନ୍ଦ୍ର ମଲିକଙ୍କ ପତ୍ନୀ ସୀତା ମଲିକଙ୍କ ହଜିଯାଇଥିବା ଭ୍ୟାନିଟି ବ୍ୟାଗ୍ ସହ ନଗଦ ୧୧ ହଜାର ଟଙ୍କା ଓ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଫେରିପାଇଛନ୍ତି। ଗତ ୨୭ ତାରିଖରେ ସୀତା ଧାମନଗରସ୍ଥିତ ଇକୋ ବ୍ୟାଙ୍କରୁ ଟଙ୍କା ଉଠାଇ ବାଇକ୍‌ରେ ଘରକୁ ଫେରୁଥିବାବେଳେ ରାମେଶ୍ୱରପୁର ଗେଟ୍ ନିକଟରେ ତାଙ୍କ ଭ୍ୟାନିଟି ବ୍ୟାଗଟି ଅଜାଣତରେ ରାସ୍ତାରେ ପଡ଼ିଯାଇଥିଲା। ବ୍ୟାଗ୍‌ରେ ନଗଦ ୧୧ ହଜାର ଟଙ୍କା ସହ ଆଧାର କାର୍ଡ, ପାନ୍ କାର୍ଡ ଓ ବ୍ୟାଙ୍କ ପାସ୍ ବହି ରହିଥିଲା। ଏତିକିବେଳେ ଧାମନଗର ମହାନ୍ତିସାହିର ରଘୁନାଥ ବେହେରା ରାସ୍ତାରେ ପଡ଼ିଥିବା ବ୍ୟାଗଟି ପାଇଥିଲେ। ବ୍ୟାଗ୍ ଭିତରେ ଥିବା ପରିଚୟପତ୍ର ଆଧାରରେ ସେ ପ୍ରକୃତ ମାଲିକଙ୍କ ସନ୍ଧାନ କରି ସୂଚନା ପାଇଥିଲେ। ଧାମନଗର ବିଜେପି କାର୍ଯ୍ୟାଳୟରେ ମନ୍ତ୍ରୀଙ୍କ ନଗର ପ୍ରତିନିଧି କୈଳାସ ମହାପାତ୍ର, ନଗର ସଭାପତି ପ୍ରଶାନ୍ତ ପରିଡ଼ା, ବରିଷ୍ଠ ସାମ୍ବାଦିକ କୃଷ୍ଣ ଚନ୍ଦ୍ର ଜେନାଙ୍କ ଉପସ୍ଥିତିରେ ସୀତାଙ୍କୁ ବ୍ୟାଗ୍ ସହ ସମସ୍ତ ଟଙ୍କା ଓ କାଗଜପତ୍ର ଫେରାଇ ଦେଇଛନ୍ତି। ହଜିଥିବା ସମସ୍ତ ସାମଗ୍ରୀ ଫେରିପାଇ ସୀତା ଖୁସିବ୍ୟକ୍ତ କରିବା ସହ ରଘୁନାଥଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ।

## ପୀରହାଟ ସର୍କଲରେ ଏସ୍‌ଆଇଆର୍ କାର୍ଯ୍ୟକ୍ରମ



**ଦୋଳସାହି,୩୧।୫(ସମିସ):** ତିହିଡ଼ି ବ୍ଲକ୍ ଅଧୀନ ପୀରହାଟ ସର୍କଲରେ ହରସିଂପୁର ପଞ୍ଚାୟତ, ବାମନବିନ୍ଧା ପଞ୍ଚାୟତ ଓ ଦୌଲତପୁର ପଞ୍ଚାୟତର ଏସ୍‌ଆଇଆର୍ କାର୍ଯ୍ୟକ୍ରମରେ ନିୟୋଜିତ ସମସ୍ତ ବିଏଲ୍‌ଓ, ସୁପରଭାଇଜର, ସ୍ୱେଚ୍ଛାସେବୀମାନଙ୍କୁ ନେଇ ରବିବାର ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ତିହିଡ଼ି ବ୍ଲକ୍ ଏବିଡିଓ ମୀନକେତନ ବାରିକ, ଏସ୍‌ଆଇଆର୍ କାର୍ଯ୍ୟକ୍ରମର ପ୍ରଶିକ୍ଷକ ବିଶ୍ୱନାଥ ଦାସ, ପ୍ରାକ୍ତନ ସୁପରଭାଇଜର ମାୟାଧର ସାହୁ, ଶିକ୍ଷକ ସଂଗଠନ ନେତା ରମାକାନ୍ତ ଦାସ, ସୁରେନ୍ଦ୍ର ଧଳ, କୃପାସିନ୍ଧୁ ମହାନ୍ତି, ଶରତ ଜେନା, ସଞ୍ଜୀବନୀ ଜେନା ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ବିଏଲ୍‌ଓ ସନାତନ ପାଢ଼ୀ, ମୀନାକ୍ଷୀ ପଣ୍ଡା, ଜ୍ୟୋତିର୍ମୟୀ ଦାଶ, ମାନସୀ ଦାସ, ପଦ୍ମାବତୀ ସେଠୀ, ଗୀତାରାଣୀ ଜେନା, ସାଗରିକା ମିଶ୍ର, ସଙ୍ଗୀତା ବଳ, ନିର୍ଲିପ୍ତା ବଳ ଓ ଗୀତାରାଣୀ ମହାପାତ୍ର କାର୍ଯ୍ୟକ୍ରମର ସହଜ ସମାଧାନର ନିର୍ଦ୍ଦେଶ ଉପସ୍ଥାପନ କରିଥିଲେ।

### ଶେଷ ପର୍ଯ୍ୟାୟରେ ନିର୍ମାଣ

# କାର୍ଯ୍ୟକ୍ଷମ ହେବାକୁ ଯାଉଛି ଗୋଷ୍ଠୀ ପରିମଳ କେନ୍ଦ୍ର

**ବନ୍ତ/ଆଗରପଡ଼ା,୩୧।୫(ସମିସ):**

ଗତ ମାର୍ଚ୍ଚ ୧୮ ତାରିଖରେ 'ନିର୍ମାଣକୁ ୬ ବର୍ଷ ପୂରିଲାଣି; କାର୍ଯ୍ୟକ୍ଷମ ହେଉନି ଗୋଷ୍ଠୀ ପରିମଳ କେନ୍ଦ୍ର; ୭ଲକ୍ଷ ବ୍ୟୟ ପରେ ବି ଲକ୍ଷ୍ୟ ପୂରଣ ହେଉନି' ଶୀର୍ଷକ ଖବର ଦୈନିକ 'ସକାଳ'ରେ ପ୍ରକାଶ ପାଇଥିଲା। ଖବର ପ୍ରକାଶ ପାଇବା ପରେ ଗୋଷ୍ଠୀ ପରିମଳ କେନ୍ଦ୍ରର ନିର୍ମାଣ କାର୍ଯ୍ୟ ଜୋର୍‌ସୋର୍‌ରେ ଚାଲିଥିବା ଜଣାପଡ଼ିଥିଲା। ବର୍ତ୍ତମାନ ଉକ୍ତ ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିବା ସହ ଖୁବ୍‌ଶୀଘ୍ର ଏହା କାର୍ଯ୍ୟକ୍ଷମ ହେବାକୁ ଯାଉଥିବା ଜଣାପଡ଼ିଛି।

ସୂଚନା ଅନୁଯାୟୀ, ଜବରଦଖଲ ଉଚ୍ଛେଦ ପରେ ପରିମଳ କେନ୍ଦ୍ରର ସମ୍ମୁଖ ଭାଗକୁ ଆବର୍ଜନାମୁକ୍ତ କରାଯାଇ ପେଭର୍ ବ୍ଲକ୍‌ରେ ପରିଣତ କରାଯିବା ସହ ଏକ ପ୍ରଶସ୍ତ ରାସ୍ତା ସୃଷ୍ଟି କରାଯାଇଛି। ଯଦ୍ୱାରା ଗମନାଗମନରେ ବାଧା ସୃଷ୍ଟି କରୁଥିବା ସଙ୍କୁଚିତ ଆଗରପଡ଼ା-କୁପାରି ପୂର୍ତ୍ତ ବିଭାଗ ରାସ୍ତା ନିମନ୍ତେ ସହାୟତା ପ୍ରଦାନ କରିବ। ତତ୍‌ସହିତ ପରିମଳ କେନ୍ଦ୍ରରେ ପଥଚାରୀଙ୍କ ନିମନ୍ତେ ବିଶୁଦ୍ଧ ପାନୀୟ ଜଳର ବ୍ୟବସ୍ଥା ପାଇଁ ପ୍ରସ୍ତୁତି ମଧ୍ୟ ସରିଯାଇଥିବା ଜଣାପଡ଼ିଛି। ଅପରପକ୍ଷରେ ଜନନାୟକଙ୍କ ମଧ୍ୟରେ ମତଭେଦରୁ ଉକ୍ତ ସ୍ଥାନରେ ନିର୍ମିତ ହେବାକୁ ଥିବା ଅନ୍ୟ କିଛି ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇପାରି ନ ଥିବା ଜଣାପଡ଼ିଛି।




ଯାହାକି ବଡ଼ ଦୁଃଖ ଓ ଅନୁତାପର ବିଷୟ। ସେହିପରି ଆଗରପଡ଼ା-କୁପାରି ପୂର୍ତ୍ତ ବିଭାଗ ରାସ୍ତାକୁ ଲାଗି ଥିବା ବିଦ୍ୟୁତ୍ ଖୁଣ୍ଟ ପରିମଳ କେନ୍ଦ୍ରର ସମ୍ମୁଖ ଭାଗରେ ଥିବାରୁ ଏହା କେନ୍ଦ୍ରର ମୁଖ୍ୟ ପ୍ରବେଶ ପଥରେ ବାଧା ସୃଷ୍ଟି କରୁଛି। ତେଣୁ ପରିମଳ କେନ୍ଦ୍ର କାର୍ଯ୍ୟକ୍ଷମ ହେବା ଆଗରୁ ବିଭାଗ ପକ୍ଷରୁ ଏହାର ସ୍ଥାନାନ୍ତରଣ ଜରୁରୀ ହୋଇପଡ଼ିଛି। ଆଗରପଡ଼ା ବଜାର ଅଞ୍ଚଳରେ ଲାଗିରହିଥିବା ପରିମଳ ସମସ୍ୟାକୁ ନେଇ ବାରମ୍ବାର ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶିତ ହେବା ପରେ ବନ୍ତ ବ୍ଲକ୍ ବିଟିପୁର ପଞ୍ଚାୟତ ତରଫରୁ ଆଗରପଡ଼ା ବଜାରରେ ୨୦୨୦-୨୧ ଆର୍ଥିକ ବର୍ଷରେ ଗରିବ ରୋଜଗାର ଯୋଜନାରେ ୩ ଲକ୍ଷ ଟଙ୍କା ଅଟକଳ ମୂଲ୍ୟରେ ଗୋଷ୍ଠୀ ପରିମଳ କେନ୍ଦ୍ର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। କିନ୍ତୁ ଉକ୍ତ ଅର୍ଥରେ ଏହା ସମ୍ପୂର୍ଣ୍ଣ ହୋଇ ନ ପାରିବାରୁ ପରବର୍ତ୍ତି ମୁହୂର୍ତ୍ତରେ ୨୦୨୧-୨୨ ଆର୍ଥିକ ବର୍ଷରେ କେନ୍ଦ୍ରୀୟ ପଞ୍ଚଦଶ ଆର୍ଥ କମିଶନ ଯୋଜନାରେ ୪ ଲକ୍ଷ ଟଙ୍କା ଅଟକଳ ମୂଲ୍ୟରେ ପୁନଃ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। କିନ୍ତୁ ଉକ୍ତ କେନ୍ଦ୍ର ନିର୍ମାଣକୁ ଇତି ମଧ୍ୟରେ ୪ ବର୍ଷ ପୂରିବା ଓ ୭ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ଅର୍ଥ ବ୍ୟୟ ହେବା ପରେ ମଧ୍ୟ ଏହା ଅଧପନ୍ତରିଆ ଅବସ୍ଥାରେ ପଡ଼ିରହିଥିଲା। ଜବରଦଖଲକାରୀଙ୍କ କବ୍‌ଜାରେ ବିଟିପୁର ମୌଜାର ମୁଖ୍ୟ ପିଡବ୍ଲ୍ୟୁଡି ସଡ଼କକୁ ସଂଲଗ୍ନ କରୁଥିବା ବିଟିପୁର ମୌଜା, କିସମ-ଗ୍ରାମ୍ୟ ରାସ୍ତା ସରକାରଙ୍କ ସର୍ବସାଧାରଣ ଖାତା ନଂ ୨୭୦, ପ୍ଲଟ୍ ନଂ ୭୧୩ରେ ନିର୍ମିତ ହେଉଥିବା ସୁଲଭ ଶୌଚାଳୟ ଥିବାରୁ ଏହା ସମ୍ପୂର୍ଣ୍ଣ ହେବାରେ ବାଧା ସୃଷ୍ଟି ହେଉଥିବା ଅଭିଯୋଗ ହେଉଥିଲା।

ବାରମ୍ବାର ଅଭିଯୋଗ ପରେ ପ୍ରଶାସନ ପକ୍ଷରୁ ଜବରଦଖଲକୁ ଉକ୍ତ ସ୍ଥାନରୁ ଉଚ୍ଛେଦ କରାଯାଇଥିଲା। ଉଚ୍ଛେଦକୁ ୩ ମାସରୁ ଅଧିକ ସମୟ ବିତିବାକୁ ବସିଥିବାବେଳେ ପାରିପାର୍ଶ୍ୱିକ ପରିସ୍ଥିତିକୁ ଆକଳନକୁ ନେଲେ ଏହାର ପୂର୍ଣ୍ଣତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା। ବିଭାଗୀୟ ଅଧିକାରୀଙ୍କ ଦୂରଦୃଷ୍ଟିର ଅଭାବ ଯୋଗୁଁ ସରକାରଙ୍କ ଯୋଜନାର ସଫଳ ରୂପାୟଣ ହୋଇପାରୁ ନ ଥିବା ଉକ୍ତ ଗୋଷ୍ଠୀ କେନ୍ଦ୍ରକୁ ଦେଖିଲେ ପ୍ରତିଫଳିତ ହୋଇଥିଲା। କାର୍ଯ୍ୟାଦେଶ ଆଣିବା ପରେ ଅର୍ଥ ବ୍ୟୟ କରି କୌଣସି ଯୋଜନାକୁ ଅଧପନ୍ତରିଆ ଅବସ୍ଥାରେ ଛାଡ଼ି ଦେବା ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟପନ୍ଥା ଉପରେ ଅଙ୍ଗୁଳି ନିର୍ଦ୍ଦେଶ କରୁଥିଲା। ଜିଲ୍ଲାର ଅନ୍ୟତମ ପ୍ରମୁଖ ବ୍ୟାବସାୟିକ କେନ୍ଦ୍ର ଆଗରପଡ଼ା। ଏଥି ସହିତ ବାଲେଶ୍ୱର, କେନ୍ଦୁଝର ଓ ଭଦ୍ରକ ଜିଲ୍ଲାର ସୀମାନ୍ତବର୍ତ୍ତୀ ସ୍ଥାନରେ ଆଗରପଡ଼ା ଅବସ୍ଥିତ ହୋଇଥିବାରୁ ପ୍ରତିଦିନ ଏହି ଅଞ୍ଚଳ ଦେଇ ବିଭିନ୍ନ ସ୍ଥାନକୁ ଯାନବାହନ ଚଳାଚଳ କରିଥାଏ। ମାତ୍ର ଏଠାରେ ଆଜିଯାଏ ଗୋଷ୍ଠୀ ପରିମଳ କେନ୍ଦ୍ର ନ ଥିବାରୁ ବସ୍ ଯାତ୍ରୀ, ଦୋକାନୀଙ୍କ ସମେତ ବଜାରକୁ ଆସୁଥିବା ଲୋକମାନେ ପରିମଳ ପାଇଁ ନାନାଦି ହଇରାଣ ହରକତ ହେଉଥିବାର ପରିଲକ୍ଷିତ ହେଉଥିଲା। ତେଣୁ ଏହିସବୁ ସମସ୍ୟାର ଖୁବ୍‌ଶୀଘ୍ର ସମାଧାନ ହେବାକୁ ଯାଉଛି।

ସକାଳ
THE SAKALA



## ବିଶ୍ୱ ତମାଖୁ ବର୍ଜନ ଦିବସରେ ସଚେତନତା ସଭା




**ବାଲେଶ୍ୱର, ୩୧।୫ (ସମିସ):** ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମେ ଆଇ ହେଲ୍ପ ୟୁ ପକ୍ଷରୁ ବିଶ୍ୱ ତମାଖୁ ବର୍ଜନ ଦିବସ ଅବସରରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ପ୍ରଦୀପ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ସୂର୍ଯ୍ୟଜିତ ରାଉତରାୟ ତମାଖୁ ସେବନ ଦ୍ୱାରା କର୍କଟ, ହୃଦ୍‌ରୋଗ ଭଳି ମାରାତ୍ମକ ରୋଗ ହୋଇଥାଏ ଓ ଏଥିପାଇଁ ବ୍ୟାପକ ସଚେତନତା ଆବଶ୍ୟକ ବୋଲି କହିଥିଲେ । ଏ ବର୍ଷର ବାର୍ତ୍ତା ତମାଖୁ ଓ ନିକୋଟିନ ନିଶା ପ୍ରତି ଆକର୍ଷଣ ସୃଷ୍ଟି କରୁଥିବା ଶିଳ୍ପକୁ ନିୟନ୍ତ୍ରଣ କରିବା, ନିଶାମୁକ୍ତ ସମାଜ ଗଢିବା ଏବଂ ତମାଖୁ ବର୍ଜନ ପାଇଁ ସଚେତନତା କରିବା ସମ୍ପର୍କରେ ଆଲୋଚନା କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ସହକାରୀ ପ୍ରବନ୍ଧକ ଅଣ ସଂକ୍ରମକ ରୋଗ ମୌସୁମୀ ସାମଲ ପ୍ରମୁଖ ତମାଖୁ ବର୍ଜନ ସମ୍ପର୍କ ରେ ଆଲୋଚନା କରିଥିଲେ । ଏହି ଅବସରରେ ତମାଖୁ ବର୍ଜନ ପାଇଁ ଶପଥ ପାଠ କରାଯାଇଥିଲା । ତମାଖୁ ବର୍ଜନ ସମ୍ପର୍କରେ ଏକ ସଚେତନତା ଶୋଭାଯାତ୍ରା ଓ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । 'ମେ ଆଇ ହେଲ୍ପ ୟୁ' ର ସ୍ୱମ୍ପାଦକ ଉବାଚକ ମହାନ୍ତି, ସସ୍ମିତା ମହାନ୍ତି, ଅନୁପମା ଦାଶ, ସୁସ୍ମିତା ଦାସମଙ୍ଗରାଜ ଓ ଦମୟନ୍ତୀ ଶତପଥୀ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

## ବିଶ୍ୱ ତମାଖୁ ବର୍ଜନ ଦିବସ ପାଳିତ

**ଜଳେଶ୍ୱର ବ୍ଲକ, ୩୧।୫ (ସମିସ) :** ଜଳେଶ୍ୱର ମ୍ୟୁନିସିପାଲିଟି ଅନ୍ତର୍ଗତ ଦୀନକୃଷ୍ଣ ଭିନ୍ନକ୍ଷମ ବିଦ୍ୟାଳୟ, ଜଳେଶ୍ୱର ପକ୍ଷରୁ ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ (ମନା) ଜଳେଶ୍ୱର ଶାଖା ର ସଭାପତି ଦିଲ୍ଲୀପ କୁମାର ଗିରି ସଭାପତିତ୍ୱ ରେ, ଅନ୍ୟତମ ବରେଣ୍ୟ ଅତିଥି ଭାବରେ ଦିବସ ରେ ସଂକଳ୍ପ ନିଶା ମୁକ୍ତ ସମାଜ । ନିଶା କୁ ବର୍ଜନ ପାଇଁ ସଚେତନତା ସୃଷ୍ଟି କରିବା ଏବଂ କଥାରେ ଅଛି ପାନ ବିଡ଼ି ନୁହେଁ ଛୁଟିଆ ନିଶା ଜଣା ପଡ଼େ ନାହିଁ ଟାଣେ ପଇସା ବୋଲି ବକ୍ତବ୍ୟ ରଖିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଅଜୟ ମହାପାତ୍ର,ଆଶିଷ ମହାପାତ୍ର, ଯଦୁନାଥ




ଜିଲ୍ଲା ରକ୍ତ ଦାତା ସଂଘ ର ସଭାପତି କମଳ କୁମାର ଚକ୍ରବର୍ତ୍ତୀ ସମ୍ପାଦକ ତଥା ଦିଗମ୍ବରୀଦେବୀ ଶିକ୍ଷାନୁଷ୍ଠାନ ସମୂହ ର ଚେୟାରମେନ ଅଧ୍ୟକ୍ଷ ଶିକ୍ଷାବିତ୍ ଡ. ଅଜିତ କୁମାର ମହାନ୍ତି ସଭା ସଂଚାଳନ କରିଥିଲେ । ବକ୍ତବ୍ୟରେ କହିଥିଲେ ଆଜି ହେଉଛି ବିଶ୍ୱ ତମାଖୁ ବର୍ଜନ ଦିବସ ଏହି ନାଏକ,ଗୌରୀ ଶଙ୍କର ପ୍ରଧାନ,ରାଜ କୁମାର ବେହେରା,ପୃଥ୍ୱୀନାଥ ମାରାଣ୍ଡି, ବିଜୟ ଦାସ, ହିମାଂଶୁ ହେମ୍ବ୍ରମ, ହରିଶଙ୍କର ମାଝୀ, ଶମ୍ଭୁନାଥ ଦାସ, ଅରୁଣ କୁମାର ଦେ,କାଞ୍ଚନ ମୁର୍ମୁ, ସାଗର ପରିଡା ଉପସ୍ଥିତ ଥିଲେ । ଧନ୍ୟବାଦ ଅର୍ପଣ କରିଥିଲେ ସମ୍ପାଦକ ଡଃ ଅଜିତ କୁମାର ମହାନ୍ତି ।

## ସ୍ୱତନ୍ତ୍ର ସଘନ ସଂଶୋଧନ ସଚେତନତା ରାଲି




**କାଳିପଦା, ୩୧।୫ (ସମିସ):** ଆସନ୍ତା ନିର୍ବାଚନକୁ ଆଖି ଅଗରେ ରାଖି ସାରା ରାଜ୍ୟର ସ୍ୱତନ୍ତ୍ର ସଘନ ସଂଶୋଧନ - ୨୦୨୬ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ନିର୍ବାଚନ କମିଶନରଙ୍କ ପକ୍ଷରୁ ପ୍ରୟାସ ଆରମ୍ଭ ହୋଇଛି । ଏହି ଅବସରରେ ରବିବାର ପୂର୍ବାହ୍ନ ୮ଘଟିକା ସମୟରେ ବାଲିଆପାଳ ବ୍ଲକ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ସଘନ ସଂଶୋଧନ - ୨୦୨୬ ସଚେତନତା ରାଲି କାର୍ଯ୍ୟକ୍ରମ୍ ଅନୁଷ୍ଠିତ ହୋଇ ଯାଇଛି । ଏହି ରାଲି ବାଲିଆପାଳ ବ୍ଲକ ପରିସରରୁ ବାହାରି ବ୍ଲକ ଛକ, ପାରୁଳିଆ ଛକ, ଜାମକୁଣ୍ଡା ଛକ,ବାଲିଆପାଳ ପୁରୁଣା ବସ ଷ୍ଟାଣ୍ଡ ଦେଇ ବାଲିଆପାଳ ତହସିଲ ପର୍ଯ୍ୟନ୍ତ ଯାଇଥିଲା ଏହି ସଚେତନତା ରାଲିରେ ୩୭ ନମ୍ବର ବସ୍ତା ବିଧାନସଭା ନିର୍ବାଚନ ମଣ୍ଡଳୀରେ ନିର୍?ାଚନ ପଞ୍ଜୀକରଣ ଅଧିକାରିଣୀ ବିଥିକା ସ୍ୱାଇଁ, ବାଲିଆପାଳ ବ୍ଲକ ବିଡିଓ ରାଧା ରଞ୍ଜନ ଦାସ, ବାଲିଆପାଳ ଅତିରିକ୍ତ ତହସିଲଦାର ସୁବ୍ରତ ପଣ୍ଡା, ଅତିରିକ୍ତ ଗୋଷ୍ଠୀ ଉନୟନ ଅଧିକାରି ଶରତ ଚନ୍ଦ୍ର ମୁଦୁଲି, ଜିପିଡିଓ ପ୍ରିୟବ୍ରତ ଗିରି, ସମସ୍ତ ବିଏଲଓ, ସୁପର ଭାଇଜର,ବିଏଲଓଙ୍କ ସହିତ ବ୍ଲକର ସମସ୍ତ କର୍ମଚାରୀ ଯୋଗ ଦେଇ ସ୍ୱତନ୍ତ୍ର ସଘନ ସଂଶୋଧନ ବାବଦରେ ସଚେତନତା ସ୍ଲୋଗାନ ଦେଇ ଲୋକଙ୍କୁ ସଚେତନ କରାଇଥିଲେ ।

### ଜିଲ୍ଲା ଖଣି ବିଭାଗ ତରଫରୁ ଚଢ଼ଉ

## ୧୦ ହାଇୱା ଓ ୪ ଟ୍ରାକ୍ଟର ଜବତ

ଜଳେଶ୍ୱର, ୩୧।୫ (ସମିସ)




ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ପରେ ଜିଲ୍ଲା ମାଇନିଂ ବିଭାଗ ତରଫରୁ ବିଭିନ୍ନ ବେଆଇନ ଲଘୁ ଖଣିଜ ଦ୍ରବ୍ୟ ଖନନ ଓ ଚୋରା ଚାଲାଣ କରୁଥିବା ଖାଦାନ ଓ ବିଭିନ୍ନ ରାସ୍ତାରେ ଚଢ଼ଉ କରି ୧୦ଟି ହାଇୱା, ୪ଟି ଟ୍ରାକ୍ଟର ଜବତ କରିଥିବା ଜଣାଯାଇଛି । ଜଳେଶ୍ୱର ଅଞ୍ଚଳରୁ ପ୍ରତିଦିନ ଶହଶହ ହାଇୱା ଓ ଟ୍ରାକ୍ଟର ଯୋଗେ ବାଲି, ମାଟି, ମୋରମ ଓଡିଶାର ବିଭିନ୍ନ ଅଞ୍ଚଳ ଓ ପଶ୍ଚିମବଙ୍ଗକୁ ଚୋରା ଚାଲାଣ ହେଉଅଛି । ଖଣି ବିଭାଗ ତଥା ପ୍ରଶାସନିକ ଅଧିକାରୀଙ୍କ ନିକଟରେ ଜନସାଧାରଣ ଦୀର୍ଘଦିନ ଧରି ଅଭିଯୋଗ କରୁଥିଲେ ମଧ୍ୟ କୌଣସୀ କାର୍ଯ୍ୟାନୁଷ୍ଠାନ ହେଉ ନଥିବା ବେଳେ ରାଜ୍ୟ ପ୍ରଶାସନିକ ସ୍ତରରେ ଚାପ ଫଳରେ ଜିଲ୍ଲା ଖଣି ବିଭାଗ ତରଫରୁ ୨ଜଣ ଖଣି ଅଧିକାରୀ ଓ ୫ଜଣ କନିଷ୍ଠ ଖଣି ଅଧିକାରୀଙ୍କୁ ନେଇ ଗଠିତ ୨ଟି ଟିମ ରାତ୍ରୀରୁ ଚଢ଼ଉ ଆରମ୍ଭ କରିଥିଲେ । ସୂଚନାନୁଯାୟୀ ଜଳେଶ୍ୱରର ବିଭିନ୍ନ ଅଂଚଳରୁ ରେଳ ବିଭାଗର କାର୍ଯ୍ୟ ନାମରେ ଦୀର୍ଘଦିନ ଧରି ମାଟି ଓ ମୋରମ ଖନନ କରାଯାଇ ଚୋରା ଚାଲାଣ ଚାଲିଛି । ରେଳ ବିଭଗର କାର୍ଯ୍ୟନାମରେ ରାଇବଣିଆ ଅଂଚଳର ଜଙ୍ଗଲ ଜମି, ତଥା ସରକାରୀ ଓ ବେସରକାରୀ ଜମି ଗୁଡିକରୁ ପ୍ରତିଦିନ ଶହଶହ ହାଇୱା ଭାରୀଯାନରେ ମାଟି ଚାଲାଣ ଚାଲିଛି । ବିଭିନ୍ନ ଇଟା ଭାଟିରେ ଶହଶହ ଟ୍ରିପ ମାଟି ଭର୍ତ୍ତି ହେଉଥିବା ବେଳେ ନିଜସ୍ୱ ମାଲିକାନା ଜାଗାରେ ଥିବା ପଖୋରୀ ଓ ଜମିରେ ମାଟି ଭର୍ତ୍ତି କରାଯାଉଥିବାର ଦେଖିବାକୁ ମିଳୁଛି । ଯାହା ଦ୍ୱାରା ଗ୍ରାମାଂଚଳର ରାସ୍ତା ଗୁଡିକର ଅବସ୍ଥା ଗୁରୁତର ହେବା ସହିତ ମାଟି ଓ ମୋରମ ଚାଲାଣକାରୀ ଦଲାଲମାନେ ମାଲେମାଲ ହେଉଥିବା ବେଳେ ସରକାର କୋଟି କୋଟି ଟଙ୍କାର ରାଜସ୍ୱ ହରାଉଛନ୍ତି । ମାତ୍ର ମାଇନିଂ ବିଭାଗ ଓ ତହସିଲ ପ୍ରଶାସନ ନିରବ ଦ୍ରଷ୍ଟା ସାଜିଛନ୍ତି । ଦୀର୍ଘଦିନ ଧରି ମୁଖ୍ୟମନ୍ତ୍ରୀ, ଜିଲ୍ଲାପାଳ ତଥା ବିଭାଗୀୟ ଅଧିକାରୀଙ୍କ ପାଖରେ ଅଭିଯୋଗ ପରେ କାର୍ଯ୍ୟାନୁଷ୍ଠାନ ପାଇଁ ଖଣି ବିଭାଗ ଗୋଡ କାଢିଥିବାର ଦେଖିବାକୁ ମିଳିଛି ।

## ନିତ୍ୟାନନ୍ଦଙ୍କ ପାଇଁ ଦେବଦୂତ ସାଜିଲା ହେଲ୍ପ ଫର ୟୁ ଫାଉଣ୍ଡେସନ



**ଜଳେଶ୍ୱର ବ୍ଲକ, ୩୧।୫ (ସମିସ) :** ଘରର ମୂରବି ହିସାବରେ ନିତ୍ୟାନନ୍ଦ ମହିଶାଳ ଏକ ଘରୋଇ କମ୍ପାନୀରେ କାର୍ଯ୍ୟରତ ଥିଲେ । ସେ କମ୍ପାନୀ ରେ କାର୍ଯ୍ୟ କରୁ କରୁ ଧିରେ ଧିରେ ତାଙ୍କର ଫୁସ୍ ଫୁସ୍ ନଷ୍ଟ ହେବାରେ ଲାଗିଲା ଅନେକ ସ୍ଥାନରେ ତାଙ୍କର ଧର୍ମପତ୍ନୀ ଗିତାଞ୍ଜଳୀ ମହିଶାଳ ଜମି, ଜାଗା,ଗହଣା ଗାଣ୍ଠି ବିକ୍ରି କରି ସ୍ୱାମୀ ନିତ୍ୟାନନ୍ଦ ମହିଶାଳକୁ ଦେଖାଇ ନିଅନ୍ତ ହୋଇ ପଡିଛନ୍ତି କାରଣ ପ୍ରତ୍ୟେକ ଦିନ ଦୁଇ ହଜାରରୁ ଅଧିକ ଟଙ୍କାର ଅମ୍ଳଜାନ ଗ୍ୟାସ ତାଙ୍କୁ ଦିଆ ଯାଇଛି । ଏବେ ତାଙ୍କର ଅସ୍ତ୍ରୋପଚାର ପାଇଁ ଲକ୍ଷାଧିକ ଟଙ୍କାର ଆବଶ୍ୟକତା ରହିଛି । ଖାଲି ଏତିକି ରେ ଦୁଃଖ ସରିନାହିଁ ଏକ ମାତ୍ର ପୁଅ ପ୍ରଭାତ ମହିଶାଳ ନବମ ଶ୍ରେଣୀରେ ପାଠ ପଢୁଥିବା ବେଳେ ସେ ମଧ ମସ୍ତିଷ୍କ ରୋଗରେ ଆକ୍ରାନ୍ତ ଅଛି । ଏହି ଘଟଣା ଟି ବାଲେଶ୍ୱର ଜିଲ୍ଲାର ର ବସ୍ତା ବ୍ଲକ୍ ଅର୍ନ୍ତଗତ ସାହାଡ଼ା ପଞ୍ଚାୟତ ର ପହଣା ଗ୍ରାମ ର ଅଟେ ।ଏହି ଦୟନୀୟ ପରିସ୍ଥିତି ରେ ଯେପରି ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ହେଲ୍ପ ଫର ୟୁ ଫାଉଣ୍ଡେସନ ଏକ ମହାନତା ସହିତ ମାନବିକତାର ର ପରିଚୟ ଦେଇଛି । ସଙ୍ଗଠନ ର ସମସ୍ତ ସଦସ୍ୟ ସଦସ୍ୟା ମାନଙ୍କ ର କିଛି କିଛି ଆର୍ଥିକ ଅବଦାନ ରେ ସଙ୍ଗଠନ ର ସକ୍ଷମ ଅନୁସାରେ ସ୍ୱାମୀଙ୍କ ଚିକିତ୍ସା ପାଇଁ ଆର୍ଥିକ ସହାୟତା ପାଞ୍ଚ ହଜାର, କିଛି ମାସର ରେସନ ସାମଗ୍ରୀ, କୁନି ପୁଅ ପାଇଁ ପାଠ୍ୟ ଉପକରଣ ହେଲ୍ପ ଫର ୟୁ ଫାଉଣ୍ଡେସନ ପ୍ରଦାନ କରିଛି ସତ ମାତ୍ର ଏହି ଅର୍ଥ ନିତ୍ୟାନନ୍ଦକୁ ସମ୍ପୂର୍ଣ୍ଣ ସୁସ୍ଥ କରି ପାରିବ ନାହିଁ ତେଣୁ ସେ ଓଡ଼ିଶା ବାସୀ ଓ ସରକାରଙ୍କ ପାଖରେ ତାଙ୍କ ସ୍ୱାମୀଙ୍କୁ ବଞ୍ଚାଇବା ପାଇଁ ଗୁହାରି କରିଛନ୍ତି । କେହି ସହୃଦୟ ବ୍ୟକ୍ତିବିଶେଷ ଓ ଅନୁଷ୍ଠାନ ଉକ୍ତ ଅସହାୟ ପରିବାରକୁ ସହାୟତା କରିବାକୁ ଚାହୁଁଥିଲେ ମୋବାଇଲ ନଂ. ୭୭୩୫୫୬୭୭୧୨ରେ ଯୋଗାଯୋଗ କରିପାରିବେ ।

## ରାଇବଣିଆ ଥାନାରେ ପୁଲିସ କର୍ମଚାରୀ ମରୁଡ଼ି

**ଜଳେଶ୍ୱର ବ୍ଲକ, ୩୧।୫ (ସମିସ) :** ଜଳେଶ୍ୱର ବ୍ଲକର ରାଇବଣିଆ ଥାନା ପଶ୍ଚିମବଙ୍ଗର ପଶ୍ଚିମ ମେଦିନୀପୁର ଜିଲାକୁ ଲାଗି ରହିଛି । ଏହି ଥାନା ପରିସରରେ ରହିଛି ୧୩ଟି ପଞ୍ଚାୟତର ଶତାଧିକ ଗାଁ । ହେଲେ ସରକାରଙ୍କ ନିୟମ ଅନୁଯାୟୀ, ଆବଶ୍ୟକ ସଂଖ୍ୟକ ପୁଲିସ କର୍ମଚାରୀ ନାହାନ୍ତି । ଫଳରେ ଜନସାଧାରଣ ନ୍ୟାୟ ପାଇବାରୁ ବଞ୍ଚିତ ହେଉଥିବା ଅଭିଯୋଗ ହେଉଛି । ରାଇବଣିଆ ଥାନାରେ ଜଣେ ଆଇଆଇସି, ଦୁଇ ଜଣ ସବ ଇନ୍ସପେକ୍ଟର, ୫ ଏଏସଆଇ, ଜଣେ ହାବିଲଦାର ଓ ୬ ଜଣ କନଷ୍ଟେବଳ ରହିବା କଥା । ଜଣେ ଆଇଆଇସି, ୨ ଜଣ ଏଏସଆଇ, ୫ କନଷ୍ଟେବଳ ଓ ଜଣେ ହାବିଲଦାର କାର୍ଯ୍ୟ କରୁଛନ୍ତି । ରାଇବଣିଆ ଥାନା ଅଞ୍ଚଳ ସମସ୍ୟା ବହୁଳ ଅଞ୍ଚଳ । ପଶ୍ଚିମ ମେଦିନୀପୁର ଜିଲାର ଦାନ୍ତୁନ ଓ ଖାଡ଼ଗ୍ରାମ ଥାନା ଅଞ୍ଚଳରେ ଅପରାଧୀ ଅପରାଧ ଘଟାଇଥାଏ । ବ୍ୟାପକ ବାଲି ମାଟି ମୋରମ ଓ କାଠ ଚୋରି ହେଉଥିଲାବେଳେ ବ୍ୟାପକ ଦୁର୍ଘଟଣା, ହିଂସା ଘଟିଆସୁଛି । ସର୍ଦ୍ଦାରବନ୍ଧ, ଶ୍ୟାମନଗର, ଖୁଆଡ଼, କଲମା, ରାଇବଣିଆ, କାଳିକ, ବରଡିହା, ଚମାରଗାଁ, ଶ୍ରୀରାମପୁର, ଓଲମାରା, ମାଙ୍କଡ଼ିଆ, ଖୁଡିଆମାଝୀସାହି ଓ ଦକ୍ଷିଣ ପ୍ରହରାଜପୁର ଇତ୍ୟାଦି ପଞ୍ଚାୟତ ରହିଥିବାବେଳେ ସମଗ୍ର ଜନସଂଖ୍ୟାର ୭୫ ଭାଗ ଆଦିବାସୀ । ପୁଣି ଦୁଇ ରାଜ୍ୟ ମଧ୍ୟରେ ଉତ୍କଟ ସୀମା ବିବାଦ ଲାଗି ରହିଛି । ସୁବର୍ଣ୍ଣରେଖା ନଦୀ ସେହି ଅଞ୍ଚଳରେ ପ୍ରବାହିତ ହୋଇଥିବାରୁ ଉପାନ୍ତ ଅଞ୍ଚଳର ଲୋକେ ପରସ୍ପର ଅନ୍ୟ ରାଜ୍ୟକୁ ଯାତାୟାତ କରନ୍ତି । ଅନ୍ୟ ପକ୍ଷରେ କୁଶଗଡ଼କୁ ଫାଣ୍ଡି ଥିବାରୁ ସେଠାରେ ମଧ୍ୟ ଜଣେ ଏଏସ ଆଇ, ୪ ଜଣ କନଷ୍ଟେବଳ ରହିବା ନିୟମ ଥିବା ବେଳେ ୨ ଜଣ କନଷ୍ଟେବଳ ରହିଛନ୍ତି ଛନ୍ତି । ଫଳରେ ଡକାୟତି, ରାହାଜାନି, ଚୋରି, ଛିନ୍ତାଇ ଇତ୍ୟାଦି ବଢ଼ିଚାଲି ଢ଼ିଚାଲିଛି । ଅତି ଶୀଘ୍ର କର୍ମଚାରୀ ପଦ ପୂରଣ କରାଯିବାକୁ ନିର୍ବାଚିତ ନିର୍ବାଚି ପ୍ରତିନିଧି, ପୂର୍ବତନ ପ୍ରତିନିଧି ପୂର୍ବତନ ବ୍ଲକ ଅଧ୍ୟକ୍ଷ ତପନ ଦାସ ଓ ସୁକୁମାର ଘୋଷ ଦାବି କରିଛନ୍ତି ।

## ବ୍ୟାସକବିଙ୍କ ପ୍ରତି ଅପମାନ ପ୍ରତିବାଦରେ ଜିଲ୍ଲା କଂଗ୍ରେସ ପକ୍ଷରୁ ପ୍ରତିବାଦ

**ବାଲେଶ୍ୱର, ୩୧।୫(ସମିସ):** ବ୍ୟାସ କବିଙ୍କ ପ୍ରତିଅପମାନମୂଳକ ଭାଷା ପ୍ରୟୋଗ କରିଥିବା ବିଜେପି ଯୁବ ମୋର୍ଚ୍ଚା ରାଜ୍ୟ ସଭାପତି ଅଭିଳାଷ ପଣ୍ଡାଙ୍କ ବିରୋଧରେ ବାଲେଶ୍ୱର ଜିଲ୍ଲା ଯୁବ ଛାତ୍ର କଂଗ୍ରେସ ପକ୍ଷରୁ ପ୍ରତିବାଦ କରାଯିବା ସହ ତାଙ୍କ କୁଶ ପୁତ୍ତଳିକା ଦାହ କରାଯାଇଛି । ଜିଲ୍ଲା ଯୁବ କଂଗ୍ରେସ ସଭାପତି ଇଂ. ରଞ୍ଜନ ଦାସ ଓ କଂଗ୍ରେସ ଛାତ୍ର ନେତା ଗୌତମ ସାହୁଙ୍କ ନେତୃତ୍ୱ ରେ ଆଜି ସନ୍ଧ୍ୟାରେ ବିଦ୍ୟୁତ ମାର୍ଗ ର ରେଳବାଇ ଓଭର ବ୍ରିଜ ଛକ ଠାରୁ ଏକ ଶୋଭାଯାତ୍ରା ବାହାରି ଷ୍ଟେସନ ଛକ ରେ ଶ୍ରୀ ପଣ୍ଡାଙ୍କ ବିରୋଧରେ ସ୍ଲୋଗାନ ଦେଇ କୁଶ ପୁତ୍ତଳିକା ଦାହ କରିଥିଲେ । ଓଡ଼ିଆ ଭାଷା କୁ ଆଜି ସୁରକ୍ଷା ଦେଇ ବଙ୍ଗୀୟ ଷଡଯନ୍ତ୍ରକାରୀ ଙ୍କ କବଳ ରୁ ରକ୍ଷା କରିଥିବା ବ୍ୟାସ କବି ଓଡ଼ିଆ ଜାତି ଓ ଭାଷା ର ଅସ୍ମିତା ର ପ୍ରତୀକ ବ୍ୟାସ କବି ଫକୀରମୋହନ ସେନାପତିଙ୍କୁ ଅସମ୍ମାନ କରିବା ଦ୍ୱାରା ଶ୍ରୀ ପଣ୍ଡାଙ୍କ ଶିକ୍ଷାଦୀକ୍ଷା ଓ ସଂସ୍କାର କ'ଣ ତାହା ପ୍ରତିପାଦିତ ହୋଇଯାଉଛି । ତେବେ ସବୁଠାରୁ ଦୁଃଖ ଓ ପରିତାପର ବିଷୟ ହେଲା



ବାଲେଶ୍ୱର ସାଂସଦ କି ବିଧାୟକ ମାନେ ଶ୍ରୀ ପଣ୍ଡାଙ୍କ ମୂର୍ଖାମୀ ଉପରେ ପ୍ରତିବାଦ ନ କରି ମୁହଁ ରେ ତୁଣ୍ଡି ବାନ୍ଧି ବସିଛନ୍ତି ।ଯାହା ଓଡିଶା ର ଓଡ଼ିଆ ଭାଷା ଭାଷୀ ଲୋକଙ୍କୁ ମର୍ମାହତ କରିଛି । ଏହି କାର୍ଯ୍ୟକ୍ରମରେ ସରୋଜ କୁମାର ଲେଙ୍କା,ଟାଉନ କଂଗ୍ରେସ ସଭାପତି ଅନୁପ କୁମାର ସ୍ୱାଇଁ ଙ୍କ ସମେତ ଜୀବନ ମହାପାତ୍ର, ଜଗନ୍ନାଥ ମହାପାତ୍ର ସୌରଭ ପଟନାୟକ, ଅଶ୍ୱିନୀ କୁମାର ପାତ୍ର, ଜୟଦୀପ ସାହା ସନ୍ତୋଷ ସୋରେନ ସୁଧାକର ରାଉତ ସମେତ ବହୁ ଛାତ୍ର ଏବଂ ଯୁବ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ ।

## ହରପ୍ରିୟାଙ୍କ ଏକାଦଶାହ କର୍ମ ପାଇଁ ଆର୍ଥିକ ସହାୟତା



**ବାଲେଶ୍ୱର, ୩୧।୫(ସମିସ):** ମାଣିଖମ୍ବ ଅଞ୍ଚଳର ହରପ୍ରିୟା ଦେଙ୍କ ଦେହାନ୍ତ ହୋଇଯାଇଛି । ବୟସର ଅପରାହ୍ନରେ ପହଂଚିଥିଲେ ମଧ୍ୟ ସେ ନିଜେ ଏକ ଛୋଟ ପାନ ଦୋକାନ କରି ନିଜର ଗୁଜୁରାଣ ମେଣ୍ଟାଉଥିଲେ । ତାଙ୍କର ଏକାଦଶାହ ପରିପ୍ରେକ୍ଷୀରେ ଯୁବନେତା ନବଜ୍ୟୋତି ପଟ୍ଟନାୟକଙ୍କ ତରଫରୁ ଆର୍ଥିକ ସହାୟତା ହରପ୍ରିୟା ମାଉସୀଙ୍କ ପରିବାରକୁ ଯୋଗାଇ ଦିଆଯାଇଛି । ଆଜି ତାଙ୍କ ଏକାଦଶାହରେ ପ୍ରଦେଶ ଛାତ୍ର କଂଗ୍ରେସର ପୂର୍ବତନ ଉପସଭାପତି ଗୌତମ ସାହୁଙ୍କ ସମେତ ବାଲେଶ୍ୱର ଛାତ୍ର କଂଗ୍ରେସର କର୍ମୀ ନବପ୍ରସାଦ ଭୂୟାଁ, ଆଲୋକ ମାଝୀ, ସୌରଭ ବେହେରା ଓ ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ର କଂଗ୍ରେସ ନେତା ଅମୃତ ସ୍ୱନ୍ଦନ ବେହେରା ଓ ବିଶ୍ୱରଞ୍ଜନ ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହ ନବଜ୍ୟୋତି ପଟ୍ଟନାୟକଙ୍କ ତରଫରୁ ସହାୟତା ରାଶି ପ୍ରଦାନ କରିଥିଲେ । ଉଲ୍ଲେଖଯୋଗ୍ୟ ଯେ, ହରପ୍ରିୟା ମାଉସୀଙ୍କ ନିକଟରେ ସରକାରୀ ଘର ଖଣ୍ଡେ ମିଳି ନଥିବାରୁ ମୁଣ୍ଡ ଗୁଞ୍ଜିବାକୁ ଯେତେବେଳେ ସେ ଦହଗଞ୍ଜ ହେଉଥିଲେ, ଏ ସଂକ୍ରାନ୍ତରେ ନବଜ୍ୟୋତି ପଟ୍ଟନାୟକ ଖବର ପାଇ ଛାତ୍ର କଂଗ୍ରେସ କର୍ମୀଙ୍କ ଦ୍ୱାରା ହରପ୍ରିୟା ମାଉସୀଙ୍କ ପାଇଁ ଏକ ଆଜବେଷ୍ଟସ ଘର ତିଆରି କରାଇ ଦେଇଥିଲେ ।

## ଆଦିବାସୀ ପରିବାର ଉଚ୍ଛେଦ ଘଟଣାକୁ ସିପିଏମ୍‌ର ନିନ୍ଦା

**ବାଲେଶ୍ୱର, ୩୧।୫(ସମିସ):** ଖଇରା ବ୍ଲକ୍ ବାଉଁଶଗଡ଼ିଆ ପଂଚାୟତ ବାଗେଇପୁର ଗାଁରେ ବର୍ଷ ବର୍ଷ ଧରି ସରକାରୀ ଜମିରେ ବାସ କରୁଥିବା ଆଦିବାସୀ ପରିବାରକୁ ସ୍ଥାନୀୟ ୱାର୍ଡ ମେମ୍ବର ଏବଂ ସମିତି ସଭ୍ୟ ଭିଟା ମାଟିରୁ ଉଚ୍ଛେଦ କରିଥିବା ଅଭିଯୋଗ ହୋଇଛି । ଦୁଇ ଦିନ ତଳେ ଘଟିଥିବା ଏହି ଘଟଣାରେ ପରିବାର ଲୋକେ ପ୍ରଚଣ୍ଡ ଖରାରେ ନିଜ ଘରକରଣା ଜିନିଷ ମୁଣ୍ଡରେ ବୋହି ଦୀର୍ଘ ପଥ ଚାଲି ଚାଲି ତହସିଲଦାରଙ୍କୁ ଭେଟିବାକୁ ଯାଇଥିଲେ । ପଟ୍ଟା ପାଇବା ଆଶାରେ ସେମାନେ ତହସିଲ ଅଫିସ୍ ଯାଇଥିବା ଜଣାପଡିଛି । ଏହି ଘଟଣାକୁ ସିପିଆଇଏମ୍ ବାଲେଶ୍ୱର ଜିଲ୍ଲା କମିଟି ପକ୍ଷରୁ ଦୃଢ଼ ନିନ୍ଦା କରାଯାଇଛି । ଜିଲ୍ଲା ସମ୍ପାଦକ ଶିଶିର ହୁଇ ଏହାକୁ "ଅମାନୁଷିକ ଓ ଅମାନବିକ କାର୍ଯ୍ୟ" ବୋଲି କହି ବ୍ଲକ ପ୍ରଶାସନ ତୁରନ୍ତ ସମ୍ପୃକ୍ତ ଆଦିବାସୀ ପରିବାରର ଥଇଥାନ କରିବା ସହ ଘରଡିହ ଓ ଜମି ପଟ୍ଟା ଯୋଗାଇ ଦେବାକୁ ଦାବି କରିଛନ୍ତି । ଉଚ୍ଛେଦ କରିଥିବା ବ୍ୟକ୍ତିଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ପାଇଁ ମଧ୍ୟ ସେ ଦାବି କରିଛନ୍ତି । ଶ୍ରୀ ହୁଇ ଚେତାବନୀ ଦେଇଛନ୍ତି ଯେ ସରକାର ଏଥିପ୍ରତି ତୁରନ୍ତ ଦୃଷ୍ଟି ନ ଦେଲେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ।

## ମନ୍ଦିରରୁ କବାଟ ଭାଙ୍ଗି ସୁନା ଓ ରୁପା ଅଳଙ୍କାର ଚୋରି

**ଜଳେଶ୍ୱର ବ୍ଲକ/ଜଳେଶ୍ୱର, ୩୧।୫ (ସମିସ) :** ଜଳେଶ୍ୱର ଥାନା ଅନ୍ତର୍ଗତ ଗୋବରଘୋଟା ଗ୍ରାମ ପଞ୍ଚାୟତର ମାଧବପୁର ଗ୍ରାମରେ ଅବସ୍ଥିତ ଥିବା ଗ୍ରାମ ଦେବତା ବେଣୀମାଧବ ମନ୍ଦିରରୁ ଶନିବାର ରାତିରେ କବାଟଭାଙ୍ଗି ଠାକୁରଙ୍କ ଦେଢ଼ କେଜି ଓଜନର ରୁପା ମୁକୁଟ ସାଙ୍ଗକୁ ୯ଟି ସୁନାର ପାଦୁକା ଓ ୧୨ ଗୋଟି ରୁପା ପାଦୁକା ଚୋରମାନେ ଚୋରି କରିନେଇଛନ୍ତି ଯାହାର ଆନୁମାନିକ ମୂଲ୍ୟ ୧୦ ଲକ୍ଷ ଟଙ୍କାରୁ ଅଧିକ ହେବ ବୋଲି ଗ୍ରାମବାସୀ କହିଛନ୍ତି । ଏ ନେଇ ଜଳେଶ୍ୱର ଥାନାରେ ଗ୍ରାମ ବାସୀ ମାନେ ଲିଖିତ ଭାବେ ଜଣାଇଛନ୍ତି । ଖବର ପାଇଁ ଜଳେଶ୍ୱର ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିଛି ।

## ସରସ୍ୱତୀଙ୍କ ପରିବାରକୁ ସରକାରୀ ସହାୟତା ପାଇଁ ସିପିଏମ୍‌ର ଦାବି

ଜଳେଶ୍ୱର ବ୍ଲକ, ୩୧।୫ (ସମିସ)



ଜଳେଶ୍ୱର ମ୍ୟୁନିସିପାଲଟି ଅନ୍ତର୍ଗତ ପଞ୍ଚୁଘଣ୍ଟା ଗ୍ରାମ ୮ ନମ୍ବର ୱାର୍ଡରେ ଏକ ଅଭାବନୀୟ ଘଟଣା ଲୋକଲୋଚନକୁ ଆସିଛି । ଦାରିଦ୍ର୍ୟର କଷାଘାତରେ ଜର୍ଜରିତ ଆଦିବାସୀ ଦମ୍ପତି ତାଙ୍କ ପିଲାକୁ ବିକ୍ରି କରିଥିବା କଥା ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି । ଏହି ଖବର ଶୁଣିବା ପରେ ଭାରତର କମ୍ୟୁନିଷ୍ଟ ପାର୍ଟି (ମାର୍କ୍ସବାଦୀ) ର ଏକ ପ୍ରତିନିଧି ଦଳ ପିଲା ବିକ୍ରି କରିଥିବା ଶଙ୍କର ସିଂ ଓ ତାଙ୍କ ପତ୍ନୀ ସରସ୍ୱତୀ ସିଂଙ୍କ ଘରକୁ ଯାଇ ଘଟଣାର ସତ୍ୟାସତ୍ୟ ସମ୍ପର୍କରେ ଅନୁଧ୍ୟାନ କରିଥିଲେ । ଘଟଣାଟି ଥିଲା ଅତ୍ୟନ୍ତ ବେଦନାଦାୟକ । ଅସ୍ଥାୟୀ ଛପର ତଳେ ବାସ କରୁଥିବା ଏହି ଦମ୍ପତି ତାଙ୍କର ୯ ମାସର ଶିଶୁ କନ୍ୟାକୁ ଭଦ୍ରକର କୌଣସି ଏକ ଜନୈକ ବ୍ୟକ୍ତିଙ୍କୁ କିଛି ଟଙ୍କାରେ ବିକ୍ରି କରିଛନ୍ତି । ଏହାର କାରଣ ପଚାରିବାରୁ ସରସ୍ୱତୀ ସିଂ କାନ୍ଦ କାନ୍ଦ ହୋଇ କହିଥିଲେ, ଘରେ ଖାଇବାକୁ ନାହିଁ । ଓଳିଏ ଖାଇଲେ ଦୁଇ ଓଳି ଓପାସ । ସବୁ ଦିନ କାମ ଧନ୍ଦା ମିଳେ ନାହିଁ । ଏଭଳି ଅବସ୍ଥାରେ ପିଲାଟିକୁ ପାଳିବୁ କେମିତି? ଖାଇବାକୁ ଦେବୁ କଣ? କିଛି ନହେଲେ ପିଲାଟି ତ ବଞ୍ଚି ଯିବ । ଏଭଳି ଦୟନୀୟ ଚିତ୍ର ଗୋଟିଏ ମ୍ୟୁନିସିପାଲଟି ଭିତରେ ଯଦି ଘଟି ପାରେ ତେବେ ବିକାଶର ଡିଣ୍ଡିମ ପିଟୁଥିବା ସରକାରଙ୍କୁ ଲାଜ ଲାଗୁନାହିଁ କେମିତି ବୋଲି ସିପିଏମ ତରଫରୁ ପ୍ରଶ୍ନ କରାଯାଇଛି । ସରସ୍ୱତୀ ସିଂଙ୍କୁ ଆଜି ଯାଏଁ ଖଣ୍ଡିଏ ରେସନ କାର୍ଡ ମିଳିନାହିଁ । ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଏହି ଦମ୍ପତିଙ୍କୁ ଘର ଖଣ୍ଡିଏ ଦିଆଯାଇ ନାହିଁ । ଶିଶୁ କଲ୍ୟାଣ ଯୋଜନା ଏମାନଙ୍କ ନିକଟରେ ପହଞ୍ଚି ପାରିଲା ନାହିଁ । ପ୍ରଶାସନ ଶୋଇଛି କୁମ୍ଭକର୍ଣ୍ଣ ନିଦ୍ରାରେ । ଘଟଣା ସ୍ଥଳକୁ ଯାଇ ସମସ୍ତ କଥା ଅବଗତ ହେବା ପରେ ସି ପି ଏମ୍ ପକ୍ଷରୁ ଦାବି କରାଯାଇଛି ତୁରନ୍ତ ଶିଶୁ କନ୍ୟାକୁ ଫେରାଇ ଆଣିବା ସହିତ ଦୁଇ ଶିଶୁ କନ୍ୟାର ସମ୍ପୂର୍ଣ୍ଣ ଦାୟିତ୍ୱ ସରକାର ନିଅନ୍ତୁ । ତୁରନ୍ତ ରେସନ କାର୍ଡ ଯୋଗାଇ ସେମାନଙ୍କୁ ଖାଦ୍ୟ ନିରାପତ୍ତା ଯୋଜନାରେ ଅନ୍ତର୍ଭୁକ୍ତ କରାଯିବା ସହିତ ଏକ ମାସ ଭିତରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ନାମ ପଞ୍ଜୀକରଣ କରାଯାଇ ସ୍ଥାୟୀ ପକ୍କା ଘର ଯୋଗାଇ ଦିଆଯାଉ ବୋଲି ପ୍ରତିନିଧି ଦଳରେ ଯାଇଥିବା ଜଳେଶ୍ୱର ଆଞ୍ଚଳିକ କମିଟି ସମ୍ପାଦକ ଅକ୍ଷୟ କୁମାର ମିଶ୍ର, ଜିଲ୍ଲା ନେତା ଦିଲ୍ଲୀପ କୁମାର ଗିରି, ପଲ୍ଟୁ ଦାସ, ରବିନ୍ଦ୍ର କୁମାର ବାରିକ ଓ ସେହି ଗ୍ରାମର ପାର୍ଟି ନେତା ଲକ୍ଷ୍ମୀଧର ପଲାଇ ଦୃଢ଼ ଦାବୀ କରିଛନ୍ତି ।



## ଆଜିର ରାଶିଫଳ

**ମେଷ:** ଭାଗ୍ୟ ଆପଣଙ୍କ ସାଥ୍ ଦେବ। ମନ ପ୍ରସନ୍ନ ରହିବ। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ। କର୍ମଚଞ୍ଚଳ ରହିବେ। ଆୟ ବ୍ୟୟ ସମାନ ରହିବ।

**ବୃଷ:** ପାରିବାରିକ ଜୀବନ ସୁଖମୟ ହେବ। ବ୍ୟବସାୟକୁ ନେଇ ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାମାନେ ଘର କାର୍ଯ୍ୟରେ ବ୍ୟସ୍ତ ରହିପାରନ୍ତି। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ।

**ମିଥୁନ:** ଅଚାନକ ଖୁସି ଖବର ମିଳିପାରେ। ବିଦ୍ୟାର୍ଥୀ କ୍ୟାରିୟରକୁ ନେଇ ଚିନ୍ତାରେ ରହିପାରନ୍ତି। ପରିବାର ପାଇଁ ସମୟ ବାହାର କରିବେ। ଅଯଥା ଖର୍ଚ୍ଚାନ୍ତ ହୋଇପାରନ୍ତି।

**କର୍କଟ:** ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ଗୁରୁଜନଙ୍କ ପରାମର୍ଶ ନେଇ ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ।

**ସିଂହ:** ଆତ୍ମବିଶ୍ୱାସ ବୃଦ୍ଧି ପାଇବ। କୋର୍ଟ କଚେରୀ ମାମଲାରେ ବିଜୟ ଲାଭ କରିବେ। ସାମାଜିକ କାର୍ଯ୍ୟକ୍ରମରେ ସାମିଲ ରହିବେ। ନିଜ ଲୋକ ଶତ୍ରୁ ସାଜି ପାରନ୍ତି। ଖର୍ଚ୍ଚ ବଢ଼ିପାରେ।

**କନ୍ୟା:** ଛାତ୍ରଛାତ୍ରୀଙ୍କ ପାଇଁ ଦିନଟି ଭଲ। ମହିଳାମାନେ ଘର କାର୍ଯ୍ୟରେ ବ୍ୟସ୍ତ ରହିପାରନ୍ତି। ଅଫିସ୍ କାର୍ଯ୍ୟ ପାଇଁ ଦୂରସ୍ଥାନକୁ ଯାତ୍ରା କରିପାରନ୍ତି। ପୁରୁଣା ନିବେଶରୁ ଲାଭ ମିଳିପାରେ।

**ତୁଳା:** ମନ ପ୍ରସନ୍ନ ରହିବ। ଦିନଟି ଶୁଭଫଳ ପ୍ରଦାନ କରିବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିପାରନ୍ତି। ଚକ୍ଷୁ ସମସ୍ୟା ଦେଖାଦେବ।

**ବିଛା:** ଜମିବାଡ଼ିକୁ ନେଇ ବିବାଦ ଦେଖା ଦେବ। ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା କରିପାରନ୍ତି। ମାନସମ୍ମାନ ବୃଦ୍ଧି ପାଇବ। ଶାରୀରିକ କଷ୍ଟ ଭୋଗିପାରନ୍ତି। ଅଫିସ୍ ସହକର୍ମୀଙ୍କ ସହଯୋଗ ମିଳିପାରେ।

**ଧନୁ:** ଧାର୍ମିକ କାର୍ଯ୍ୟ ଆୟୋଜନ କରିବେ। ମନ ପ୍ରସନ୍ନ ରହିବ। ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ। ସମସ୍ତ ଇଚ୍ଛା ପୂରଣ ହେବ। ଅପ୍ରିୟ ସତ କଥା କହି ସମସ୍ୟାରେ ପଡ଼ିପାରନ୍ତି।

**ମକର:** ବିବାଦୀୟ କାର୍ଯ୍ୟରୁ ଦୂରେଇ ରହିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ପରିବାର ସଦସ୍ୟଙ୍କ ସହ ହସଖୁସିରେ ସମୟ ଅତିବାହିତ କରିବେ। ସଙ୍ଗୀତ ପ୍ରତି ରୁଚି ବଢ଼ିବ।

**କୁମ୍ଭ:** ନୂଆ କାର୍ଯ୍ୟ ଆରମ୍ଭରୁ ଦୂରେଇ ରହିବେ। ଅଫିସ୍‌ରେ ସହକର୍ମୀଙ୍କ ସାହାଯ୍ୟ ମିଳିପାରେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ପିଲାମାନେ ଖେଳକୁଦରେ ବ୍ୟସ୍ତ ରହିପାରନ୍ତି।

**ମୀନ:** ଆଶା କରିଥିବା ଦିଗରୁ ଧନ ମିଳିପାରେ। ସ୍ୱାସ୍ଥ୍ୟ ସମସ୍ୟା ଦୂର ହେବ। ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ଯୋଗ ଦେବେ। ଅସହାୟଙ୍କୁ ସାହାଯ୍ୟ କରିବେ। ରାଜନେତାଙ୍କ ପାଇଁ ଦିନଟି ବହୁତ ଭଲ।

## ଆଜିର ଐତିହ୍ୟ

- ୧୮୭୪- ଇଷ୍ଟ ଇଣ୍ଡିଆ କମ୍ପାନିକୁ ଭାଙ୍ଗି ଦିଆଗଲା।
- ୧୮୮୦- ପ୍ରଥମ ଥର ସର୍ବସାଧାରଣ ଟେଲିଫୋନ୍ ସେବା ଆରମ୍ଭ ହେଲା।
- ୧୯୪୧- ବ୍ରିଟିଶ ସେନା ଇରାକ୍ ରାଜଧାନୀ ବାଗଦାଦ୍ ଉପରେ କବ୍‌ଜା କଲା।
- ୧୯୮୦- ସିଏନ୍‌ଏନ୍‌ର ୨୪ ଘଣ୍ଟିଆ ସମାଚାର ପ୍ରସାରଣ ଆରମ୍ଭ ହେଲା।
- ୧୯୯୬- ଏଚ୍.ଡି ଦେବଗୌଡ଼ା ଭାରତର ଏକାଦଶ ପ୍ରଧାନମନ୍ତ୍ରୀ ହେଲେ।

## ବିଶ୍ୱ ଦୁଗ୍ଧ ଦିବସ



ଦୁଗ୍ଧଜାତ ଦ୍ରବ୍ୟର ଉପକାରିତା ଏବଂ ସ୍ୱାସ୍ଥ୍ୟ ଉପରେ ଏହାର ପ୍ରଭାବ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଲାଗି ପ୍ରତି ବର୍ଷ ଜୁନ୍ ପହିଲାକୁ ବିଶ୍ୱ ଦୁଗ୍ଧ ଦିବସ ଭାବେ ପାଳନ କରାଯାଉଛି। ମିଳିତ ଜାତିସଂଘ ଖାଦ୍ୟ ଏବଂ କୃଷି ସଂଗଠନ ୨୦୦୧ ମସିହାରୁ ଏହି ଦିବସ ପାଳନର ପରିକଳ୍ପନା କରିଥିଲା। କ୍ଷୀରକୁ ସୁପରଫୁଡ୍ ଭାବରେ ବିବେଚନା କରାଯାଏ। ଏଥିରେ ପ୍ରଚୁର ପରିମାଣର କ୍ୟାଲସିୟମ୍, ପ୍ରୋଟିନ୍, ଭିଟାମିନ୍ ଏବଂ ଅନ୍ୟାନ୍ୟ ପୁଷ୍ଟିକର ଉପାଦାନ ଥାଏ, ଯାହାକି ଶରୀରର ହାଡ଼କୁ ମଜଭୁତ କରିବା ସହ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବାରେ ସାହାଯ୍ୟ କରେ। ଜୀବନ ଆରମ୍ଭରୁ ଆମ ଜୀବନରେ କ୍ଷୀର ମୁଖ୍ୟ ଭୂମିକା ଗ୍ରହଣ କରିଛି। ଏହା ଏପରି ଏକ ଖାଦ୍ୟ ଯାହା ସବୁ ବୟସର ଲୋକମାନେ ସେମାନଙ୍କ ଖାଦ୍ୟରେ ଅନ୍ତର୍ଭୁକ୍ତ କରିବା ଆବଶ୍ୟକ। ତେଣୁ ଏହାର ଆବଶ୍ୟକତା ବିଷୟରେ ଲୋକଙ୍କୁ ଅବଗତ କରାଇବା ଏବଂ ଦୁଗ୍ଧକୁ ବିଶ୍ୱବ୍ୟାପୀ ବ୍ୟବସାୟ ଭାବରେ ପ୍ରୋତ୍ସାହିତ କରିବା ପାଇଁ ଜୁନ୍ ୧କୁ 'ବିଶ୍ୱ ଦୁଗ୍ଧ ଦିବସ' ଭାବରେ ପାଳନ କରାଯାଏ। ଦୁଗ୍ଧ ବା କ୍ଷୀର ମଣିଷ ସମାଜ ପାଇଁ ସୃଷ୍ଟିର ଏକ ଅତୁଳନୀୟ ଉପହାର। ଆବାଳ ବୃଦ୍ଧ ବନିତା ସମସ୍ତଙ୍କ ପାଇଁ କ୍ଷୀରର ଆବଶ୍ୟକତା ରହିଛି। ମା' କ୍ଷୀର ହେଉ ବା ଗାଈ କ୍ଷୀର ତାହା ଅମୃତ ସମାନ। ହିନ୍ଦୁ ଧର୍ମରେ ଗୋମାତାର ସ୍ଥାନ ସ୍ୱତନ୍ତ୍ର। ଆଧୁନିକ ଯୁଗରେ ଆଧୁନିକତାର ଛାପରେ ସମସ୍ତ କ୍ଷେତ୍ରରେ ପରିବର୍ତ୍ତନ ହୋଇଥିଲେ ମଧ୍ୟ ଦୁଗ୍ଧ ବା କ୍ଷୀରର ଚାହିଦା ସଦା ସର୍ବଦା ରହି ଆସିଛି ଏବଂ ଭବିଷ୍ୟତରେ ରହିବ ମଧ୍ୟ। ଏହାବାଦ୍ ଦୁଗ୍ଧ ଉତ୍ପାଦନ ଉପରେ ଦୃଷ୍ଟି ଦେବା ତଥା ଏହାକୁ ମାଧ୍ୟମ କରି ଜୀବିକା ଉପାର୍ଜନ କରୁଥିବା ବ୍ୟକ୍ତିବିଶେଷଙ୍କୁ ସହାୟତା କରିବା ହେଉଛି ଏହି ଦିବସ ପାଳନର ଅନ୍ୟତମ ଉଦ୍ଦେଶ୍ୟ। ଛୋଟ ବେଳୁ ପିଲାଙ୍କୁ କ୍ଷୀର ଦିଆଯାଏ। ଏହା ସେମାନଙ୍କ ଶରୀରର ବିକାଶରେ ସାହାଯ୍ୟ କରେ। ତା'ସହ କ୍ଷୀର ଅସ୍ଥିକୁ ମଜଭୁତ ରଖିବା ସହ ଶରୀରରେ ରୋଗପ୍ରତିରୋଧକ ଶକ୍ତି ବୃଦ୍ଧିରେ ସାହାଯ୍ୟ କରେ। ଏଣୁ ପ୍ରତିଦିନ ଗୋଟିଏ ଗ୍ଲାସ୍ କ୍ଷୀର ପିଇବା ଜରୁରି। ସେହିପରି କ୍ଷୀରରେ ଅପମିଶ୍ରଣ ବେଶ୍ ପୁରୁଣା। ଅବଶ୍ୟ ପୂର୍ବରୁ ଏହା କେବଳ ପାଣିରେ ସୀମିତ ଥିଲା। ଏବେ ମିଶ୍ରଣ କରିବାର ଶୈଳୀ ବଦଳିଗଲାଣି। କ୍ଷୀରରେ ଡିଟରଜେଣ୍ଟ, ୟୁରିଆ ଭଳି ମାରାତ୍ମକ ଜିନିଷ ଆଦି ମିଶୁଥିବା ଅନେକ ସମୟରେ ଅଭିଯୋଗ ହୁଏ। ଏହି କ୍ଷୀର ଶରୀର ପାଇଁ ବେଶ୍ କ୍ଷତିକାରକ ହୋଇଥାଏ। ଅମୃତ ଭଳି ପାନୀୟରେ କିଭଳି ଅପମିଶ୍ରଣକୁ ରୋକାଯିବ, ସେ ଦିଗରେ ସମସ୍ତଙ୍କୁ ଯତ୍ନବାନ ହେବା ଆବଶ୍ୟକ। ବିଶ୍ୱ ଦୁଗ୍ଧ ଦିବସ ଜୁନ୍ ୧ ତାରିଖରେ ପାଳନ କରାଯାଉଥିବାବେଳେ ଭାରତରେ ପ୍ରତିବର୍ଷ ନଭେମ୍ବର ୨୬ ତାରିଖକୁ 'ଜାତୀୟ ଦୁଗ୍ଧ ଦିବସ' ଭାବେ ପାଳନ କରାଯାଏ।

## ମାତ୍ରାଧିକ ଓଆର୍‌ଏସ୍ ପିଇବା କ୍ଷତିକାରକ



ଶରୀରରେ ଜଳୀୟ ଅଂଶ ଏବଂ ଲବଣର ସନ୍ତୁଳନ ବଜାୟ ରଖିବା ପାଇଁ ଓଆର୍‌ଏସ୍ ଅତ୍ୟନ୍ତ ଲାଭଦାୟକ। ଝାଡ଼ାବାନ୍ତି ନଚେତ୍ ପ୍ରବଳ ଗ୍ରୀଷ୍ମ ପ୍ରବାହ ସମୟରେ ଏହା ଶରୀରକୁ ଶୀଘ୍ର ଶକ୍ତି ପ୍ରଦାନ କରିଥାଏ। ହେଲେ କିଛି ଜଣ ଏହାକୁ ବୋତଲରେ ପୂରାଇ ରଖି ଦିନସାରା ପିଇଥାନ୍ତି। ମାତ୍ରାଧିକ ଓଆର୍‌ଏସ୍ ପିଇବା ସ୍ୱାସ୍ଥ୍ୟ ପକ୍ଷେ କ୍ଷତିକାରକ। ଓଆର୍‌ଏସ୍‌କୁ ସୀମିତ ମାତ୍ରାରେ ପିଇବା ଜରୁରି ବୋଲି ଦିଲ୍ଲୀ ସଫଦରଜଙ୍ଗ ହସ୍‌ପିଟାଲର ବରିଷ୍ଠ ଡା. ଦୀପକ ସୁମନ କହିଛନ୍ତି। ଏନେଇ ସେ କୁହନ୍ତି, ଖରାଦିନେ ଓଆର୍‌ଏସ୍ ପିଇବାର ଅନେକ ଫାଇଦା ରହିଛି। ଏହା ଶରୀରର ଜଳୀୟ ଅଂଶର ଅଭାବକୁ ଦୂର କରିବା ସହ ଇଲେକ୍ଟ୍ରୋଲାଇଟ୍ ମାତ୍ରାକୁ ସନ୍ତୁଳିତ ରଖିଥାଏ। ଏଥିରେ ସୋଡିୟମ୍, ପୋଟାସିୟମ୍, ଗ୍ଲୁକୋଜ୍ ଥିବାରୁ ଡିହାଇଡ୍ରେସନ୍ ସ୍ଥିତିରେ ଏହା ଶରୀରକୁ ଶୀଘ୍ର ସୁସ୍ଥ କରିଥାଏ। ହେଲେ ଅନ୍ୟ ଜିନିଷ ଭଳି ଏହାକୁ ମଧ୍ୟ ସୀମିତ ମାତ୍ରାରେ ବ୍ୟବହାର କରିବା ଭଲ। ହେଲେ ଯେଉଁମାନେ ସ୍ୱାଭାବିକ ଭାବେ ପାଣି ପିଉଛନ୍ତି ବା ଡିହାଇଡ୍ରେସନ୍‌ର ଶିକାର ହୋଇନାହାଁନ୍ତି ସେମାନେ ବାରମ୍ବାର ଓଆର୍‌ଏସ୍ ପିଇବା ଫଳପ୍ରଦ ନୁହେଁ। କାରଣ ଏଥିରେ ଶର୍କରା ଥିବାରୁ ମାତ୍ରାଧିକ ଓଆର୍‌ଏସ୍ ପିଇବା ଦ୍ୱାରା ରକ୍ତରେ ଶର୍କରା ମାତ୍ରା ବଢ଼ିଯାଇଥାଏ। ସେହିପରି ଓଆର୍‌ଏସ୍‌ରେ ଲୁଣ ଥିବାରୁ ଏହାକୁ ମାତ୍ରାଧିକ ପିଇବା ଦ୍ୱାରା ରକ୍ତଚାପ ରୋଗୀଙ୍କ ପାଇଁ ଏହା ବିପଜ୍ଜନକ। କେବଳ ସେତିକିନୁହେଁ, ଆବଶ୍ୟକତାଠାରୁ ଅଧିକ ଓଆର୍‌ଏସ୍ ପିଇଲେ ଶରୀରରେ ଇଲେକ୍ଟ୍ରୋଲାଇଟ୍ (ସୋଡିୟମ, ପୋଟାସିୟମ) ଭାରସାମ୍ୟକୁ ନଷ୍ଟ କରିଥାଏ। ଏହା କିଡ୍‌ନୀ ପାଇଁ କ୍ଷତିକାରକ ହୋଇଥାଏ। ସେଥିପାଇଁ ବୃକ୍କଜନିତ, ଉଚ୍ଚରକ୍ତଚାପ ରୋଗରେ ପୀଡ଼ିତ, ହୃଦ୍‌ରୋଗୀ, ମଧୁମେହ ରୋଗୀ ଡାକ୍ତରଙ୍କ ବିନା ପରାମର୍ଶରେ ଓଆର୍‌ଏସ୍ ପିଇବା ଅନୁଚିତ।

## ସରିଲା 'ଶକ୍ତିଶାଳିନୀ'ର ସୁଟିଂ



ଲୋକପ୍ରିୟ ପ୍ରଯୋଜନା ସଂସ୍ଥା ମ୍ୟାଡକ୍ ଫିଲ୍ମସ୍‌ର ହରର୍ ଫିଲ୍ମ 'ଶକ୍ତିଶାଳିନୀ'ର ସୁଟିଂ ଇତିମଧ୍ୟରେ ସରି ଯାଇଛି। ନିର୍ଦ୍ଦେଶକ ଆଦିତ୍ୟ ସରପୋତଦାର ଏହି ଚଳଚ୍ଚିତ୍ରରେ ବଙ୍ଗଳା ଲୋକକଥାକୁ ଅଲୌକିକ ଶକ୍ତି ଏବଂ ପ୍ରତିଶୋଧର କାହାଣୀ ସହିତ ଅତି ସୁନ୍ଦର ଭାବରେ ଯୋଡ଼ିଛନ୍ତି। ଅନୀତ ପଡ୍ଡା ଏଥିରେ ମୁଖ୍ୟ ଭୂମିକାରେ ଦେଖାଯିବେ। ସେ ଡବଲ୍ ରୋଲରେ ନଜର ଆସିବେ। ଗୋଟିଏ ଚରିତ୍ରରେ ସେ 'ଶକ୍ତି' ସାଜିଛନ୍ତି, ଯିଏ ଜଣେ ସାଧାରଣ ମହିଳାରୁ ରକ୍ଷାକର୍ତ୍ତ୍ରୀ ପାଲଟି ଯାଉଛନ୍ତି। ସେହିପରି ତାଙ୍କର ଦ୍ୱିତୀୟ ଚରିତ୍ରଟି ହେଉଛି 'ଶାଳିନୀ' ନାମକ ଆତ୍ମା ଯିଏ କି ପ୍ରତାରଣାର ଶିକାର ହେବା ପରେ ନ୍ୟାୟ ଚାହୁଁଛି। ଏହି ଚଳଚ୍ଚିତ୍ରର ସୁଟିଂ ମାର୍ଚ୍ଚ ମାସରେ ଆରମ୍ଭ ହୋଇଥିଲା। ଏହାର ଅଧିକାଂଶ ସୁଟିଂ ରାଜସ୍ଥାନ ଓ ମଧ୍ୟପ୍ରଦେଶରେ କରାଯାଇଛି। ଚଳଚ୍ଚିତ୍ରର ଶେଷ ସିନ୍‌ର ସୁଟିଂ ମେ' ୨୭ ତାରିଖରେ ମୁମ୍ବାଇର ଚିତ୍ରରଥ ଷ୍ଟୁଡିଓରେ କରାଯାଇଥିଲା। ବିନୀତ କୁମାର ସିଂ 'ଶକ୍ତିଶାଳିନୀ'ରେ ଖଳନାୟକ ଭାବେ ଦେଖାଯିବେ। ନାନା ପାଟେକର, ସୀମା ବିଶ୍ୱାସ ଏବଂ ବିଶାଳ ଜେଠୱାଙ୍କୁ ମଧ୍ୟ ଏଥିରେ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଦେଖିବାକୁ ମିଳିବ। 'ଶକ୍ତିଶାଳିନୀ' ଏବେ ମ୍ୟାଡକ୍ ଫିଲ୍ମସ୍‌ର ହରର୍ କମେଡି ୟୁନିଭର୍ସରେ ସାମିଲ ହୋଇଛି। ପୂର୍ବରୁ ଏହା 'ସ୍ତ୍ରୀ', 'ଭେଡିୟା', 'ମୁଞ୍ଜ୍ୟା' ଭଳି ଫିଲ୍ମ ଆଣିଥିଲା।

## ଆସ୍ଥା

### ସଂକଳ୍ପ ବିନା ପୂଜା ଅଧୁରା

**ଶାସ୍ତ୍ରରେ ପୂଜାପାଠ ତଥା ବ୍ରତ ରଖିବା ପୂର୍ବରୁ ସଂକଳ୍ପ କରିବା ନିୟମ ଅଛି। ପୂଜା କରିବା ପୂର୍ବରୁ ତଥା ବ୍ରତ ରଖିବା ପୂର୍ବରୁ ନିଜ ଇଷ୍ଟ ଦେବଙ୍କ ଧ୍ୟାନ କରିବା ଦରକାର। ଏହା ପରେ ପୂଜା ତଥା ବ୍ରତ କରିବାକୁ କୁହାଯାଏ। ତେବେ ସଂକଳ୍ପ କାହିଁକି ଜରୁରି, ସେ ସମ୍ପର୍କରେ ଜାଣିବା।**



ଧାର୍ମିକ ମାନ୍ୟତାନୁସାରେ, ପୂଜା ତଥା ବ୍ରତ ପୂର୍ବରୁ ସଂକଳ୍ପ ନ ରଖିବା ପୂର୍ବରୁ ପୂଜା, ବ୍ରତ ଅଧୁରା ବୋଲି ବିବେଚନା କରାଯାଏ। ଏହାକୁ କରିବାର ଶୁଭଫଳ ପ୍ରାପ୍ତି ହୁଏ ନାହିଁ। ଧାର୍ମିକ ମାନ୍ୟତାନୁସାରେ, ଯେଉଁମାନେ ବିନା ସଂକଳ୍ପରେ ପୂଜା ତଥା ବ୍ରତ ରଖନ୍ତି, ସେମାନଙ୍କ ପୂଜାର ପୂରା ଫଳ ଦେବରାଜ ଇନ୍ଦ୍ର ନେଇଥାନ୍ତି।

ସେହିପରି କୌଣସି ପୂଜାପାଠ ତଥା ବ୍ରତ ରଖିବା ପୂର୍ବରୁ ସଂକଳ୍ପ ନେବାର ଅର୍ଥ ହେଉଛି ଇଷ୍ଟଦେବ ତଥା ନିଜେ ନିଜକୁ ସାକ୍ଷୀ ଭାବି ମନକୁ ମନ ସଂକଳ୍ପ ନେବା। ସଂକଳ୍ପ ଦ୍ୱାରା ପୂଜା ତଥା ବ୍ରତକୁ ପୂର୍ଣ୍ଣ କରିବା ପ୍ରାର୍ଥନା କରାଯାଏ। ତେବେ ସଂକଳ୍ପ କରିବାର ନିୟମ ଓ ବିଧି ରହିଛି। ଏଥିରେ ପୂଜା କରୁଥିବା ବ୍ୟକ୍ତି ପ୍ରଥମେ ହାତରେ ଜଳ ଧାରଣ କରେ। ତା'ସହ ଅକ୍ଷତ ଓ ଫୁଲ ରଖି ଭଗବାନ ଗଣେଶଙ୍କୁ ଧ୍ୟାନ କରି ସଂକଳ୍ପ କରନ୍ତି। ଶ୍ରୀଗଣେଶଙ୍କୁ ଧ୍ୟାନ କରିବା ପଛର କାରଣ ହେଲା ସେ ହେଉଛନ୍ତି ଅଗ୍ନି, ପୃଥିବୀ, ଜଳ, ବାୟୁ ଆକାଶର ଅଧିପତି। ଏହି ବିଧିରେ ସଂକଳ୍ପ କରିବା ଦ୍ୱାରା କୌଣସି ବିଘ୍ନ ବିନା ପୂଜା ପୂର୍ଣ୍ଣ ହୁଏ। ଏହା ସହ ବ୍ରତ ରଖିବାର ପୂରା ଫଳ ପ୍ରାପ୍ତ ହୁଏ। ସଂକଳ୍ପର ସବୁଠୁ ଜରୁରି ନିୟମ ହେଉଛି ଯେଉଁ ବ୍ରତ ତଥା ପୂଜା ଲାଗି ସଂକଳ୍ପ ନିଆଯାଏ, ତାହାକୁ ପୂରା ଜରୁରି କରାଯାଏ। ସଂକଳ୍ପ ନେବା ପରେ ବ୍ରତ ତଥା ପୂଜାକୁ ଅଧୁରା ଛାଡ଼ିଲେ ଇଷ୍ଟଦେବ କ୍ରୋଧ ପ୍ରକଟ କରିଥାନ୍ତି।

### ସପ୍ତାହର ୭ ଦିନରେ କେଉଁ କାର୍ଯ୍ୟ କରିବେ

**ସପ୍ତାହର ପ୍ରତ୍ୟେକ ଦିନର ବିଶେଷ ମହତ୍ତ୍ୱ ଅଛି। ପ୍ରତ୍ୟେକ ଦିନର ଆରମ୍ଭ ଅଲଗା ଅଲଗା ଗ୍ରହରୁ ହୋଇଥାଏ। ସୋମବାରରୁ ରବିବାର ମଧ୍ୟରେ କିଛି କାମ କରିବା ଅତ୍ୟନ୍ତ ଶୁଭ। ସେହିପରି ଏହି ସାତ ଦିନରେ କିଛି କାମ କରିବାକୁ ବାରଣ କରାଯାଇଛି।**





**ରବିବାର:** ସୂର୍ଯ୍ୟଦେବଙ୍କଠାରୁ ରବିବାର ଆରମ୍ଭ। ଏହିଦିନ ଶାସନ ତଥା ଅସ୍ତ୍ରଶସ୍ତ୍ର ସହ ଜଡ଼ିତ କାମ କରିବା ଉଚିତ। କୌଣସି ବଡ଼ ଚୁକ୍ତି ଏହିଦିନ କରିବା ଶୁଭ। ସେହିପରି ଏହି ଦିନ କାହା ସହିତ ଝଗଡ଼ା କରିବା ଅନୁଚିତ। ତୁଳସୀ ଛିଡ଼ାଇବା ଭଲ ନୁହେଁ। କଳା ବସ୍ତ୍ର ଏହିଦିନ ପିନ୍ଧିବା ଭଲ ନୁହେଁ। ରବିବାର କେଶ ଏବଂ କ୍ଷୌର କାର୍ଯ୍ୟ କରିବା ମନା।

**ସୋମବାର:** ଭଗବାନ ଶିବଙ୍କୁ ସୋମବାର ସମର୍ପିତ। ଦିନର ଆରମ୍ଭ ଚନ୍ଦ୍ରଦେବଙ୍କଠାରୁ ହୋଇଥାଏ। ଏହିଦିନ ଅର୍ଥ ନେଣଦେଣ କରିପାରିବେ। ବୃକ୍ଷ ରୋପଣ ସହ ପଶୁ ପାଳନ କରିପାରିବେ। ଆଭୂଷଣ କିଣିବା ଲାଗି ସୋମବାର ଶୁଭ। ବାପାମାଆଙ୍କ ଅପମାନ କରନ୍ତୁ ନାହିଁ। ଦ୍ୱିପହରରେ ଶୁଅନ୍ତୁ ନାହିଁ। ଏହିଦିନ ପୂର୍ବ, ଉତ୍ତର ଦିଗରେ ଯାତ୍ରା କରନ୍ତୁ ନାହିଁ। ଏହିଦିନ ଚାକିରି ଆରମ୍ଭ କରନ୍ତୁ ନାହିଁ।

**ମଙ୍ଗଳବାର:** ମଙ୍ଗଳବାରର ସ୍ୱାମୀ ହନୁମାନ। ଭୂମିପୁତ୍ର ମଙ୍ଗଳଙ୍କଠାରୁ ଦିନର ପ୍ରାରମ୍ଭ ହୋଇଥାଏ। ଜମି କିଣାବିକା ଲାଗି ଏହି ଦିନ ଶୁଭ। ସଶସ୍ତ୍ର ସମ୍ବନ୍ଧିତ କାର୍ଯ୍ୟ କରିବା ଶୁଭ। କାହାଠାରୁ ଧାରଜ କରଜ କରନ୍ତୁ ନାହିଁ। ନଖ, କେଶ ଆଦି କାଟିବା ଭଲ ନୁହେଁ।

**ବୁଧବାର:** ବୁଧବାରର ସ୍ୱାମୀ ଶ୍ରୀଗଣେଶ। ଦିନର ଆରମ୍ଭ ବୁଧ ଗ୍ରହରୁ ହୋଇଥାଏ। ବୁଧବାର ନୂଆ ବ୍ୟବସାୟ ଆରମ୍ଭ କରିବା ଭଲ। ପିଲାଙ୍କ ପଢ଼ା ଲେଖା ବୁଧବାରରୁ ଆରମ୍ଭ କରିବା ଉଚିତ। ମିଛ ନ କହିବା ସହ କୌଣସି କନ୍ୟା ଏବଂ କିନ୍ନରଙ୍କ ଅପମାନ କରିବା ଅନୁଚିତ। ବୁଧବାର ପାନ ଖାଇବା ମନା।

**ଗୁରୁବାର:** ଗୁରୁବାରର ସ୍ୱାମୀ ଗ୍ରହ ଭଗବାନ ବିଷ୍ଣୁ। ଗୁରୁ ଗ୍ରହରୁ ଏହି ଦିନର ଆରମ୍ଭ। କଦଳୀ ଗଛ ପୂଜା କରିବା ଉଚିତ। ହଳଦିଆ ବସ୍ତ୍ର ପରିଧାନ କରିବା ଭଲ। ଧାର୍ମିକ ତଥା ମାଙ୍ଗଳିକ କାର୍ଯ୍ୟ କରିବା ଭଲ। କେଶ, ନଖ ତଥା କ୍ଷୌର କର୍ମ କରିବା ଭଲ ନୁହେଁ। ଧାର କରଜ କରିବା ଭଲ ନୁହେଁ। ଡ୍ରେସ ତଥା ଘର ସଫାସଫି କରିବା ଅନୁଚିତ।

**ଶୁକ୍ରବାର:** ଶୁକ୍ରବାରର ଆରମ୍ଭ ଶୁକ୍ର ଗ୍ରହରୁ ହୋଇଥାଏ। ଗୀତ-ସଙ୍ଗୀତ ସହ ଜଡ଼ିତ କାର୍ଯ୍ୟ ଏହିଦିନରୁ କରିବା ଭଲ। ପ୍ରେମ ଲାଗି ଏହିଦିନ ଶୁଭ। ନୂଆ ପୋଷାକ କିଣିବା ପାଇଁ ଭଲ ଦିନ। ସ୍ୱାମୀ-ସ୍ତ୍ରୀ, ପ୍ରେମିକ-ପ୍ରେମିକା ଏହିଦନ ଝଗଡ଼ା କରିବା ଅନୁଚିତ। ଦୃଷ୍ଟିବାଧିତ ଏବଂ କନ୍ୟାଙ୍କ ଅପମାନ କରିବା ଭଲ ନୁହେଁ।

**ଶନିବାର:** ଶନିଦେବଙ୍କୁ ଏହିଦିନ ସମର୍ପିତ। ତନ୍ତ୍ର-ମନ୍ତ୍ର ସିଦ୍ଧି ଲାଗି ଏହା ଶୁଭ। ଲୁହା, ଜୋତା, ଚପଲ ଆଦି କିଣିବା ଭଲ ନୁହେଁ। ଶ୍ରମିକଙ୍କ ଅପମାନ କରନ୍ତୁ ନାହିଁ। କାହା ସହିତ ଅନ୍ୟାୟ କିମ୍ବା ଧାର କରଜ କରିବା ଭଲ ନୁହେଁ।

### ଜୁନ୍‌ରେ ୫ ଗ୍ରହଙ୍କ ରାଶି ପରିବର୍ତ୍ତନ

**ଜ୍ୟୋତିଷ ଶାସ୍ତ୍ରରେ ଗ୍ରହଙ୍କ ଗୋଚରର ବିଶେଷ ମହତ୍ତ୍ୱ ଅଛି। ଜୁନ୍‌ରେ ଗୁରୁ, ଶୁକ୍ର, ସୂର୍ଯ୍ୟ, ମଙ୍ଗଳ ଏବଂ ବୁଧ ଗ୍ରହଙ୍କ ଗୋଚର ହେବ। ଏହି ବଡ଼ ଗ୍ରହଙ୍କ ଗୋଚର ଦ୍ୱାରା ୫ ରାଶିଙ୍କୁ ଲାଭ ମିଳିବ।**



**ମେଷ:** ଏହି ରାଶି ବ୍ୟକ୍ତିବିଶେଷଙ୍କୁ ଜୁନ ମାସରେ ଶୁଭ ଫଳ ମିଳିବ। ମନରେ ଏକ ଅଲଗା ଉତ୍ସାହ ପରିଲକ୍ଷିତ ହେବ। ଅଟକି ରହିଥିବା କାମ ଶୀଘ୍ର ପୂରଣ ହେବ। କ୍ୟାରିୟରରେ ଲାଭ ମିଳିବ। କଠିନ କାମ ସହଜ ଏବଂ ବିନା ବାଧାରେ ପୂରଣ ହେବ। ଆତ୍ମବିଶ୍ୱାସ ବୃଦ୍ଧି ପାଇବ।

**ମିଥୁନ:** ଏହି ମାସରେ ଆର୍ଥିକ ସ୍ଥିତି ମଜଭୁତ ହେବ। ଆୟ ବୃଦ୍ଧି ପାଇବ। ମା' ଲକ୍ଷ୍ମୀଙ୍କ କୃପାରୁ ଅର୍ଥ ସଙ୍କଟ ଦୂର ହେବ। ବ୍ୟବସାୟ ଯୋଜନା ସଫଳ ହେବ। ବୈବାହିକ ଜୀବନ ସୁଖମୟ ହେବ। ସନ୍ତାନ ସୁଖ ପ୍ରାପ୍ତି ହେବ।

**କର୍କଟ:** ଏହି ମାସ କର୍କଟ ରାଶିଙ୍କ ପାଇଁ ଲାଭକାରୀ ହେବ। ମାନ ସମ୍ମାନ ଏବଂ ପଦୋନ୍ନତିରେ ବୃଦ୍ଧି ଘଟିବ। ଏହି ମାସ ଶେଷରେ କୌଣସି ଖୁସି ଖବର ମିଳିବ। କୌଣସି ବଡ଼ କାମ ପୂରା ହେବ। ଧର୍ମ-କର୍ମରେ ରୁଚି ବଢ଼ିବ। ଆୟ ଦ୍ୱିଗୁଣିତ ହେବ।

**କନ୍ୟା:** ଘର ତଥା ମାତା ସୁଖ ପ୍ରାପ୍ତ ହେବ। ପରିବାର ସଦସ୍ୟଙ୍କ ସାହାଯ୍ୟ ମିଳିବ। ପାରିବାରିକ ଜୀବନ ସୁଖମୟ ହେବ। ଧନ ଲାଭ ସହିତ ଜୀବନରେ ଉନ୍ନତି ଘଟିବ। କ୍ୟାରିୟରରେ ଆଗକୁ ବଢ଼ିବାର ସୁଯୋଗ ମିଳିବ।

**ବିଛା:** ବିଛା ରାଶିଙ୍କ ପାଇଁ ଏହି ମାସ ଲାଭକାରୀ ହେବ। ପୂରା ମାସ ଶୁଭ ଏବଂ ମଙ୍ଗଳକାରୀ ହେବ। ଅନେକ ଶୁଭ ଖବର ମିଳିବ। ଅଟକି ରହିଥିବା କାମ ପୂରଣ ହେବ। ଆର୍ଥିକ ସ୍ଥିତିରେ ଉନ୍ନତି ଘଟିବ। ଘରେ ମାଙ୍ଗଳିକ କାର୍ଯ୍ୟ ହେବ। ଅଯଥା ଖର୍ଚ୍ଚ କରିବାରୁ ବଞ୍ଚିତ ହେବେ।

### ହନୁମାନ ଅଷ୍ଟକ ପାଠର ନିୟମ

**ପ୍ରଭୁ ଶ୍ରୀ ହନୁମାନଙ୍କ କୃପା ପ୍ରାପ୍ତି ଲାଗି ହନୁମାନ ଚାଳିଶା, ବଜରଙ୍ଗବାଣ, ସୁନ୍ଦରକାଣ୍ଡ, ହନୁମାନ ଅଷ୍ଟକ ପାଠ କରାଯାଏ। ସନାତନ ଧର୍ମ ଶାସ୍ତ୍ର ମୁତାବିକ ହନୁମାନ ଅଷ୍ଟକ ପାଠ କରିବାର ବିଶେଷ ନିୟମ ଅଛି।**

- ହନୁମାନ ଅଷ୍ଟକ ପାଠ କରିବା ପୂର୍ବରୁ ସ୍ନାନ କରିବା ଜରୁରି।
- ହାତରେ ଜଳ କିମ୍ବା ଗଙ୍ଗା ଜଳ ରଖି ସଂକଳ୍ପ କରନ୍ତୁ।
- ପୂଜା ସ୍ଥାନରେ ନାଲି ରଙ୍ଗ ଆସନ ପକାନ୍ତୁ। ନାଲି ରଙ୍ଗ ବସ୍ତ୍ର ପିନ୍ଧି ସେହି ଆସନରେ ବସନ୍ତୁ।
- ଏହାବାଦ୍ କୌଣସି ହନୁମାନ ମନ୍ଦିରରେ ବସି ଏହାକୁ ପାଠ କରିପାରିବେ।
- ପାଠ କରିବା ପୂର୍ବରୁ ହନୁମାନଙ୍କୁ ଧୂପ-ଦୀପ ପ୍ରଦାନ କରନ୍ତୁ। ସିନ୍ଦୁର, ନାଲି ଫୁଲ ଏବଂ ବୁନ୍ଦି ଲଡୁ ଅର୍ପଣ କରନ୍ତୁ।
- ଅଷ୍ଟକ ପାଠର ଶୁଭ ଫଳ ପାଇଁ ୩, ୫, ୧୧, ୨୧ ଥର ଏହାର ପାଠ କରନ୍ତୁ।
- ଅଷ୍ଟକ ପାଠ ଦିନ ଆମିଷ ଏବଂ ନିଶା ସେବନ କରିବା ଅନୁଚିତ।
- ଶାନ୍ତ ପରିବେଶ ଏବଂ ନିଷ୍ଠାର ସହ ଏହାକୁ ପାଠ କରିବା ଉଚିତ।



### ୨୦୨୬ ଆଇପିଏଲ୍ ଗ୍ରାଣ୍ଡ ଫାଇନାଲ

# ବେଙ୍ଗାଲୁରୁ ବିପକ୍ଷରେ ଗୁଜରାଟର ବିଫଳ ବ୍ୟାଟିଂ

**ଅହମ୍ମଦାବାଦ୍,୩୧।୫(ଏଜେନ୍ସି):** ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ୧୯ତମ ସଂସ୍କରଣର ଡିଫେଣ୍ଡିଂ ଚାମ୍ପିଅନ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ବିପକ୍ଷ ଫାଇନାଲରେ ଗୁଜରାଟ ଅହମ୍ମଦାବାଦ୍‌ର ବ୍ୟାଟିଂ ଫେଲ୍ ମାରିଛି। ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଗୁଜରାଟ ଟାଇଟାନ୍ସ ନିର୍ଦ୍ଧାରିତ ୨୦ ଓଭରରେ ୮ ୱିକେଟ ହରାଇ ୧୫୫ ରନ୍ କରିବାକୁ ସମର୍ଥ ହୋଇଛି। ଦଳ ପକ୍ଷରୁ ସମସ୍ତ ପ୍ରମୁଖ ବ୍ୟାଟର ଫେଲ୍ ମାରିଥିଲାବେଳେ ଅଲ୍‌ରାଉଣ୍ଡର ୱାଶିଂଟନ ସୁନ୍ଦର ୩୭ ବଲ୍‌ରେ ସର୍ବାଧିକ ୫୦ ରନ୍ କରି ଅପରାଜିତ ରହିଥିଲେ। ଏହି ସ୍କୋରରେ ୫ଟି ଚୌକା ରହିଥିଲା। ଚଳିତ ଟୁର୍ଣ୍ଣାମେଣ୍ଟରେ ଗୁଜରାଟକୁ ଫାଇନାଲରେ ପ୍ରବେଶ କରାଇଥିବା ଦଳର ଟପ୍-୩ଜଣ ବ୍ୟାଟରଙ୍କ ମଧ୍ୟରେ ନଂ-୧ ସାଇ ସୁଦର୍ଶନ ୧୨ବଲ୍‌ରେ ୧୨, ଅଧିନାୟକ ଶୁବମନ ଗିଲ୍ ୮ ବଲ୍‌ରେ ୧୦ ଓ ଜୋଶ ବଟଲର ୨୩ବଲ୍‌ରେ ୧୯ ରନ୍ କରିଥିଲେ। ଆଜି ବଟଲରଙ୍କ ସ୍ଥାନରେ ନଂ-୩ରେ ଖେଳିବାକୁ ଆସିଥିବା ନିଶାନ୍ତ ସିନ୍ଧୁଙ୍କ ବ୍ୟାଟରୁ ୧୮ ବଲ୍‌ରେ ମାତ୍ର ୨୦ରନ୍ ମିଳିଥିଲା। ପ୍ରଥମ କ୍ୱାଲିଫାୟରରେ ଅର୍ଦ୍ଧଶତକ ହାସଲ କରିଥିବା ରାହୁଲ ତେୱାଟିଆ ଏହି ମ୍ୟାଚ୍‌ରେ ମାତ୍ର ୭ରନ୍ କରିବାକୁ ସମର୍ଥ ହୋଇଥିଲେ। ଯାହା ଫଳରେ ଗୁଜରାଟ ଏକ ସମ୍ମାନଜନକ ସ୍କୋର କରିବାକୁ ବଞ୍ଚିତ ହୋଇଥିଲା।



ବେଙ୍ଗାଲୁରୁର ବୋଲରମାନେ ଅହମ୍ମଦାବାଦ୍ ପିଚ୍‌ରୁ ସହାୟତା ପାଇ ଆରମ୍ଭରୁ ଶେଷଯାଏ ବୋଲିଂକୁ ନିୟନ୍ତ୍ରଣରେ ରଖିଥିଲେ। ସେମାନଙ୍କ ମଧ୍ୟରୁ ରସିକ୍ ସଲାମ ଦାର ସର୍ବାଧିକ ୩ଟି ୱିକେଟ ନେବାରେ ସଫଳ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱର କୁମାର ଓ ଜୋଶ ହାଜ୍‌ଲେଉଡ ୨ଜଣ ଲେଖାଏଁ ଖେଳାଳିଙ୍କୁ ଆଉଟ କରିବାରେ ସଫଳ ହୋଇଥିଲେ। କ୍ରୁନାଲ ପାଣ୍ଡ୍ୟାଙ୍କୁ ଗୋଟିଏ ୱିକେଟ ମିଳିଥିଲା।

**ପାଟିଦାରଙ୍କ ଲାଗି ଟସ୍ ବିଜୟ ଭାଗ୍ୟବାନ:** ବେଙ୍ଗାଲୁରୁର ଅଧିନାୟକ ରଜତ ପାଟିଦାରଙ୍କ ଲାଗି ଟସ୍ ବିଜୟ ଭାଗ୍ୟବାନ ସାବ୍ୟସ୍ତ ହୋଇଆସିଛି। ଏହି ମ୍ୟାଚ୍‌କୁ ମିଶାଇ ସେ ତାଙ୍କ ନେତୃତ୍ୱ ନେବା ସମୟରେ ୧୩ଥର ଟସ୍ ଜିତିଛନ୍ତି। ଏହି ମୁକାବିଲା ପୂର୍ବରୁ ୧୨ଥର ଟସ୍ ବିଜୟରୁ ୧୧ଥର ମ୍ୟାଚ୍ ଜିତିଛନ୍ତି। ସେ ମାତ୍ର ଥରେ ପରାଜିତ ହୋଇଛନ୍ତି।

ଏହି ଟୁର୍ଣ୍ଣାମେଣ୍ଟର ଫାଇନାଲରେ ପ୍ରବେଶ କରିଥିବା ବେଙ୍ଗାଲୁରୁ ଚଳିତ ଟୁର୍ଣ୍ଣାମେଣ୍ଟରେ ମାତ୍ର ୧୬ଜଣ ଖେଳାଳିଙ୍କୁ ଖେଳାଇଛି। ୨୦୨୧ରେ ଚେନ୍ନଇ ଓ ୨୦୧୮ରେ କୋଲକାତା ମଧ୍ୟ ୧୬ଜଣ ଲେଖାଏଁ ଖେଳାଳିଙ୍କୁ ଖେଳାଇଥିଲା। ସେହିପରି ୨୦୧୮ ଓ ୨୦୨୦ରେ ମୁମ୍ବଇ ୧୫ଜଣ ଖେଳାଳିଙ୍କୁ ଖେଳିବା ସୁଯୋଗ ଦେଇଥିଲା। ଗୋଟିଏ ସିଜନରେ ସବୁଠାରୁ କମ୍ ଖେଳାଳିଙ୍କୁ ସୁଯୋଗ ଦେଇଥିବା ଟିମ୍ ହେଉଛି ଚେନ୍ନଇ। ୨୦୧୫ରେ ଦଳ ମାତ୍ର ୧୪ଜଣ ଖେଳାଳିଙ୍କୁ ଖେଳିବାର ସୁଯୋଗ ଦେଇଥିଲା। ସୂଚନାଯୋଗ୍ୟ ଟୁର୍ଣ୍ଣାମେଣ୍ଟରେ ଗୋଟିଏ ଦଳ ସର୍ବାଧିକ ୨୫ଜଣ ଖେଳାଳିଙ୍କୁ କିଣିବାର ନିୟମ ରହିଛି। ତାହା ମଧ୍ୟରୁ ୭ଜଣ ବିଦେଶୀ ଓ ୪ଜଣ ଉଦୀୟମାନ ଖେଳାଳି ରହିବା ଆବଶ୍ୟକ।

**ସ୍କୋରବୋର୍ଡ**

**ଗୁଜରାଟ ଇନିଂସ: ୧୫୫/୮, ୨୦ ଓଭର**

ସାଇ ସୁଦର୍ଶନ-କ୍ୟା.ଜିତେଶ ବୋ.ଭୁବନେଶ୍ୱର-୧୨, ଶୁବମନ-କ୍ୟା. ପାଟିଦାର ବୋ.ହାଜ୍‌ଲେଉଡ-୧୦, ନିଶାନ୍ତ-କ୍ୟା.ପାଡିକଲ ବୋ.ରସିକ-୨୦, ବଟଲର-ଷ୍ଟମ୍ପ୍.ଜିତେଶ ବୋ.କ୍ରୁନାଲ-୧୯, ୱାଶିଂଟନ- ଅପରାଜିତ ୫୦, ଅର୍ସାଦ୍-କ୍ୟା.ରସିକ ବୋ.ହାଜ୍‌ଲେଉଡ୍-୧୫, ତେୱାତିଆ-କ୍ୟା.ପାଟିଦାର ବୋ.ରସିକ୍-୭, ହୋଲ୍ଡର-କ୍ୟା.ହାଜ୍‌ଲେଉଡ୍ ବୋ.ରସିକ୍-୭, ରାବାଡା- ଅପରାଜିତ ୩, ଅତିରିକ୍ତ-୫।

**ୱିକେଟ ପତନ:** ୧/୨୨, ୨/୨୬, ୩/୫୫, ୪/୭୩, ୫/୯୯, ୬/୧୧୫, ୭/୧୪୨, ୮/୧୫୧।

**ବୋଲିଂ ବିଶ୍ଳେଷଣ (ବେଙ୍ଗାଲୁରୁ):** ଡଫି- ୪-୦-୩୮-୦, ଭୁବନେଶ୍ୱର- ୪-୦-୨୯-୨, ହାଜେଲଉଡ୍- ୪-୦-୩୭-୨, ରଶିକ ସଲମନ- ୪-୦-୨୭-୩, କ୍ରୁନାଲ- ୪-୦-୨୩-୧।

**● ସିଙ୍ଗାପୁର ଓପନ ୨୦୨୬**

## ସାତ୍ତ୍ୱିକ-ଚିରାଗଙ୍କୁ ପ୍ରଥମ ଟାଇଟଲ

**ନୂଆଦିଲ୍ଲୀ,୩୧।୫(ଏଜେନ୍ସି):** ଭାରତର ନମ୍ବର ୱାନ୍ ପୁରୁଷ ଯୁଗଳ ବ୍ୟାଡ୍‌ମିଣ୍ଟନ ଯୋଡି ସାତ୍ତ୍ୱିକ ସାଇରାଜ ର୍‌ୟାଙ୍କୀ ରେଡ୍ଡୀ ଓ ତାଙ୍କ ପାର୍ଟନର ଚିରାଗ ସେଟ୍ଟୀ ଦୀର୍ଘ ୨ବର୍ଷ ପରେ ବ୍ୟାଡ୍‌ମିଣ୍ଟନ ୱାର୍ଲ୍ଡ ଟୁର୍ ଟାଇଟଲ ଜିତିବାରେ ସମର୍ଥ ହୋଇଛନ୍ତି। ଆଜି ସିଙ୍ଗାପୁରରେ ଖେଳାଯାଇଥିବା ବିଡବ୍ଲ୍ୟୁଏଫ୍ ସୁପର ୭୫୦ ଟୁର୍ଣ୍ଣାମେଣ୍ଟରେ ସାତ୍ତ୍ୱିକ-ସାଇରାଜ ୧୮-୨୧, ୨୧-୧୭, ୨୧-୧୬ରେ ଇଣ୍ଡୋନେସିଆର ଫାଜର ଆଲଫିଆନ୍ ଓ ମହମ୍ମଦ୍ ସୋହିବୁଲ ଫିକ୍‌ରିଙ୍କ ଯୋଡିକୁ ହରାଇ ଚାମ୍ପିଅନ ହୋଇଛନ୍ତି। ସିଙ୍ଗାପୁର ଓପନରେ ମଧ୍ୟ ଭାରତୀୟ ଯୋଡିଙ୍କର ଏହା ପ୍ରଥମ ତଥା ବିଡବ୍ଲ୍ୟୁଏଫ୍ ୭୫୦ କାଟାଗୋରୀରେ ତୃତୀୟ ଟାଇଟଲ। ଭାରତ ଏହି ଯୋଡି ଶେଷଥର ଲାଗି ୨୦୨୪ ଥାଇଲାଣ୍ଡ ଓପନରେ ଟ୍ରଫି ଜିତିଥିଲେ। ଏହା ପରେ ସେମାନେ ୪ଟି ଫାଇନାଲରେ ପ୍ରବେଶ କରିଥିଲେ ମଧ୍ୟ ରନର୍ସଅପ୍‌ରେ ସନ୍ତୁଷ୍ଟ ହୋଇଥିଲେ। ଶେଷରେ ସିଙ୍ଗାପୁରରେ ରନର୍ସଅପ୍‌ର ଧାରା ଚାମ୍ପିଅନ୍‌ରେ ରୂପାନ୍ତରିତ ହୋଇଥିଲା।



**୧୮ ବର୍ଷରୁ କମ୍ ଏସିଆ କପ୍ ହକି**

## ମହିଳା ଜିତିଲେ, ପୁରୁଷ ହାରିଲେ

**ନୂଆଦିଲ୍ଲୀ,୩୧।୫(ଏଜେନ୍ସି)**

ଜାପାନରେ ଚାଲିଥିବା ୧୮ ବର୍ଷରୁ କମ୍ ଏସିଆ କପ୍ ହକିରେ ଆଜି ଭାରତକୁ ମିଶ୍ର ଫଳ ମିଳିଛି। ଆଜି ଉଭୟ ପୁରୁଷ ଓ ମହିଳା ଦଳ ସେମାନଙ୍କ ଦ୍ୱିତୀୟ ଲିଗ୍ ମ୍ୟାଚ୍ ଖେଳିଛନ୍ତି। ପ୍ରଥମେ ଖେଳିଥିବା ମହିଳା ଦଳ ୩-୧ ଗୋଲରେ ଦକ୍ଷିଣ କୋରିଆ ଦଳକୁ ପରାସ୍ତ କରିଛି। ଦଳ ପକ୍ଷରୁ ନୌସିନ ନାଜ୍, ଶ୍ରୁତି କୁମାରୀ ଓ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିବା ଓଡ଼ିଶାର କିରଣ ଏକ୍କା ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ। ଗତକାଲି ମହିଳା ଦଳ ସେମାନଙ୍କ ପ୍ରଥମ ମ୍ୟାଚ୍‌ରେ କଷ୍ଟେମଷ୍ଟେ ମାଲେସିଆକୁ ୨-୧ ଗୋଲରେ ହରାଇଥିଲା। ଏହି ଟୁର୍ଣ୍ଣାମେଣ୍ଟରେ ମହିଳା ଦଳ ଖେଳିଥିବା ପ୍ରଥମ ୨ଟିଯାକ ମ୍ୟାଚ୍‌ରେ ବିଜୟୀ ହୋଇଛି। ଅନ୍ୟପକ୍ଷରେ ପୁରୁଷ ଦଳକୁ ହାରମାନିବାକୁ ପଡ଼ିଛି। ହକିରେ ଲଢୁଆ ଖେଳୁଥିବା ଆୟୋଜକ ଜାପାନ ୪-୨ ଗୋଲରେ ଭାରତର ଉଦୀୟମାନ ଖେଳାଳିଙ୍କୁ ପରାସ୍ତ କରିଛି। ଭାରତ ପକ୍ଷରୁ ଅଧିନାୟକ କେତନ ଖୁସ୍‌ୱା ଓ ଆଶିଷ ତନି ପୁରୀ ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ। ଜାପାନ ପକ୍ଷରୁ ଅଧିନାୟକ ମାହିରୋ, ୟୁମା, କେଙ୍ଗୋ ଓ ଆଓନେ ଗୋଟିଏ ଲେଖାଏଁ ଗୋଲ ଦେଇଥିଲେ। ଭାରତ ଲଢୁଆ ଖେଳିଥିଲେ ମଧ୍ୟ ମ୍ୟାଚ୍‌କୁ ଜିତିପାରି ନ ଥିଲା। ଗୋଟିଏ ଦିନ ଆଗରୁ ଭାରତ ଖେଳିଥିବା ପ୍ରଥମ ମ୍ୟାଚ୍‌ରେ ଜାକାଖସ୍ତାନକୁ ୧୩-୦ ଗୋଲରେ ପରାସ୍ତ କରି ବୃହତ୍ ବିଜୟ ହାସଲ କରିଥିଲା।



## ଚାରିଥରର ଚାମ୍ପିଅନ ସ୍ୱିଆଟେକ ଜନ୍ମଦିନରେ ହାରିଲେ

**ପ୍ୟାରିସ, ୩୧।୫ (ଏଜେନ୍ସି)**

ଚଳିତ ଫ୍ରେଞ୍ଚ ଓପନ୍‌ରେ ଗୋଟିଏ ପରେ ଗୋଟିଏ ବିପର୍ଯ୍ୟୟ ଜାରି ରହିଛି। ସଦ୍ୟତମ ଖେଳାଳି ଭାବେ ଏଠାରେ ଚାରିଥର ଟ୍ରଫି ଜିତିଥିବା ପୋଲାଣ୍ଡ ତାରକା ଇଗା ସ୍ୱିଆଟେକ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ବିଦାୟ ନେଇଛନ୍ତି। ରବିବାର ଅନୁଷ୍ଠିତ ମହିଳା ସିଙ୍ଗଲ୍ସ ପ୍ରି-କ୍ୱାର୍ଟର ଫାଇନାଲରେ ୟୁକ୍ରେନର ମାର୍ଟା କୋସ୍ଟ୍ୟୁକ ୪-୬, ୬-୪, ୬-୦ ସେଟରେ ୩ୟ ସିଡ୍ ସ୍ୱିଆଟେକଙ୍କୁ ହରାଇ ଅଗ୍ରଗତି କରିଛନ୍ତି। ୧୫ତମ ସିଡ୍ ମାର୍ଟା ମ୍ୟାଚର ପ୍ରଥମ ସେଟ୍‌କୁ ହାରିଯାଇଥିଲେ। କିନ୍ତୁ ଦମ୍‌ଦାର ପ୍ରତ୍ୟାବର୍ତ୍ତନ କରି ପରବର୍ତ୍ତୀ ଦୁଇଟି ସେଟ୍‌କୁ ଏକପାଖିଆ ଭାବେ ହାତେଇ ନେଇଥିଲେ। ରବିବାର ୨୫ତମ ଜନ୍ମଦିନ ଥିଲେ ମଧ୍ୟ ସ୍ୱିଆଟେକ ତାଙ୍କ ପ୍ରଶଂସକଙ୍କୁ ବିଜୟ ଭେଟି ଦେଇପାରି ନ ଥିଲେ। କ୍ଲେ କୋର୍ଟର ରାଣୀ ଆଖ୍ୟା ପାଇଥିବା ସ୍ୱିଆଟେକ ଏଠାରେ ୨୦୨୦, ୨୦୨୨, ୨୦୨୩ ଓ ୨୦୨୪ରେ ଚାମ୍ପିଅନ ହୋଇଥିଲେ। ମହିଳା ବିଭାଗରେ ରବିବାର ଅନୁଷ୍ଠିତ ଅନ୍ୟ ମ୍ୟାଚ୍‌ଗୁଡ଼ିକରେ ୭ମ ସିଡ୍ ଏଲିନା ସ୍ୱିତୋଲିନା, ୧୮ତମ ସିଡ୍ ରୋମାନିଆର ସୋରାନା କ୍ରିଷ୍ଟି ବିଜୟୀ ହୋଇ କ୍ୱାର୍ଟର ଫାଇନାଲରେ ସ୍ଥାନ ପକ୍କା କରିଛନ୍ତି। ଅପରପକ୍ଷରେ ପୁରୁଷ ବିଭାଗ ପ୍ରି-କ୍ୱାର୍ଟରରେ କାନାଡାର ଫେଲିକ୍ସ ଆଗର ଆଲିସିମେ ବିଜୟୀ ହୋଇ ଅନ୍ତିମ-୮ରେ ପହଞ୍ଚିଛନ୍ତି। ଏକ ସଂଘର୍ଷପୂର୍ଣ୍ଣ ମ୍ୟାଚରେ ଫେଲିକ୍ସ ୪-୬, ୬-୪, ୪-୬, ୬-୧, ୭-୬ (୧୦/୭) ସେଟରେ ଜର୍ମାନୀର ଡାନିଏଲ ଅଲ୍ଟମେୟାରଙ୍କୁ ହରାଇଥିଲେ।




**■ ଶ୍ରୀଲଙ୍କାରେ 'ଏ' କ୍ରିକେଟ ସିରିଜ୍**

## ପରାଗଙ୍କ ସ୍ଥାନରେ ଗାଏକ୍ୱାଡ୍

**ନୂଆଦିଲ୍ଲୀ,୩୧।୫(ଏଜେନ୍ସି):** ଭାରତ, ଶ୍ରୀଲଙ୍କା ଓ ଆଫଗାନିସ୍ତାନ-ଏ' ଦଳ ମଧ୍ୟରେ ଶ୍ରୀଲଙ୍କାରେ ଖେଳାଯିବାକୁ ଥିବା ତ୍ରିରାଷ୍ଟ୍ରୀୟ ସିରିଜ୍ ଲାଗି ଭାରତୀୟ ଦଳରେ ଋତୁରାଜ ଗାଏକ୍ୱାଡଙ୍କୁ ସାମିଲ କରାଯାଇଛି। ସେ ଆହତ ରିୟାନ ପରାଗଙ୍କ ବଦଳରେ ଭାରତୀୟ ଦଳରେ ସ୍ଥାନ ପାଇଛନ୍ତି ଓ ଉପଅଧିନାୟକ ମଧ୍ୟ ହୋଇଛନ୍ତି। ଏହି ଟୁର୍ଣ୍ଣାମେଣ୍ଟ ଜୁ୍ନ୍ ୯ରୁ ୨୧ ତାରିଖଯାଏ ଖେଳାଯିବ। ଭାରତ-ଏ' ଜୁନ୍ ୯ରେ ଶ୍ରୀଲଙ୍କା-ଏ', ୧୧ରେ ଆଫଗାନିସ୍ତାନ-ଏ', ୧୫ରେ ଶ୍ରୀଲଙ୍କା-ଏ' ଓ ୧୭ରେ ଆଫଗାନିସ୍ତାନ-ଏ' ସହ ଖେଳିବ। ପଏଣ୍ଟ ଟେବୁଲର ଦୁଇ ଶ୍ରେଷ୍ଠ ଦଳ ଜୁନ୍ ୨୧ରେ ଫାଇନାଲ ମୁକାବିଲାରେ ଅବତୀର୍ଣ୍ଣ ହେବେ। ତିଳକ ବର୍ମାଙ୍କ ନେତୃତ୍ୱରେ ଭାରତ-ଏ' ଦଳ ଶ୍ରୀଲଙ୍କା ଯିବ।

**ଭାରତୀୟ ଦଳ:** ତିଳକ ବର୍ମା (ଅଧିନାୟକ), ଋତୁରାଜ ଗାଏକ୍ୱାଡ୍ (ଉପଅଧିନାୟକ), ପ୍ରିୟାଂଶ ଆର୍ଯ୍ୟ, ବୈଭବ ସୂର୍ଯ୍ୟବଂଶୀ, ଆୟୂଷ ବଦୋନି, ନିଶାନ୍ତ ସିନ୍ଧୁ, ସୂର୍ଯ୍ୟାଂଶ ଶେଦ୍‌ଜେ, ପ୍ରଭସିମରନ ସିଂହ, କୁମାର କୁଶାଗ୍ର, ବିପରାଜ ନିଗମ, ୟଶ ଠାକୁର, ଯୁଦ୍ଧବୀର ସିଂହ, ଅଂଶୁଲ କାମ୍ବୋଜ, ଅର୍ସାଦ୍ ଖାନ୍ ଓ ଅନୁକୂଳ ରୟ।

**● ୟୁଏଫା ଚାମ୍ପିଅନ୍ସ ଲିଗ୍ ଫୁଟବଲ**

## ଟାଇଟଲ ବଜାୟ ରଖିଲା ପିଏସ୍‌ଜି

**ବୁଦାପେଷ୍ଟ,୩୧।୫(ଏଜେନ୍ସି):** ଡିଫେଣ୍ଡିଂ ଚାମ୍ପିଅନ ପିଏସ୍‌ଜି ଓ ଆର୍ସେନଲ ମଧ୍ୟରେ ଏଠାରେ ଅନୁଷ୍ଠିତ ୟୁଏଫା ଚାମ୍ପିଅନ୍ସ ଲିଗ୍ ଫୁଟବଲ ଫାଇନାଲର ଦ୍ୱିତୀୟ ଲେଗ୍ ୧-୧ ଗୋଲରେ ସମାନସ୍ତରରେ ରହିଥିଲା। ଏହା ଫଳରେ ଉଭୟ ଲେଗ୍‌ର ଖେଳପରେ ଖେଳ ସମାନସ୍ତରରେ ରହିଥିଲା। ମ୍ୟାଚ୍‌ର ଫଳାଫଳ ଜାଣିବା ଲାଗି ପେନାଲ୍ଟି ସୁଟ୍‌ଆଉଟର ସହାୟତା ନିଆଯାଇଥିଲା। ଏଥିରେ ପିଏସ୍‌ଜି ୪-୩ ଗୋଲରେ ଜିତିବା ସହ ଟାଇଟଲ ବଜାୟ ରଖିବାରେ ସମର୍ଥ ହୋଇଥିଲା। ଚାମ୍ପିଅନ୍ସ ଲିଗ୍ ଇତିହାସରେ ପିଏସ୍‌ଜି ମାତ୍ର ଦ୍ୱିତୀୟ ଦଳ ଭାବେ ଏକବିଂଶ ଶତାବ୍ଦୀରେ କ୍ରମାଗତ ଦ୍ୱିତୀୟ ଟାଇଟଲ ଜିତିବାରେ ସମର୍ଥ ହୋଇଛି। ସେହିପରି କୋଚ୍ ଲୁଇସ୍ ଏନ୍‌ରିକଙ୍କ ଲାଗି ଏହା ହ୍ୟାଟ୍ରିକ୍ ଚାମ୍ପିଅନ୍ସ ଲିଗ୍ ଟାଇଟଲ। ପୂର୍ବରୁ ୨୦୨୫ରେ ସେ କୋଚ୍ ଥିଲାବେଳେ ବାର୍ସିଲୋନା ଚାମ୍ପିଅନ୍ସ ଲିଗ୍ ଚାମ୍ପିଅନ ହୋଇଥିଲା।

**■ ପ୍ୟାରିସରେ ବିଜୟ ଉତ୍ସବ ପାଲଟିଲା ରଣକ୍ଷେତ୍ର**

## ୧ ମୃତ, ୭୮୦ରୁ ଅଧିକ ଗିରଫ, ୨୬୪ ଗାଡ଼ି ପୋଡି ପାଉଁଶ

**ପ୍ୟାରିସ,୩୧।୫(ଏଜେନ୍ସି):** ବୁଦାପେଷ୍ଟଠାରେ ଶନିବାର ଅନୁଷ୍ଠିତ ଚାମ୍ପିଅନ୍ସ ଲିଗ୍ ଫାଇନାଲ୍ ମ୍ୟାଚରେ ଆର୍ସେନାଲକୁ ପେନାଲ୍ଟି ସୁଟ୍‌ଆଉଟ୍‌ରେ ୪-୩ ରେ ହରାଇ ପ୍ୟାରିସ ସେଣ୍ଟ-ଜର୍ମେନ୍ (ପିଏସ୍‌ଜି) ଟାଇଟଲ୍ ବଜାୟ ରଖିଛି। ତେବେ କ୍ଲବର ଏହି ବିଜୟ ଉତ୍ସବ ଫ୍ରାନ୍ସର ରାଜଧାନୀ ପ୍ୟାରିସ ରାଜରାସ୍ତାରେ ବ୍ୟାପକ ହିଂସା ଓ ଅରାଜକତାର ରୂପ ନେଇଛି। ବିଜୟ ଉଲ୍ଲାସ ମଧ୍ୟରେ ଆରମ୍ଭ ହୋଇଥିବା ହଙ୍ଗାମା ଯୋଗୁଁ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୨୬୪ରୁ ଅଧିକ ଗାଡ଼ିକୁ ପୋଡ଼ି ପାଉଁଶ କରିଦିଆଯାଇଛି।

ମ୍ୟାଚ୍ ଜିତିବା ପରେ ପ୍ରାୟ ୨୦,୦୦୦ ସମର୍ଥକ ପ୍ରସିଦ୍ଧ ଚାମ୍ପସ୍-ଏଲିଜେ ଅଞ୍ଚଳରେ ଏକତ୍ରିତ ହୋଇଥିଲେ। ଏହି ସମୟରେ ଉତ୍ତ୍ୟକ୍ତ ପ୍ରଶଂସକମାନେ ବିଭିନ୍ନ ଦୋକାନ ବଜାରର କାଚ ଭାଙ୍ଗିବା ସହ ବେକେରୀ ଏବଂ ରେଷ୍ଟୁରାଣ୍ଟଗୁଡ଼ିକୁ ଭାଙ୍ଗିରୁଜି ନଷ୍ଟ କରିଦେଇଥିଲେ। ପିଏସଜି ଷ୍ଟାଡିୟମ୍ ବାହାରେ ଥିବା ପ୍ରାୟ ୪ ରୁ ୫ ହଜାର ପ୍ରଶଂସକଙ୍କ ମଧ୍ୟରୁ କେତେକ ଜୋର ଜବରଦସ୍ତ ଗେଟ୍ ଭାଙ୍ଗି ଭିତରକୁ ପଶିବାକୁ ଚେଷ୍ଟା କରିବା ସହ ପୋଲିସ ଉପରକୁ ପଥରମାଡ଼ କରିଥିଲେ। ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ପ୍ୟାରିସରେ ୮,୦୦୦ ସମେତ ସମଗ୍ର ଦେଶରେ ୨୨,୦୦୦ ପୋଲିସ କର୍ମଚାରୀଙ୍କୁ ନିୟୋଜିତ କରାଯାଇଥିଲା। ଉଗ୍ର ଭିଡ଼କୁ ହଟାଇବା ପାଇଁ ପୋଲିସ ଲୁହବୁହା ଗ୍ୟାସ ବ୍ୟବହାର କରିବା ସହ ଏପର୍ଯ୍ୟନ୍ତ ୭୮୦ରୁ ଅଧିକ ଦଙ୍ଗାକାରୀଙ୍କୁ ଗିରଫ କରିଛି। ଏହି ସଂଘର୍ଷରେ ୭ ଜଣ ପୋଲିସ କର୍ମଚାରୀ ଆହତ ହୋଇଛନ୍ତି।

## ଜାତୀୟ ଜୁନିଅର କିକ୍‌ବକ୍ସିଂ ଉଦ୍‌ଘାଟିତ

**ଭୁବନେଶ୍ୱର, ୩୧।୫ (ସମିସ):** ଖୋର୍ଦ୍ଧା ବରୁଣେଇସ୍ଥିତ କେଟି ଗ୍ଲୋବାଲ ସ୍କୁଲ ପରିସରରେ ଜାତୀୟ ଜୁନିଅର କିକ୍ ବକ୍ସିଂ ଚାମ୍ପିଅନସିପ୍ ରବିବାର ଉଦ୍‌ଘାଟିତ ହୋଇଯାଇଛି। ଓଡ଼ିଶା ଆମେଚର୍ କିକ୍ ବକ୍ସିଂ ସଂଘ ଓ ରାଜ୍ୟ କ୍ରୀଡ଼ା ବିଭାଗର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତାକୁ ରାଜ୍ୟ ଅଲିମ୍ପିକ ସଂଘର ସମ୍ପାଦକ ଅଭିଜିତ ପାଲ୍ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଜୁନ ୩ ତାରିଖ ପର୍ଯ୍ୟନ୍ତ ଖେଳାଯିବାକୁ ଥିବା ଏହି ଚାମ୍ପିଅନସିପ୍‌ରେ ସାରା ଭାରତରୁ ୭୦୦ରୁ ଊର୍ଦ୍ଧ୍ୱ ଯୁବ କିକ୍ ବକ୍ସର ଅଂଶଗ୍ରହଣ କରିବେ। ଯେଉଁଥିରେ ଆୟୋଜକ ଓଡ଼ିଶାର ୪୩ଜଣ କିକ୍ ବକ୍ସର ରହିଛନ୍ତି।

ସେହିଭଳି ୪୮ ରେଫରି, ୮୦ କୋଚ୍ ଓ ଟେକନିକାଲ ସପୋର୍ଟ ଷ୍ଟାଫ୍ ମ୍ୟାଚ୍ ପରିଚାଳନାରେ ସହଯୋଗ କରିବା ଲାଗି ନିୟୋଜିତ ରହିଛନ୍ତି। ଉଦ୍‌ଘାଟନୀ ଦିବସରେ ଅନ୍ୟମାନଙ୍କ ମଧ୍ୟରେ ୱାକୋ ଇଣ୍ଡିଆର ସଭାପତି ସନ୍ତୋଷ କୁମାର ଅଗରୱାଲ, ୱାକୋ ଓଡ଼ିଶାର ସଭାପତି କାର୍ତ୍ତିକ ଡାକୁଆ, ସମ୍ପାଦକ ବିଚିତ୍ର ନାରାୟଣ ଜେନା, ବିଜେପି ସଂଯୋଜନ ସଜ୍ଜନ ଶର୍ମା, କେଟି ଗ୍ଲୋବାଲ ସ୍କୁଲର ସିଓଓ ସିଦ୍ଧାର୍ଥ ଶଙ୍କର ରାଉତ, ଅଧକ୍ଷା ରିଙ୍କୁ ଷଡ଼ଙ୍ଗୀ, ତାମିଲନାଡୁ ରାଜ୍ୟପାଳଙ୍କ ଓଏସଡି ପ୍ରୀତୀଶ ଦେଶାଇ, ନୀଳମଣି ମହନ୍ତ ପ୍ରମୁଖ ସମ୍ମାନିତ ଅତିଥିଭାବେ ଉପସ୍ଥିତ ରହିଥିଲେ। ଏହି ପ୍ରତିଯୋଗିତାରୁ ଆଗାମୀ ଅନ୍ତର୍ଜାତୀୟ ପ୍ରତିଯୋଗିତା ଲାଗି ଖେଳାଳି ଚୟନ କରାଯିବ।

## ସ୍ୱସ୍ତିକ୍ ଜିତିଲେ ଭୁବନେଶ୍ୱର ସ୍କୁଲ ଚେସ୍

**ଭୁବନେଶ୍ୱର,୩୧।୫(ସମିସ):** କେନ୍ଦ୍ରୀୟ ବିଦ୍ୟାଳୟର ନଂ-୧ ଛାତ୍ର ସ୍ୱସ୍ତିକ ତ୍ରିପାଠୀ ୩୯ତମ ଭୁବନେଶ୍ୱର ସ୍କୁଲ ଚେସ୍ ପ୍ରତିଯୋଗିତାରେ ଟାଇଟଲ ବିଜୟୀ ହୋଇଛନ୍ତି।



ସେ ୫ ରାଉଣ୍ଡରୁ ୪.୫ ପଏଣ୍ଟ ପାଇ ପ୍ରଥମ ସ୍ଥାନରେ ରହିଥିଲେ। ତାଙ୍କ ପଛକୁ ୩ଜଣ ଖେଳାଳି ୪ପଏଣ୍ଟ ଲେଖାଏଁ ସଂଗ୍ରହ କରିଥିଲେ। ସେମାନଙ୍କ ମଧ୍ୟରୁ କଟକ ଗୁରୁ ନାନକ ପବ୍ଲିକ୍ ସ୍କୁଲ୍‌ର ସତ୍ୟମ ସ୍ୱରୂପ ସାହୁ ରନର୍ସଅପ୍, ଭିଏସ୍‌ଏସ୍ ନଗର ଇଂଲିଶ ମିଡିୟମ୍ ସ୍କୁଲ୍‌ର ସାତ୍ତ୍ୱିକ ମହାନ୍ତି ତୃତୀୟ, ଚନ୍ଦ୍ରଶେଖରପୁର ଡିଏଭି ସ୍କୁଲ୍‌ର ଦିବ୍ୟାଂଶ ନାୟକ ଚତୁର୍ଥସ୍ଥାନ ଅଧିକାର କରିଛନ୍ତି। ୟୁନିଟ୍-୮ ଡିଏଭି ପବ୍ଲିକ୍ ସ୍କୁଲ୍‌ର ଆରିଶନନ୍ଦ ଗୋସ୍ୱାମୀ ପଞ୍ଚମସ୍ଥାନ ଅଧିକାର କରିଛନ୍ତି। ଏହି ଟୁର୍ଣ୍ଣାମେଣ୍ଟ ଭୁବନେଶ୍ୱର ଚେସ ସଂଘ ଆନୁକୂଲ୍ୟରେ କେଶୁରାସ୍ଥିତ ରୟାଲ ପବ୍ଲିକ୍ ସ୍କୁଲ୍‌ରେ ଆୟୋଜିତ ହୋଇଥିଲା। ସ୍କୁଲ୍‌ର ପ୍ରିନ୍ସିପାଲ ସର୍ବେଶ୍ୱର ସାମଲ ଏହି ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲାବେଳେ ଭାଇସ୍ ପ୍ରିନ୍ସିପାଲ ପ୍ରଜ୍ଞାପାରମିତା ସାହୁ ଓ ଓଡ଼ିଶା ରାଜ୍ୟ ଚେସ୍ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ।

## ଜୁଲାଇ ୧ରୁ ଫାଓ ଲିଗ୍

**ଭୁବନେଶ୍ୱର, ୩୧।୫ (ସମିସ):** ଫୁଟବଲ ଆସୋସିଏସନ ଅଫ୍ ଓଡ଼ିଶା (ଫାଓ) ଆନୁକୂଲ୍ୟରେ କଟକରେ ଚାଲିଥିବା ଫାଓ ଲିଗ୍ ଫୁଟବଲର ଆଉ ଏକ ସଂସ୍କରଣ ଜୁଲାଇ ୧ ତାରିଖରୁ ଆରମ୍ଭ ହେବ। ଏଥିଲାଗି ଆଜି ଆସୋସିଏସନ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜୁନ୍ ୩୦ ସୁଦ୍ଧା ଅଂଶଗ୍ରହଣକାରୀ କ୍ଲବ୍ ଗୁଡିକ ଖେଳାଳି ପଞ୍ଜିକରଣ ଶେଷ କରିବାକୁ ସ୍ଥିର ହୋଇଛି। ଖେଳାଳି ପଞ୍ଜିକରଣ ଲାଗି ଜନ୍ମତାରିଖର ପ୍ରମାଣପତ୍ର, ଅରିଜିନାଲ ଆଧାର କିମ୍ବା ପାନ୍ କାର୍ଡ ଏବଂ ୨ଟି ପାସ୍‌ପୋର୍ଟ ସାଇଜ୍ ଫଟୋଗ୍ରାଫ୍ ଦେବାଲାଗି ବାଧ୍ୟତାମୂଳକ କରାଯାଇଛି। ଉଭୟ ପ୍ରଥମ ଓ ଦ୍ୱିତୀୟ ଡିଭିଜନ ଲାଗି ଏକାଥରକେ ସମସ୍ତ କାମ ଶେଷ ହେବ। କଟକର ବାରବାଟୀ ଷ୍ଟାଡିୟମ୍‌ରେ ଥିବା ଫାଓର ନିଜସ୍ୱ କାର୍ଯ୍ୟାଳୟ ପରିସରରେ ସମ୍ପାଦକ ଆଶୀର୍ବାଦ ବେହେରାଙ୍କ ଅଧକ୍ଷତାରେ ଏହି ବୈଠକ ବସିଥିଲା। ଏଥିରେ କୋଷାଧକ୍ଷ ଭକ୍ତବଲ୍ଲଭ ଦାସ, ଯୁଗ୍ମ ସମ୍ପାଦକ ଅଭିଜିତ ପାଲ, ଶ୍ରଦ୍ଧାଞ୍ଜଳି ସାମନ୍ତରାୟଙ୍କ ସମେତ ଫାଓର ସମସ୍ତ କର୍ମକର୍ତ୍ତା, ଅଂଶଗ୍ରହଣକାରୀ କ୍ଲବ୍ ଗୁଡିକର ସଭାପତି/ ସମ୍ପାଦକ କିମ୍ବା ପ୍ରତିନିଧି ଏଥିରେ ଅଂଶଗ୍ରହଣ କରିଥିଲେ।

**ଓସିଏ ୧୯ ବର୍ଷରୁ କମ୍ ଆନ୍ତଃଜିଲ୍ଲା ଦିନିକିଆ**

## ସେମିରେ ସୁନ୍ଦରଗଡ଼, ରାଉରକେଲା












**ଭୁବନେଶ୍ୱର, ୩୧।୫ (ସମିସ)**

ଓଡ଼ିଶା କ୍ରିକେଟ୍ ଆସୋସିଏସନ (ଓସିଏ) ଆନୁକୂଲ୍ୟରେ ଚାଲିଥିବା ୧୯ ବର୍ଷରୁ କମ୍ ପୁରୁଷ ଆନ୍ତଃଜିଲ୍ଲା ଦିନିକିଆ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ସେମିଫାଇନାଲ ଲାଇନଅପ୍ ଚୂଡ଼ାନ୍ତ ହୋଇଛି। ସୋମବାର ସୁନ୍ଦରଗଡ଼-ଭୁବନେଶ୍ୱର ଏ' ଏବଂ ରାଉରକେଲା-କଟକ ଏ' ମଧ୍ୟରେ ସେମିଫାଇନାଲ ଖେଳାଯିବ। ରବିବାର ଡ୍ରିମ୍ସ ଗ୍ରାଉଣ୍ଡରେ ଅନୁଷ୍ଠିତ ପ୍ରଥମ କ୍ୱାର୍ଟର ଫାଇନାଲରେ ଭୁବନେଶ୍ୱର-ଏ ୭ ୱିକେଟରେ କନ୍ଧମାଳକୁ ପରାସ୍ତ କରିଥିଲା। ପ୍ରଥମେ ବ୍ୟାଟିଂ କରି କନ୍ଧମାଳ ୩୩.୩ ଓଭରରେ ୧୭୫ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ପ୍ରତିପକ୍ଷ ଭୁବନେଶ୍ୱର ପକ୍ଷରୁ ସୌମ୍ୟ ମହାନ୍ତି ୫ ୱିକେଟ୍ ସଫଳତା ପାଇଥିଲେ। ଜବାବରେ ଭୁବନେଶ୍ୱର କ୍ରିଷ୍ଣା ସାସମଲଙ୍କ ଦ୍ରୁତ ଅପରାଜିତ ଶତକ (୬୨ ବଲରେ ୧୦୧)ଙ୍କ ବଳରେ ୨୦.୧ ଓଭରରେ ୩ ୱିକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ସେହିଭଳି ସନସାଇନ ଗ୍ରାଉଣ୍ଡରେ କଟକ-ଏ ମଧ୍ୟ ୨ ୱିକେଟରେ ନୟାଗଡ଼କୁ ହରାଇ ସେମିକୁ ଉଠିଛି। ବିଜୟୀ ଦଳର ଅଭିଷେକ କାଳିଆ ଓ ସାଇରାଜ ସାହୁ ୩ଟି ଲେଖାଏ ୱିକେଟ ନେଇଥିଲେ। ରେଭେନସା ଗ୍ରାଉଣ୍ଡରେ ସୁନ୍ଦରଗଡ଼ ଆଦିତ୍ୟ ଆନନ୍ଦ (ଅପରାଜିତ ୮୭ ଓ ୨ ୱିକେଟ)ଙ୍କ ଦମ୍‌ଦାର ଅଲ୍‌ରାଉଣ୍ଡ ପ୍ରଦର୍ଶନ ବଳରେ ୭ ୱିକେଟରେ ଝାରସୁଗୁଡ଼ାକୁ ପରାସ୍ତ କରିଛି। ଅନ୍ତିମ ତଥା ୪ର୍ଥ କ୍ୱାର୍ଟରରେ ଭୁବନେଶ୍ୱର-ବି ପ୍ରଦତ୍ତ ୧୬୦ ରନର ଲକ୍ଷ୍ୟକୁ ରାଉରକେଲା ୨୭.୪ ଓଭରରେ ୨ ୱିକେଟ୍ ହରାଇ ହାସଲ କରିନେଇଥିଲା। ରାଉରକେଲାର ପ୍ରଚେତ ସିଂ ୯୨ ରନର ଅପରାଜିତ ପାଳି ଖେଳିଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS